वेदविद्या - प्रवेशिका

ବେଦବିଦ୍ୟା ପ୍ରବେଶିକା

मूलरचना
प्रो. दयानन्द भार्गव

ମୂଳ ରଚନା :

ପ୍ରୋ. ଦୟାନନ୍ଦ ଭାର୍ଗବ

ଅନୁବାଦ ଏବଂ ସଂପାଦନା:

ଡା. ଅଚ୍ୟୁତାନନ୍ଦ ଦାଶ

ଉଡ଼ିଆ ଅନୁବାଦ - (ଡଃ. ଅଚ୍ୟୁତାନନ୍ଦ ଦାଶ)

ପ୍ରବାଚକ, ସଂସ୍କୃତ ବିଭାଗ

ଡା. ହରିସିଂହ ଗୌର ବିଶ୍ୱବିଦ୍ୟାଳୟ, ସାଗର

ପ୍ରକାଶିକା :

ସ ର ସ୍ୱ ତୀ

ଭଦ୍ରକ - ୭୫୭ ୦୦୧

୨୦୦୦

ବେଦବିଦ୍ୟା ପ୍ରବେଶିକା

ମୂଳ ରଚନା : ଡା. ଦୟାନନ୍ଦ ଭାର୍ଗବ

© ଡା. ଅଚ୍ୟୁତାନନ୍ଦ ଦାଶ

ପ୍ରବାଚକ, ସଂସ୍କୃତ ବିଭାଗ

ଡା. ହରିସିଂହ ଗୌର ବିଶ୍ୱବିଦ୍ୟାଳୟ,

ସାଗର - ୪୭୦ ୦୦୩

ପ୍ରକାଶିକା :

ସରସ୍ୱତୀ
ସରସ୍ୱତୀ ବିହାର,

ବରପଦା, ଭଦ୍ରକ-୭୫୭ ୧୧୩
୨୦୦୦

କମ୍ପ୍ୟୁଟର ପ୍ରୋସେସିଙ୍ଗ୍ :

ଶ୍ରୀମତୀ ନିରୁପମା ଦାଶ,

ମୁଦ୍ରଣ:

ପ୍ରଗତି ଉଦ୍ୟୋଗ, ଭଦ୍ରକ

ମୂଲ୍ୟ : ୬୦.୦୦

ISBN -

ଶ୍ରୀଯୁକ୍ତ

ଭୀଷ୍ମ ଚରିତ୍ର ଆଲୋଚନା ପ୍ରତିଷ୍ଠାନ

ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ

ଶ୍ରୀଯୁକ୍ତ ଭୀଷ୍ମ ସାହୁ

(1917 - 1993)

ଙ୍କ ସ୍ମୃତିରେ

ଏହି ଗ୍ରନ୍ଥଟି ଉତ୍ସର୍ଗୀକୃତ ହେଲା

FOREWORD

Veda literally means knowledge. *Veda* is the repository of all the knowledge and all sciences – so believe the Hindus. It indeed is not just belief; it is the *truth*, *truth* that does not demand any authentication, for many milleniums this has been proved beyond any doubt. There are two schools of thinkers found in India – one is traditionally called *āstika* and the other is called *nāstika*. No, they are not *āstika*s who merely believe in God or who merely believe in the authenticity of the scriptures. They are called *āstikas* if and only if, their thought processes, their convictions and their cognitive enterprises are in accordance with the *Veda*s and their behaviours satisfy the Vedic testimony. This has been the foundation of our society, our culture and our nation. We acknowledge this without any reservation and hesitation. *Veda* still guides us in every sphere of our rational behaviour. We therefore see that at every age at every generation the visionaries try to present the essence of the *Veda*s by reinterpreting the scriptures so as to make them relevant to the need of the time and society. Possibly no other ancient literature in the world has been subjected to so many divergent interpretation as the *Veda*s. The *Vedas* of course include the *Brāhmaṇa*s, *Āraṇyaka*s and *Upaniṣad*s, for which the six *Vedāṅga*s, the *Itihāsa* and the *Purāṇa*s set an outline giving the methodology of interpretation. The ancient *āryāns* were engaged in interpreting the *Veda*s to the common people and making the *knowledge* useful for the society. This process was carried on and on by many seers despite the diversities in space and time.

Maharṣi Kṛṣṇadvaipāyana Vyāsa for the first time classified and organised the *Veda*s along with their respective *Brāhmaṇa*s, *Āraṇyaka* and *Upaniṣad*s. Though there were four-fold classification of the Vedas before Kṛṣṇadvaipāyana Vyāsa still that was not in the line of textual classification but the classification of the *knowledge*, the true meaning of *Veda*. Vyāsa preferred the textual classification due to growing *śākhā*s and *Saṃhitā*s. Various methods were stipulated and developed to preserve the *Saṃhitā* like *pada-pāṭha, ghana-pāṭha, jaṭā-pāṭha* etc. which were in practice by the time of Kṛṣṇadvaipāyana Vyāsa. By that time the schools of Vedic interpretation in the form of *Brāhmaṇa*s and *Purāṇa*s had also emerged as an independent area of Vedic investigation. He also wrote the Brahma-Sūtras giving a unique framework for interpreting the Vedic thoughts (*Vaidika-darśanam*). *Śrīmad-Bhagavad-Gītā*, part of *Mahābhārata* is indeed the cream of the Vedic thought. Today people believe that *Bhagavad-Gītā* contains the essence of Pure Physics or Cosmic Science.

The main problem we face in Vedic interpretation is the timeframe of Vedic *Saṃhitās* and related literature. We have a systematic and comprehensive history of our culture from the Vedic period for several millenniums. At least from the Mahābhārata period onwards we do have a definite history till this date. The *Kali-yugābda* and various other eras famous in Indian tradition testify it. Unfortunately we blindly follow the Christian era and more blindly believe in the Western Scholars' interpretation of Vedas. This has profoundly confused us on the matters related to the history, the culture and above all the Vedic science and culture. We must therefore look into the history of our culture through our indigenous system of counting the era and we may

translate them to the Christian era. For the Christian era has become a fashion, more widely acceptable in the world and more commonly understandable today. We have accepted the Christian era for all practical purpose, and therefore, may try to locate the Vedic religion / culture through that.

During last two thousand years several distinguished personalities have appeared in this land and have taught us the essentials of this culture in their own vision. Each has led a new *Darśana-prasthāna*, a school of Philosophical thinking. The trinity of the Indian Vedāntic Philosophy namely Ācārya Śaṅkara, Ācārya Rāmānuja and Ācārya Madhva have founded the doctrine of *Advaita, Viśiṣṭādvaita* and *Dvaita* respectively. The philosophical thinking grow in the controversy of *jñāna* and *bhakti* in one hand and the controversy of Singularity / Duality / Multiplicity of the essential nature of this Universe on the other hand. Ācārya Sāyaṇa, the well-known commentator of the Vedas paid special attention to the textual explanation of the Vedic *mantra*s and their sacrificial utilities. Though his commentaries are very useful for understanding the Vedic texts still it lacks in bringing out the concepts / the sciences enshrined in them. In modern period, the Westerners, in spite of their earnestness could not reach even at the surface level of the real meaning of many Vedic passages. Svāmī Dayānanda and Yogī Aurobindo had their own vision of Vedic religion. All this resulted in confusing the mind of a modern student who earnestly wants to know the essence of the Vedas, the Brahmaṇas and the Upaniṣads. The question still out-stands: How to get a clear and coherent picture of the Vedic concepts?

The reasons for this confusing state of mind can be attributed to many factors, which are not properly understood. First of all many scholars have not realised that

unless the Saṃhitās, the Brāhmaṇas and the Upaniṣads are studied in a co-related manner with cross-references, a correct picture of the Vedic thought would not emerge. Because there are many contradictory statements in the scriptures, which if not understood in their right perspective would obviously lead to divergent conclusions. Secondly there are certain basic concepts of the Vedic seers (*ṛṣis*) which have guided them in their composition whether they belong to *jñāna-kāṇḍa* or *karma-kāṇḍa*. Unless these concepts are unearthed the Vedic thoughts would remain in the mists. The basic concepts are naturally embedded with some technical terms / words occurred in the Vedic literature, which are to be identified and interpreted in their proper perspective. Otherwise, one may not reach at the Vedic mind. Thirdly, the *Atharva-Veda* portion of the Brāhmaṇas invariably contain crucial information for proper understanding of the Vedic passages, which have been by and large, neglected by most of the scholars. These are possibly the main factors that one should pay serious attention for unearthing the Vedic concepts / science.

In this context, it may bring a great solace to the seeker of the true Vedic science that Pandit Madhududan Ojha has done some path-breaking research in this direction. Pandit Ojha spent his entire life in investigating into the Vedic concepts. Getting a hint from his teacher Pandit Shivakumar Shastri that the keys to Vedic interpretation lie in the *Brāhmaṇa-granthas* he started serious investigation into the Brāhmaṇas. That gave him real insight into the Vedic wisdom. He wrote a number of works, of course highly technical, on the *Veda vijñāna*, the Vedic science, which unfortunately are not entirely available to us. However, quite a good number of his works have been published and some of them are translated into Hindi and English today. His writings covering a wide range of

subjects can broadly be classified under four heads: (a) *Brahma-vijñāna*, (b) *Yajña-vijñāna*, (c) *Itihāsa* and (d) *Reviews* (*Samīkṣā-granthas*) on various topics. It is also not that easy to delve into his works as well. There are a few scholars in Rajasthan and other parts of our country trying to explain the writings of Madhusudan Ojha.

Madhusudan Ojha initiated his Vedic exposition starting from explaining the very meaning of '*Veda*'. *Veda*, the term we generally understand in the sense of 'the book of knowledge'. We also understand that there are only three 'books' (*Veda-trayī*) namely *Ṛg-Veda*, *Yajur-Veda* and *Sāma-Veda*. The *Atharva-Veda* is somehow different from the *Veda-trayīs*, which is perhaps included amongst the *Vedas* latter on, and that made the quadruple of the *Vedic Saṃhitās*. However, Madhusudan Ojha draw our attention to the question that 'why should the *Vedas* be called infinite (*anantā vai vedāḥ*)'? The other question that troubled Ojhaji is that 'Why the *Vedas* are called *apauruṣeya*'? Though there has been many explanations to this question, still all those possibly do not satisfy the logical mind of the inquisitive scholars. There are several statements in the *Veda*s describe the creative processes in the Nature. The question obviously comes to mind that 'What is the role of the *Veda*s in the creativity'. For instance, Manu says:

śabdaḥ sparśaś ca rūpam ca
raso gandhaś ca pañcamaḥ |
vedād eva prasūyante
prasūti-guṇakarmataḥ | | (Manu Sm. 12.98)

According to Madhusudan Ojha, the *Veda* is intimately connected with the creative process of the Nature. Since the creative processes in the Nature are infinite

therefore the *Vedas* are infinite (*anantāḥ*). Moreover, they occur in the Nature and they are not the products of the human mind therefore, the *Vedas* are called *apauruṣeya.*

The *veda-trayī* namely *Ṛg, Yajus* and *Sāma* have distinct significance in accordance with the creative processes. The *Ṛgs* give rise to the physical forms of the objects. All the movement (*gati*) is attributed to *Yajus* and *Sāma* is responsible for the *Mahimā* or the *Tejas* part of the objects. Taittirīya Brāhmaṇa says:

Ṛgbhyo jātām sarvaśo mūrttim āhuḥ
sarvā gatir Yājusī haiva śaśvat |
Sarvam tejaḥ Sāmarūpyam ha śaśvat
sarvam hedam brahmaṇā haiva sṛṣṭam | | (3.2.9)

Here the term *Brahman* in instrumental case-ending means *Veda* and each of the *trayīs* contribute in the creation of the Universe. Almost all the references of the creation of the Universe in Hindu literature is centred around the Sun. The SUN is known as the Hiraṇyagarbha, the embodiment of Prajāpati the creator. The SUN is viewed as the embodiment of all the three *Vedas* and thus the saying goes '***eṣā trayī vidyā tapati***'. The *Ṛg* represent the physical Sun, the halo around the Sun represents the *Sāma* and the *Puruṣa* inside represents the *Yajus.* Prajāpati, the SUN is the essence (*ātman*) of the cosmos. He has three attributes *viz.* (a) *manas* (mind), (b) *prāṇa* (energy) and (c) *vāk* (speech). The *Veda* which can be conceived as his *mahimā* has also the same three attributes viz. *manas, prāṇa* and *vāk.* The *manas* part produces *vijñāna*, the *prāṇa* part runs the *yajña* cycle and the *vāk* part fills the entire space.

We know three *Vedas* namely *Ṛk, Yajus* and *Sāma* form the three aspects of the creation *viz.* the physical form,

the motional form and the glorious form (*mahimā rūpa*) of an object. The *Ṛk* i.e., the material part of the created object provides a seat for the *manas* and *prāṇa* to operate. The *piṇḍa* or the earth is conceived as the *Agni-piṇḍa*, which is solid; the air above it is the *vāyavya-piṇḍa,* which is subtler; and the space above it is the *jyotir-piṇḍa*. Therefore, *Ṛg-veda* is called *Agni-veda*, *Yajur-veda* is called *Vāyavya-veda* and *Sāmaveda* is called *Jyotir-veda* or *Āditya-veda.* It may be noted here that *Agni, Vāyu* and *Āditya* are the three forms of *Agni* and thus these three *Vedas* are called ***Agni-veda.*** They are related to the three worlds namely *Bhūr, Bhuvaḥ* and *Svaḥ* and three Deities *viz.* Brahmā, Viṣṇu and Indra (or Rudra). The foundation of an object of creation is called Brahmā and thus the Purāṇas describe Brahmā as the creator of the Universe (*sṛṭi-kartā*). The movement towards the Centre of the object is called Viṣṇu, which maintains the created object, and thus Viṣṇu is known as *pālana-kartā.* The movement that takes the object away from the Centre is called Indra, which is the force that disintegrates the form of the object and thus he is known as *saṃhāra-kartā.* The Śatapatha Brāhmaṇa says:

> "*trayyām vāva vidyāyām sarvāṇi bhūtāni hanta trayīm eva vidyām ātmānam abhisaṃskaravā iti*" (10.4.2.22).

The *Atharva-veda* is known as *Brahma-veda* or ***Soma-veda.*** The whole Universe is created out of *Agni* and *Soma* (*agni-somātmakam jagat*), and thus all the four *Vedas* take part in the creation in the form of Natural Sacrifice (*Yajña*). *Agni* is the eater of food (*annāda*) and *Soma* is the food (*anna*). The whole Universe is created and sustained by this *anna-annāda* principle.

We generally understand the *Vedas* in the sense of *śabda* (sound pattern), which is otherwise known in *śāstras* as *vāk*. The *vāk*, as we have seen, is one of the three attributes of the *Veda* or *Brahman, viz. manas, prāṇa* and *vāk*, which has two forms: (a) one is called *śabda-brahma* and (b) the other is *artha-brahma*. The *śabda-brahma* does not just refer to the uttered sound pattern (i.e., the *vaikhari vāk*) but to the other three stages of it. In that sense, it is *apauruṣeya*. The *Agni* is *artha* and therefore, we have *Āgneya-vāk* or *Artha-brahma*. This *Āgneya-vāk* is also known as *Vijñāna-veda*, which is in the form of Īśvara Himself, and therefore this *Veda* is called *apauruṣeya*. Some scholars think that the *Śabda-veda* which is in the book-form, the expression of the seers (*Ṛṣis*), is *pauruṣeya* whereas the *Āgneya-veda* is *apauruṣeya*, being in the form of the *Brahman*.

Madhusudan Ojha has greatly contributed to the interpretation of several Vedic terminology, that has never before understood so clearly by any scholars in modern time. It is with the help of Ojha's interpretation one can understand the Vedic philosophies in more clear terms. For instance, the three *Puruṣas viz. Kṣara, Akṣara* and *Avyaya* have been interpreted in terms of three *Vedas* and three *Lokas*. He has also shown that the Vaiśeṣika-darśana stops with the *Kṣara-ātmā*, the Sāṃkhya-darśana stops with *Akṣara-ātmā* and the Vedānta-darśana and Gītā reach up to *Avyayātmā*. This helps in understanding the Indian philosophies in general and *Śrīmad-Bhagavad-Gītā* in particular in better perspective.

Madhusudan Ojha had a few disciples. Pt. Motilal Sharma, Giridhara Sharma Chaturvedi, Surjandas Swami are

more prominent amongst them. Pundit Motilal Sharma was an outstanding scholar, who really copes up with his genius master. His outstanding contribution has been a commentary on Śatapatha Brāhmaṇa for the first six *kāṇḍa*s. Śatapatha Brāhmaṇa, according to Ojha holds the key to the Vedic interpretation. Giridhara Sharma Chaturvedi wrote commentaries on Brahma Siddhānta and Maharṣi-kūla-vaibhavam of Ojhaji. Surjandas Swami has published Hindi versions of Śatapatha Brāhmaṇa Bhāṣya by Motilalji and is helping Karpur Chandra Kulisha, the Founder Editor of Rajasthan Patrika in this task. Kulishaji is also bringing out Hindi translations of some of Ojhaji's works.

Professor Dayananda Bhargava is a prolific writer on Vedic studies and Jainism. His **Veda-Vijñāna-Vīthikā** has been published in the year 1996, which narrates the issues just introduced here in greater details. It is highly appreciable that Achyutananda has translated and presented **Vedavidyā-Praveśikā** in lucid Oriya language and thereby bringing this type of works to the notice of Oriya scholars and readers. This work is an introductory work for the beginners in the Vedic studies. I strongly believe that this will encourage the people in Orissa to opt for in-depth study of Vedic literature with a modern outlook. This is high time that we once again look into the *Veda-vijñāna* more seriously for overall development of our Nation and betterment of our society and culture.

Sadananda Dikshit
Director : SARASVATI
Bhadrak

ପୃଷ୍ଠଭୂମି

ବେଦବିଦ୍ୟା ଆଜି ଯୁଗପାଇଁ ଉପଯୋଗୀ କି ନୁହେଁ ଏ କଥା ପୁଣି ଥରେ ବିଚାର କରିବାକୁ ପଡିବ । ଆଜିର ଆମ ସମାଜ ଏ ବିଷୟରେ ବିଚାର କରିବାକୁ ପ୍ରସ୍ତୁତ କି ନୁହେଁ ଏହା ଗୋଟିଏ ଯକ୍ଷପ୍ରଶ୍ନ ହୋଇଥାଇ ପାରେ; କିନ୍ତୁ ଯେଉଁ ଚିନ୍ତାଶୀଳ ବ୍ୟକ୍ତିମାନେ ଆମର ଏବଂ ଆମ ସମାଜର ଯୋଗକ୍ଷେମ ବିଷୟରେ ସଚେତନ ସେମାନେ ଅବଶ୍ୟ ଏ କଥା ଉପରେ ଗୁରୁତ୍ୱ ଦେବେ । ନା, କେବଳ ପରମ୍ପରାକୁ ସମ୍ମାନ ଦେବାପାଇଁ ଅଥବା ଅତୀତର ଗୁଣଗାନ କରିବା ପାଇଁ ସେମାନେ ଆମକୁ ବେଦବିଦ୍ୟାର ପୁନରୁଜ୍ଜୀବନ ପାଇଁ ଉପଦେଶ ଦେବେନି । କାରଣ, ସେମାନେ ଭଲଭାବରେ ଏ ବିଷୟରେ ଅବହିତ ଯେ, ଆଜିର ସମାଜ ସେକଥା କେବେହେଲେ ବି ପୂର୍ଣ୍ଣପ୍ରାଣରେ ସ୍ୱୀକାର କରିବ ନାହିଁ, ଯାହା କେବଳ ପରମ୍ପରାର ସୁରକ୍ଷାପାଇଁ ଉଦ୍ଦିଷ୍ଟ ଅଥବା ଯାହା କେବଳ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ଆଜିର ସମାଜ ପରମ୍ପରା ଓ ବିଶ୍ୱାସର ବୈଜ୍ଞାନିକ ବୈଧତା ନେଇ ପ୍ରଶ୍ନ କରେ । ଆଧୁନିକ ବିଜ୍ଞାନ ମାନବ ଚେତନାର ସେହି ମୂର୍ତ୍ତରୂପ ଅଟେ ଯାହାକି ପ୍ରତ୍ୟେକ ଆଶଙ୍କାର ସମାଧାନ ତର୍କ, ପ୍ରମାଣ ଓ ପରୀକ୍ଷାଦ୍ୱାରା ଉପସ୍ଥାପିତ କରିବାର ଆହ୍ୱାନକୁ ଅନୁମୋଦନ କରେ । ତେଣୁ ବେଦବିଦ୍ୟାର ଯୁଗୋପଯୋଗିତା ତଥାଚ ବୈଧତା ପ୍ରମାଣିତ କରିବାପାଇଁ ବିଜ୍ଞାନ ସମ୍ମତ ଚିନ୍ତନସରଣୀକୁ ଆଦରି ନେବାକୁ ପଡିବ । ଅନ୍ୟଥା ଲୋକୋପକାର କରିବା ଉଦ୍ଦେଶ୍ୟରେ ବେଦବିଦ୍ୟାକୁ ଲୋକବିଦ୍ୟାର ସେହି ମହନୀୟ ଆସନରେ ପୁନଃ ଅଧ୍ୟୁଷିତ କରାଇବା ସମ୍ଭବ ହେବ ନାହିଁ ।

ଯୁଗେ ଯୁଗେ ଭାରତୀୟ ମନୀଷା ବେଦବିଦ୍ୟାକୁ ଲୋକୋପକାର ପାଇଁ ନିୟୋଜିତ କରି ଆସିଛି । ଏକଥା ସତ ଯେ ମଧ୍ୟକାଳରେ ଅର୍ଥାତ୍ ସ୍ମୃତିକାଳରେ ବେଦାଧ୍ୟୟନ ପାଇଁ କେତେକ ପ୍ରତିବନ୍ଧ ଓ ସୀମା ନିର୍ଦ୍ଧାରଣ କରାଯାଇଥିଲା, ତଥାପି ଭାରତୀୟ ସମାଜକୁ ଅର୍ଥାତ୍ ସମାଜର କୌଣସି ବର୍ଗକୁ କୌଣସି ସମୟରେ ବେଦବିଦ୍ୟାରୁ ବଞ୍ଚିତ ରଖା ଯାଇ ନ ଥିଲା । ସମଗ୍ର ଭାରତୀୟ ବାଙ୍ମୟ ସେହି ବେଦବିଦ୍ୟାକୁ ଆଶ୍ରୟକରି ପ୍ରକାଶିତ ହୋଇଛି ଓ ବିକାଶ ଲାଭକରିଛି । ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ୍, ସୂତ୍ରସାହିତ୍ୟ, ଦର୍ଶନଶାସ୍ତ୍ର, ଇତିହାସ, ପୁରାଣ, ଏପରି କି

କାବ୍ୟ ଓ ନାଟକ ମଧ୍ୟ ବେଦବିଦ୍ୟାକୁ ଲୋକପ୍ରିୟ କରିବାପାଇଁ ଏବଂ ବେଦବିଦ୍ୟାର ପ୍ରଚାର ପ୍ରସାର ପାଇଁ ରଚିତ ହୋଇଥିଲା । ବେଦବିଦ୍ୟାର ପ୍ରଥମ ଉପବୃଂହଣ ହୋଇଥିଲା ବ୍ରାହ୍ମଣଗ୍ରନ୍ଥମାନଙ୍କରେ । ପରବର୍ତ୍ତିକାଳରେ ବ୍ରାହ୍ମଣଗ୍ରନ୍ଥମାନଙ୍କର ମହତ୍ତା ଏତେ ବଢିଯାଇଥିଲା ଯେ, ତାହାକୁ ସଂହିତାଗ୍ରନ୍ଥ ସହିତ ସମକକ୍ଷ ବୋଲି ଗ୍ରହଣ କରାଯାଇଥିଲା ଏବଂ ବ୍ରାହ୍ମଣଗ୍ରନ୍ଥ ବେଦଭାଗରୁ ଅନତିରିକ୍ତ ବୋଲି ସ୍ୱୀକୃତ ହୋଇଥିଲା (*ମନ୍ତ୍ର-ବ୍ରାହ୍ମଣୟୋର୍ବେଦନାମଧେୟମ୍*) । ବୈଦିକ ତତ୍ତ୍ୱମୀମାଂସାର ନିଷ୍କର୍ଷରୂପରେ ଉପନିଷଦ୍‌ବିଦ୍ୟା ଆଜି ବି ମାନବୀୟ ତତ୍ତ୍ୱଜ୍ଞାନର ଏକାୟତନ ବୋଲି ବିଶ୍ୱସମୁଦାୟ ଅକୁଣ୍ଠ ଚିତ୍ତରେ ମାନିନେଇଛି । ତାପରେ ଆସେ ସ୍ମୃତି ସାହିତ୍ୟ ଏବଂ ସ୍ମୃତି ସାହିତ୍ୟ । ଏହି ଉଭୟବିଧ ସାହିତ୍ୟ ବେଦବିଦ୍ୟାର ବିସ୍ତାର ମାତ୍ର ଅଟେ । ମହାକବି କାଳିଦାସଙ୍କ ଭାଷାରେ *"ଶ୍ରୁତେରିବାର୍ଥଂ ସ୍ମୃତିରନ୍ୱଗଚ୍ଛତ୍"* । ସମାଜର ବିକାସ ଓ ବିସ୍ତାର ସଙ୍ଗେ ସଙ୍ଗେ ବେଦବିଦ୍ୟାର ବିକାସ ଓ ବିସ୍ତାର ପୁରାଣ ଓ ଇତିହାସ ରୂପରେ ଦେଖାଦେଇଥିଲା । ଭାରତୀୟ ମନୀଷା ଏ କଥା ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କରେ ଯେ *"ଇତିହାସ-ପୁରାଣାଭ୍ୟାଂ ବେଦଂ ସମୁପବୃଂହୟେତ୍"* ଅର୍ଥାତ୍ ଇତିହାସ (ରାମାୟଣ ଓ ମହାଭାରତ) ତଥାଚ ପୁରାଣ ମାଧ୍ୟମରେ ବେଦର ସମୁପବୃଂହଣ (ବଶଦବ୍ୟାଖ୍ୟା) କରାଯିବା ଉଚିତ । ଏହା ଏକଥା ପ୍ରତି ସ୍ପଷ୍ଟ ସଂକେତ ଦିଏ ଯେ ରାମାୟଣ, ମହାଭାରତ ଓ ଅଷ୍ଟାଦଶ ଉପପୁରାଣ ସହିତ ଅଷ୍ଟାଦଶ ମହାପୁରାଣ ବେଦବିଦ୍ୟାର ବିଶଦ ବ୍ୟାଖ୍ୟା କରିବା ପାଇଁ ରଚିତ ହୋଇଛି । କେତେକଙ୍କ ମତରେ ତ' ମହାଭାରତ ପଞ୍ଚମବେଦ ଅଟେ । ସମଗ୍ର ଭାରତୀୟ ଦର୍ଶନଶାସ୍ତ୍ର, ଆସ୍ତିକ ଓ ନାସ୍ତିକ ନିର୍ବିଶେଷରେ, ବେଦବିଦ୍ୟା ଉପରେ ହିଁ ପ୍ରତିଷ୍ଠିତ । କିନ୍ତୁ ବୌଦ୍ଧ, ଜୈନ ଓ ଚାର୍ବାକ ଦର୍ଶନ ବେଦବିଦ୍ୟାର ବ୍ୟାଖ୍ୟା ଓ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ହୋଇ ନ ଥିବାରୁ ସେସବୁ ଦର୍ଶନଶାସ୍ତ୍ରମାନଙ୍କୁ ନାସ୍ତିକଦର୍ଶନର ଆଖ୍ୟା ଦିଆଯାଇଛି । ଏ ସବୁ ଦର୍ଶନ ବୈଦିକ ଚିନ୍ତନର ସାର୍ବତ୍ରିକ ଏବଂ ସାମଗ୍ରିକ ରୂପକୁ ଦେଖିପାରି ନାହାଁନ୍ତି ଏବଂ ସେମାନଙ୍କର ଆଂଶିକ ଓ ଆଂଶିକ ଦୃଷ୍ଟି ସେମାନଙ୍କୁ ସେହି ଦିବ୍ୟ ପ୍ରତିଷ୍ଠାରୁ ବଞ୍ଚିତ ରଖିଛି ଯାହା ଉପରେ ଆସ୍ତିକ ଦର୍ଶନ ପ୍ରତିଷ୍ଠିତ ଅଟେ ।

ଆଜି ଯୁଗର ଚିନ୍ତା ଚେତନା ପାଶ୍ଚାତ୍ୟ ଚିନ୍ତାଧାରା ଉପରେ ପ୍ରତିଷ୍ଠିତ । ସମଗ୍ର ବିଶ୍ୱ ଏକ ଲକ୍ଷ୍ୟହୀନ ବୈଶ୍ୱୀକରଣ (Globalisation) ଦିଗରେ ଆଗେଇ ଚାଲିଛି, ଯାହାର କେବଳ ବ୍ୟାବସାୟିକ ଉଦ୍ଦେଶ୍ୟ ପୂର୍ତ୍ତି ହିଁ ଏକମାତ୍ର ଧ୍ୟେୟ । ଏହି ବ୍ୟାବସାୟିକ ମନୋବୃତ୍ତି ବିଶ୍ୱକୁ ଶୋଷଣ ଏବଂ ଉତ୍ପୀଡନର ଭୟାବହ ଗହ୍ୱରକୁ ଠେଲି ଦେବ । ଏଣୁ ଏବେ ଆମପାଇଁ ବେଦବିଦ୍ୟାର ପୁନଃ ପର୍ଯ୍ୟାଲୋଚନା କରିବାର ସମୟ ଆସିଯାଇଛି । ଆଜିକାଲି ସେହି ପାଶ୍ଚାତ୍ୟ ମନୀଷା, -- ଯାହାର ଅନ୍ଧାନୁକରଣ କରି ଆମେ ନିଜକୁ ସଭ୍ୟ, ଶିକ୍ଷିତ ଓ ପ୍ରଗତ

ହେବାର ଭ୍ରାନ୍ତ ଅବଧାରଣା ପୋଷଣ କରୁ, -- ବେଦବିଦ୍ୟାର ଯୁଗୋପଯୋଗିତା ପ୍ରତି ଆସ୍ଥା ସ୍ଥାପନ କରିବାକୁ ଆଗେଇ ଆସୁଛି । ଆମକୁ କେବଳ ଏଥି ପ୍ରତି ସଚେତନ ହେବାକୁ ପଡିବ ଯେ, ଆମର ବେଦବିଦ୍ୟା ସେହି ବ୍ୟାବସାୟିକ ମନୋବୃତ୍ତିର ଶିକାର ନ ହେଉ । ଏହି ବେଦବିଦ୍ୟା ଆଜିଯୁଗର ଅନ୍ଧ ଉପଭୋକ୍ତାବାଦୀ ସଂସ୍କୃତିରୁ ଆମକୁ ଉଦ୍ଧାର କରି ସାର୍ବଜନୀନ ଭ୍ରାତୃଭାବନା ପାଇଁ ଏବଂ ଏ ବିଶ୍ୱ ହିଁ ମାନବତାର ଏକନୀତ ବୋଲି ଉଦ୍‌ବୁଦ୍ଧ କରିପାରିବ । ମାନବ ଜାତିର ବୈୟକ୍ତିକ, ସାମାଜିକ, ସାଂସ୍କୃତିକ ଓ ପ୍ରାକୃତିକ ପର୍ଯ୍ୟାବରଣର ସନ୍ତୁଳନ ରକ୍ଷାକରି ପ୍ରତ୍ୟେକ କ୍ଷେତ୍ରରେ ଅଭ୍ୟୁଦୟର ମାର୍ଗ ଦର୍ଶନ କରିବାକୁ ଏକାନ୍ତ ସାମର୍ଥ୍ୟ କେବଳ ସେହି ବେଦବିଦ୍ୟାରେ ହିଁ ନିହିତ ରହିଛି । ଅତଏବ ବେଦବିଦ୍ୟା ପ୍ରତି ପୁନର୍ବାର ଆମକୁ ସମର୍ପିତ ହେବାକୁ ପଡିବ ଏବଂ ପୁଣି ଥରେ ବେଦବିଦ୍ୟା ଉପରେ ଆସ୍ଥା ସ୍ଥାପନା କରିବାକୁ ପଡିବ ।

ଅବଶ୍ୟ ଆଜି ଯୁଗର ବୈଜ୍ଞାନିକ ଚିନ୍ତନ ପଦ୍ଧତିର ଆଶ୍ରୟ ନ ନେଲେ ସମ୍ଭବତଃ ସେହି ପୁରୁଣା ଆସ୍ଥା ସ୍ୱତଃ ଫେରି ଆସିବନି । ଏଠାରେ ଏହା ଉଲ୍ଲେଖ କରା ଯାଇପାରେ ଯେ, ଆଧୁନିକ ବୈଜ୍ଞାନିକ ଚିନ୍ତନ ପ୍ରକ୍ରିୟାରେ କୋଣସି ଦୋଷ ନାହିଁ, କିନ୍ତୁ ବୈଜ୍ଞାନିକ ଚିନ୍ତନର ଆଭିମୁଖ୍ୟ ଏବଂ ଲକ୍ଷ୍ୟ ଆଶଙ୍କାର ପରିପ୍ରେକ୍ଷୀର ଉର୍ଦ୍ଧ୍ୱରେ ନୁହେଁ । ଅତଏବ ସେହି ବୈଜ୍ଞାନିକ ଚିନ୍ତନର ପ୍ରକ୍ରିୟାକୁ ଆଶ୍ରୟ କରି ଆମେ ପୁଣି ଥରେ ସେହି ଚିର ପ୍ରତିଷ୍ଠିତ ବେଦବିଦ୍ୟାର ମହତ୍ତାର ପୁନଃ ଆବିଷ୍କାର କରିବା ପାଇଁ ଚେଷ୍ଟା କରିବା ଆବଶ୍ୟକ । ଏହି ଚିନ୍ତା ଓ ଚେତନାରୁ ପ୍ରେରଣା ନେଇ, ପ୍ରୋଫେସର୍ ଡା. ଦୟାନନ୍ଦ ଭାର୍ଗବ ସଂକ୍ଷେପରେ **ବେଦବିଦ୍ୟା ପ୍ରବେଶିକା** ପ୍ରଣୟନ କରିଛନ୍ତି ଆମ ପାଇଁ । ପ୍ରୋ. ଦୟାନନ୍ଦ ଭାର୍ଗବ ଆଜୀବୁ ୧୯୯୫ରେ ଆମ ବିଶ୍ୱବିଦ୍ୟାଳୟରେ ଭିଜିଟିଂଗ୍ ପ୍ରୋଫେସର୍ ଭାବେ ଆମନ୍ତ୍ରିତ ହୋଇଥିଲେ ଏବଂ ସେହି ବିଦ୍ୱତ୍ତାପୂର୍ଣ୍ଣ ବ୍ୟକ୍ତିତ୍ୱର ସାନ୍ନିଧ୍ୟ ଆମମାନଙ୍କ ମନରେ ବେଦବିଦ୍ୟା ପ୍ରତି ଏକ ନବ ଜଗରୁଣ ଉତ୍ପନ୍ନ କରାଇଥିଲା । ପ୍ରୋ. ଭର୍ଗବଙ୍କ ସହିତ ବେଦବିଦ୍ୟା ସମ୍ବନ୍ଧରେ ଅନେକ ବିଷୟ ଆଲୋଚନା କରିବାର ସୌଭାଗ୍ୟ ମଧ୍ୟ ମିଳିଥିଲା । ସେତେବେଳେ ତାଙ୍କର ସଦ୍ୟ ପ୍ରକାଶିତ ଏହି **ବେଦବିଦ୍ୟା ପ୍ରବେଶିକାର** ଗୋଟିଏ କପି ସେ ମୋତେ ସାଦର ଉପହାର ଦେଇଥିଲେ ଏବଂ ମୁଁ ପ୍ରତିବଚନ ଦେଇଥିଲି ଯେ ଏହା ଓଡିଶାର ବେଦବିଦ୍ୟା ପ୍ରେମୀ ସଜ୍ଜନମାନଙ୍କ ପାଇଁ ଏବଂ ଜିଜ୍ଞାସୁ ତରୁଣବର୍ଗ ପାଇଁ ଓଡିଆରେ ଅନୁବାଦ କରିପାରିଲେ ଧନ୍ୟ ହେବି । ଏଥିପାଇଁ ପ୍ରୋଫେସର୍ ଭାର୍ଗବଜୀ ସହର୍ଷ ଅନୁମତି ପ୍ରଦାନ କରିଥିଲେ । ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ବଶତଃ ଏହାପୂର୍ଣ୍ଣ କରିବା ପାଇଁ ପ୍ରାୟ ପାଞ୍ଚ ବର୍ଷ କାଳ ଲାଗିଗଲା । ତଥାପି ଏହାର

ପ୍ରାସଙ୍ଗିକତା ଓ ମୂଲ୍ୟ କୌଣସି ଦୃଷ୍ଟିରୁ ନ୍ୟୂନ ହୋଇନାହିଁ । ବେଦବିଦ୍ୟା ତ' ନିତ୍ୟନୂତନ । ଏ ଗ୍ରନ୍ଥଟି ବେଦବିଦ୍ୟାକୁ ଯୁଗୋପଯୋଗୀ କରିବା ପାଇଁ ସେହି ବିଜ୍ଞାନ ସମ୍ମତ ଚିନ୍ତନ ପ୍ରକ୍ରିୟାକୁ ଆଦରି ନେଇଛି ଯାହାକି ଆଜିଯୁଗର ରୁଚି ଓ ଅପେକ୍ଷାର ଅନୁରୂପ ଅଟେ । ଏ ଗ୍ରନ୍ଥଟି କ୍ଷୁଦ୍ର ହେଲେହେଁ ପ୍ରାୟ ସେ ସବୁ ବିଷୟ ଉପରେ ଆଲୋଚନା କରିଛି ଯେଉଁ ପ୍ରଶ୍ନାବଳୀକୁ ନେଇ ଦର୍ଶନ ଓ ବିଜ୍ଞାନ ଉଭୟ ଅନାଦିକାଳରୁ ଚିନ୍ତନ କରି ଆସିଛନ୍ତି । ଏସବୁ ବିଷୟକୁ ତିନୋଟି ପର୍ଯ୍ୟାୟରେ ବିଚାର କରାଯାଇ ପାରେ -- ଆମେ, ଆମ ସମାଜ ଓ ସଂସ୍କୃତି ଏବଂ ଆମ ବିଶ୍ୱ । ପାଶ୍ଚାତ୍ୟ ଚିନ୍ତନ ପ୍ରକ୍ରିୟା ଏବୁ ବିଷୟ ପରସ୍ପରଠାରୁ ବିଭକ୍ତ ଦୃଷ୍ଟିରେ ବିଚାର କରୁଥିବା ବେଳେ, ବୈଦିକ ଦର୍ଶନ ଏସବୁ ବିଷୟରେ ଏକସୂତ୍ରତାର ଅନୁସନ୍ଧାନ କରେ । ଏହାକୁ ହିଁ ବିଶ୍ୱଦୃଷ୍ଟି କୁହାଯାଏ । ଏହି ବିଶ୍ୱଦୃଷ୍ଟିର ଗୋଟିଏ ଝଲକ୍‌ମାତ୍ର ଏ ଗ୍ରନ୍ଥରେ ଦେଖିବାକୁ ମିଳିପାରିବ । ଏ ଗ୍ରନ୍ଥର ବିଷୟ ଓ ଅଧ୍ୟେତା (ଅଧିକାରୀ) ବିଷୟରେ ସ୍ୱୟଂ ଗ୍ରନ୍ଥକାର ଭୂମିକାରେ କହିଛନ୍ତି । ଆଶା କରୁଛି ଯେ ଏ ଗ୍ରନ୍ଥର ଅଧ୍ୟୟନ ଦ୍ୱାରା ଜିଜ୍ଞାସୁମାନେ ବେଦବିଦ୍ୟା ପ୍ରତି ଅଧିକ ଆକୃଷ୍ଟ ହେବେ ତଥାଚ ବେଦବିଦ୍ୟାର ପ୍ରକାଶ ଓ ବିକାଶ ଦିଗରେ ନୂଆ ଉତ୍ସାହ ନେଇ ଲୋକୋପକାର କ୍ଷେତ୍ରରେ ନିଜ ନିଜକୁ ନିୟୋଜିତ କରିବେ ।

ପରିଶେଷରେ ପ୍ରୋଫେସର୍ ଦୟାନନ୍ଦ ଭାର୍ଗବଙ୍କ ପ୍ରତି ମୋର ହାର୍ଦିକ କୃତଜ୍ଞତା ଜଣାଉଛି ଏ ଗ୍ରନ୍ଥଟିକୁ ଓଡିଆ ଭାଷାରେ ପ୍ରସ୍ତୁତ କରି ଓଡିଶାର ପ୍ରବୁଦ୍ଧ ନାଗରିକ ଏବଂ ଜିଜ୍ଞାସୁମାନଙ୍କର କରକମଳରେ ଅର୍ପିତ କରିବାପାଇଁ ଅନୁମତି ଦେଇଥିବାରୁ । ଏ ଗ୍ରନ୍ଥଟି ଆଶୁ ପ୍ରକାଶନ କରି ବେଦବିଦ୍ୟାର ପ୍ରଚାର କ୍ଷେତ୍ରରେ ଗୋଟିଏ ନୂଆ ଆୟାମ ସୃଷ୍ଟି କରିଥିବାରୁ ଡା· ସଦାନନ୍ଦ ଦୀକ୍ଷିତ, ସରସ୍ୱତୀର ନିଦେଶକଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରୁଛି । କମ୍ପ୍ୟୁଟର୍ ଟାଇପ୍‌ସେଟିଙ୍ଗ୍‌ଠାରୁ ଆରମ୍ଭକରି ଅନେକ ସ୍ତରରେ ଏ ଗ୍ରନ୍ଥଟିକୁ ସୁନ୍ଦର ଓ ଶୁଦ୍ଧ ମୁଦ୍ରଣ କରିବାପାଇଁ ନିରନ୍ତର ସହାୟତା କରି ମୋର ଧର୍ମପତ୍ନୀ ଶ୍ରୀମତୀ ନିରୁପମା ଦାଶ ମୋତେ ପ୍ରୋତ୍ସାହିତ କରିଛନ୍ତି, ଏଣୁ ତାଙ୍କୁ ସାଧୁବାଦ ଜଣାଉଛି । ଏ ଗ୍ରନ୍ଥଟି ବେଦବିଦ୍ୟାର ଅନ୍ତଷ୍ଟତ୍ତ୍ୱ ପ୍ରକାଶ କରିବାପାଇଁ ଯଦି ସହାୟକ ସିଦ୍ଧ ହେବ ତେବେ ଏ କ୍ଷେତ୍ରରେ ଅଧିକ କାର୍ଯ୍ୟ କରିବାପାଇଁ ଆମକୁ ପ୍ରେରଣା ଓ ପ୍ରୋତ୍ସାହ ମିଳିବ ବୋଲି ଆଶା କରୁଛି, ତଥାଚ ଓଡିଶାର ସୁଧୀଜନ ଆମକୁ ସେଥିରୁ ବଞ୍ଚିତ କରିବେ ନାହିଁ ବୋଲି ଆଶା ଘୋଷଣ କରି ବିରାମ ନେଉଛି । ଇତି ଶମ୍ ।।

ସାଗର

ଅଚ୍ୟୁତାନନ୍ଦ ଦାଶ

ମକର ସଂକ୍ରାନ୍ତି, ୨୦୦୦

ଭୂମିକା

ବେଦ ସଂପୂର୍ଣ୍ଣ ମାନବ ଜାତିର ଅମୂଲ୍ୟ ସଂପତ୍ତି । ଏ କଥା ଅବଶ୍ୟ ସତ୍ୟ ଯେ ଯଦ୍ୟପି ଏ ସଂପତ୍ତିର ସୁରକ୍ଷାର ଦାୟିତ୍ୱ ଓ ଶ୍ରେୟ କେବଳ ଭାରତୀୟମାନଙ୍କ ଉପରେ ନ୍ୟସ୍ତ ତଥାପି ଏହାର ଅର୍ଥ ଏହା କଦାପି ନୁହେଁ ଯେ ବିଶ୍ୱସମୁଦାୟ ଏ ପ୍ରତ୍ନସଂପତ୍ତିରୁ ବଞ୍ଚିତ ରହିଯାଇଛି । ପ୍ରାୟଶଃ ୨୦୦ ବର୍ଷ ପୂର୍ବରୁ ୟୁରୋପର ଲୋକମାନେ ଭାରତୀୟମାନଙ୍କ ସଂପର୍କରେ ଆସିଲେ ଏବଂ ବୈଦିକ ସାହିତ୍ୟ ବିଷୟରେ ଜାଣିବାକୁ ପାଇଲେ । ସେହି ୟୁରୋପର ନାଗରିକମାନେ ଏ କଥା ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି ଯେ, ଯଦ୍ୟପି ବେଦ ହିନ୍ଦୁମାନଙ୍କର ଧର୍ମଗ୍ରନ୍ଥ ତଥାପି ଏହା ସମଗ୍ର ମାନବ ଜାତିର ଅମୂଲ୍ୟ ସଂପଦ ଅଟେ । ସେମାନେ ଏକଥା ମଧ୍ୟ ଏକସ୍ୱରରେ ସ୍ୱୀକାର କରନ୍ତି ଯେ ଋଗ୍‌ବେଦ ଏ ସଂସାରରେ ସବୁଠାରୁ ପ୍ରାଚୀନତମ ଗ୍ରନ୍ଥ ଅଟେ । ୟୁରୋପର ସେହି ବିଦ୍ୱାନ୍‌ମାନେ ଅଧିକାଂଶ ଖ୍ରୀଷ୍ଟିୟାନ୍ ହେଲେ ବି ସେମାନେ ବେଦବାଙ୍ମୟକୁ ସାର୍ବଜନୀନ ବୋଲି ସ୍ୱୀକାର କରି ବେଦର ଅଧ୍ୟୟନରେ ସଂପୂର୍ଣ୍ଣ ଜୀବନ ସମର୍ପିତ କରିଦେଇଥିଲେ । ଜର୍ମାନ୍‌ର ବିଦ୍ୱାନ୍ ଶ୍ରୀମ୍ୟାକ୍ସମୂଲରଙ୍କୁ କିଏ ବା ନ ଜାଣେ । ମ୍ୟାକ୍ସମୂଲର୍ ଋଗ୍‌ବେଦର ବିଶ୍ୱ ପ୍ରସିଦ୍ଧ ସାୟଣଭାଷ୍ୟ ସର୍ବପ୍ରଥମେ ସଂପାଦନା, ଅନୁବାଦ ଏବଂ ପ୍ରକାଶିତ କଲେ । ୱିଲ୍‌ସନ୍‌ଙ୍କ ପରି ପାଶ୍ଚାତ୍ୟବିଦ୍ୱାନ୍‌ମାନେ ଏକଥା ସ୍ୱୀକାର କରନ୍ତି ଯେ ସାୟଣଭାଷ୍ୟ ହିଁ ବେଦାର୍ଥ ପ୍ରକାଶପାଇଁ ସର୍ବୋତ୍ତମ ସାଧନ ଅଟେ । ଅନ୍ୟପକ୍ଷରେ ଗ୍ରୋଥ୍ ପ୍ରଭୃତି ବିଦ୍ୱାନ୍‌ମାନେ ସାୟଣଭାଷ୍ୟକୁ ଠିକ୍ ବୋଲି ସ୍ୱୀକାର କରନ୍ତି ନାହିଁ । ସେମାନେ କହନ୍ତି ଯେ ବେଦର ସଠିକ୍ ଅର୍ଥ ବୁଝିବା ପାଇଁ ବିଶ୍ୱର ଅନ୍ୟତମ ପ୍ରାଚୀନ ଭାଷା ଗ୍ରୀକ୍ ଓ ଲାଟୀନ୍ ଆଦି ଭାଷାର ଜ୍ଞାନ ନିତାନ୍ତ ଆବଶ୍ୟକ । କାରଣ ଏହି ପ୍ରାଚୀନ ଭାଷାମାନଙ୍କ ସହିତ ବୈଦିକ ଭାଷାର ଅତି ନିକଟ ସମ୍ବନ୍ଧ ରହିଛି । ଗତ ୨୦୦ ବର୍ଷଭିତରେ ଅନେକ ବିଦେଶୀ ବିଦ୍ୱାନ୍‌ମାନେ ବୈଦିକ ସାହିତ୍ୟ ଉପରେ ଯେଉଁ କାମ କରିଛନ୍ତି, ତା'ଠୁ ହୃଦୟଙ୍ଗମ କରିବା ପାଇଁ କଠୋର ପରିଶ୍ରମ କରିବାକୁ ପଡିବ ।

ଆଧୁନିକ ସମୟରେ ଅନେକ ଭାରତୀୟ ବିଦ୍ୱାନ୍‌ମାନେ ମଧ୍ୟ ବେଦ ବ୍ୟାଖ୍ୟା କ୍ଷେତ୍ରରେ ଅନେକ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି । ସେମାନଙ୍କମଧ୍ୟରୁ ସ୍ୱାମୀ ଦୟାନନ୍ଦ, ଏବଂ ଯୋଗୀ ଅରବିନ୍ଦ ଅଗ୍ରଗଣ୍ୟ । ଏହି ମନୀଷିମାନେ ବେଦର ଭାଷ୍ୟ ରଚନା କରିବା ପାଇଁ ଅଭିନବ ମାର୍ଗ ଆବିଷ୍କାର କରିଥିଲେ ।

ସ୍ୱାମୀ ଦୟାନନ୍ଦ, ଏବଂ ଯୋଗୀ ଅରବିନ୍ଦଙ୍କ ସମସାମୟିକ ଆଉ ଜଣେ ବିଦ୍ୱାନ୍

ଥିଲେ ପଣ୍ଡିତ ମଧୁସୂଦନ ଓଝା । ତାଙ୍କ ଗୁରୁ ଶ୍ରୀଶିବକୁମାର ଶାସ୍ତ୍ରୀ ତାଙ୍କର ଦୃଷ୍ଟି ଏ ଦିଗକୁ ଆକୃଷ୍ଟ କରିଥିଲେ ଯେ ବେଦର ପ୍ରାଚୀନତମ ଏବଂ ପ୍ରାମାଣିକ ବ୍ୟାଖ୍ୟା ବ୍ରାହ୍ମଣଗ୍ରନ୍ଥମାନଙ୍କରେ ଉପଲବ୍ଧ ହୁଏ । ଏହି ସଂକେତର ଲାଭ ନେଇ ପଣ୍ଡିତ ମଧୁସୂଦନ ଓଝା ପ୍ରାୟଶଃ ୫୦ ବର୍ଷ କାଳ ବୈଦିକ ସାହିତ୍ୟର ରହସ୍ୟ ଉଦ୍‌ଘାଟନ କରିବା ଦିଗରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କର ଶିଷ୍ୟ ପଣ୍ଡିତ ମୋତିଲାଲ ଶାସ୍ତ୍ରୀ ନିଜ ଗୁରୁଙ୍କ ପଦାଙ୍କାନୁସରଣ କରି ବୈଦିକ ସାହିତ୍ୟର ବ୍ୟାଖ୍ୟା ରଚନାର ଅଗ୍ରଗତି କରିଥିଲେ । ରାଜସ୍ଥାନ ପତ୍ରିକାର ଯଶସ୍ୱୀ ସଂପାଦକ ଶ୍ରୀ କର୍ପୂରଚନ୍ଦ୍ର କୁଳିଶଙ୍କ ଧ୍ୟାନ ଯେତେବେଳ ଏହି ମୂଲ୍ୟବାନ୍ ସାହିତ୍ୟ ଉପରକୁ ଗଲା ସେ କେବଳ ଉକ୍ତ ସାହିତ୍ୟ ଉପରେ ବିଦ୍ୱତ୍ତାପୂର୍ଣ୍ଣ ଭାଷଣ ଏବଂ ଲେଖନ ଦ୍ୱାରା ଯେ ଏହାର ମହତ୍ତ୍ୱ ପ୍ରତିପାଦନ କଲେ ସେକଥା ନୁହେଁ, ଅପିତୁ ଏହି ସାହିତ୍ୟର ପୁନଃ ପ୍ରକାଶନ ବ୍ୟବସ୍ଥା ମଧ୍ୟ କରିଥିଲେ । ଆଜି ଯୁଗରେ ପ୍ରାଚୀନ ଭାରତୀୟ ଏବଂ ଆଧୁନିକ ପାଶ୍ଚାତ୍ତ୍ୟ ବିଦ୍ୱତ୍‌ପରମ୍ପରା ସ୍ୱୀକୃତ ବ୍ୟାଖ୍ୟା ପଦ୍ଧତି ତ' ସର୍ବମାନ୍ୟ ହୋଇ ସାରିଥିଲା କିନ୍ତୁ ବ୍ରାହ୍ମଣଗ୍ରନ୍ଥ ରୀତିରେ ବ୍ୟାଖ୍ୟା ପଦ୍ଧତି ଲୋକପ୍ରିୟ ହୋଇପାରି ନ ଥିଲା । ଏଣୁ ପଣ୍ଡିତ ମଧୁସୂଦନ ଓଝା ଏବଂ ପଣ୍ଡିତ ମୋତିଲାଲ ଶାସ୍ତ୍ରୀଙ୍କ ସାହିତ୍ୟ ସାମାନ୍ୟ ଲୋକଙ୍କ ପାଇଁ ଯେ ଦୁରବବୋଧ୍ୟ ହେଲା ତା ନୁହେଁ କିନ୍ତୁ ବିଦ୍ୱାନ୍‌ମାନଙ୍କ ପକ୍ଷରେ ମଧ୍ୟ ସେମାନଙ୍କର ରଚନାବଳୀ ବୁଝିବା ସହଜ ହେଲା ନାହିଁ । ଅନ୍ୟ ପକ୍ଷରେ ଏ କଥା ମଧ୍ୟ ସମସ୍ତେ ସ୍ୱୀକାର କରନ୍ତି ଯେ ଏ ବ୍ୟାଖ୍ୟା ପଦ୍ଧତି ବହୁତ ମୂଲ୍ୟବାନ୍ । ଏ ପରିସ୍ଥିତିରେ ମୁଁ ଭାବିଲି ପଣ୍ଡିତ ମଧୁସୂଦନ ଓଝାଙ୍କ ଦ୍ୱାରା ବିରଚିତ ସଂସ୍କୃତରେ ଏବଂ ପଣ୍ଡିତ ମୋତିଲାଲ ଶାସ୍ତ୍ରୀଙ୍କ ଦ୍ୱାରା ବିରଚିତ ହିନ୍ଦୀରେ ବିଦ୍ୱଜ୍ଜନ ଭୋଗ୍ୟ ସାହିତ୍ୟ ତ' ପ୍ରଚୁର ମାତ୍ରାରେ ଅଛି କିନ୍ତୁ ଏପରି ଏକ ଗ୍ରନ୍ଥ ହେବା ଦରଜାର ଯାହାକି ଏହି ବିପୁଳ ସାହିତ୍ୟ ପାଇଁ ପ୍ରବେଶିକାର ଭୂମିକା ନିର୍ବାହ କରି ପାରିବ । ଏଣୁ ଏହି କ୍ଷୁଦ୍ର ଗ୍ରନ୍ଥଟିର ନାମ **ବେଦବିଦ୍ୟା ପ୍ରବେଶିକା** ରଖାଗଲା । ଏହି ଗ୍ରନ୍ଥଟି ରଚନା କରିବା ବେଳେ ନିମ୍ନୋକ୍ତ ତିନୋଟି କଥା ଉପରେ ଧ୍ୟାନ ଦିଆ ଯାଇଛି ।

୧) ଏହି ଗ୍ରନ୍ଥ ମାଧ୍ୟମିକ ଶ୍ରେଣୀମାନଙ୍କରେ ତଥା ନୈତିକ ଶିକ୍ଷା ପାଠ୍ୟକ୍ରମରେ ଗୋଟିଏ ପାଠ୍ୟଗ୍ରନ୍ଥ ରୂପରେ ଉପଯୋଗୀ ହୋଇପାରେ ।

୨) ସେହି ପ୍ରୌଢ ସାହିତ୍ୟପ୍ରେମୀ ବିଦ୍ୱଜ୍ଜନ ଯେଉଁମାନଙ୍କର ବୈଦିକ ସାହିତ୍ୟରେ ଶ୍ରଦ୍ଧା ଅଛି କିନ୍ତୁ ଯେଉଁମାନେ ବାଲ୍ୟାବସ୍ଥାରେ ବେଦାଧ୍ୟୟନ କରିବାର ସୌଭାଗ୍ୟ ପାଇ ନାହାଁନ୍ତି, ସେମାନେ ମଧ୍ୟ ଏ ଗ୍ରନ୍ଥ ମାଧ୍ୟମରେ ବେଦର ସ୍ୱାଧ୍ୟାୟ କରିବାପାଇଁ ସମର୍ଥ ହୋଇ ପାରନ୍ତି । ଏହି ଗ୍ରନ୍ଥରେ ସ୍ଥାନେ ସ୍ଥାନେ ପିଲାମାନଙ୍କୁ ସମ୍ବୋଧନ କରାଯାଇଛି, କିନ୍ତୁ ଏହାର ତାତ୍ପର୍ଯ୍ୟ ଏହା କେବେ ନୁହେଁ ଯେ ଏ ଗ୍ରନ୍ଥ ପ୍ରୌଢ

ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ବସ୍ତୁତଃ ଶାସ୍ତ୍ରୀୟ ପରିଭାଷାରେ 'ବାଳକ' ଶବ୍ଦର ଅର୍ଥ ସେହି ବ୍ୟକ୍ତି ଯେ କି ଅନ୍ୟ ଶାସ୍ତ୍ରମାନ ଭଲ ଭାବରେ ଅଧ୍ୟୟନ କରି ସେଥିରେ ଗଭୀର ପ୍ରବେଶ କରିବାପାଇଁ ସାମର୍ଥ୍ୟ ଅର୍ଜ୍ଜନ କରିଛନ୍ତି କିନ୍ତୁ ପ୍ରସ୍ତୁତ ଶାସ୍ତ୍ର ଅଧ୍ୟୟନ କରି ନାହାଁନ୍ତି । ଏହି ଶାସ୍ତ୍ରୀୟ ଅର୍ଥରେ ବାଳକ ଶବ୍ଦ ଅବସ୍ଥା ବିଶେଷ ସହିତ ସମ୍ବନ୍ଧ ରଖେ ନାହିଁ ।

୩) ଏ ଦେଶରେ ପରମ୍ପରାଗତ ଶିକ୍ଷା ପଦ୍ଧତିରେ ବେଦ ଅଧ୍ୟୟନ କରୁଥିବା ବ୍ରହ୍ମଚାରୀମାନଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ । ଏହି ବ୍ରହ୍ମଚାରୀମାନେ ପ୍ରାୟଶଃ ଯେ କୌଣସି ବେଦର ଶାଖାକୁ ସମ୍ପୂର୍ଣ୍ଣ କଣ୍ଠସ୍ଥ କରି ଥାଆନ୍ତି । କିନ୍ତୁ ଅଧିକାଂଶ ବିଦ୍ୟାର୍ଥୀ ବେଦର ଅର୍ଥ ବିଷୟରେ ଅନଭିଜ୍ଞ ଥାଆନ୍ତି । ଏପରି ବିଦ୍ୟାର୍ଥୀମାନେ ଏହି ଗ୍ରନ୍ଥ ମାଧ୍ୟମରେ ବେଦର ଅର୍ଥ ଜାଣିବା ପାଇଁ ଉତ୍ସୁକ ହୋଇ ପାରିବେ ଏବଂ ଏହି ଗ୍ରନ୍ଥରୁ ସେମାନଙ୍କୁ ବେଦାର୍ଥ ଅବବୋଧ ପାଇଁ ମାର୍ଗଦର୍ଶନ ମିଳି ପାରିବ ବୋଲି ଆଶା କରାଯାଉଛି ।

ବସ୍ତୁତଃ ଏହି ଗ୍ରନ୍ଥ ପ୍ରକାଶନରେ ସେହିପରି ବର୍ତ୍ତମାନଙ୍କର ଗୋଟିଏ ସମ୍ମେଳନ ନିମିତ୍ତ ଅଟେ ବୋଲି କୁହାଯାଇପାରେ । ଏହି ସମ୍ମେଳନ (ମହାରାଷ୍ଟ୍ରର) ସଂଗମନେରରେ ଶ୍ରୀ କିଶୋର ବ୍ୟାସଙ୍କଦ୍ୱାରା ସଂଚାଳିତ ମହର୍ଷି ବେଦ ବ୍ୟାସ ପ୍ରତିଷ୍ଠାନର ତତ୍ତ୍ୱାବଧାନରେ ୨୯ ନଭେମ୍ବରଠାରୁ ୨ ଡିସେମ୍ବର ୧୯୯୪ ପର୍ଯ୍ୟନ୍ତ ଜୋଧପୁରରେ ହେଉଛି । ଏହାର ଉଦ୍‌ଘାଟନ ସ୍ୱୟଂ ଶ୍ରୀ ଜର୍ପୁର ଚନ୍ଦ୍ର କୁଳିଶ କରୁଛନ୍ତି । ଏଥିରେ ପ୍ରାଯଶଃ ୨୦୦ ବେଦପାଠୀ ବିଦ୍ୟାର୍ଥି ଭାଗ ନେବେ । ପ୍ରସ୍ତୁତ ପୁସ୍ତକ ସେମାନଙ୍କ ପାଇଁ ଉପଯୋଗୀ ହୋଇପାରେ ଏହି ଉଦ୍ଦେଶ୍ୟରେ ଏହି ସମ୍ମେଳନର ଆୟୋଜନ ସମିତି ଦ୍ୱାରା ଏହି ଗ୍ରନ୍ଥ ପ୍ରକାଶନ କରିବା ସ୍ୱୀକାର କରିଛି ।

ଶ୍ରୀ ଜର୍ପୁର ଚନ୍ଦ୍ର କୁଳିଶ ଯେ କି ରାଜସ୍ଥାନରେ ବେଦବିଦ୍ୟାର ପୁନର୍ଜାଗରଣ ପାଇଁ ଅଗ୍ରଦୂତର କାର୍ଯ୍ୟ ନିର୍ବାହ କରୁଛନ୍ତି, ସେ ଅନେକ ବିଦ୍ୱାନ୍‌ମାନଙ୍କୁ ଏହି ପୁନୀତ କାର୍ଯ୍ୟରେ ନିୟୋଜିତ କରିଛନ୍ତି । ଏ ଗ୍ରନ୍ଥର ଲେଖକଙ୍କୁ ମଧ୍ୟ ସେ ବେଦ ସ୍ୱାଧ୍ୟାୟ ପାଇଁ ପ୍ରେରଣା ଦେଇଛନ୍ତି । ତାଙ୍କର ବ୍ୟକ୍ତିତ୍ୱ ବହୁମୁଖୀ, କିନ୍ତୁ ତାଙ୍କ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା ସଂପାଦନା । ବେଦବିଦ୍ୟାରେ ତାଙ୍କର ଗତି ଏବଂ ତାଙ୍କର ସଂପାଦନ କୁଶଳତା -- ଏହି ଦୁଇଟି ବିନ୍ଦୁ ଏମିତି ଆକର୍ଷଣୀୟ ଯେ ମୋତେ ଲାଗିଲା ଯଦି ସେ ଏହି ଗ୍ରନ୍ଥର ସଂପାଦନା ଦାୟିତ୍ୱ ସ୍ୱୀକାର କରନ୍ତି ତେବେ ତାହା ମୋର ସୌଭାଗ୍ୟ ହେବ । ମୁଁ ତାଙ୍କୁ ଏଇଥି ପାଇଁ ପ୍ରାର୍ଥନା ଜଣି ଏବଂ ସେ ସ୍ୱୀକାର କଲେ । ମୁଁ ତାଙ୍କଠାରେ କୃତଜ୍ଞ ।

ପରମ୍ପରାଗତ ପଦ୍ଧତିରେ ହେଉ ଅଥବା ଆଧୁନିକ ପଦ୍ଧତିରେ ହେଉ, ଯେଉଁଠି ବି

ବେଦ ଅଧ୍ୟୟନ କରା ଯାଉଛି ସେଠାରେ ଯଦି ଏହି ଗ୍ରନ୍ଥର ଉପଯୋଗ କରା ଯାଏ ଏବଂ ଏହି ଗ୍ରନ୍ଥର ସଂଶୋଧନ ପାଇଁ ମୋତେ ସୁଧୀବୃନ୍ଦ ପରାମର୍ଶ ଦିଅନ୍ତି ତେବେ ନିଶ୍ଚିତଭାବେ ଏହି ଗ୍ରନ୍ଥର ପୁନର୍ମୁଦ୍ରଣରେ ସହାୟକ ହେବ । ଯଦି ଏହି ଗ୍ରନ୍ଥଟି ବେଦବିଦ୍ୟାକ୍ଷେତ୍ରରେ ଆଗ୍ରହି ସଜ୍ଜନମାନଙ୍କର ଉପଯୋଗୀ ସିଦ୍ଧ ହେବ ତେବେ ଏହି ଲଘୁ ପ୍ରବେଶିକାର ଗୋଟିଏ ବୃହତ୍ ସଂସ୍କରଣ ପ୍ରକାଶ କରାଯାଇପାରେ ।

ଜୋଧପୁର
ଦୀପାବଳୀ, ବିକ୍ରମସଂବତ୍ ୨୦୫୧ ।

ଦୟାନନ୍ଦ ଭାର୍ଗବ

ବିଷୟ ସୂଚୀ

ପୃଷ୍ଠାଙ୍କ

ପୃଷ୍ଠଭୂମି

ଭୂମିକା

ବିଷୟ ସୂଚୀ

ପ୍ରଥମ ଭାଗ:

ଆମେ

ପ୍ରଥମ ପାଠ:	ଆମ ଶରୀର	୧
ଦ୍ୱିତୀୟ ପାଠ:	ଆମ ପ୍ରାଣ	୧୩
ତୃତୀୟ ପାଠ:	ଆମ ମନ	୨୦
ଚତୁର୍ଥ ପାଠ:	ଆମ ସ୍ୱରୂପ	୨୬

ଆମ ସମାଜ ଓ ସଂସ୍କୃତି

ପଞ୍ଚମ ପାଠ:	ସଭ୍ୟତା ଓ ସଂସ୍କୃତି	୩୩
ଷଷ୍ଠ ପାଠ :	ଚାରୋଟି ପୁରୁଷାର୍ଥ	୪୦
ସପ୍ତମ ପାଠ:	ବର୍ଣ୍ଣାଶ୍ରମ ବ୍ୟବସ୍ଥା	୪୮
ଅଷ୍ଟମ ପାଠ:	ଆମର ପର୍ଯ୍ୟାବରଣ	୫୬
ନବମ ପାଠ:	ଜ୍ୟୋତିପର୍ବ ଦୀପାବଳୀ	୬୮

ଆମ ବିଶ୍ୱ

ଦଶମ ପାଠ:	ତ୍ରୟୀ ବିଦ୍ୟା	୭୮
ଏକାଦଶ ପାଠ:	ତ୍ରିବିଧ ପୁରୁଷ	୮୬
ଦ୍ୱାଦଶ ପାଠ:	ଯଜ୍ଞ	୯୩
ତ୍ରୟୋଦଶ ପାଠ:	ବ୍ରହ୍ମାଣ୍ଡର ଉଦ୍ଭବ	୧୦୦
ଚତୁର୍ଦଶ ପାଠ:	ସୃଷ୍ଟିର ଆୟୁ ତଥା ଚାରିଯୁଗ	୧୦୬

ଦ୍ୱିତୀୟ ଭାଗ

		ପୃଷ୍ଠାଙ୍କ
ପଞ୍ଚଦଶ ପାଠ:	ଋଗ୍‌ବେଦ(୧୦-୯୦) :	
	ପୁରୁଷ ସୂକ୍ତ	୧୧୮
ଷୋଡଶ ପାଠ:	ଯଜୁର୍ବେଦ (ଚତ୍ୱାରିଂଶ ଅଧ୍ୟାୟ) :	
	ଈଶାବାସ୍ୟୋପନିଷଦ୍	୧୨୭
ସପ୍ତଦଶ ପାଠ:	ସାମବେଦ (ଆରଣ୍ୟ ଗାନ ୮୯):	
	ସେତୁସାମ ସୂକ୍ତ	୧୬୧
ଅଷ୍ଟାଦଶ ପାଠ:	ଅଥର୍ବବେଦ (୧୯-୬-୫୩):	
	କାଳ ସୂକ୍ତ	୧୬୯
ପରିଶିଷ୍ଟ:	ଶବ୍ଦାନୁକ୍ରମଣୀ	୧୮୨

ପ୍ରଥମ ଭାଗ

ଆମେ

ଆମ ସମାଜ ଓ ସଂସ୍କୃତି

ଆମ ବିଶ୍ୱ

ପ୍ରଥମପାଠ

- ଆ ମ ଶ ରୀ ର -

ପିଲାମାନେ! ତୁମେ ବେଦର ନାମ ଅବଶ୍ୟ ଶୁଣିଥିବ। ପ୍ରାୟ ତୁମେ ଏକଥା ବି ଜାଣିଥିବ ଯେ ବେଦ ଚାରିପ୍ରକାର - ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ। ସମ୍ଭବତଃ ତୁମେ ଭାବୁଥିବ କି ବେଦରେ ବହୁତ ବଡ଼ ବଡ଼ କଥା କୁହାଯାଇଛି, ଏଣୁ ଆମେ ବେଦ ବୁଝି ପାରିବୁ ନାହିଁ। ତୁମର ଏ ପ୍ରକାର ଧାରଣା ଅବଶ୍ୟ ଠିକ୍ ଯେ, କିନ୍ତୁ ବେଦ ଅଧ୍ୟୟନ କରିବାର ବିଧି କହିବାକୁ ଯାଇ ମନୁ ପାଞ୍ଚବର୍ଷରୁ ବାରବର୍ଷ ବୟସର ପିଲାମାନଙ୍କ ପାଇଁ ବେଦ ଅଧ୍ୟୟନ ଆରମ୍ଭକରିବାର ନିୟମ ବିଧାନ କରିଛନ୍ତି। ତୁମମାନଙ୍କମଧ୍ୟରୁ କାହାରି ବୟସ ତ ପାଞ୍ଚ ବର୍ଷରୁ କମ୍ ହୋଇ ନ ଥିବ। ଏଣୁ ମନୁଙ୍କ କହିବା ଅନୁସାରେ ତୁମେ ବେଦପଢ଼ିବା ଆରମ୍ଭ କରି ପାରିବ। ନିଜକୁ ଛୋଟ ବୋଲି ଭାବି ବେଦ ଅଧ୍ୟୟନ କରିବା ପାଇଁ ଡରିବା ଦରକାର ନାହିଁ।

ଦେଖ ବେଦରେ ଆମ ବିଷୟରେ ଏବଂ ଆମ ନିଜର ଅତି ପରିଚିତ ବସ୍ତୁ ଓ ପରିବେଶ ବିଷୟରେ ବହୁତ କଥା ସୁନ୍ଦରଭାବରେ ଏବଂ ସୂକ୍ଷ୍ମଭାବରେ ବର୍ଣ୍ଣନା କରାଯାଇଛି। ଆମମାନଙ୍କ ପାଇଁ ସବୁଠୁ ଅଧିକ ପରିଚିତ ବସ୍ତୁ ହେଉଛି ଆମର ଶରୀର। କାରଣ ଏହା ଆମର ବହୁତ ନିଜର ଅଟେ ଏବଂ ଜନ୍ମଠାରୁ ଆରମ୍ଭ କରି ଆମେ ଏହା ସହିତ ଜଡିତ ଅଛୁ। ଆମର ଶରୀର କେମିତି ତିଆରି ହେଲା? ଏ ବିଷୟରେ ବେଦରେ ବହୁତ ଭଲଭାବରେ ବିଚାର କରାଯାଇଛି। ଏତିକି ତ ତୁମେ ଜାଣିଛ ଯେ, ପ୍ରତିଦିନ ଆମେ କିଛି ନା କିଛି ଖିଆ ପିଆ କରୁ। ଯାହା ବି ଆମେ ଖାଉ, ସେଇଥିରେ ଆମର ଶରୀର ଗଠିତ ହୁଏ। ଆମେ ଯାହା ବି ଖାଉ, ବେଦରେ ତାକୁ 'ଅନ୍ନ' କୁହାଯାଇଛି। ତେବେ, ସେହି ଅନ୍ନରୁ ଆମର ଶରୀର କେମିତି ତିଆରି ହେଲା? ଅଥର୍ବବେଦର ଗୋଟିଏ ଉପବେଦ ହେଉଛି ଆୟୁର୍ବେଦ; ଏବଂ ଆୟୁର୍ବେଦରେ ଏକଥା ବୁଝାଇବାକୁ ଯାଇ କୁହାଯାଇଛି କି, ଆମେ ଯେଉଁ ଅନ୍ନ ଖାଉଁ ତାହା ସାତ ଭାଗରେ ବିଭକ୍ତ ହୁଏ ଆଉ ସେଇଥିରୁ ଆମର ଶରୀର ଗଠିତ ହୁଏ :-

୧. ଅନ୍ନ ସର୍ବପ୍ରଥମେ ଖାଦ୍ୟରସରେ ପରିଣତ ହୁଏ । ଏହି ରସ ଶରୀରର ପୋଷଣ ପାଇଁ ରହିଥାଏ ଏବଂ ଅନ୍ନର ଯେଉଁ ଅଂଶ ଖାଦ୍ୟରସରେ ପରିଣତ ହୋଇ ପାରେ ନି, ତାହା ଶରୀରରୁ ବାହାରିଯାଏ । ଶରୀରରୁ ନିର୍ଗତ ହୋଇଯାଉ ଥିବା ଏହି ଅଂଶକୁ ଆମେ ମଳ ବୋଲି କହୁ । ଏହି ପରିଭାବରେ ଦେଖିଲେ ଖାଦ୍ୟରସ ଅନ୍ନର ସାର ଭାଗ ଅଟେ ।

୨. ଏହି ଖାଦ୍ୟରସର ମଧ୍ୟ ସାର ଭାଗ ହେଉଛି ରକ୍ତ ।

୩. ରକ୍ତର ସାର ଭାଗ ମାଂସ ଅଟେ ।

୪. ମାଂସର ସାର ଚର୍ବୀ ଅଟେ ।

୫. ଚର୍ବୀର ସାର ଅସ୍ଥି (ହାଡ) ଅଟେ ।

୬. ଅସ୍ଥିର ସାର ମଜ୍ଜା ଅଟେ । ମଜ୍ଜା ଶବ୍ଦର ଅର୍ଥ ହେଉଛି ସେହି ରସ, ଯାହାକି ମାଂସ ଓ ଅସ୍ଥି ମଝିରେ ଥାଏ ।

୭. ମଜ୍ଜାର ସାରଭାଗ ହେଉଛି ବୀର୍ଯ୍ୟ । ଏହି ବୀର୍ଯ୍ୟ ଯୋଗୁଁ ମନୁଷ୍ୟ ସନ୍ତାନ ଉତ୍ପନ୍ନ କରିବା ପାଇଁ ସାମର୍ଥ୍ୟ ପ୍ରାପ୍ତ କରେ ।

ଏହିପରି ଭାବରେ ଉକ୍ତ ସାତ ଭାଗରେ ବିଭକ୍ତ ଅନ୍ନରୁ ହିଁ ଆମର ଶରୀର ନିର୍ମିତ ହୋଇଛି । ଶରୀରର ସବୁଠାରୁ ସ୍ଥୂଳ ଭାଗ ରସ ଅଟେ ଏବଂ ସବୁଠାରୁ ସୂକ୍ଷ୍ମଭାଗ ବୀର୍ଯ୍ୟ ଅଟେ । ଆମ ଶରୀର ଭିତରେ ଏକପ୍ରକାର ଅଗ୍ନି ରହିଛି ଯାହାକୁ ଜଠରାଗ୍ନି ଅଥବା ବୈଶ୍ୱାନର ଅଗ୍ନି କୁହାଯାଏ । ଆମେ ଶରୀର ପୋଷଣ ପାଇଁ ଯେଉଁ ଅନ୍ନ ଗ୍ରହଣ କରୁ, ସେହି ଅନ୍ନକୁ ଏହି ଅଗ୍ନି (ଜଠରାଗ୍ନି) ଏପରି ଭାବରେ ମନ୍ଥନ କରେ ଯେ, ସେଥିରୁ ରସଠାରୁ ଆରମ୍ଭ କରି ବୀର୍ଯ୍ୟ ପର୍ଯ୍ୟନ୍ତ ସାତ ଭାଗରେ ବିଭକ୍ତ ଖାଦ୍ୟସାର ଗୋଟିଏ ପରେ ଗୋଟିଏ ଆପେ ଆପେ ତିଆରି ହୋଇଯାଏ । ଏହି ଅନ୍ନରୁ ହିଁ ଆମର ଶରୀରର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଯଦି ଆମେ ଆମ ଶରୀରକୁ ପୁଷ୍ଟ ରଖିବାକୁ ଚାହୁଁ, ତେବେ ଅନ୍ନରପର ଅନ୍ତିମ ଅଂଶ ସେହି ବୀର୍ଯ୍ୟକୁ ସାବଧାନ ଭାବରେ ରକ୍ଷା କରିବା ଉଚିତ ।

ବେଦ ଅଧ୍ୟୟନଶୀଳ ପିଲାମାନଙ୍କୁ ବ୍ରହ୍ମଚାରୀ କୁହାଯାଏ । ତୁମେ ଯଦି ବେଦ ଅଧ୍ୟୟନ କରୁଛ ତେବେ ତୁମେ ମଧ୍ୟ ବ୍ରହ୍ମଚାରୀ ଅଟ । ବ୍ରହ୍ମଚାରୀକୁ ସରଳ ଏବଂ ତପସ୍ୱୀ ଜୀବନ ଯାପନ କରିବାକୁ ପଡେ । ଚଟ୍‌ପଟ୍ ଭୋଜନ କରିବା ଅଥବା ଚାକ୍‌ଚମକ୍ ଜୀବନ

ଯାପନ କରିବା ବ୍ରହ୍ମଚାରୀ ପାଇଁ ଠିକ୍ ନୁହେଁ । କାରଣ, ଏ ପ୍ରକାର ଜୀବନ ବ୍ରହ୍ମଚର୍ଯ୍ୟର ସୁରକ୍ଷା ପାଇଁ ଅନ୍ତରାୟ ସୃଷ୍ଟି କରିପାରେ । ତୁମେମାନେ କେବଳ ଏତିକି ସାବଧାନ ରହିବା ଦରକାର ଯେ, ଅଧିକ ତେଲ-ମସଲା ବାଲା ଖାଦ୍ୟ ଖାଇବ ନାହିଁ । ଯେତିକି ଭୋକ ହେଉଛି ତା'ଠାରୁ ଟିକିଏ କମ୍ ଖାଇବ । ସକାଳେ ଶୀଘ୍ର ଉଠିବ । ଆଳସ୍ୟ କରିବନି । ଶୀତ ବା ଗ୍ରୀଷ୍ମ ଋତୁରେ ବି ତରିବା ଉଚିତ ନୁହେଁ । ଋତୁ ଅନୁସାରେ ସାଦା ସୂତାଲୁଗା ଅଥବା ଗରମଲୁଗା ପାନ୍ଧିବା ଦରକା-ର । ଶରୀରରେ ଯଥାସମ୍ଭବ ଖୋଲା ପବନ ଏବଂ ଖରା ଲାଗିବାକୁ ଦିଅ । ସବୁଠୁ ବଡ଼କଥା ହେଉଛି ଯେ, ମନରେ ସବୁବେଳେ ପବିତ୍ର ବିଚାରକୁ ସ୍ଥାନଦିଅ । କୌଣସି ପ୍ରକାର କୁବିଚାର ଯେମିତି ମନରେ କଦାପି ପ୍ରବେଶ କରି ନ ପାରେ ସେଥିପ୍ରତି ସାବଧାନ ରୁହ । ସେ ସବୁ ବିଷ-ୟରୁ ସବୁବେଳେ ଦୂରରେ ରହିବା ଦରକାର, ଯଦ୍ଦ୍ୱାରା ମନରେ ଦୁର୍ଭାବନା (କୁବିଚାର) ଉତ୍ପନ୍ନ ହୁଏ । ଏ ବିଷୟରେ ତୁମର ଗୁରୁ, ମା, ବାପା ଅନେକ ଆବଶ୍ୟକୀୟ କଥା ତୁମକୁ ଉପଦେଶ ଦେଇପାରିବେ । ସେ ସବୁ ପାଳନ କରିବା ଉଚିତ ।

ଶରୀର ସମ୍ବନ୍ଧରେ ଏତିକି ଆବଶ୍ୟକୀୟ ବିଷୟ ଜାଣିବା ପରେ ଆମକୁ ଆଉ ଦୁଇଟି କଥା ଜାଣିବା ଦରକାର । ତାହା ହେଉଛି ଯେ - ବୀର୍ଯ୍ୟ ଶରୀରର ସବୁଠାରୁ ଅଧିକ ଆବଶ୍ୟ-କୀୟ ଅଂଶ; କିନ୍ତୁ ଅନ୍ନରୁ ଉତ୍ପନ୍ନ ଅନ୍ତିମ ଅଂଶ ଯେ ବୀର୍ଯ୍ୟ ତାହା ନୁହେଁ । କାରଣ ଖାଦ୍ୟରସ-ଠାରୁ ଆରମ୍ଭ କରି ବୀର୍ଯ୍ୟ ପ୍ରଯ୍ୟନ୍ତ ଏହି ସାତ ଅଂଶର ସମ୍ବନ୍ଧ ପୃଥିବୀ ସହିତ ରହିଛି । ଏଣୁ ଏ ସମସ୍ତ ସ୍ଥୂଳ ପଦାର୍ଥ ଅଟେ । ଏସବୁକୁ ସ୍ପର୍ଶ କରାଯାଇ ପାରିବ । କିନ୍ତୁ ତା'ପରେ ବି ଏପରି ଗୋଟେ ଅଂଶ ରହିଛି, ଯାହାକି ଅନ୍ନରୁ ତ ଉତ୍ପନ୍ନ ହୁଏ ଅଥଚ ଆମେ ତାକୁ ସ୍ପର୍ଶ କରିପାରୁନା । ଏହି ଅଂଶକୁ 'ଓଜ' କହନ୍ତି । ଏହି ଓଜ ବୀର୍ଯ୍ୟର ମଧ୍ୟ ସାର ଭାଗ ଅଟେ । ତୁମେମାନେ ମହା-ପୁରୁଷମାନଙ୍କ ମୁଖମଣ୍ଡଳରେ ଗୋଟିଏ ବିଶେଷ ପ୍ରକାର ଚମକ (ତେଜସ୍ୱୀତା) ଦେଖିଥିବ । ଚିତ୍ରରେ ସେହି ତେଜସ୍ୱୀତାକୁ ଦର୍ଶାଇବାପାଇଁ ଚିତ୍ରକାର ମହାପୁରୁଷଙ୍କର ମସ୍ତକ ପଛପଟରେ ଗୋଟିଏ ଗୋଲାକାର ତେଜୋମଣ୍ଡଳ ତିଆରି କରି ଥାଆନ୍ତି । ଏହି ଚମକ ଅଥବା ତେଜସ୍ୱୀତାକୁ ଓଜ କୁହାଯାଏ, ଯାହାକି ବୀର୍ଯ୍ୟର ମଧ୍ୟ ସାର ଅଟେ । ଯେଉଁ ବ୍ୟକ୍ତି ନିଜର ବୀର୍ଯ୍ୟକୁ ଯେତେ ସୁରକ୍ଷିତ ରଖିବ, ତା'ମୁଖମଣ୍ଡଳରେ ସେତେ ଅଧିକ ତେଜ ଦେଖିବାକୁ ମିଳିବ । ଯେଉଁମାନେ ଆଜୀବନ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନକରନ୍ତି ସେହି ମହାତ୍ମାମାନଙ୍କର ମୁଖମଣ୍ଡଳରେ ଏହି ଓଜ ସ୍ପଷ୍ଟଭାବରେ ଦେଖିବାକୁ ମିଳିଥାଏ । ବେଦର ପ୍ରତ୍ୟେକ ବିଦ୍ୟାର୍ଥୀର ମୁଖମଣ୍ଡଳରେ ଏହି ଓଜ

ହେବା ଆବଶ୍ୟକ; କାରଣ ସେମାନଙ୍କ ପାଇଁ ବ୍ରହ୍ମଚର୍ଯ୍ୟ ପାଳନ କରିବା ନିହାତି ଜରୁରୀ ଅଟେ । ଏଇଥା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ଯେ, ରସଠାରୁ ଆରମ୍ଭ କରି ବୀର୍ଯ୍ୟ ପର୍ଯ୍ୟନ୍ତ ସାତ ଅଂଶକୁ ସ୍ପର୍ଶ କରାଯାଇ ପାରିବ, କିନ୍ତୁ ଓଜ ଅଥବା ତେଜକୁ ସ୍ପର୍ଶ କରାଯାଇ ପାରିବ ନାହିଁ । ଏଣୁ ଓଜକୁ ଆମେ ପୃଥିବୀର ଅଂଶ ବୋଲି ମାନୁନା । ଏହା ଅନ୍ତରୀକ୍ଷର ଅଂଶ ଅଟେ । ପୃଥିବୀର ଅଂଶକୁ 'ଘନ' କୁହାଯାଏ ଏବଂ ଅନ୍ତରୀକ୍ଷର ଅଂଶକୁ 'ତରଳ' କୁହା-ଯାଏ ।

ଏହି ଓଜ ହିଁ ଯେତେବେଳେ ଆହୁରି ସ୍ପଷ୍ଟ ହୋଇଯାଏ, ତାକୁ 'ମନ' କୁହାଯାଏ । ଅର୍ଥାତ୍ ଯେପରି ବୀର୍ଯ୍ୟର ସାର ଓଜ ଅଟେ ସେହିପରି ଓଜର ସାର ମନ ଅଟେ । ଏ କଥାରୁ ତୁମେ ଏହା ବୁଝି ପାରୁଥିବ ଯେ, ଆମେ ଯେଉଁ ଅନ୍ନ ଖାଉଛୁଁ, ସେହି ଅନ୍ନର ସୂକ୍ଷ୍ମରୁ ସୂକ୍ଷ୍ମତମ ଅଂଶ ମନ ରୂପରେ ପରିଣତ ହୋଇଯାଏ । ସମ୍ଭବତଃ ତୁମେ ଏ କଥା ଶୁଣିଥିବ ଯେ 'ଯେମିତି ଅନ୍ନ ସେମିତି ମନ' । ଏହି ଲୋକୋକ୍ତିର ଏହା ତାତ୍ପର୍ଯ୍ୟ ଯେ, ଯେମିତି ଅନ୍ନ ଆମେ ଖାଉଁ, ଆମ ମନ ସେମିତି ହୋଇଯାଏ । ସରଳ ଭାବରେ କହିଲେ, ଆମକୁ ଆମ ଭୋଜନ ଉପରେ ଧ୍ୟାନ ଦେବାକୁ ହେବ । ଅନ୍ନର ପ୍ରଭାବ କେମିତି ମନ ଉପରେ ପଡୁଛି ତାହା ତୁମେ ନିଜେ ଅନୁଭବ କରି ପାରିବ । ଦିନେ ତୁମେ ତେଲରେ ଛଣାଛଣି ମସଲାବାଲା ଗରିଷ୍ଠ ଭୋଜନ କର, ତେବେ ଦେଖିବ କି ପୁରା ଦିନ ଶରୀର ଭାରି ଭାରି ଲାଗିବ, ସବୁବେଳେ ଯେମିତି ଶୋଇବାକୁ ମନ ହେବ । ଏହାକୁ ଆମେ ତାମସ ଭୋଜନ କହୁଁ । ତାମସ ଭୋଜନର ତାମସ ପ୍ରଭାବ ମନ ଉପରେ ପଡେ । ଆଉ ଦିନେ ତୁମେ ଲଙ୍ଘା ମସଲା ଆଦି ନ ଥିବା ସାଧାସିଧା ନିରାମୀଷାଶୀ ଭୋଜନ ଗ୍ରହଣ କର ଅଥବା ବ୍ରତଉପବାସ ଦିନପରି ଫଳ ମୂଳ ଆଦି ଖାଅ, ଦେଖିବ କି ଶରୀର ହାଲୁଜା ରହିବ । କାମ କରିବାକୁ, ବିଶେଷ କରି ବୌଦ୍ଧିକ / ମାନସିକ କାମ କରିବାର କ୍ଷମତା ଅଧିକ ବଢିଯିବ । ଏହାକୁ ବେଦରେ ସାତ୍ତ୍ୱିକ ଭୋଜନର ପ୍ରଭାବ ବୋଲି କୁହାଯାଇଛି ।

ଯେହେତୁ ସମଗ୍ର ମନ ଅନ୍ନରୁ ହିଁ ଉତ୍ପନ୍ନ ହୋଇଛି, ଏଣୁ ଅନ୍ନ ସମ୍ବନ୍ଧରେ ଆମକୁ ବହୁତ ସାବଧାନ ରହିବାକୁ ପଡିବ । ଆମର କେମିତି ଭୋଜନ କରିବା ଉଚିତ, ଏ ବିଷୟରେ ଧର୍ମଶାସ୍ତ୍ରମାନଙ୍କରେ ବହୁତ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଆଧୁନିକ ବୈଜ୍ଞାନିକ ମାନେ ମଧ୍ୟ ଭୋଜନ ସମ୍ବନ୍ଧରେ ବହୁତ ବିସ୍ତୃତ ଚର୍ଚ୍ଚା କରିଛନ୍ତି । ଧର୍ମଶାସ୍ତ୍ର ଏବଂ ବୈଜ୍ଞା-

ନିକମାନଙ୍କର ଆହାର ସମ୍ବନ୍ଧିୟ ଚର୍ଚ୍ଚାରୁ ଏ କଥା ସ୍ପଷ୍ଟ ପ୍ରତୀତ ହୁଏ ଯେ ଆହାର ସନ୍ତୁଳିତ (well balanced) ହେବା ଦରକାର ଏବଂ କେବଳ ଜିହ୍ୱା ସ୍ୱାଦ ପାଇଁ ଭୋଜନ କରିବା ଉଚିତ ନୁହେଁ । ଏ କଥା ଆମେ ମାନୁଁ ଯେ, କେତେକ ବିଜ୍ଞାନ ପୁସ୍ତକରେ ଅନେକ ସ୍ଥଳରେ ମାଛ, ମାଂସ, ଅଣ୍ଡା ଆଦି ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ହେବା କଥା କୁହାଯାଇଛି । କିନ୍ତୁ ଧର୍ମଶାସ୍ତ୍ରରେ ଏହା କୁହାଯାଇଛି କି, ଯିଏ ମନକୁ ପବିତ୍ର ରଖିବାକୁ ଚାହେଁ, ସେ ମାଛ, ମାଂସ, ଅଣ୍ଡା ଇତ୍ୟାଦି ଖାଇବା ଉଚିତ ନୁହେଁ । ତୁମେମାନେ ଏକଥା ଭଲ ଭାବରେ ବୁଝିନେବା ଉଚିତ ଯେ, ଆଜିକାଲି ବୈଜ୍ଞାନିକମାନେ ମଧ୍ୟ ମନୁଷ୍ୟ ପାଇଁ ଶାକାହାର ଭୋଜନ ହିଁ ସର୍ବୋତ୍ତମ ବୋଲି ସ୍ୱୀକାର କରୁଛନ୍ତି । ଯେଉଁ ଦେଶମାନଙ୍କରେ ମାଂସାହାର ହିଁ ସର୍ବଥା ପ୍ରଚଳିତ ଥିଲା, ସେ ଦେଶମାନଙ୍କରେ ମଧ୍ୟ ବିବେକୀ ଲୋକମାନେ ଶାକାହାରୀ ହେବାକୁ ପସନ୍ଦ କରୁଛନ୍ତି ।

ଆଉ ଗୋଟିଏ କଥା ମଧ୍ୟ ବୁଝିବା ଦରକାର ଯେ, ବେଇମାନୀ ଧନ୍ଦା କରି ଯେଉଁ ଧନ ଅର୍ଜନ କରାଯାଇଛି, ସେ ପଇସାରେ ଅନ୍ନ କିଣି ଖାଇଲେ ତାହା ଆମମାନଙ୍କ ପାଇଁ କେବେହେଲେଁ ହେଁ ଲାଭପ୍ରଦ ସିଦ୍ଧ ହେବ ନାହିଁ । ମେହନତ କରି ଏବଂ ସଚ୍ଚୋଟପଣିଆରେ ଯେଉଁ ଧନ ଅର୍ଜ୍ଜନ କରାଯାଇଛି, ତାହା ହିଁ ଆମକୁ ଠିକ୍ ସୁଖ ଦେଇପାରିବ । ନିଷ୍କର୍ଷରୂପରେ ଏହା କୁହାଯାଇ ପାରେ ଯେ, ଆମେ ଯେଉଁ ଅନ୍ନ ଖାଉଛୁଁ, ସେ ବିଷୟରେ ମୁଖ୍ୟତଃ ତିନୋଟି କଥାପ୍ରତି ଧ୍ୟାନ ଦେବା ଉଚିତ :-

୧. କ'ଣ ଏହି ଅନ୍ନ ଏମିତି ଚଟ୍‌ପଟା ନୁହେଁ ତ ଯାହା କି ଆମ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ଅଟେ, ଆଉ ଆମେ କେବଳ ଜିହ୍ୱାଲାଳସାର ବଶବର୍ତ୍ତୀ ହୋଇ ଆମେ ତାହା ଖାଉନୁ ତ?

୨. କ'ଣ ଆମ ଭୋଜନରେ ଏମିତି ତତ୍ତ୍ୱ ନିହିତ ଅଛି, ଯାହାକି ଅନ୍ୟକୁ ପୀଡା ଦେଇ ପ୍ରାପ୍ତ କରାଯାଇଛି କି? ଅର୍ଥାତ୍ କୌଣସି ପଶୁକୁ ମାରି ତା'ର ମାଂସ ଖାଇବାପାଇଁ ଅଣାଯାଇ ନାହିଁ ତ ?

୩. କ'ଣ ଏ ଅନ୍ନ ଏମିତି ଧନରେ କିଣା ଯାଇନି ତ' ଯାହାକି ଘୁସଖୋରୀ ଅଥବା କଳାବଜାରୀ ଇତ୍ୟାଦି ଅସାମାଜିକ ସାଧନ ଦ୍ୱାରା ଅର୍ଜ୍ଜନ କରାଯାଇଛି?

ଯେହେତୁ ଅନ୍ନର ସମ୍ବନ୍ଧ କେବଳ ଆମର ଶରୀର ସହିତ ନୁହେଁ, କିନ୍ତୁ ମନର ସହିତ ମଧ୍ୟ ରହିଛି । ଏଣୁ ସଂକ୍ଷେପରେ ଏହା ଜାଣିନେବା ଉଚିତ ଯେ, ଏହି ଅନ୍ନ କେମିତି ତିଆରି ହୋଇଛି ।

ଅନ୍ନର ତାରୋଟି ଅଂଶ ଅଛି:-

୧· **ଦଧି** (ଅନ୍ନର) ପ୍ରଥମ ଅଂଶ ଅଟେ । ଦଧି ଶବ୍ଦର ଅର୍ଥ 'ପାତିଲା ଫସଲ' । ତୁମେ ଦେଖିଥିବ ଯେ, କୌଣସି ଅନ୍ନ(ଯଥା-ଧାନ)ର ଦାନା ଯେତେବେଳେ ଜଆ ଥାଏ, ତାକୁ ଚିପି ଦେଲେ ତା ଦେହରୁ ତରଳ ଦୁଧ ପରି (ଦ୍ରବ) ବହାରି ଆସେ । ଯେତେବେଳେ ସେହି ଦାନା ପାତିଯାଏ ସେତେବେଳେ ତାହା କଠୋର ହୋଇଯାଏ । ଏହାକୁ ହିଁ ବୈଦିକ ଭାଷାରେ 'ଦଧି' କୁହାଯାଏ ଏହା ଘନୀଭୂତ ଅଟେ । ଆମ ଶରୀରର ମାଂସ, ହାଡ ଆଦି ଘନ (କଠୋର) ପଦାର୍ଥ ସେହି ଦଧି ଅଂଶରୁ ହିଁ ନିର୍ମିତ ହୋଇଛି । ଅନ୍ନରେ ଏହି ଦଧି ଭାଗ ପୃଥିବୀରୁ ଆସେ । କାରଣ ପୃଥିବୀ ମଧ୍ୟ ଘନୀଭୂତ ଅଟେ ଏବଂ ଅନ୍ନର ଦଧିଭାଗ ମଧ୍ୟ ଘନୀଭୂତ ଅଟେ ।

୨· ଅନ୍ନର ଦ୍ୱିତୀୟ ଅଂଶକୁ **ଘୃତ** କୁହାଯାଏ । ଘୃତର ଅର୍ଥ ଚିକ୍କଣ ପଦାର୍ଥ (ଅଥବା ସ୍ନେହ ପଦାର୍ଥ) । ଅନ୍ନର ଦାନାକୁ ପେଶି ଦେଇ ଅଟା (ଅଥବା ଚୂନା) ବନେଇ ଦେବା ପରେ ଯେତେବେଳେ ତାକୁ (ପାଣି ଦେଇ) ଦଳି ଦିଅନ୍ତି ସେତେବେଳେ ସେଥିରେ ଅନ୍ନର ଚିକ୍କଣ ଗୁଣ ସ୍ପଷ୍ଟ ଭାବରେ ଦେଖାଯାଇ ପାରିବ । ଏହାକୁ ଗାଉଁଲି ଭାଷାରେ 'ଲୋଚ' (ସ୍ନେହିଳ ଅଂଶ) କହନ୍ତି । ଏହି ସ୍ନେହିଳ ପଦାର୍ଥ ଯୋଗୁଁ ହିଁ ଅଟାରେ ଯେତେବେଳେ ପାଣି ମିଶାଇ ଦଳି ଦିଆ ଯାଏ, ତାହା ଏକ ପିଣ୍ଡ ଆକୃତି ବନିଯାଏ । ଯଦି ଏହି ସ୍ନେହିଳ ଅଂଶ ଅଟାରେ ନ ଥାଆନ୍ତା ତେବେ ଅଟାରେ ପାଣି ମିଶାଇ ଦଳାଯାଇପାରନ୍ତା ନାହିଁ । ପାଣି ଢାଳିଲେ ମରୁଭୂମିର ବାଲି କଣ ପିଣ୍ଡ ବନିଯିବକି? ନା; କାରଣ ସେଥିରେ ସେହି ସ୍ନେହିଳ ଅଂଶ ନଥାଏ । ଅନ୍ନର ସ୍ନେହିଳ ଅଂଶ ଅନ୍ତରୀକ୍ଷରୁ ଆସେ ।

୩· ଅନ୍ନର ତୃତୀୟ ଅଂଶକୁ **ମଧୁ** କହନ୍ତି । ସମସ୍ତ ପ୍ରକାର ଅନ୍ନରେ ଏକପ୍ରକାର ମଧୁ-ରତା ଅଛି । ତୁମେ ଗହମ ଅଥବା ବାଜରାର ଅଟାରେ କିଛି ବି ନ ମିଶାଇ ତାକୁ ଡାଲି ତରକାରୀ ବିନା ଯଦି ଖାଇବ ତେବେ ତାର ଏହି ମଧୁରତା ଅବଶ୍ୟ ନିଜେ ଅନୁଭବ କରି-ପାରିବ । ଯେପରି ଅନ୍ନରେ ଦଧି ଅଂଶ ପୃଥିବୀରୁ ଆସେ, ଘୃତ ଅଂଶ ଅନ୍ତରୀକ୍ଷରୁ ଆସେ ଠିକ୍

ସେହିପରି ମଧୁ ଅଂଶ ଦ୍ୟୁଲୋକରୁ ଆସେ । ତୁମେ ଗାୟତ୍ରୀ ମନ୍ତ୍ର ଜାଣିଥିବ; ତାର ପ୍ରାରମ୍ଭରେ ଯେଉଁ 'ଭୂର୍ଭୁବଃସ୍ୱଃ' କୁହାଯାଏ; ସେହି 'ଭୂର୍ଭୁବଃସ୍ୱଃ' ପୃଥିବୀ, ଅନ୍ତରୀକ୍ଷ ଓ ଦ୍ୟୁଲୋକ ଅଟେ ଯେଉଁଥିରୁ କ୍ରମଶଃ ଦଧି, ଘୃତ ଓ ମଧୁ ଅଂଶ ଅନ୍ନରେ ଆସେ ।

୪ ଅନ୍ନର ଚତୁର୍ଥ ଅଂଶ ଅମୃତ ଅଟେ । ଏହି ଅମୃତ ଅଂଶ ହିଁ ଅନ୍ନକୁ ସ୍ୱାଦିଷ୍ଟ କରେ । ଅନ୍ନରେ ଥିବା ସ୍ୱାଦୁତା ଯୋଗୁଁ ଭୋଜନ କରିବା ପରେ ଆମର ମନ ତୃପ୍ତ ହୋଇଯାଏ । ଏକ୍ଷେତ୍ରରେ ଏପରି ପ୍ରଶ୍ନ କରାଯାଇ ପାରେ ଯେ, ଅନ୍ନରେ ଏହି ସ୍ୱାଦୁ ଆସେ କେଉଁଠୁ ? ଉତ୍ତରରେ ଏହା କୁହାଯାଇପାରେ କି, ଭୂ-ର୍ଭୁବ-ଆଦି ଲୋକ କେବଳ ତିନୋଟି ନୁହେଁ । ଆଉ ଗୋଟିଏ ଚତୁର୍ଥ ଲୋକ ମଧ୍ୟ ଅଛି, ଯାହାକୁ ଆପୋଲୋକ କୁହାଯାଏ । ଏହି ଆପୋଲୋକର ଅନ୍ୟନାମ ହେଉଛି ଗୋଲୋକ, ପରମେଷ୍ଠୀଲୋକ, ବିଷ୍ଣୁଲୋକ ଆଦି । ଏହି ଚତୁର୍ଥ ଲୋକରୁ ଅନ୍ନରେ ସ୍ୱାଦୁତା ଆସେ । ଅନ୍ନରେ ଥିବା ଏହି ସ୍ୱାଦୁକୁ ଆମେ ଅମୃତ କହୁଁ । ଏହାକୁ ସୋମରସ ବୋଲି ମଧ୍ୟ କୁହାଯାଏ ।

ଅନ୍ନର ଉପରୋକ୍ତ ଚାରିଗୋଟି ଅଂଶରୁ ତୁମେମାନେ ଏକଥା ଭଲ ଭାବରେ ବୁଝିପାରିଥିବ ଯେ, ଅନ୍ନକୁ ତିଆରି କରିବାରେ କେବଳ ପୃଥିବୀର ହିଁ ଯୋଗଦାନ ନାହିଁ କିନ୍ତୁ ଅନ୍ତରୀକ୍ଷ-ଲୋକ, ଦ୍ୟୁଲୋକ ଏବଂ ଗୋଲୋକ ମଧ୍ୟ ନିଜ ନିଜର ଯୋଗଦାନ କରନ୍ତି । ଏହିପରି ଭାବରେ ଯେହେତୁ ଅନ୍ନରୁ ଆମର ଶରୀର ଏବଂ ମନ ନିର୍ମାଣ ହୁଏ, ସେଥିପାଇଁ ଆମେ ଏହି ତ୍ରିଲୋକ ଅଥବା ଚାରିଲୋକ ପ୍ରତି କୃତଜ୍ଞ ରହିବା ଉଚିତ । ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ହେଉଛି ଯେ, ସମଗ୍ର ବିଶ୍ୱରୁ ଯେଉଁ ତତ୍ତ୍ୱ ଅନ୍ନରେ ଆସେ, ଆଉ ଅନ୍ନ ମାଧ୍ୟମରେ ସେହି ତତ୍ତ୍ୱ ଆମ ଶରୀରରେ ପ୍ରବେଶ କରି କେବଳ ଆମର ଶରୀରର ନୁହେଁ, କିନ୍ତୁ ମନର ମଧ୍ୟ ନିର୍ମାଣ କରେ । ଏହିପରି ଭାବରେ ଏହି ଅନ୍ନର ଡୋରିରେ ଆମେ ପୁରା ବିଶ୍ୱ ସହିତ ବନ୍ଧା ହୋଇଛୁ ଏବଂ ପୁରା ବିଶ୍ୱ ଆମ ସହିତ ବନ୍ଧା ହୋଇଛି । ତୁମେ ଯେତେ ଅଧିକ ବେଦ ପାଠ କରିବ ବିଶ୍ୱ ସହିତ ତୁମର ଏ ସମ୍ବନ୍ଧର ଘନିଷ୍ଠତାର ବିଷୟ ସେତେ ଅଧିକ ସ୍ପଷ୍ଟତର ହୋଇଯିବ । ତୁମେ ଯେତେବେଳେ ଏକଥା ଭଲ ଭାବରେ ଜାଣି ପାରିବ ଯେ ତୁମେ ସମଗ୍ର ବିଶ୍ୱ ସହିତ ଜଡିତ ଅଟ, ସେତେବେଳେ ତୁମେ ପୁରା ବିଶ୍ୱକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବାକୁ ଚେଷ୍ଟା କରିବ ଯେମିତି କି ତୁମେ ନିଜ ନିଜର ଘରକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବାକୁ ଚାହଁ । ଯେଉଁମାନେ ବେଦ ପଢି ନାହାଁନ୍ତି ଏବଂ ବିଶ୍ୱ ସହିତ ନିଜର ଘନିଷ୍ଠ ସମ୍ବନ୍ଧ ବିଷୟରେ ଜାଣି ନାହାଁନ୍ତି ସେମାନେ

ସବୁଆଡେ ମଇଳା ଅବର୍ଜ୍ଜନା ଫିଙ୍ଗି ଜମି, ପାଣି ଏବଂ ବାୟୁମଣ୍ଡଳକୁ ଦୂଷିତ କରନ୍ତି; ଯାହା-ଦ୍ୱାରା ଆମସମସ୍ତଙ୍କ ପାଇଁ(ସେମଗ୍ର ପର୍ଯ୍ୟାବରଣ ପାଇଁ) ବିପଦ ଆସି ଗଲାଣି । ପାଣି, ପବନ ଓ ଜମି ଏତେ ବେଶି ବିଷାକ୍ତ ହୋଇଗଲାଣି ଯେ ଏଥିରେ ବଞ୍ଚିରହିବା କଷ୍ଟକର ହୋଇ ପଡି-ଲାଣି ।

ଉପରେ ବର୍ଣ୍ଣିତ ଅନ୍ନର ନିର୍ମାଣ ପ୍ରକ୍ରିୟାରୁ ଏହା ସ୍ପଷ୍ଟ ହୋଇଯାଉଛି କି, ସମଗ୍ର ପ୍ରକୃତି ଆମ ପ୍ରତି କେତେ ଦୟାଳୁ । ପୃଥିବୀ ଅନ୍ନର ସ୍ଥୂଳ ଭାଗକୁ ନିର୍ମାଣ କରେ, ଅନ୍ତରୀକ୍ଷ ସେଥିରେ ସ୍ନେହ ଭାଗ ଉତ୍ପନ୍ନ କରାଏ, ଦ୍ୟୁଲୋକ ସେଥିରୋ ମଧୁରତା ଭରିଦିଏ ଏବଂ ଚତୁର୍ଥ ଅର୍ଥାତ୍ ପରମେଷ୍ଠୀଲୋକ ସେଥିରେ ସ୍ୱାଦୁ ଉତ୍ପନ୍ନ କରାଏ; ତେବେ ଯାଇ ସେ ଅନ୍ନ ଆମର ଶରୀର ଓ ମନ ପାଇଁ ଅନୁକୂଳ ହୁଏ । ଏପରି ଦୟାଳୁ ପ୍ରକୃତି ପ୍ରତି ଆମେ କ୍ରୂର ହେବା ଉଚିତ ନୁହେଁ; କାରଣ ପ୍ରକୃତି ଆମର ମା ସମାନ ଅଟେ । ବନର ବୃକ୍ଷମାନଙ୍କୁ ଅନ୍ଧାଧୁନ୍ ଜାଟିବା, ନଦୀମାନଙ୍କରେ କଳ କାରଖାନାରୁ ଦୁର୍ଗନ୍ଧ ଏବଂ ବିଷାକ୍ତ ପାଣି ମିଳାଇବା ଆଦି କାମକୁ ପ୍ରକୃତି ପ୍ରତି କ୍ରୂର କର୍ମ କୁହାଯାଏ । ବେଦ ସ୍ପଷ୍ଟ ଶବ୍ଦରେ କହେ କି ଭୂମୀ ଆମର ମା ଏବଂ ଆମେ ଭୂମୀର ପୁତ୍ର ଅଟୁଁ -- **'ମାତା ଭୂମିଃ ପୁତ୍ରୋଽହଂ ପୃଥିବ୍ୟାଃ'** । ଏ ପରିପ୍ରେକ୍ଷୀରେ ଏହା ଆମର ପରମ କର୍ତ୍ତବ୍ୟ ଅଟେ ଯେ, ଆମେ ପୃଥିବୀ ପ୍ରତି କୃତଜ୍ଞତାର ଭାବ ଧାରଣ କରୁଁ ଏବଂ ଯଥା ସମ୍ଭବ ପ୍ରକୃତିର ପୋଷଣ କରୁଁ, ନ ତୁ ଶୋଷଣ । ଏଇଥିପାଇଁ ବେଦରେ ଗଛପତ୍ର ପାଇଁ ମଧ୍ୟ ଦୟାଳୁ ହେବା କଥା କୁହାଯାଇଛି । ଆଉ ଏଇଥି ପାଇଁ ଆମ-ସମାଜରେ ବୃକ୍ଷାରୋ-ପଣକୁ ପୁଣ୍ୟ କର୍ମ ବୋଲି କୁହାଯାଏ । ବିନା କାରଣରେ ଗଛପତ୍ର ଜାଟିବାକୁ ମଧ୍ୟ ପାପ ବୋଲି ଗଣନା କରାଯାଏ । ଧର୍ମଶାସ୍ତ୍ର ପ୍ରଣେତା ମନୁ ବିନାକାରଣରେ ଗଛର ଡାଳ ମଧ୍ୟ କାଟିଲେ କଠୋର ଦଣ୍ଡର ବିଧାନ କରିଛନ୍ତି ।

ଯେଉଁଠି ଅନାବଶ୍ୟକ ରୂପରେ ଗଛପତ୍ର କାଟିବାକୁ ମଧ୍ୟ ପାପ ବୋଲି ଧରା-ଯାଇଛି, ସେଠି ପଶୁ-ପକ୍ଷୀମାନଙ୍କୁ ମାରିବା ପାଇଁ ଅନୁମତି ଦେବାର ପ୍ରଶ୍ନ ଉଠି ନ ପାରେ । ପୁଣି ପଶୁମାନଙ୍କ ମଧ୍ୟରେ ଗାଇ ପରି ଉପଯୋଗୀ ପଶୁକୁ ତ' ମା ବୋଲି ଆମେ ମାନୁଁ । ସମ୍ଭବତଃ ତୁମ୍ଭମାନଙ୍କ ନଜରରେ ଏମିତି କୌଣସି ବହି ଆସିଯିବ, ଯେଉଁଥିରେ ଏ କଥା ଲେଖାଥିବ ଯେ ବୈଦିକ କାଳରେ ଆର୍ଯ୍ୟମାନେ ଗୋମାଂସ ଖାଉଥିଲେ, ଏହାତ ବହୁତ ବେକାର କଥା । ବେଦରେ ସ୍ପଷ୍ଟ ଭାବରେ କୁହାଯାଇଛି କି - ଗାଇ ଗୋଟିଏ ନିରୀହ ପ୍ରାଣୀ ଅଟେ; ଏଣୁ କୌଣସି ବିବେକୀ ବ୍ୟକ୍ତି ଗାଇକୁ ମାରିବା ଉଚିତ ନୁହେଁ -

ପ୍ର ନୁ ବୋଚଂ ଚିକିତୁଷେ ଜନାୟ
ମା ଗାମାନାଗାମଦିତଂ ବଧିଷ୍ଟ ।।

ବେଦ ଯେତେବେଳେ ଏତେ ସ୍ପଷ୍ଟ ଭାବରେ "ଗାଇ, ଯିଏ କି ସର୍ବଥା ନିରପରାଧ ଏବଂ ଅଦିତି ତୁଲ୍ୟ ଅଟେ - ଏଣୁ ଗାଇକୁ ମାରିବା ଉଚିତ ନୁହେଁ" ବୋଲି କହି ଗୋହତ୍ୟା ନିଷେଧ କରିଛି; ସେଠି ଏକଥା କେମିତି ସମ୍ଭବ ହେବ ଯେ ବେଦ ଗୋହତ୍ୟା କରିବାକୁ ଅନୁମତି ଦେଇ ଦେବ । ବସ୍ତୁତଃ ମୂଳବେଦକୁ ନ ପଢି ଲୋକେ ଏଣୁତେଣୁ ଶୁଣି ଯାହା ଇଚ୍ଛା ତାହା ବେଦ ସମ୍ବନ୍ଧରେ କହି ଦିଅନ୍ତି । ବେଦରେ ଏବିଷୟରେ ଦୃଢ ବିଶ୍ୱାସ ବ୍ୟକ୍ତ କରାଯାଇଛି ଯେ, ଗାଇର ଶରୀରରେ ସମସ୍ତ ଦେବତାମାନେ ନିବାସ କରନ୍ତି । ଏଣୁ ଗାଇକୁ ଅମୃତର ଭେନ୍ଦ୍ର ବୋଲି କୁହାଯାଇଛି । ଗାଇକୁ ଏକାଦଶ ରୁଦ୍ରଙ୍କର ମା, ଅଷ୍ଟ ବସୁମାନଙ୍କର ଜନ୍ୟା ଏବଂ ଦ୍ୱାଦଶ ଆଦିତ୍ୟଙ୍କର ଭଉଣୀ ବୋଲି କୁହାଯାଇଛି-

ମାତା ରୁଦ୍ରାଣାଂ ଦୁହିତା ବସୂନାଂ
ସ୍ୱସାଦିତ୍ୟାନାମମୃତସ୍ୟ ନାଭିଃ ।।

ଏଠାରେ ତିନିଜଣ ଦେବତାଙ୍କର ନାମ ଉଲ୍ଲେଖ ହୋଇଛି - ରୁଦ୍ର, ବସୁ ଏବଂ ଆଦିତ୍ୟ । ଏହି ତିନି ଜଣ ଦେବତାଙ୍କ ମଧ୍ୟରେ ସମସ୍ତ ବୈଦିକ ଦେବତାମାନେ ଆସି ଯାଉଛନ୍ତି । ଆମ୍ଭେ ଉପରେ ତିନି ଲୋକ ବିଷୟରେ ଚର୍ଚ୍ଚା କଲୁ । ବୈଦିକ ଦେବତା ମଧ୍ୟ ତିନି ଭାଗରେ ବିଭକ୍ତ ହୋଇଛନ୍ତି - ପୃଥିବୀର ଦେବତା, ଅନ୍ତରୀକ୍ଷର ଦେବତା ଏବଂ ଦ୍ୟୁଲୋକର ଦେବତା । ବସୁମାନେ ପୃଥୀବିର ଦେବତା ଅଟନ୍ତି । ରୁଦ୍ରମାନେ ଅନ୍ତରୀକ୍ଷର ଦେବତା ଅଟନ୍ତି ଏବଂ ଆଦିତ୍ୟମାନେ ଦ୍ୟୁଲୋକର ଦେବତା ଅଟନ୍ତି । ଏହି ତିନି ଦେବତାଙ୍କ ସହିତ ଗୋ-ମାତାର ସମ୍ବନ୍ଧ ସ୍ଥାପନ କରି ବେଦ ଏକଥା ସ୍ପଷ୍ଟ କରି ଦେଇଛି କି ଗୋ-ମାତାଙ୍କ ଶରୀରରେ ସମସ୍ତ ଦେବତାମାନେ ନିବାସ କରନ୍ତି ।।

ଦେବତା କ'ଣ? - ଏକଥା ଧିରେ ଧିରେ ସ୍ପଷ୍ଟ ହେବ; କିନ୍ତୁ ଏଠାରେ ଏତିକି ବୁଝିନେବା ଦରକାର ଯେ ତିନି ଲୋକର ଦେବତାମାନଙ୍କ ବିଷୟରେ ଚର୍ଚ୍ଚା କରି ବେଦ ଏକଥା ସ୍ପଷ୍ଟ କରି ଦେଇଛି ଯେ, ଗାଇ ଦୁଧରେ ଅନ୍ନର ସେ ସବୁ ଅଂଶ ବିଦ୍ୟମାନ ରହିଛି ଯାହାକି ସମସ୍ତ ଲୋକରୁ ଅନ୍ନରେ ଆସିଥାଏ; ଯାହାର ଚର୍ଚ୍ଚା ଆମେ ପୂର୍ବରୁ କରିଛୁ ।

କାରଣ ଗାଇ ରୁଦ୍ରଦେବତାମାନଙ୍କର ମା ଅଟେ ଏବଂ ରୁଦ୍ର ଅନ୍ତରୀକ୍ଷର ଦେବତା

ଅଟନ୍ତି । ଏଣୁ ଗୋ-ଦୁଗ୍ଧରେ ଅନ୍ତରୀକ୍ଷରୁ ଆସୁଥିବା ଘୃତଅଂଶ ଉପସ୍ଥିତ ଅଟେ । ଯେହେତୁ ଗାଈ ବସୁମାନଙ୍କର ପୁତ୍ରୀ (କନ୍ୟା) ଅଟେ ଏବଂ ବସୁମାନେ ପୃଥିବୀର ଦେବତା ଅଟନ୍ତି ତଥାଚ ପୃଥିବୀରୁ ଦଧି ଅଂଶ ଅନ୍ନରେ ଆସେ, ଏଣୁ ଗୋ-ଦୁଗ୍ଧରେ ଦଧି ଅଂଶ ମଧ୍ୟ ବିଦ୍ୟମାନ ରହିଛି । ଆଉ ମଧ୍ୟ ଯେହେତୁ ଗାଈକୁ ଆଦିତ୍ୟମାନଙ୍କର ଭଉଣୀ ବୋଲି କୁହାଯାଇଛି ଏବଂ ଆଦିତ୍ୟମାନେ ଦ୍ୟୁଲୋକର ଦେବତା ଅଟନ୍ତି; ଏଣୁ ଦ୍ୟୁଲୋକରୁ ଅନ୍ନରେ ଆସୁଥିବା ମଧୁଅଂଶ ମଧ୍ୟ ଗୋ-ଦୁଗ୍ଧରେ ବିଦ୍ୟମାନ ରହିଛି । ବିଷ୍ଣୁଲୋକରୁ ଆସୁଥିବା ଅମୃତତତ୍ତ୍ୱ ମଧ୍ୟ ଗୋ-ଦୁଗ୍ଧରେ ରହିଛି - ଏକଥା ଗାଈକୁ 'ଅମୃତର ନାଭି' (କେନ୍ଦ୍ର) ବୋଲି ଯାହା କୁହାଯାଇଛି; ସେଥିରୁ ଋଷି ହୋଇଯାଉଛି । ଏହିପରି ଭାବରେ ଦେଖିଲେ ଗୋ-ଦୁଗ୍ଧରେ ଅନ୍ନର ଅପେକ୍ଷିତ ସମସ୍ତ ତତ୍ତ୍ୱ ବିଦ୍ୟମାନ ରହିଛି । ଆଜିକାଲିର ବୈଜ୍ଞାନିକ ପରୀକ୍ଷା ଦ୍ୱାରା ମଧ୍ୟ ଏକଥା ପ୍ରମାଣିତ ହୋଇଛି ଯେ, ଗୋ-ଦୁଗ୍ଧ ସଂପୂର୍ଣ୍ଣ ଆହାର ଅଟେ (Milk is complete food)। ଗୋ-ଦୁଗ୍ଧର ଏହି ସମସ୍ତ ମହତ୍ତ୍ୱକୁ ଦେଖି ଗାଈକୁ 'ମା' ବୋଲି କୁହାଯାଇଛି । ପିଲାମାନଙ୍କ ଶରୀରର ପୁଷ୍ଟି ପାଇଁ ଯଦି କିଛି ବି ସର୍ବୋତ୍ତମ ଆହାର ବୋଲି କୁହାଯାଏ ତାହା ହେଉଛି ଗୋ-ଦୁଗ୍ଧ ।।

ଏହି ପାଠରେ ଆମେ ଶରୀର ବିଷୟରେ ଚର୍ଚ୍ଚା କଲୁ । ଯଦ୍ୟପି ପ୍ରସଙ୍ଗ ବଶତଃ ମନ ବିଷୟରେ ମଧ୍ୟ ଟିକିଏ ଚର୍ଚ୍ଚା ହୋଇଗଲା; କାରଣ ଅନ୍ନର ହିଁ ସ୍ଥୂଳତମ ଭାଗ ଶରୀର ଅଟେ ଏବଂ ସୂକ୍ଷ୍ମତମ ଭାଗ ମନ ଅଟେ । ଶରୀର ତଥା ମନର ମଧ୍ୟଭାଗର ଶୃଙ୍ଖଳା ପ୍ରାଣ ଅଟେ; ଯାହା କି ଶରୀର ତୁଳନାରେ ସୂକ୍ଷ୍ମ ଏବଂ ମନ ତୁଳନାରେ ସ୍ଥୂଳ ଅଟେ । ଏଣୁ ମନ ବିଷୟରେ ଚର୍ଚ୍ଚା କରିବା ପୂର୍ବରୁ "ପ୍ରାଣ କ'ଣ" ବୋଲି ବୁଝିନେବା ଉଚିତ ହେବ । ଏଣୁ ଆଗାମୀ ଦୁଇଟି ପାଠରେ ଆମେ ପ୍ରାଣ ଏବଂ ମନ ବିଷୟରେ ଚର୍ଚ୍ଚା କରିବୁ ।।

ପ୍ରଶ୍ନ

୧. ଆମେ ଯେଉଁ ଅନ୍ନ ଖାଉଛୁ, ସେଥିରୁ ଆମ ଶରୀରର ନିର୍ମାଣ କେମିତି ହେଉଛି ?

୨. ବ୍ରହ୍ମଚାରୀର ଅର୍ଥ କ'ଣ ? ତାହାର ଜୀବନଚର୍ଯ୍ୟା କେମିତି ହେବା ଉଚିତ ?

୩· ଅନ୍ନରୁ ମନ କେମିତି ଉତ୍ପନ୍ନ ହୁଏ?

୪· ଅନ୍ନର ନିର୍ମାଣରେ ବିଶ୍ୱର କେମିତି ଯୋଗଦାନ ରହିଛି ?

୫· ପଶୁ-ପକ୍ଷୀ, ବନସ୍ପତି ଏବଂ ପ୍ରକୃତି ପ୍ରତି ଆମର କର୍ତ୍ତବ୍ୟ କ'ଣ ?

୬· ଗାଇର ଦେହରେ ସମସ୍ତ ଦେବତାମାନେ ନିବାସ କରନ୍ତି - ଏହା ପ୍ରତିପାଦନ କର ।

୭· ବିଦ୍ୟାର୍ଥିର ଭୋଜନ କେମିତି ହେବା ଉଚିତ ?

ସ୍ମ ର ଣୀ ୟ ଉ କ୍ତ ର ଣ

୧· **ରସାଦ୍ରକ୍ତଂ ତତୋ ମାଂସଂ ମାଂସାନ୍ମେଦସ୍ତତୋଽସ୍ଥି ଚ ।**
ଅସ୍ଥୋ ମଜ୍ଜା ତତଃ ଶୁକ୍ରଂ ଶୁକ୍ରାଦ୍ଗର୍ଭଃ ପ୍ରଯାଦଜଃ ।।

- ଚରକ ।

ଅର୍ଥ- ରସରୁ ରକ୍ତ ଉତ୍ପନ୍ନ ହୁଏ, ରକ୍ତରୁ ମାଂସ, ମାଂସରୁ ଚର୍ବୀ, ଚର୍ବୀରୁ ହାଡ, ହାଡରୁ ମଜ୍ଜା, ମଜ୍ଜାରୁ ବୀର୍ଯ୍ୟ ତଥା ବୀର୍ଯ୍ୟର ଶୁଦ୍ଧ ଭାଗରୁ ଗର୍ଭ ଉତ୍ପନ୍ନ ହୁଏ ।

୨· **ବ୍ରହ୍ମଚର୍ଯ୍ୟେଣ ତପସା ଦେବା ମୃତ୍ୟୁମୁପାଘ୍ନତ ।**
ଇନ୍ଦ୍ରୋ ହ ବ୍ରହ୍ମଚର୍ଯ୍ୟେଣ ଦେବେଭ୍ୟଃ ସ୍ୱ ୧ ରା ଭରତ ।।

-ଅଥର୍ବବେଦ ।

ଅର୍ଥ - ବ୍ରହ୍ମଚର୍ଯ୍ୟ ରୂପକ ତପସ୍ୟା ଦ୍ୱାରା ସମସ୍ତେ ଦେବତାମାନେ ମୃତ୍ୟୁ ଉପରେ ବିଜୟ ଲାଭ କଲେ, ଏବଂ ଇନ୍ଦ୍ର ବ୍ରହ୍ମଚର୍ଯ୍ୟ ଦ୍ୱାରା ହିଁ ଦେବତାମାନଙ୍କୁ ତେଜସ୍ୱୀ କରାଇଥିଲେ ।

୩· **ଶରୀରଞ୍ଚୈବ ବାଚଞ୍ଚ ବୁଦ୍ଧୀନ୍ଦ୍ରିୟମନାଂସି ଚ ।**
ନିୟମ୍ୟ ପ୍ରାଞ୍ଜଲିସ୍ତିଷ୍ଠେଦ୍ ବୀକ୍ଷମାଣୋ ଗୁରୋର୍ମୁଖମ୍ ।।

-ମନୁ ।

ଅର୍ଥ - ବ୍ରହ୍ମଚାରୀ ଶରୀର, ବଚନ, ବୁଦ୍ଧି, ଇନ୍ଦ୍ରିୟ ଓ ମନକୁ ନିଜର ବଶୀଭୂତ କରି ବିନମ୍ରତା ପୂର୍ବକ ଗୁରୁଙ୍କର ସମ୍ମୁଖରେ ବିଦ୍ୟା ଗ୍ରହଣ କରିବା ପାଇଁ ଉପସ୍ଥିତ ହେବା ଉଚିତ ।।

୪· **ଯାତ୍ରାମାତ୍ରପ୍ରସିଦ୍ଧ୍ୟର୍ଥଂ ସ୍ୱୈଃ କର୍ମଭିରଗର୍ହିତୈଃ ।**
ଅକ୍ଲେଶେନ ଶରୀରସ୍ୟ କୁର୍ବୀତ ଧନସଞ୍ଚୟମ୍ ।।

-ମନୁସ୍ମୃତି ।।

ଅର୍ଥ - କେବଳ ସଂସାର ଯାତ୍ରା ନିର୍ବାହ କରିବା ପାଇଁ ଅନିନ୍ଦିତକର୍ମ ଆଚରଣ କରି ଶରୀରକୁ ଅଯଥା କ୍ଲେଶ ନ ଦେଇ ଧନ ସଞ୍ଚୟ (ଧନ ଅର୍ଜ୍ଜନ) କରିବା ଉଚିତ ।।

୫. ଦଧି ହ୍ୟୈବାସ୍ୟ ଲୋକସ୍ୟ ରୂପମ୍ ।
ଘୃତମନ୍ତରିକ୍ଷସ୍ୟ । ମଧ୍ୱମୁଷ୍ୟ ।।
- ଶତପଥ ବ୍ରାହ୍ମଣ ।।

ଅର୍ଥ - ଏ ଲୋକର ସ୍ୱରୂପ ଦଧି ଅଟେ, ଅନ୍ତରୀକ୍ଷର ସ୍ୱରୂପ ଘୃତ ଅଟେ ତଥାଚ ଦ୍ୟୁଲୋକର ସ୍ୱରୂପ ମଧୁ ଅଟେ ।।

୬. ସ୍ୱାଦୂପାକରସଂ ସ୍ନିଗ୍ଧମୋଜସସ୍ୟ ଧାତୁବର୍ଦ୍ଧନମ୍ ।
ପ୍ରାୟଃ ପୟୋଽତ୍ର ଗବ୍ୟ ତୁ ଜୀବନୀୟଂ ରସାୟନମ୍ ।।
- ଅଷ୍ଟାଙ୍ଗହୃଦୟ ।।

ଅର୍ଥ - ଗୋ-ଦୁଗ୍ଧ ଜୀବନର ରସାୟନ ଅଟେ । ଏହା ସୁସ୍ୱାଦୁ, ସ୍ନିଗ୍ଧ, ବୀର୍ଯ୍ୟ ଏବଂ ଓଜର ବୃଦ୍ଧି କରିବାରେ ସହାୟକ ହୋଇଥାଏ ।।

========

ଦ୍ୱିତୀୟ ପାଠ

- ଆ ମ ର ପ୍ରା ଣ -

ନିଜକୁ ନିଜେ ଭଲଭାବରେ ଜାଣିବାକୁ ହେଲେ ନିଜ ଶରୀରକୁ ଜାଣିବା ଯେତିକି ଜରୁରୀ ନିଜ ପ୍ରାଣକୁ ମଧ୍ୟ ଜାଣିବା ସେତିକି ଜରୁରୀ । ସୁଷୁପ୍ତ ଅବସ୍ଥା ହେଉ ଅଥବା ଜାଗ୍ରତ ଅବସ୍ଥା, ଆମର ନିଃଶ୍ୱାସ ନିରନ୍ତର ଯା-ଆସ ଜରୁଥାଏ । ଏହି ନିଃଶ୍ୱାସ-ପ୍ରଶ୍ୱାସର ଯିବା-ଆସିବା-ପ୍ରକ୍ରିୟା ଉପରେ ଆମ ଜୀବନ ନିର୍ଭର କରେ । ଏହି ନିଃଶ୍ୱାସ-ପ୍ରଶ୍ୱାସର ଯିବା ଆସିବା ପ୍ରକ୍ରିୟା ଯଦି ବନ୍ଦ ହୋଇଯିବ, ତେବେ ଆମର ଜୀବନ ସମାପ୍ତ ହୋଇଯିବ । ପାଞ୍ଚ-ସାତ ଘଣ୍ଟା ଯଦି ଆମେ ଭୋଜନ ନ କରୁ ତେବେ ଆରାମରେ କଟିଯିବ, ଦୁଇ-ଚାରି ଦିନ ଯଦି ଆମକୁ ଖାଇବାକୁ ନ ମିଳିବ; ତେବେ ଅବଶ୍ୟ କଷ୍ଟ ହେବ, କିନ୍ତୁ ସେଥିରେ ଆମର ପ୍ରାଣସଂକଟ ଦଶା ଆସିବନି । ଆମ ଜୀବନ ତ' ବିନା ଭୋଜନରେ କେତେ ସପ୍ତାହ ପର୍ଯ୍ୟନ୍ତ ବି ରହିପାରିବ; କିନ୍ତୁ ନିଃଶ୍ୱାସ-ପ୍ରଶ୍ୱାସ ନ ନେଇ ୨-୪ ମିନିଟ୍ ତ ଦୂରର କଥା ୨-୪ କ୍ଷଣ ମଧ୍ୟ ଆମେ ବଞ୍ଚିପାରିବା ନାହିଁ । ଏଥିରୁ ଏକଥା ସ୍ପଷ୍ଟ ଜଣାପଡୁଛି ଯେ, ଅନ୍ନ ଅପେକ୍ଷା ଆମର ଅଧିକ ଜରୁରୀ ହେଉଛି ଶ୍ୱାସ (ପ୍ରାଣ) । ଅନ୍ନରୁ ଆମର ଶରୀର ନିର୍ମାଣ ହୁଏ ସତ, କିନ୍ତୁ ଏ ଶରୀରରେ ଯାହା ବି କିଛି ପ୍ରକ୍ରିୟା ହେଉଛି ସେସବୁ କେବଳ ପ୍ରାଣଦ୍ୱାରା ହିଁ ସମ୍ଭବ ହୋଇପାରୁଛି । ଏକଥା ସ୍ମରଣ କରାଇ ଦିଆ ଯାଇପାରେ ଯେ ସଂସାରର ଅନ୍ୟ ନାମ ' ଜଗତ୍' ଅଟେ ! ଜଗତ୍ ଶବ୍ଦର ଅର୍ଥ ହେଉଛି ନିରନ୍ତର ଗତିଶୀଳତା । ଯେହେତୁ କୌଣସି ଗତି ପ୍ରାଣ ବିନା ସମ୍ଭବ ନୁହେଁ; ତେଣୁ ପ୍ରାଣ ସମଗ୍ର ଜଗତରେ ପରିବ୍ୟାପ୍ତ ହୋଇରହିଛି ବୋଲି କୁହାଯାଏ । ଏଥିରେ ଏହା ଆଶଙ୍କା ହୋଇପାରେ ଯେ, ଜଗତରେ ତ' ବହୁତ ଜଡ଼ ପଦାର୍ଥ ସବୁ ରହିଛି; ତେବେ ସେଥିରେ ପ୍ରାଣ କେଉଁଠୁ ଆସିବ ? ତା'ର ଉତ୍ତରରେ ଏହା କୁହାଯାଇ ପାରେ ଯେ, ଆମେ ଯାହାକୁ ଜଡ ପଦାର୍ଥ ବୋଲି କହୁ, ସେଥିରେ ବି ଇଲେକ୍ଟ୍ରୋନ୍ (electron) ଅତ୍ୟନ୍ତ ତୀବ୍ର ବେଗରେ ଗତି କରୁଥାଏ । ଆଉ, କୌଣସି ଗତି ଉର୍ଜା ବିନା ସମ୍ଭବ ନୁହେଁ । ଏଣୁ ଏକଥା ମାନିବାକୁ ପଡିବ ଯେ, ଇଲେକ୍ଟ୍ରୋନ୍‌ର ଗତି ପଛରେ ଉର୍ଜା ଅବଶ୍ୟ ଥାଏ । ଏହି ଉର୍ଜା ହିଁ ପ୍ରାଣ ଅଟେ । ଏତିକି ଅବଶ୍ୟ ଭେଦ ରହିଛି

ଯେ, ଉର୍ଜା ଶବ୍ଦଦ୍ୱାରା ଆମେ ସାମାନ୍ୟତଃ ଅଚେତନ ପଦାର୍ଥର ଶକ୍ତିକୁ ବୁଝୁ କିନ୍ତୁ ପ୍ରାଣ ଶବ୍ଦ ସର୍ବଦା ସଚେତନ ପଦାର୍ଥ ସହିତ ଜଡିତ ଥାଏ । ବିଜ୍ଞାନ ପ୍ରଥମେ ଗଛପତ୍ରରେ ଚେତନା ଥିବା କଥା ମାନୁ ନ ଥିଲା । ଜଣେ ମହାନ୍ ଭାରତୀୟ ବୈଜ୍ଞାନିକ ସାର୍ ଜଗଦୀଶ ଚନ୍ଦ୍ର ବୋସ୍ ପରୀକ୍ଷା ଦ୍ୱାରା ଏହା ସିଦ୍ଧ କରିଥିଲେ ଯେ ଗଛ-ପତ୍ରରେ ମଧ୍ୟ ପ୍ରାଣ ଅର୍ଥାତ୍ ଚେତନା ରହିଛି । ଏ କଥା ଅବଶ୍ୟ ସତ ଯେ, ଏବେ ବି ଅଧିକାଂଶ ବୈଜ୍ଞାନିକ ପଥର ଇତ୍ୟାଦିରେ ଚେତନା ସ୍ୱୀକାର କରୁ ନାହାଁନ୍ତି । କିନ୍ତୁ ଆଧୁନିକ ବୈଜ୍ଞାନିକ ମାନଙ୍କ ମଧ୍ୟରୁ କେତେକ ବୈଜ୍ଞାନିକ ଏ କଥା ଅନୁଭବ କରିବାକୁ ଲାଗିଲେଣି ଯେ, ସଂସାରରେ ଜଡ଼ ପଦାର୍ଥ ବୋଲି କିଛି ନାହିଁ । ଉଦାହରଣତଃ ଡ଼ା. ଫ୍ରିଟ୍‌ଜୋଫ୍ କାପରା ନିଜର 'ଅନକମନ୍ ୱିସ୍‌ଡମ୍' ଗ୍ରନ୍ଥରେ ଲେଖିଛନ୍ତି ଯେ ପରମାଣୁର ଛୋଟ ଛୋଟ ଅଂଶଠାରୁ ଆରମ୍ଭ କରି ଆକାଶଗଙ୍ଗା ପର୍ଯ୍ୟନ୍ତ ତଥାତ ଛୋଟ ଛୋଟ ଜୀବାଣୁଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ଯେଉଁ ନୈସର୍ଗିକ ବ୍ୟବସ୍ଥା ଦେଖିବାକୁ ମିଳେ, ସେସବୁର କାରଣ ହେଉଛି ଏକ ସାର୍ବଭୌମ ମନ । ପୁଣି ସେ କହନ୍ତି ଯେ ଏକମାତ୍ର ଚେତନ ପଦାର୍ଥରୁ ହିଁ ସୃଷ୍ଟିର ବୈବିଧ୍ୟ ଉତ୍ପନ୍ନ ହେବା ପରି ଲାଗୁଛି । ଏ ବିଷୟ ଟିକିଏ ଜଟିଳ, ଯାହାକି ତୁମେମାନେ ବଡ ହେଲେ ଭଲ ଭାବରେ ବୁଝିପାରିବ । ବର୍ତ୍ତମାନ କେବଳ ଏତିକି ବୁଝିଲେ ଯଥେଷ୍ଟ ହେବ ଯେ, ଯାହା ବି କିଛି ଶରୀର ଅର୍ଥାତ୍ ସାକାର ପଦାର୍ଥ ଅଛି, ସେ ସବୁଠି ଗତି ଅର୍ଥାତ୍ ପ୍ରାଣ ରହିଛି; ଆଉ ମଧ୍ୟ ଯେଉଁଠି ଗତି ଅଛି ତା ପଛରେ ଅବଶ୍ୟ ଏକ ନୈସର୍ଗିକ ବ୍ୟବସ୍ଥା ରହିଛି ଅର୍ଥାତ୍ ମନର ଚିନ୍ତନ ନିହିତ ରହିଛି । ଏଣୁ ଏ ଦୃଷ୍ଟିରୁ ବିଚାର କଲେ କୌଣସି ବି ପଦାର୍ଥ ଜଡ଼ ନୁହେଁ ଯେଉଁଥିରେ ଚେତନା ଅଥବା ମନ ନାହିଁ । ପଥର ଇତ୍ୟାଦିକୁ ଆମେ ଜଡ଼ ଏଇଥିପାଇଁ କହିଥାଉଁ, ଯେହେତୁ ସେଥିରେ ଇନ୍ଦ୍ରିୟ ନ ଥାଏ; କିନ୍ତୁ ଚେତନା ତ ସବୁଠି ରହିଛି । ଏ ବିଷୟରେ ଆମେ ବିସ୍ତୃତ ଭାବରେ ଆଗାମୀ ପାଠରେ ମନ ଉପରେ ଚର୍ଚ୍ଚା କଲାବେଳେ ବିଚାର କରିବା ।

ଆମେ ପୂର୍ବ ପାଠରେ ଏ କଥା କହିଛୁଁ ଯେ, ଅନ୍ନରେ ପୃଥିବୀ, ଅନ୍ତରୀକ୍ଷ ଏବଂ ଦ୍ୟୁଲୋକର ଯୋଗଦାନ ରହିଛି; କିନ୍ତୁ ଏ କଥା ସ୍ପଷ୍ଟ ଭାବରେ ଦେଖିବାକୁ ମିଳେ ଯେ, ଅନ୍ନରେ ମୁଖ୍ୟ ଅଂଶ ଯେହେତୁ ସ୍ଥୂଳ ଅଟେ, ଯାହାକୁ ବେଦରେ 'ଦଧି' ବୋଲି କୁହାଯାଇଛି; ତାହା ପୃଥିବୀର ଅଂଶ ଅଟେ; ଏଣୁ ଅନ୍ନରେ ମୁଖ୍ୟ ଅଂଶ ପୃଥିବୀର ଅଟେ । କିନ୍ତୁ ପ୍ରାଣରେ ମୁଖ୍ୟ ଅଂଶ ବାୟୁ ଅଟେ । ବାୟୁ ଅନ୍ତରୀକ୍ଷରେ ରହେ ଏଣୁ ଯେତେବେଳେ ଅନ୍ନକୁ ପୃଥିବୀ ସହିତ ସମ୍ବନ୍ଧ ଅଟେ ବୋଲି କୁହାଯାଏ; ସେତେବେଳେ ପ୍ରାଣ ଅନ୍ତରୀକ୍ଷ ସହିତ ସମ୍ବନ୍ଧ ଅଟେ

ବୋଲି ମାନିବାକୁ ପଡ଼େ । ବାୟୁ କୁହ ଅଥବା ପ୍ରାଣ, ଉଭୟ ଗତିର କାରଣ ଅଟେ । ପ୍ରାଣ ଯୋଗୁଁ ହିଁ ଆମ ଶରୀର ଯେ କୌଣସି କର୍ମ କରିବାକୁ ସମର୍ଥ ହୋଇପାରେ ।

ପ୍ରାଣ ଆମ ଶୀରରରେ ତ ରହିଛି; କିନ୍ତୁ ଆମଶରୀର ବାହାରେ ମଧ୍ୟ ପ୍ରାଣ ସର୍ବତ୍ର ବ୍ୟାପ୍ତ ରହିଛି । ଆମ ଶରୀରରେ ଯେଉଁ ପ୍ରାଣ ରହିଛି, ତାକୁ ଅଧ୍ୟାତ୍ମ ପ୍ରାଣ କୁହାଯାଏ । ଆମ ଶରୀର ବାହାରେ ଯେଉଁ ପ୍ରାଣ ରହିଛି ତାକୁ ଅଧିଦୈବତ (ପ୍ରାଣ) କୁହାଯାଏ । ପ୍ରଥମ ପାଠରେ ଆମେ ' ଭୂର୍ଭୁବଃସ୍ୱଃ' ଅର୍ଥାତ୍ ପୃଥିବୀ, ଅନ୍ତରୀକ୍ଷ ଏବଂ ଦ୍ୟୁଲୋକ ବିଷୟରେ ଚର୍ଚ୍ଚା କରିଛୁ । ଆମେ ଏକଥା ମଧ୍ୟ କହିଛୁ ଯେ, ଏହି ତିନି-ଲୋକର ସମ୍ବନ୍ଧ କ୍ରମଶଃ ବସୁ, ରୁଦ୍ର ଏବଂ ଆଦିତ୍ୟ - ଏହି ତିନି ଦେବତାଙ୍କ ସହିତ ରହିଛି । ଏହି ତିନି ଦେବତାଙ୍କ ଅନ୍ୟ ନାମ ହେଉଛି - ଅଗ୍ନି, ବାୟୁ ଏବଂ ଆଦିତ୍ୟ । ଏହି ତିନି ଦେବତାଙ୍କ ସମ୍ବନ୍ଧ ଯୋଗୁଁ ଆମ ଶରୀରସ୍ଥ ପ୍ରାଣ ମଧ୍ୟ ତିନି ଭାଗରେ ବିଭକ୍ତ ଅଟେ । ଯେଉଁ ପ୍ରାଣ ଅଗ୍ନି ସହିତ ସମ୍ବନ୍ଧ ରଖେ ତାକୁ **'ପ୍ରାଣ'** କୁହାଯାଏ, ବାୟୁ ସହିତ ସମ୍ବନ୍ଧ ରଖିଥିବା ପ୍ରାଣକୁ **'ଅପାନ'** କୁହାଯାଏ, ଏବଂ ଆଦିତ୍ୟ ସହିତ ସମ୍ବନ୍ଧ ରଖିଥିବା ପ୍ରାଣକୁ **'ବ୍ୟାନ'** କୁହାଯାଏ । ଏଥି ମଧ୍ୟରୁ ପାର୍ଥିବ 'ପ୍ରାଣ' ଓ ବାୟବ୍ୟ 'ଅପାନ' ଉଭୟ ଗତି-ଶୀଳ ଅଟନ୍ତି; କିନ୍ତୁ ଦୌର 'ବ୍ୟାନ' ନାମକ ପ୍ରାଣ ସ୍ଥିର ଅଟେ । ଏହା ଅଭ୍ୟଶ ଠିକ୍ ଯେ, ପୃଥିବୀ ଏବଂ ବାୟୁ ସର୍ବଦା ଚଳାୟମାନ ଅଟନ୍ତି (କିନ୍ତୁ) ପୂର୍ଯ୍ୟ ଅପେକ୍ଷାକୃତ ସ୍ଥିର ଅଟେ; (ପୂର୍ଯ୍ୟ କେବଳ ସ୍ୱ କକ୍ଷରେ ଗତିଶୀଳ ଅଟେ; ଯାହା କି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ କରେ ନାହିଁ) । ଯଦି ଆମେ ଆମ ଶ୍ୱାସ ଉପରେ ଧ୍ୟାନ ଦେବୁଁ, ତେବେ ପ୍ରାଣର ଏହି ତିନୋଟି ସ୍ଥିତି ବିଷୟ ନିଜେ ଅନୁଭବ କରି ପାରିବୁ ଯେ ଶ୍ୱାସ କିପରି ନାଭି ପର୍ଯ୍ୟନ୍ତ ଆସୁଛି ଏବଂ ପୁଣି ନାଭି-ଠାରୁ ପ୍ରତ୍ୟାବର୍ତ୍ତନ କରି ବାହାରକୁ ନିର୍ଗତ ହେଉଛି । ଯେହେତୁ ପ୍ରାଣ ହିଁ ଆମ ଶୀରରର ସମସ୍ତ କ୍ରିୟାକୁ ନିୟନ୍ତ୍ରଣ କରେ; ତେଣୁ ଯିଏ ପ୍ରାଣ ଉପରେ ନିୟନ୍ତ୍ରଣ କରିପାରେ ସେ ସମସ୍ତ କ୍ରିୟାକୁ ନିୟନ୍ତ୍ରଣ କରିପାରିବ । ଏଇଥି ପାଇଁ ଯୋଗଶାସ୍ତ୍ରରେ ପ୍ରାଣାୟାମକୁ ବିଶେଷ ମହତ୍ୱ ଦିଆ ଯାଇଛି । ପ୍ରାଣାୟାମ କ୍ରିୟା କୌଣସି ବିଶେଷଜ୍ଞ ଗୁରୁଙ୍କ ସାନ୍ନିଧ୍ୟରେ ରହି ଅଭ୍ୟାସ କରିବା ଉଚିତ । ଯେତେଦିନ ଯାଏ ପ୍ରାଣାୟାମ ପ୍ରକ୍ରିୟା ଶିଖିବାର ଅବସର ନ ମିଳିଛି; ସେତେଦିନ ଯାଏ ଖୋଲା ଯାଗାରେ ଗଭୀର ନିଶ୍ୱାସ-ପ୍ରଶ୍ୱାସ ନେବାରେ ଅଭ୍ୟାସ ସକାଳେ ଏବଂ ସଂଧ୍ୟାବେଳେ କରାଯାଇପାରେ । ତାହା ଦ୍ୱାରା ସଂପୂର୍ଣ୍ଣ ଶରୀର ଶୁଦ୍ଧ ହୋଇଯାଏ ଏବଂ ମନୁଷ୍ୟ ଅନେକ ରୋଗରୁ ନିସ୍ତାର ପାଇଥାଏ ।

ଉପନିଷଦରେ ଗୋଟିଏ କାହାଣୀ ମାଧ୍ୟମରେ ପ୍ରାଣର ମହତ୍ୱ ବର୍ଣ୍ଣନା କରାଯାଇଛି । ଇନ୍ଦ୍ରିୟମାନଙ୍କ ମଧ୍ୟରେ ଥରେ ଏ ବିଷୟରେ ଝଗଡା ହେଲା ଯେ କେଉଁ ଇନ୍ଦ୍ରିୟ ସର୍ବାଧିକ ମହତ୍ୱପୂର୍ଣ୍ଣ ଅଟେ? ଆଖି କହିଲା କି 'ମୁଁ ସବୁଠାରୁ ଅଧିକ ମହତ୍ୱପୂର୍ଣ୍ଣ ଅଟେ' । ନିଜର ମହାନତା ସିଦ୍ଧ କରିବା ପାଇଁ ଆଖି ଜଣେ ପୁରୁଷର ଶରୀର ଛାଡି ଚାଲିଗଲା । ଗୋଟିଏ ବର୍ଷ ପରେ ଫେରି ଆସି ଆଖି ପୁରୁଷକୁ ପଚାରିଲା କି, 'ମୋ ବିନା ତୁମେ କେମିତି ବଞ୍ଚିଲ'? ପୁରୁଷ କହିଲା କି ମୁଁ ଗୋଟିଏ ବର୍ଷ ସେମିତି ବଞ୍ଚିଲି ଯେମିତି କି ଅନ୍ଧମାନେ ପୁରା ଜୀବନ ନିର୍ବାହ କରନ୍ତି । ମୋତେ ଖାସ୍ ସେମିତି କିଛି ଅସୁବିଧା ହୋଇନି । ଏ କଥା ଶୁଣି ଆଖି ଲଜ୍ଜିତ ହେଲା ଏବଂ ତୁରନ୍ତ ପୁରୁଷର ଶରୀରରେ ପ୍ରବେଶ କଲା । ତାପରେ ଶ୍ରବଣେନ୍ଦ୍ରିୟ (କାନ) ମଧ ନିଜର ମହାନତା ସିଦ୍ଧ କରିବା ପାଇଁ ସେହି ପୁରୁଷର ଶରୀର ଛାଡି ଚାଲିଗଲା । ଗୋଟିଏ ବର୍ଷ ପରେ ଫେରି ଆସି ପୁରୁଷକୁ ପଚାରିଲା କି, 'ମୋ ବିନା ତୁମେ କେମିତି ବଞ୍ଚିଲ'? ପୁରୁଷ କହିଲା କି ମୁଁ ଗୋଟିଏ ବର୍ଷ ସେମିତି ବଞ୍ଚିଲି ଯେମିତି କି ବଧିରମାନେ ପୁରା ଜୀବନ ନିର୍ବାହ କରନ୍ତି । ମୋତେ ଖାସ୍ ସେମିତି କିଛି ଅସୁବିଧା ହୋଇନି । ଏ କଥା ଶୁଣି କାନ ଲଜ୍ଜିତ ହେଲା ଏବଂ ତୁରନ୍ତ ପୁରୁଷର ଶରୀରରେ ପ୍ରବେଶ କଲା । ଏହାପରେ ଯେତେବେଳେ ପ୍ରାଣର ବାରି ଆସିଲା ଏବଂ ସେ ଶରୀର ଛାଡିବାର ଉପକ୍ରମ କଲା; ସେତେବେଳେ ସବୁ ଇନ୍ଦ୍ରୟମାନେ କମ୍ପିବାକୁ ଲାଗିଲେ । ସମସ୍ତଙ୍କ ନିଜ ନିଜର ଅସ୍ତିତ୍ୱ ଲୋପ ପାଇବାକୁ ଲାଗିଲା । ସମସ୍ତେ ପ୍ରାଣକୁ ପ୍ରାର୍ଥନା କଲେ କି ସେ ଯେମିତି ଶରୀର ପରିତ୍ୟାଗ ନ କରୁ । କାରଣ ପ୍ରାଣ ବିନା ସେମାନଙ୍କ ମଧ୍ୟରୁ କେହି ହେଲେ ବି ଜୀବିତ ରହି ପାରିବେ ନାହିଁ । ଏ କାହାଣୀରୁ ପ୍ରାଣର ମହାନତା ସିଦ୍ଧ ହେଉଛି ।

ଶରୀରରେ ପ୍ରାଣର ସ୍ୱରୂପ ଜାଣିବା ପରେ ସଂକ୍ଷେପରେ ବିଶ୍ୱପ୍ରାଣର ସ୍ୱରୂପ ମଧ୍ୟ ଜାଣିବା ଉଚିତ ହେବ । ତୁମେମାନେ ଋଷି, ଅସୁର, ରାକ୍ଷସ, ଗନ୍ଧର୍ବ, ଦେବ - ଇତ୍ୟାଦି ଶବ୍ଦମାନ ଅବଶ୍ୟ ଶୁଣିଥିବ । ଏସବୁ ଶବ୍ଦର ସମ୍ବନ୍ଧ ପ୍ରାଣ ସହିତ ରହିଛି; ଅର୍ଥାତ୍ ପ୍ରାଣର ହିଁ ବିଭିନ୍ନ କୋଟିର ନାମ ଋଷି, ଅସୁର, ରାକ୍ଷସ, ଗନ୍ଧର୍ବ ଏବଂ ଦେବ ଏଟେ । ଋଷି ସେହି ପ୍ରାଣର ନାମ ଅଟେ ଯାହାକି ସ୍ୱୟମ୍ଭୂରେ ରହେ । ପ୍ରଥମ ପାଠରେ ଆମେ ଚାରିଲୋକ ବିଷୟରେ ଚର୍ଚ୍ଚା କରିଛୁ - ପୃଥିବୀ, ଅନ୍ତରୀକ୍ଷ, ଦ୍ୟୁଲୋକ ଏବଂ ପରମେଷ୍ଠୀଲୋକ । ଏହି ପରମେଷ୍ଠୀଲୋକଠାରୁ ଉର୍ଦ୍ଧ୍ୱରେ ସ୍ୱୟମ୍ଭୂଲୋକ ବିଦ୍ୟମାନ ଅଟେ । ଯେପରି ଚନ୍ଦ୍ରମା ପୃଥିବୀର ଏବଂ ପୃଥିବୀ

ସୂର୍ଯ୍ୟର ପରିକ୍ରମା କରୁଛି ଠିକ୍ ସେହିପରି ସୂର୍ଯ୍ୟ ପରମେଷ୍ଠୀଲୋକର ଏବଂ ପରମେଷ୍ଠୀଲୋକ ସ୍ୱୟମ୍ଭୂଲୋକର ପରିକ୍ରମା କରୁଛି । ବେଦବିଜ୍ଞାନ ଦୃଷ୍ଟିରୁ ସୃଷ୍ଟିର ବିକାସ ପାଞ୍ଚଟି ପର୍ବରେ ସଂପନ୍ନ ହୋଇଛି, ଏବଂ ପ୍ରତ୍ୟେକ ପର୍ବରେ ପ୍ରାଣର ଭୂମିକା ମହତ୍ୱପୂର୍ଣ୍ଣ ଅଟେ । ସୃଷ୍ଟିର ପ୍ରଥମ ପର୍ବରେ ସ୍ୱୟମ୍ଭୂଲୋକରେ ବିଦ୍ୟମାନ ଥିବା ଉର୍ଜ୍ଜାକୁ ଋଷିପ୍ରାଣ କୁହାଯାଏ । ସୃଷ୍ଟିର ଦ୍ୱିତୀୟ ପର୍ବରେ ପରମେଷ୍ଠୀଲୋକରେ ତିନୋଟି ପ୍ରାଣର ବିକାସ ହୁଏ - ଜଳପ୍ରଧାନ **ଅସୁରପ୍ରାଣ**, ବାୟୁପ୍ରଧାନ **ରାକ୍ଷସପ୍ରାଣ** ଏବଂ ସୋମପ୍ରଧାନ **ପିତୃପ୍ରାଣ** । ତୃତୀୟ ପର୍ବରେ ସୂର୍ଯ୍ୟରେ ବିଦ୍ୟମାନ ପ୍ରାଣକୁ **ଦେବପ୍ରାଣ** କୁହାଯାଏ । ଚତୁର୍ଥ ପର୍ବରେ ଚନ୍ଦ୍ରମାରେ ବିଦ୍ୟମାନ ପ୍ରାଣକୁ **ଗନ୍ଧର୍ବପ୍ରାଣ** କୁହାଯାଏ । ଏହାପରେ ଅନ୍ତିମ ଏବଂ ପଞ୍ଚମ ପର୍ବରେ ପୃଥିବୀରେ ବିଦ୍ୟମାନ ପ୍ରାଣକୁ **ଆଗ୍ନେୟପ୍ରାଣ** କୁହାଯାଏ । ଏହି ପ୍ରାଣମାନଙ୍କର ସ୍ୱରୂପ ବିଷୟରେ ଏବେ ଏତିକି ବୁଝିନେବା ଯଥେଷ୍ଟ ହେବ ଯେ ବ୍ରହ୍ମାଣ୍ଡର ଭିନ୍ନ ଭିନ୍ନ ଭାଗରେ ବିଦ୍ୟମାନ ଉର୍ଜ୍ଜାର ଏହା ଭିନ୍ନ ଭିନ୍ନ ନାମ ମାତ୍ର ଅଟେ । ଉର୍ଜ୍ଜାର ଏହି ଭିନ୍ନ ଭିନ୍ନ ସ୍ୱରୂପକୁ ହିଁ ଅସୁର, ରାକ୍ଷସ, ଦେବ, ଗନ୍ଧର୍ବ ଆଦି ନାମ ଦ୍ୱାରା ଅଭିବ୍ୟକ୍ତି କରାଯାଏ । ଉର୍ଜ୍ଜାର ଏହି ଭିନ୍ନ ଭିନ୍ନ ସ୍ୱରୂପ ହିଁ ସୃଷ୍ଟିର ଭିନ୍ନ ଭିନ୍ନ ଅଙ୍ଗରେ ବିବିଧତା ଉତ୍ପନ୍ନ କରେ । ଉଦାହରଣତଃ ଋଷିପ୍ରାଣର କାମ ଗତି ଉତ୍ପନ୍ନ କରିବା । ଅସୁରପ୍ରାଣର କାମ ଅନ୍ଧକାର ଉତ୍ପନ୍ନ କରିବା ଏବଂ ଦେବପ୍ରାଣର କାମ ପ୍ରକାଶ ଉତ୍ପନ୍ନ କରିବା । ସୌମ୍ୟପ୍ରାଣ ଆର୍ଦ୍ର ଅଟେ ଏବଂ ଆଗ୍ନେୟ ପ୍ରାଣ ଶୁଷ୍କ ଅଟେ । ଆଗ୍ନେୟ ପ୍ରାଣର ଶୁଷ୍କତା ସୌମ୍ୟପ୍ରାଣର ଆର୍ଦ୍ରତାକୁ ଆତ୍ମସାତ୍ କରୁଛି । ଏହାକୁ ହିଁ ଅଗ୍ନିରେ ସୋମର ଆହୂତି ବୋଲି କୁହାଯାଏ । ଏହାହିଁ ସୃଷ୍ଟିରେ ନିତ୍ୟପ୍ରବୃତ୍ତ ଯଜ୍ଞ ଅଟେ । ଏ ବିଷୟରେ ବିସ୍ତୃତଭାବରେ ଆମେ ଯଜ୍ଞ ସମ୍ବନ୍ଧୀ ପାଠରେ ଆଲୋଚନା କରିବୁ ।

ବେଦ ଭୂତ ଅପେକ୍ଷା ପ୍ରାଣ ଉପରେ ଅଧିକ ଗୁରୁତ୍ୱ ଦିଏ । କାରଣ ପ୍ରାଣ ଭୂତଠାରୁ ଅଧିକ ସୁକ୍ଷ୍ମ ଅଟେ । ସମସ୍ତେ ଦେବତାମାନେ ପ୍ରାଣସ୍ୱରୂପ ଅଟନ୍ତି । ବେଦରେ ବିଭିନ୍ନ ଦେବତାମାନଙ୍କ ଯେଉଁ ସ୍ତୁତି ଦେଖିବାକୁ ମିଳେ ବସ୍ତୁତଃ ସେ ସବୁ ପ୍ରାଣର ହିଁ ସ୍ତୁତି ଅଟେ ।

ସେହି ପ୍ରାଣ ବସ୍ତୁତଃ ଏକ ଅଟେ । ଏଣୁ ଏକମାତ୍ର ଦେବତା ସୃଷ୍ଟିରେ ବିଦ୍ୟମାନ ବୋଲି କୁହାଯାଏ । କିନ୍ତୁ ଭିନ୍ନ ଭିନ୍ନ କର୍ମ ଅନୁଷ୍ଠାନ କରୁଥିବା ଯୋଗୁଁ ସେହି ଏକମାତ୍ର ଦେବତା ଅନେକ ନାମରେ ଆହୂତ ହୁଅନ୍ତି; ଯେପରି ଜଣେ ପୁରୁଷ ଭିନ୍ନ ଭିନ୍ନ ଦୃଷ୍ଟିରୁ ପୁତ୍ର ସମ୍ବନ୍ଧରେ ପିତା, ଛାତ୍ର ସମ୍ବନ୍ଧରେ ଅଧ୍ୟାପକ ଏବଂ ରାଷ୍ଟ୍ର ସମ୍ବନ୍ଧରେ ଭାରତୀୟ ବୋଲି ସଂଜ୍ଞା ଧାରଣ କରେ ଠିକ୍ ସେହିପରି ଗୋଟିଏ ଦେବତାର ଅନେକ ନାମ ବେଦରେ ବର୍ଣ୍ଣିତ ହୋଇଛି ।

ଏହି ପାଠରେ ଆମେ ପ୍ରାଣର ଦୁଇଟି ଭେଦ ବିଷୟରେ ବିବରଣ ଦେଇଁ. ଗୋଟିଏ

ହେଲା ଶରୀରରେ ବିଦ୍ୟମାନ ପ୍ରାଣ ଏବଂ ଅନ୍ୟଟି ବିଶ୍ୱରେ; ତଥାଚ ଉଭୟ ପ୍ରାଣ ମଧ୍ୟରେ ପରସ୍ପର ଗଭୀର ସମ୍ବନ୍ଧ ବିଦ୍ୟମାନ ରହିଛି । ଯେପରି ଆମେ ପ୍ରଥମ ପାଠରେ ଶରୀରର ସମ୍ବନ୍ଧ ଅନ୍ନ ସହିତ ଜଡ଼ିତ ବୋଲି କହିଥିଲୁ ଠିକ୍ ସେହିପରି ଏ ପାଠରେ ପ୍ରାଣମାଧ୍ୟମରେ ଆମର ସମ୍ବନ୍ଧ ବିଶ୍ୱ ସହିତ ଜଡ଼ିତ ଅଟେ ବୋଲି ବୁଝିବା ଉଚିତ । ପ୍ରାଣର ବିଷୟ ବହୁତ ଗଭୀର, ସୂକ୍ଷ୍ମ ଏବଂ ବିଶାଳ ଅଟେ । ପ୍ରାଣ ସମ୍ବନ୍ଧରେ ଏହି ସ୍ଥୂଳ ରୂପରେଖା ଆମେ ଏଇଠି ସମାପ୍ତ କରୁଛୁ । ଆଗାମୀ ପାଠରେ ଆମେ ମନ ବିଷୟରେ ଚର୍ଚ୍ଚା କରିବୁ ।।

ପ୍ରଶ୍ନ

୧. ପ୍ରାଣର କାର୍ଯ୍ୟ କ'ଣ ?

୨. କ'ଣ ଗଛ-ପତ୍ର ଓ ପଥରରେ ବି ପ୍ରାଣ ଅଛି ?

୩. ପ୍ରାଣର ଦେବତାଙ୍କ ସହିତ କ'ଣ ସମ୍ବନ୍ଧ ଅଛି ?

୪. ପ୍ରାଣ କାହିଁକି ମହତ୍ୱପୂର୍ଣ୍ଣ ଅଟେ ?

୫. ଋଷି, ଅସୁର, ରାକ୍ଷସ, ପିତୃ, ଦେବ - ଏ ଶବ୍ଦ ମାନଙ୍କରୁ ତୁମେ କ'ଣ ବୁଝ ?

ସ୍ମ ର ଣୀ ୟ ଉ ଦ୍ଧ ର ଣ

୧. **ପ୍ରାଣସ୍ୟେଦଂ ବଶେ ସର୍ବଂ ତ୍ରିଦିବେ ଯତ୍ ପ୍ରତିଷ୍ଠିତମ୍ ।**

-ପ୍ରଶ୍ନୋପନିଷଦ୍ ।।

ଅର୍ଥ- ଯାହା କିଛି ଏ ତିନିଲୋକରେ ବିଦ୍ୟମାନ ଅଟେ ସେ ସବୁକିଛି ପ୍ରାଣର ହିଁ ବଶ ବର୍ତ୍ତୀ ଅଟେ ।

୨. **ଅଧ୍ୟାତ୍ମ ଚୈବ ପ୍ରାଣସ୍ୟ ବିଜ୍ଞାୟାମୃତମଶ୍ନୁତେ ।**

-ପ୍ରଶ୍ନୋପନିଷଦ୍ ।।

ଅର୍ଥ- ଅଧ୍ୟାତ୍ମ ପ୍ରାଣକୁ ଜାଣି ବ୍ୟକ୍ତି ଅମୃତତ୍ୱକୁ ପ୍ରାପ୍ତ କରି ନିଏ ।

୩. **ତତଃ କ୍ଷୀୟତେ ପ୍ରକାଶାବରଣମ୍ ।**

-ପାତଞ୍ଜଳଯୋଗସୂତ୍ର ।

ଅର୍ଥ- ପ୍ରାଣାୟାମ ଦ୍ୱାରା ବିବେକଜ୍ଞାନର ଆବରଣ ଦୂରୀଭୂତ ହୋଇଯାଏ ।

୪· ପ୍ରାଣା ଋଷୟଃ । - ଶତପଥବ୍ରାହ୍ମଣ ।

ଅର୍ଥ - ଋଷି ପ୍ରାଣ ଅଟେ ।

୫· କତମୈକା ଦେବତା ଇତି, ପ୍ରାଣ ଇତି ।

-ଜୈମିନୀୟବ୍ରାହ୍ମଣ ।।

ଅର୍ଥ- ଏକମାତ୍ର ଦେବତା କିଏ ? ପ୍ରାଣ ।।

==========

ତୃତୀୟ ପାଠ

- ଆ ମ ର ମ ନ -

ପିଲାମାନେ! ପୂର୍ବପାଠରେ ପ୍ରାଣ ବିଷୟରେ ତୁମମାନଙ୍କୁ ଯାହା ବି କୁହାଗଲା, ସମ୍ଭବତଃ ସେ ସବୁ କଥା ତୁମେ ଭଲ ଭାବରେ ବୁଝି ପାରି ନ ଥିବ; କିନ୍ତୁ ମୋଟାମୋଟି ଏତିକି ଅବଶ୍ୟ ବୁଝିଥିବ ଯେ, ଯେଉଁଠି କୌଣସି ନା କୌଣସି କ୍ରିୟା ହେଉଛି ସେଠି ଅବଶ୍ୟ ପ୍ରାଣ ରହିଛି । କାରଣ ପ୍ରାଣ ବିନା କୌଣସି କ୍ରିୟା ହେବା ସମ୍ଭବ ନୁହେଁ । ଏବେ ପ୍ରଶ୍ନ ଉଠିପାରେ ଯେ, ଯେଉଁ କ୍ରିୟା ଆମେ ଦେଖୁଛୁ, ସେ କ୍ରିୟା ସବୁ ବ୍ୟବସ୍ଥିତ ଅଟେ ନା ଅବ୍ୟବସ୍ଥିତ? ସାମାନ୍ୟତଃ ଆମେ ଏହା ଦେଖୁଥାଉଁ ଯେ, ଯେଉଁ କ୍ରିୟା ଆମେ କରୁ ସେ ସବୁ ବ୍ୟବସ୍ଥିତ ଅଟେ ଏବଂ ଯେଉଁ କ୍ରିୟା ଜଡ଼ ପଦାର୍ଥରେ ଦେଖିବାକୁ ମିଳେ ସେ ସବୁ ଅବ୍ୟବସ୍ଥିତ ଅଟେ । କିନ୍ତୁ ବିଚାର କଲେ ଏ କଥା ସ୍ପଷ୍ଟ ହୋଇଯିବ ଯେ, ଜଡ଼ ପଦାର୍ଥରେ ଦେଖାଯାଉଥିବା କ୍ରିୟା ମଧ୍ୟ ବ୍ୟବସ୍ଥିତ ଅଟେ । ଉଦାହରଣତଃ ସୂର୍ଯ୍ୟର ଚତୁର୍ପାର୍ଶ୍ୱରେ ପୃଥିବୀ ପରିକ୍ରମା କରୁଥିବା ବିଷୟ ପ୍ରତି ଅନୁଧ୍ୟାନ କଲେ ଏ କଥା ସ୍ପଷ୍ଟ ହୋଇଯିବ ଯେ ପୃଥିବୀ ନିଜର ହିଁ କକ୍ଷରେ ଭ୍ରମଣ କରେ ଏବଂ ଏକ ନିଶ୍ଚିତ ଗତିରେ ଘୂର୍ଣ୍ଣାୟମାନ ହୁଏ । ଆମେ ନିଜ ନିଜର କ୍ରିୟାରେ ମଧ୍ୟ ଯେତେବେଳେ କୌଣସି ବ୍ୟବସ୍ଥା ବନାଉଁ ସେତେବେଳେ କୌଣସି ଏକ ବିଶେଷ ଉଦ୍ଦେଶ୍ୟରେ ସେ ସବୁ ବ୍ୟବସ୍ଥା ବନାଇଥାଉଁ । ସେ ସବୁ ଉଦ୍ଦେଶ୍ୟରେ କଳ୍ପନା କେବଳ ସଚେତନ ହିଁ କରିବାରେ ସମର୍ଥ ହୋଇଥାଏ; କାରଣ, ଆମେ କୌଣସି ଲକ୍ଷ୍ୟ ଇଚ୍ଛାଦ୍ୱାରା ହିଁ ନିର୍ଦ୍ଧାରିତ କରୁ ଏବଂ ସେ ଇଚ୍ଛା କେବଳ ସଚେତନର ମନରେ ହିଁ ସମ୍ଭବ ହୋଇଥାଏ ।

ବୈଜ୍ଞାନିକମାନେ ଏ ବିଶ୍ୱରେ ଅଥବା ଛୋଟ ଛୋଟ ପରମାଣୁ ମଧ୍ୟରେ ଯେଉଁ ବ୍ୟବସ୍ଥା ଦେଖନ୍ତି ସେ ସବୁ ବ୍ୟବସ୍ଥା ମୂଳରେ ପ୍ରକୃତିର କିଛି ନା କିଛି ବିଶେଷ ନିୟମକୁ ସ୍ୱୀକାର କରନ୍ତି; କିନ୍ତୁ ଏଠାରେ ପ୍ରଶ୍ନ ଉଠିପାରେ ଯେ, ପ୍ରକୃତିରେ ବି ଏ ସବୁ ନିୟମମାନ କାହିଁକି ଏବଂ କିପରି ଉତ୍ପନ୍ନ ହେଲା? କ'ଣ ଜଡ଼ ପ୍ରକୃତିରେ ମଧ୍ୟ ଏପରି ନିୟମମାନ ବନିବା ସମ୍ଭବ ଥିଲା ଯେ, ସେ ସବୁ ନିୟମକୁ ଅବଲମ୍ବନ କରି ପ୍ରକୃତି ସମଗ୍ର କ୍ରୀୟାକଳାପ ଏତେ

ବ୍ୟବସ୍ଥିତ ଢଙ୍ଗରେ ସଂଚାଳିତ କରିପାରିବ ଯାହାଦ୍ୱାରା ଆମର ଜୀବନ ପୂର୍ଣ୍ଣତଃ ସୁରକ୍ଷିତ ରହିବ ଏବଂ ଆମର ସମସ୍ତ ଆବଶ୍ୟକତା ପୂର୍ଣ୍ଣ ହେଇଥିବ? ଯିଏ ବି ଏ ବିଷୟରେ ଟିକିଏ ଚିନ୍ତା କରିଛି; ସେ ବୈଦିକ ଋଷି ହେଉ ଅଥବା ଆଧୁନିକ ବୈଜ୍ଞାନିକ; ଏ ପ୍ରକାର ନିଷ୍କର୍ଷରେ ସେ ଅବଶ୍ୟ ଉପନୀତ ହୋଇଛି ଯେ, କୌଣସି ଏକ ଚେତନା ରହିଛି ଯାହାକି ସମଗ୍ର ପ୍ରକୃତିର ଏ ସବୁ ଗତିବିଧିକୁ ବ୍ୟବସ୍ଥିତ ରୂପରେ ସଂଚାଳିତ କରୁଛି । ବେଦରେ ସେହି ଚେତନାକୁ ମନ କୁହାଯାଇଛି । ଆମ ସମସ୍ତଙ୍କର କିଛି ନା କିଛି ବିଷୟରେ ଇଚ୍ଛା ବଳବତୀ ହୋଇଥାଏ । ତା'ର ପୂର୍ତ୍ତି ପାଇଁ ଆମେ କ୍ରିୟା କରୁଁ ଆଉ ଯଦି ଆମର ଶରୀର ସକ୍ଷମ ଥାଏ ତେବେ ଆମେ ଆମର କ୍ରିୟାଦ୍ୱାରା ଆମ ଇଚ୍ଛାକୁ ପୂର୍ଣ୍ଣ କରିବାରେ ସଫଳ ମଧ୍ୟ ହୋଇପାରୁଁ । ଏସବୁ ଇଚ୍ଛା କରିବାର କାମ ହେଉଛି ମନର ।

ବେଦରେ ମନର ଉତ୍ପତ୍ତି ପ୍ରକ୍ରିୟା ବିଷୟରେ ମଧ୍ୟ କୁହାଯାଇଛି । ତୁମେ ଟିକିଏ ଧ୍ୟାନ ଦେଇ ଯଦି ବିଚାର କରିବ ତେବେ ବୁଝିପାରିବ ଯେ, ଜ୍ଞାନର କୌଣସି ଅନ୍ତ ନାହିଁ; କିନ୍ତୁ ସମସ୍ତ କର୍ମ ସାନ୍ତ (ସୀମିତ) ଅଟେ । ବିଶୁଦ୍ଧରୂପରେ ଜ୍ଞାନ ଅନନ୍ତ ଅଟେ । ଆଉ ଅନନ୍ତ ପଦାର୍ଥର କୌଣସି ଇଚ୍ଛା ହେବାର ପ୍ରଶ୍ନ ଉଠେନା । କିନ୍ତୁ ସମସ୍ତ କର୍ମ ସାନ୍ତ ଅଟେ ଏଣୁ ଯେତେବେଳେ ଜ୍ଞାନ ସହିତ କର୍ମ ଜଡ଼ିତ ହୋଇଥାଏ ସେତେବେଳେ ତାର ଗୋଟିଏ ସୀମା ନିୟତ ହୋଇଯାଏ । ତୁମେମାନେ ମାୟା ଶବ୍ଦ ଶୁଣିଥିବ । ସୀମାର ଅନ୍ୟ ନାମ ମାୟା ଅଟେ । ବେଶ୍, ଯେଉଁଠି ସୀମା ନିୟତ ହୋଇଯାଏ ସେଇଠି ଇଚ୍ଛାର ପ୍ରାରମ୍ଭ ହୁଏ; କାରଣ ସୀମିତ କେବେହେଲେଁ ହେଁ ସନ୍ତୁଷ୍ଟ ରହେ ନା । ଯେଉଁଠି ଇଚ୍ଛା ଅଛି ସେଇଠି ମନ ଅଛି । ଏହି ମନ ହିଁ ସୃଷ୍ଟିର କାରଣ ଅଟେ । ସୃଷ୍ଟିର କାରଣୀଭୂତ ଏହି ମନକୁ ଶ୍ରୋବସୀୟସ୍ ମନ କୁହାଯାଏ ; ଯାହା କି ଏକ ପାରିଭାଷିକ ଶବ୍ଦ ଅଟେ । ଆଜିକାଲିର ବିଚାରକ ମାନେ ଏହାକୁ ସାର୍ବଭୌମ ମନ କହୁଛନ୍ତି । ବେଦରେ ଏହି ମନକୁ ପ୍ରଜାପତି କୁହାଯାଇଛି; କାରଣ ଏହି ମନଠାରୁ ହିଁ ସୃଷ୍ଟି ରଚନାର ପ୍ରାରମ୍ଭ ହୋଇଛି । ଯେହେତୁ ସୃଷ୍ଟି ରଚନାର ପ୍ରାରମ୍ଭ ମନଠାରୁ ହୋଇଛି ଏଣୁ ମନ ସବୁ ପଦାର୍ଥରେ ବ୍ୟାପ୍ତ ହୋଇଛି । ସୃଷ୍ଟିରେ ସବୁ ପଦାର୍ଥରେ ମନ ପରିବ୍ୟାପ୍ତ ଥିଲେ ହେଁ, ମନୁଷ୍ୟଠାରେ ମନର ଅସ୍ତିତ୍ୱ ସର୍ବୋତ୍କୃଷ୍ଟ ରୂପରେ ପ୍ରକାଶମାନ ଅଟେ; ଏଣୁ ମନୁଷ୍ୟକୁ ମନୁଷ୍ୟ ଅଥବା ମାନବ କୁହାଯାଏ ।

ଆମେ ଉପରେ ଯେଉଁ ସାର୍ବଭୌମ ମନ ବିଷୟରେ ଚର୍ଚ୍ଚା କଲୁଁ ତାହାର ଇଚ୍ଛା ହିଁ ସୃଷ୍ଟିର ପ୍ରାରମ୍ଭ ବିନ୍ଦୁ ଅଟେ । ସୃଷ୍ଟିରେ ସମସ୍ତ କ୍ରୀୟାକଳାପରେ ବ୍ୟବସ୍ଥାର କାରଣ ଏହି ସାର୍ବଭୌମ ମନ ହିଁ ଅଟେ । ଏହି ମନକୁ ଈଶ୍ୱରଙ୍କର ମନ ବୋଲି ମଧ୍ୟ କୁହାଯାଇଥାଏ । କିନ୍ତୁ

ଈଶ୍ୱରଙ୍କ ମନଠାରୁ ଭିନ୍ନ ଆଉ ଗୋଟିଏ ମନ ଅଛି ଯାହାକୁ **ସତ୍ତ୍ୱମନ** ଅଥବା ମହତ୍ କହନ୍ତି । ସୁଷୁପ୍ତି ଅବସ୍ଥାରେ ମଧ୍ୟ ଆମ ଶରୀରର ରକ୍ତସଂଚାର, ନାଡୀସ୍ପନ୍ଦନ ଅତ୍ୟାଦି କ୍ରିୟାକଳାପ ଏହି ସତ୍ତ୍ୱମନ ଦ୍ୱାରା ହିଁ ନିୟନ୍ତ୍ରିତ ହୋଇଥାଏ । ଏହାର ତାତ୍ପର୍ଯ୍ୟ ଏହି ଯେ, ଅବ୍ୟୟମନ (ସାର୍ବଭୌମ ଅଥବା ଶ୍ରୋବସୀୟସ୍ ମନ) ସମଗ୍ର ବିଶ୍ୱର କ୍ରିୟାକଳାପକୁ ନିୟନ୍ତ୍ରିତ କରୁଥିବା-ବେଳେ ସତ୍ତ୍ୱମନ ପ୍ରତ୍ୟେକ ଶରୀରର କ୍ରିୟାକଳାପକୁ ନିୟନ୍ତ୍ରିତ କରେ । ଆଉ ଗୋଟିଏ (ତୃତୀୟ) ମନ ଅଛି ଯାହାକୁ **ଇନ୍ଦ୍ରିୟମନ** କୁହାଯାଏ; ଯାହାକି ସଂକଳ୍ପ-ବିକଳ୍ପ କରେ । ଏ ସଂକଳ୍ପ-ବିକଳ୍ପ ଜାଗ୍ରତ ଅବସ୍ଥାରେ ହିଁ ହେଉଥାଏ, ସୁଷୁପ୍ତିରେ ନୁହେଁ । ଏହି କାରଣରୁ ଆମକୁ କିଛି ପଦାର୍ଥ ଅନୁକୂଳ ଏବଂ କିଛି ପଦାର୍ଥ ପ୍ରତିକୂଳ ପ୍ରତୀତ ହୁଅନ୍ତି । ଆଉ ଗୋଟିଏ ଚତୁର୍ଥ ମନ ଅଛି 'ସର୍ବେନ୍ଦ୍ରିୟ ମନ', ଯାହାକି ପ୍ରତ୍ୟେକ ଇନ୍ଦ୍ରିୟ ସହିତ ମିଶିକରି ସେହି ଇନ୍ଦ୍ରିୟ ବ୍ୟାପାରରେ ସହାୟକ ହୁଏ । ତୁମେ ଏହା ଅବଶ୍ୟ ଅନୁଭବ କରିଥିବ ଯେ, କେବେ କେବେ ବାଟରେ ଯାଉଥିବା ବେଳେ, ସେହି ବାଟରେ କେତେ ଲୋକ (ଅଥବା ଗାଡି) ଚାଲିଯାଆନ୍ତି କିନ୍ତୁ ତୁମ ଧ୍ୟାନରେ ଆସେ ନାହିଁ । ଯେବେ କେହି ପଚାରେ ଯେ, ଅମୁକ ଲୋକକୁ ଯାଉ-ଥିବାର ଦେଖିଛ କି ନାହିଁ; ତେବେ ତୁମେ କୁହ କି ମୋର ଧ୍ୟାନ ଅନ୍ୟ କେଉଁଠି ଥିଲା ତେଣୁ ମୁଁ ଦେଖିପାରିନି । ଏହାର ଅଭିପ୍ରାୟ ଏହା ଯେ, ଯେତେବେଳ ଯାଏ ସର୍ବେନ୍ଦ୍ରିୟମନ ଇନ୍ଦ୍ରିୟସ-ହିତ ଜଡ଼ିତ ନ ଥାଏ; ସେତେବେଳ ଯାଏ ସେ ଇନ୍ଦ୍ରିୟ କାମ କରେ ନାହିଁ ।

ଉପରେ ଦିଆଯାଇଥିବା ସମସ୍ତ ବିବରଣୀର ଅଭିପ୍ରାୟ ଏହା ଯେ, ଆମର ଚେତନା ଚାରୋଟି ସ୍ତରରେ କାମ କରେ । ସାର୍ବଭୌମ ସ୍ତରରେ ସେ ବିଶ୍ୱର କ୍ରିୟାକୁ ନିୟନ୍ତ୍ରିତ କରେ । ସେ ରୂପରେ ଏହାର ନାମ **ଶ୍ରୋବସୀୟସ୍ ମନ** ଅଟେ । ଦ୍ୱିତୀୟ ସ୍ତରରେ ସେ ଆମର ଶରୀ-ରର ସଂଚାଳିତ କ୍ରିୟାକଳାପକୁ ବ୍ୟବସ୍ଥିତ କରେ । ଏ ରୂପରେ ତାହାର ନାମ **ସତ୍ତ୍ୱମନ** ଅଟେ । ତୃତୀୟ ଅବସ୍ଥାରେ ସେ ସୁଖଦୁଃଖର ଅନୁଭବ କରେ । ଏ ରୂପରେ ତାହାକୁ **ଇନ୍ଦ୍ରିୟ-ମନ** କୁହାଯାଏ । ଚତୁର୍ଥ ସ୍ତରରେ ସେ ଭିନ୍ନ ଭିନ୍ନ ଇନ୍ଦ୍ରିୟମାନଙ୍କ ସହିତ ଜଡ଼ିତ ହୋଇ ସେମାନଙ୍କ ବ୍ୟାପାରରେ ସହାୟକ ହୁଏ । ଏ ଅବସ୍ଥାରେ ତାକୁ **ସର୍ବେନ୍ଦ୍ରିୟମନ** କହନ୍ତି ।

ଶ୍ରୋବସୀୟସ୍ ମନରେ ଈଶ୍ୱରୀୟ ଇଚ୍ଛା ନିହିତ ଥାଏ । ଯେଉଁ ବ୍ୟକ୍ତି ସେହି ଈଶ୍ୱ-ରୀୟ ଇଚ୍ଛାର ଅନୁସରଣ କରେ ସେ ମଧ୍ୟମ କୋଟିର ବ୍ୟକ୍ତି ଅଟେ ଆଉ ଯିଏ ସୁଖ-ଦୁଃ-ଖରେ ଅଭିଭୂତ ହେଉଥିବା ମନର ଅନୁସରଣ କରେ ସେ ଅଧମ କୋଟିର ବ୍ୟକ୍ତି ଅଟେ । ଯିଏ ଈଶ୍ୱରର ଇଚ୍ଛାର ଅନୁସରଣ କରେ ସେ ପ୍ରତ୍ୟେକ ପରିସ୍ଥିତିରେ ସୁଖୀ ରହେ ।

ସତ୍ତ୍ୱମନର ଅନୁସରଣ କରୁଥିବା ବ୍ୟକ୍ତି ଦୁଃଖରେ ଅଭିଭୂତ ହୁଏ ନାହିଁ; କିନ୍ତୁ ଇନ୍ଦ୍ରିୟମନକୁ ଅନୁସରଣ କରୁଥିବା ବ୍ୟକ୍ତି ସର୍ବଦା ଦୁଃଖୀ ରହେ ।

ଆଜିର ବିଜ୍ଞାନ ପଦାର୍ଥ ଏବଂ ସେଥିରେ ସନ୍ନିହିତ ଉର୍ଜାର ବିଶ୍ଳେଷଣ ତ କରୁଛି କିନ୍ତୁ ଉର୍ଜାର କ୍ରିୟାଶକ୍ତିକୁ ନିୟନ୍ତ୍ରିତ କରୁଥିବା ଚେତନାକୁ ବିଜ୍ଞାନ ପରିଧିରୁ ବାହାରେ ବୋଲି ଗ୍ରହଣ କରୁଛି । ବେଦରେ ପ୍ରତିପାଦିତ ବିଜ୍ଞାନଠାରୁ ଆଧୁନିକ ବିଜ୍ଞାନର ଏହା ହିଁ ମୌଳିକ ଭେଦ । ଏହା ଅବଶ୍ୟ ଖୁସିର କଥା ଯେ, ଏବେ ଧୀରେ ଧୀରେ ଆଧୁନିକ ବୈଜ୍ଞାନିକମାନେ ମଧ୍ୟ ଏହା ସ୍ୱୀକାର କରୁଛନ୍ତି କି ମନ ଅଥବା ଚେତନାର ଅଧ୍ୟୟନ ବିନା ସୃଷ୍ଟିର ରହସ୍ୟକୁ ପୂର୍ଣ୍ଣଭାବରେ ଅନୁସନ୍ଧାନ କରାଯାଇ ନ ପାରେ । ବେଦ ତ ଏହା ସ୍ୱୀକାର କରେ ଯେ, ସୃଷ୍ଟିର ମୂଳ ଚେତନା ହିଁ ଅଟେ । ଏହି ଚେତନା କର୍ମର ଆବରଣ ଯୋଗୁଁ ଯେତେ ଅଧିକ ମଳିନ ହୋଇଯାଏ ସେତେ ଶୀଘ୍ର ତାହା ପ୍ରାଣ ପଦାର୍ଥ ବନିଯାଏ । ଆଧୁନିକ ବିଜ୍ଞାନ, ଯାହାକି ଉର୍ଜା ଏବଂ ପଦାର୍ଥ ପର୍ଯ୍ୟନ୍ତ ସୀମିତ ଅଟେ, ଯଦି ଚେତନାର ସମାବେଶ କରିନେବ ତେବେ ତାହାର ଅପୂର୍ଣ୍ଣତା ଦୂର ହୋଇଯିବ । ବେଦରେ ଋଷିମାନଙ୍କର ଆତ୍ମମାନଙ୍କ ପାଇଁ ଏହି ସନ୍ଦେଶ ରହିଛି ଯେ ବିଶ୍ୱକୁ ଜଡ଼ ପଦାର୍ଥ ବୋଲି ମାନିବା ଉଚିତ ନୁହେଁ କିନ୍ତୁ, ଯଦି ବିଶ୍ୱକୁ ଚେତନ ପଦାର୍ଥ ବୋଲି ଆମେ ମାନିବା ତେବେ ଏହା ଆମର ଭୋଗ୍ୟ ନ ହୋଇ ଉପାସ୍ୟ ହୋଇଯିବ । ଏଇଥିପାଇଁ ବୈଦିକ ଋଷି ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ସବୁଥିରେ ଚେତନାର ଝଲକ ଦେଖିଛନ୍ତି । ଯଦି ଏସବୁକୁ ସେମାନେ ଜଡ଼ ବୋଲି ଭାବି ଥାଆନ୍ତେ, ତେବେ ସେମାନଙ୍କୁ ଜଡ଼ର ଉପାସକ ବୋଲି କୁହାଯାଇ ଥାଆନ୍ତା । କିନ୍ତୁ ବେଦର ମାନ୍ୟତା ଏହା ଯେ, କୌଣସି ପଦାର୍ଥ ଚେତନା ବିରହିତ ବୋଲି କଳ୍ପନା କରାଯାଇ ନ ପାରେ । ଅର୍ଥାତ୍ କୌଣସି ପଦାର୍ଥ ମନର ଅଂସବଦ୍ଧ ନୁହେଁ । ଯଦି ମନ କେଉଁଠି ନ ରହିବ, ତେବେ ସେଠାରେ କୌଣସି ବ୍ୟବସ୍ଥା ମଧ୍ୟ ରହିବ ନାହିଁ । ଆଉ ଯେଉଁଠି ବ୍ୟବସ୍ଥା ରହିବ ନାହିଁ ତାହା ପଦାର୍ଥ ବୋଲି ପରିଗଣିତ ହୋଇ ନ ପାରେ ।

ଋଗ୍‌ବେଦ, ଯଜୁର୍ବେଦ ଓ ସାମବେଦ ବହୁତ ବଡ଼ ଅଟେ । ଏ ସବୁର ଅଧ୍ୟୟନ କରିବା ଉଚିତ; କିନ୍ତୁ ମନୁଷ୍ୟର ଆୟୁ ଛୋଟ ତଥାଚ ଆଜିକାଲି ସମ୍ପୂର୍ଣ୍ଣ ବେଦର ଅଧ୍ୟୟନ ସମ୍ଭବ ନୁହେଁ । ଏ ପ୍ରକାର ପରିସ୍ଥିତିରେ ବେଦ କହେ ଯେ, ବସ୍ତୁତଃ ସମଗ୍ର ବେଦ ମନରେ ନିହିତ ଅଟେ । ଯିଏ ମନକୁ ବୁଝିପାରିଛି ସେ ସମ୍ପୂର୍ଣ୍ଣ ବେଦକୁ ଜାଣି ପାରିଛି । ମନକୁ ସିଏ ବୁଝିପାରିବ ଯିଏ ମନକୁ ଜୟ କରି ପାରିଛି । ଯିଏ ମନର ଦାସ ସିଏ ବା ମନକୁ କେମିତି ବୁଝିପାରିବ? ଆମର ମନ ସର୍ବଦା ଦୁଖଃରୁ ପଳାୟନ କରେ ଏବଂ ତୁମେମାନେ ଦେଖିବ ଯେ,

ଯଦି ଆମେ ସବୁବେଳେ ମନର କଥାମାନି ଚାଲିବା ତେବେ ସଂସାରରେ କୌଣସି ବଡ଼କାମ ଅଥବା ଭଲକାମ କରିପାରିବା ନାହିଁ । ସମସ୍ତ ବଡ଼କାମ ଅଥବା ଭଲକାମ ଏଇଥି ପାଇଁ ବଡ଼ ଅଥବା ଭଲ ବୋଲି କୁହାଯାଏ ଯେହେତୁ ତାହା କରିବା ପାଇଁ ମନକୁ ଜିତିବା ଆବଶ୍ୟକ ହୋଇଥାଏ । ତୁମେମାନେ ଯଦି ବଡ଼ ବନିବାକୁ ଚାହୁଁଥାଅ ତେବେ ପ୍ରଥମେ ମନକୁ ଜୟକର, ଅନ୍ୟଥା ମନ ତୁମକୁ ନିଜର ଦାସ ବନେଇନେବ ଏବଂ କ୍ଷୁଦ୍ର ତଥା ନୀଚ କାମରେ ଲଗେଇ ଦେବ ।।

- ପ୍ରଶ୍ନ -

୧. 'ମନ ସର୍ବବ୍ୟାପକ ଅଟେ' - ଏହା ପ୍ରତିପାଦନ କର ।

୨. ସୃଷ୍ଟି ରଚନାରେ ମନର ସ୍ଥାନ କ'ଣ ?

୩. ଚାରି ପ୍ରକାର ମନ କ'ଣ କ'ଣ ଅଟେ ଏବଂ ସେମାନଙ୍କର କାମ କ'ଣ ?

୪. ମନର କେଉଁ ପ୍ରକାର ଇଚ୍ଛାକୁ ଆମର ମାନିବା ଉଚିତ ଏବଂ କେଉଁ ପ୍ରକାର ଇଚ୍ଛାକୁ ମାନିବା ଉଚିତ ନୁହେଁ?

୫. ସୂର୍ଯ୍ୟ-ଚନ୍ଦ୍ର ଇତ୍ୟାଦିର ଉପାସନାକୁ ଜଡ଼ର ଉପାସନା କେଲି କାହିଁକି କୁହାଯାଏ ନାହିଁ ?

୬. ମନର ସମସ୍ତ ଇଚ୍ଛା ପୂର୍ଣ୍ଣ କରିବାରେ ଦୋଷ କ'ଣ ?

- ସ୍ମ ର ଣୀ ୟ ଉ ଦ୍ଧ ର ଣ -

୧. **ମନୋ ବୈ ପ୍ରାଣାନାମଧିପତିଃ ।**

-ଶତପଥ ବ୍ରାହ୍ମଣ -।

ଅର୍ଥ- ମନ ପ୍ରାଣମାନଙ୍କର ଅଧିପତି ଅଟେ ।

୨. **ଯସ୍ମିନ୍ନୃଚଃ ସାମଯଜୁଁଷି ଯସ୍ମିନ୍**
ପ୍ରତିଷ୍ଠିତା ରଥନାଭାବିବାରାଃ ।
ଯସ୍ମିଷ୍ଚିତ୍ତଂ ସର୍ବମୋତଂ ପ୍ରଜାନାଂ
ତନ୍ମେ ମନଃ ଶିବସଂକଳ୍ପମସ୍ତୁ ।। ଯଜୁର୍ବେଦ ।

ଅର୍ଥ - ଯେଉଁ ମନରେ ଋଗ୍, ଯଜୁ, ସାମ ଠିକ୍ ସେହିପରି ଅବସ୍ଥିତ ଅଟେ ଯେଉଁପରି କି ରଥ ଚକ୍ରର ନାଭିରେ ସମସ୍ତ ଅର ପ୍ରତିଷ୍ଠିତ ଅଟେ; ଯେଉଁଥିରେ ସମଗ୍ର ପ୍ରଜାଜଗତର ଚିତ୍ତ ଓତପ୍ରୋତ ଅଟେ; ତାଦୃଶ ମୋର ମନ କଲ୍ୟାଣକାରୀ ସଂକଳ୍ପ ବିଶିଷ୍ଟ ହେଉ ।।

୩. ମନୋ ଜୟତ୍ ହୃଦୟମଜୟିତ୍ - ସାମବେଦ ।।

ଅର୍ଥ - ମୁଁ ମନର ଜୟ କରି ନେଇଛି; ମୁଁ ହୃଦୟକୁ ଜୟ କରିନେଇଛି ।।

==========

ଚତୁର୍ଥ ପାଠ

- ଆ ମ ସ୍ୱ ରୂ ପ -

ଆମେ ପୂର୍ବୋକ୍ତ ତିନୋଟି ପାଠରେ ଶରୀର, ପ୍ରାଣ ଓ ମନ ବିଷୟରେ ଚର୍ଚ୍ଚା କଲୁ । ପ୍ରସ୍ତୁତ ପାଠରେ ଆମେ ଏହା ଦେଖିବୁ ଯେ, ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ମନୁଷ୍ୟ କେଉଁଥି ପାଇଁ ବିଶିଷ୍ଟ ଅଟେ । ବିଶ୍ୱରେ ଅନେକ ପ୍ରକାର ପ୍ରାଣୀ ଅଛନ୍ତି । ସେଥିରେ ପଶୁପକ୍ଷୀ ମଧ୍ୟ ସାମିଲ୍ ଅଟନ୍ତି; କିନ୍ତୁ ମନୁଷ୍ୟର ନିଜର ବିଶେଷତ୍ୱ ରହିଛି । ଏ ପାଠରେ ଆମେ ଏହା ବିଚାର କରିବା କି, ମନୁଷ୍ୟର ଏପରି କ'ଣ ବିଶେଷତା ରହିଛି; ଯାହାଦ୍ୱାରା ସେ ସବୁ ପ୍ରାଣୀ-ମାନଙ୍କଠାରୁ ଶ୍ରେଷ୍ଠ ବୋଲି ବର୍ଣ୍ଣିତ ହୋଇଛି । ଏ ପ୍ରଶ୍ନର ଉତ୍ତର ପାଇବା ପାଇଁ ପ୍ରଥମେ ଆମକୁ ଆମ ଅସ୍ତିତ୍ୱର ପାଞ୍ଚୋଟି ସ୍ତରକୁ ବୁଝିବାକୁ ହେବ । ଏହି ପାଞ୍ଚୋଟି ସ୍ତର ବିଷୟରେ କଠୋପନିଷଦ୍‌ରେ ଉଲ୍ଲେଖ ରହିଛି । ପ୍ରଥମ ସ୍ତର ମନର ଅଟେ, ଦ୍ୱିତୀୟ ବୁଦ୍ଧିର, ତୃତୀୟ ମହାନ୍ ଆତ୍ମାର, ଚତୁର୍ଥ ଅବ୍ୟକ୍ତର ଓ ପଞ୍ଚମ ପୁରୁଷର । ମନ ଦ୍ୱାରା ଆମେ ବିଷୟକୁ ଗ୍ରହଣ କରୁ । ମନ ଓ ବୁଦ୍ଧି ମଧ୍ୟରେ ଏହା ଭେଦ ଯେ, ମନରେ ବିଷୟ ଆସେ ଏଣୁ ମନ ବିଷୟର ଅଧୀନ ରହିଥାଏ; କିନ୍ତୁ ବୁଦ୍ଧି ବିଷୟରେ ଅଭିନିବିଷ୍ଟ ହୁଏ ଏଣୁ ବିଷୟମାନ ବୁଦ୍ଧିର ଅଧୀନ ରହିଥାଆନ୍ତି । ଯେତେବେଳେ ମନରେ ବିଷୟମାନ ଆସନ୍ତି ସେତେବେଳେ ସଂସ୍କାର ଉତ୍ପନ୍ନ ହୁଏ; କିନ୍ତୁ ଯେତେବେଳେ ବୁଦ୍ଧି ବିଷୟରେ ଅଭିନିବିଷ୍ଟ ହୁଏ, ସେତେବେଳେ ବିଦ୍ୟା(ବିଜ୍ଞାନ)ର ପ୍ରାଦୁର୍ଭାବ ହୋଇଥାଏ । ମନ ଓ ବୁଦ୍ଧି ପରେ ଆସେ ମହାନ୍ ଆତ୍ମା । ମହାନ୍ ଆତ୍ମାର କାର୍ଯ୍ୟ ହେଉଛି ଆମ ଶରୀରରେ ରକ୍ତ ସଞ୍ଚାର କରିବା, ହୃଦୟଗତି, ଶ୍ୱାସ ପ୍ରଶ୍ୱାସ ଆଦି ସ୍ୱତଃ ସଞ୍ଚା-ଳିତ କ୍ରିୟାମାନ ଅନୁଷ୍ଠାନ କରିବା । ପୂର୍ବ ପାଠରେ ଆମେ ଏହାକୁ ପଶ୍ୱମନ ବୋଲି ବର୍ଣ୍ଣନ କରିଛୁ । ତାଠାରୁ ମଧ୍ୟ ଅଧିକ ଗଭୀର ଅଟେ ଅବ୍ୟକ୍ତ । ଅବ୍ୟକ୍ତର କୌଣସି ଚିହ୍ନ ନାହିଁ । ପ୍ରକୃତିର ସୀମା ଅବ୍ୟକ୍ତ ପର୍ଯ୍ୟନ୍ତ ଅଟେ । ତାଠାରୁ ଶ୍ରେଷ୍ଠ ଅଟେ ପୁରୁଷ । ପୁରୁଷ ପଞ୍ଚମ ସ୍ତରରେ ଆସେ । ପୁରୁଷଠାରୁ ଶ୍ରେଷ୍ଠ କିଛି ନାହିଁ ।

ଏହି ପାଞ୍ଚୋଟି ସ୍ତରରେ ଥାଇ ପୁରୁଷ ଭୋଗ୍ୟ ବସ୍ତୁର ଉପଭୋଗ କରେ । ଏହି ଭୋକ୍ତା ଆତ୍ମାର ତିନୋଟି ସ୍ତର ରହିଛି - ବୈଶ୍ୱାନର, ତୈଜସ ଓ ପ୍ରାଜ୍ଞ । ବୈଶ୍ୱାନରଠାରୁ ଶରୀରର ଉତ୍ପତ୍ତି ହୋଇଛି । ତୈଜସଦ୍ୱାରା ସେଥିରେ କ୍ରିୟା ସଂଚାଳିତ ହୁଏ ଏବଂ ପ୍ରାଜ୍ଞଠାରୁ ଜ୍ଞାନ ଉତ୍ପନ୍ନ ହୁଏ । ବୈଶ୍ୱାନରର ସମ୍ବନ୍ଧ ଅଗ୍ନି ସହିତ ରହିଛି; ତୈଜସର ସମ୍ବନ୍ଧ ବାୟୁ ସହିତ ଏବଂ ପ୍ରାଜ୍ଞର ସମ୍ବନ୍ଧ ଆଦିତ୍ୟ ସହିତ ରହିଛି । ଅଗ୍ନି, ବାୟୁ ଓ ଆଦିତ୍ୟରେ ପୃଥିବୀ, ଅନ୍ତରୀକ୍ଷ ଓ ଦ୍ୟୌ ଅଧିଷ୍ଠିତ ଅଟନ୍ତି । ଏହି ଅଧିଷ୍ଠାତୃ ଦେବତାମାନଙ୍କର ଯେଉଁ ଅଂଶ ବିଶ୍ୱର ନିର୍ମାଣ କରେ, ତାହା ତ୍ରିବୃତ୍କରଣ ଅଟେ; ତଥାଚ ଏହି ତିନିଦେବତାଙ୍କ ଯେଉଁ ଅଂଶରୁ ଆମର ନିର୍ମାଣ ହୋଇଛି ତାହାକୁ ପ୍ରବର୍ଗ୍ୟ କୁହାଯାଏ । ପୁରୁଷ ସୂକ୍ତର ପ୍ରଥମ ପଂକ୍ତିରେ ବର୍ଣ୍ଣିତ ପାଦ ବୈଶ୍ୱାନର ଅଟେ, ଚକ୍ଷୁ ତୈଜସ ଅଟେ ଏବଂ ଶିର ପ୍ରାଜ୍ଞ ଅଟେ । ଏହି ତିନୋଟିକୁ ନେଇ ଭୋକ୍ତା ପ୍ରତିଷ୍ଠିତ ଅଟେ । ଏହି ଭୋକ୍ତାର ଆତ୍ମା ମନ ଉପରେ, ମନ ବୁଦ୍ଧି ଉପରେ, ବୁଦ୍ଧି ମହାନ୍ ଉପରେ ଏବଂ ମହାନ୍ ଅବ୍ୟକ୍ତ ଉପରେ ପ୍ରତିଷ୍ଠିତ ଅଟେ ।

ବୈଶ୍ୱାନର ଅଗ୍ନିଦ୍ୱାରା କ୍ରମଶଃ ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର ନିର୍ମିତ ହୁଅନ୍ତି - ଏ କଥା ଆମେ ପ୍ରଥମ ପାଠରେ ବର୍ଣ୍ଣନା କରିଛୁ । ଏହି ଅନ୍ନଠାରୁ ପରିଶେଷରେ ଓଜ ଏବଂ ମନର ମଧ୍ୟ ନିର୍ମାଣ ହୋଇଥାଏ । ଛାନ୍ଦୋଗ୍ୟୋପନିଷଦରେ ଆଉ ଟିକିଏ ବିସ୍ତାର କରି-ବାକୁ ଯାଇ କୁହାଯାଇଛି କି ଆମ ଅନ୍ନକୁ ତିନିଭାଗରେ ବିଭକ୍ତ କରାଯାଇ ପାରେ । ଅନ୍ନ, ଜଳ ଏବଂ ତେଜ । ଅନ୍ନରୁ ମନ ଉତ୍ପନ୍ନ ହୁଏ, ଜଳରୁ ପ୍ରାଣ ଏବଂ ତେଜରୁ ବାକ୍ (ବାଣୀ) ଉତ୍ପନ୍ନ ହୁଏ । ଅନ୍ନର ସ୍ଥୂଳଭାଗରୁ ମଳ ଉତ୍ପନ୍ନ ହୁଏ, ମଧ୍ୟମ ଭାଗରୁ ମାଂସ ଓ ସୂକ୍ଷ୍ମଭାଗରୁ ମନ ଉତ୍ପନ୍ନ ହୁଏ । ଜଳର ସ୍ଥୂଳଭାଗରୁ ମୂତ୍ର ଉତ୍ପନ୍ନ ହୁଏ, ମଧ୍ୟମ ଭାଗରୁ ରକ୍ତ ଏବଂ ସୂକ୍ଷ୍ମଭାଗରୁ ପ୍ରାଣ ଉତ୍ପନ୍ନ ହୁଏ । ତେଜର ସ୍ଥୂଳଭାଗରୁ ଅସ୍ଥି ନିର୍ମିତ ହୁଏ । ମଧ୍ୟମ ଭାଗରୁ ମଜ୍ଜା ଏବଂ ସୂକ୍ଷ୍ମଭାଗରୁ ବାଗ୍ (ବାଣୀ) ଉତ୍ପନ୍ନ ହୋଇଥାଏ । ଏଥିମଧ୍ୟରୁ ବାକ୍‌କୁ ସ୍ଥୂଳ, ପ୍ରାଣକୁ ସୂକ୍ଷ୍ମ ତଥା ମନକୁ କାରଣ ଶରୀର କହନ୍ତି । ଏହି ଶରୀରତ୍ରୟର ସମଷ୍ଟିକୁ ବ୍ୟଷ୍ଟି କୁହାଯାଏ ।

ପାଷାଣ ଆଦିର ସ୍ଥୂଳଶରୀର ହିଁ ମୁଖ୍ୟ ଅଟେ । ଏଥିରେ ଚେତନା ତ ରହିଛି; କିନ୍ତୁ ଇନ୍ଦ୍ରିୟ ନାହିଁ । ଏଣୁ ଏହାକୁ ଅସଂଜ୍ଞ ଜୀବ କୁହାଯାଏ । ଆମମାନଙ୍କର ସ୍ଥୂଳ ଶରୀର ତମୋଗୁଣ ପ୍ରଧାନ ଅଟେ । ଯଦି ବନସ୍ପତିକୁ ଦେଖିବ ତେବେ, ସେଥିରେ ତୈଜସର ବିକାଶ ଦେଖିବାକୁ ପାଇବ । ଏଥି ପାଇଁ ତାହା ସୁଖଦୁଃଖର ଅନୁଭବ କରେ କିନ୍ତୁ ସୁଖଦୁଃଖର ଅଭିବ୍ୟକ୍ତି କରିପାରେ ନାହିଁ । ପାଷାଣକୁ **ଅସଂଜ୍ଞ** କହନ୍ତି କିନ୍ତୁ ବନସ୍ପତିକୁ **ଅନ୍ତଃସଂଜ୍ଞ** କହନ୍ତି ।

ତୃତୀୟ ସ୍ଥିତି ପଶୁ ପକ୍ଷୀ ଆଦିଙ୍କର ଅଟେ । ଏମାନଙ୍କଠାରେ ବୈଶ୍ୱାନର ଓ ତେଜସରୁ ଅତିରିକ୍ତ ପ୍ରାଜ୍ଞର ବିକାଶ ମଧ୍ୟ ଦେଖିବାକୁ ମିଳେ । ଏ ପ୍ରାଣୀମାନଙ୍କୁ **ସସଂଜ୍ଞ** କୁହାଯାଏ । ଅସଂଜ୍ଞଠାରୁ ଅନ୍ତଃସଂଜ୍ଞ ଶ୍ରେଷ୍ଠ ଅଟେ, ଅନ୍ତଃସଂଜ୍ଞଠାରୁ ବହିଃସଂଜ୍ଞ ଶ୍ରେଷ୍ଠ ଅଟେ । ଏହି ତିନୋଟି ସ୍ତରରେ କ୍ରମଶଃ ଅଗ୍ନି, ବାୟୁ ଓ ଆଦିତ୍ୟର ବିକାଶ ହୋଇଛି । ଏଣୁ ଏହି ତିନୋଟିକୁ ଆଗ୍ନେୟ ସୃଷ୍ଟି କୁହାଯାଇଛି ।

ଆଗ୍ନେୟ ସୃଷ୍ଟିଠାରୁ ଅତିରିକ୍ତ ଏକ ସୌମସୃଷ୍ଟି ମଧ୍ୟ ରହିଛି । ଏହି ସୋମସୃଷ୍ଟିରେ ଆଠଟି ସିଦ୍ଧି ଏବଂ ନଅଟି ତୁଷ୍ଟି ଦେଖିବାକୁ ମିଳେ । ଏହି ସୌମସୃଷ୍ଟି ଆଠ ପ୍ରକାର ଅଟେ; ଯଥା- ଯକ୍ଷ, ରାକ୍ଷସ, ପିଶାଚ, ଗନ୍ଧର୍ବ, ଐନ୍ଦ୍ର, ପ୍ରାଜାପତ୍ୟ, ପ୍ରେତ୍ୟ ଓ ବ୍ରାହ୍ମ । ସୌମସୃଷ୍ଟିର ଏହି ଆଠଟି ପ୍ରଭେଦ ସହିତ ବହିଃସଂଜ୍ଞ ସୃଷ୍ଟିର ଆଉ ପାଞ୍ଚୋଟି ପ୍ରଭେଦ ମିଳିଯାଆନ୍ତି; ତାହା ହେଲା - କୃମି, କୀଟ, ପକ୍ଷୀ, ପଶୁ ଓ ମନୁଷ୍ୟ । ଏହି ତେର ପ୍ରକାର ସୃଷ୍ଟି ସହିତ ଧାତୁ ଓ ବନସ୍ପତି ରୂପକ ଜଡସୃଷ୍ଟିକୁ ମିଶାଇ ଚଉଦ ପ୍ରକାର ସୃଷ୍ଟି କୁହାଯାଇଥାଏ । ମନୁଷ୍ୟ ସେମାନଙ୍କ ଭିତରୁ ଅନ୍ୟତମ । ଏମାନଙ୍କ ମଧ୍ୟରୁ ଜଡ଼ ତମୋଗୁଣ ପ୍ରଧାନ ଅଟେ, ତଥା ସୌମସୃଷ୍ଟି ସତ୍ତ୍ୱଗୁଣ ପ୍ରଧାନ ଅଟେ । ଏହି ଦୃଷ୍ଟିରେ ଦେଖାଯାଏ ତ' , ମନୁଷ୍ୟଠାରୁ ସୌମସୃଷ୍ଟି ଅଧିକ ଉତ୍କୃଷ୍ଟ ଅଟେ । ଯକ୍ଷ-ରାକ୍ଷସ ଆଦିଙ୍କଠାରେ ଯେଉଁ ଋଦ୍ଧି ସିଦ୍ଧି ରହିଛି; ତାହା ମନୁଷ୍ୟମାନଙ୍କ ପାଖରେ ନ ଥାଏ । ଏ ପ୍ରକାର ବିବେଚନା ଗୁଣ ଦୃଷ୍ଟିରୁ କରାଯାଇଛି; ଯେଉଁଥିରେ କି ମନୁଷ୍ୟକୁ ରଜୋଗୁଣ ପ୍ରଧାନ ପଶୁପକ୍ଷୀ ଆଦିଙ୍କ ସମକକ୍ଷ ଭାବରେ ଗ୍ରହଣ କରି ମଧ୍ୟମ କୋଟିର ବୋଲି କୁହାଯାଇଥାଏ ।

କିନ୍ତୁ ଶାସ୍ତ୍ର ମନୁଷ୍ୟକୁ ଉତ୍ତମ କୋଟିର ବୋଲି ବର୍ଣ୍ଣନା କରେ । ଆମେ ଆଗରୁ ମନଠାରୁ ଅବ୍ୟକ୍ତ ପର୍ଯ୍ୟନ୍ତ ପ୍ରକୃତିର ବିଭିନ୍ନସ୍ତର ବିଷୟରେ ଚର୍ଚ୍ଚା କରିଛୁ । କିନ୍ତୁ ଅବ୍ୟକ୍ତଠାରୁ ଯେ ଶ୍ରେଷ୍ଠ ପୁରୁଷ; ଏ କଥା ମଧ୍ୟ କୁହାଯାଇଛି । ପ୍ରକୃତି ତ୍ରିଗୁଣମୟୀ ଅଟେ ; ଏଣୁ ଗୁଣମୟୀ ପ୍ରକୃତି ଦୃଷ୍ଟିରୁ ମନୁଷ୍ୟ ଅବଶ୍ୟ ମଧ୍ୟମ କୋଟିର ଅଟେ । ଏହାର କୌଣସି ଗୁଣ ସହିତ ସମ୍ବନ୍ଧ ନାହିଁ । ଏହି ପୁରୁଷ ଯଦ୍ୟପି ସର୍ବବ୍ୟାପକ ଅଟେ, ତଥାପି; ଏହାର ଅଭିବ୍ୟକ୍ତି କେବଳ ମନୁଷ୍ୟ ଜୀବନରେ ହିଁ ହୋଇଥାଏ । ଏହି ଦୃଷ୍ଟିରୁ ମନୁଷ୍ୟ ସର୍ବଶ୍ରେଷ୍ଠ ଅଟେ । ଅନ୍ୟ ପ୍ରାଣୀମାନଙ୍କର ଆତ୍ମା ବିଭୂତି ରୂପରେ ଅବସ୍ଥିତ; କିନ୍ତୁ କେନ୍ଦ୍ରରୂପରେ ନୁହେଁ । କେବଳ ମନୁଷ୍ୟଠାରେ ଆତ୍ମା କେନ୍ଦ୍ରରୂପରେ ବିଦ୍ୟମାନ । କେନ୍ଦ୍ରରେ ପହଞ୍ଚିବା ପରେ ଆତ୍ମାର ଅନ୍ୟନାମ ମନୁ ହୋଇଯାଏ । ଏହି ମନୁ ସହିତ ସମ୍ବନ୍ଧ ହୋଇଥିବାରୁ ମନୁଷ୍ୟକୁ ମନୁଷ୍ୟ କୁହା-

ଯାଏ । ଅନ୍ୟ ପ୍ରାଣୀମାନଙ୍କର ଆତ୍ମା କେନ୍ଦ୍ରରେ ନ ଥାଏ । ଏଇଥି ପାଇଁ ପ୍ରକୃତିରୁ ତାହା ଉର୍ଦ୍ଧ୍ୱରେ ନୁହେଁ ବୋଲି କୁହାଯାଏ । ଅନ୍ୟପ୍ରାଣୀମାନଙ୍କର ଶରୀର, ମନ ଓ ବୁଦ୍ଧି ପ୍ରକୃତିଦ୍ୱାରା ସଞ୍ଚାଳିତ ହେଉଥାଏ, କିନ୍ତୁ ମନୁଷ୍ୟ ଏହି ତ୍ରିତୟରୁ ଉର୍ଦ୍ଧ୍ୱରେ ଆତ୍ମାପର୍ଯ୍ୟନ୍ତ ଯାଇପାରେ; ଯେଉଁ ଆତ୍ମା ବୁଦ୍ଧି-ଠାରୁ ମଧ୍ୟ ଉର୍ଦ୍ଧ୍ୱରେ ଅବସ୍ଥିତ । ମନୁଷ୍ୟର ଏହି ବିଶେଷତା ଯୋଗୁଁ ସେ ଦେବତାମାନଙ୍କଠାରୁ ମଧ୍ୟ ଉର୍ଦ୍ଧ୍ୱକୁ ଯାଇପାରେ; କାରଣ ଦେବତାମାନେ ମଧ୍ୟ ପ୍ରକୃତିଠାରୁ ଉର୍ଦ୍ଧ୍ୱକୁ ଯାଇପାରନ୍ତି ନାହିଁ ।

ପ୍ରକୃତି ଦୃଷ୍ଟିରୁ ଯଦି ଦେଖାଯାଏ, ତେବେ ମନୁଷ୍ୟ ଦେବତାମାନଙ୍କଠାରୁ ନୁହେଁ ପଶୁମାନଙ୍କଠାରୁ ବି ହୀନ ଅଟେ । ତା ପାଖରେ ସିଂହ ପରି ଶକ୍ତି ନାହିଁ କିମ୍ବା କୋଇଲି ପରି ମଧୁର ସ୍ୱର ମଧ୍ୟ ନାହିଁ । ଏଣୁ ମନୁଷ୍ୟର ବିଶେଷତା ପ୍ରକୃତି ଦୃଷ୍ଟିରୁ ନୁହେଁ; କିନ୍ତୁ ପୁରୁଷ ଦୃଷ୍ଟିରୁ ଦେଖିବା ଉଚିତ । ଯେଉଁ ମନୁଷ୍ୟମାନେ କେବଳ ପ୍ରକୃତିର ଉପାସନାରେ ଲାଗି ଥାଆନ୍ତି ସେମାନେ ଦେବତ୍ୱଠାରୁ ଉର୍ଦ୍ଧ୍ୱକୁ କଦାପି ଯାଇ ପାରିବେ ନାହିଁ । ସେମାନେ ଅନେକ ଅଂଶରେ ପଶୁଠାରୁ ମଧ୍ୟ ପଛରେ ରହି ଯାଆନ୍ତି ।

ଶରୀର ସଂରଚନା ଦୃଷ୍ଟିରୁ ଦେଖିଲେ, ମନୁଷ୍ୟର ଏହା ଏକ ବିଶେଷତା ଯେ, ତାହାର ମେରୁଦଣ୍ଡ ପୃଥିବୀର ସମାନାନ୍ତର ରେଖାରେ ନ ଥାଇ ପୃଥିବୀ ଉପରେ ଆକାଶ ଆଡ଼କୁ ୯୦° କୋଣ ଅନୁପାତରେ ସିଧା ଅଟେ । ଏହି କାରଣରୁ ସେ ଦୁଇପାଦରେ ଠିଆ ହୋଇପାରେ ଏବଂ ଦୁଇ ପାଦକୁ ହାତ ଭଳି ପ୍ରୟୋଗରେ ଆଣିପାରେ । ତାହାର ଏହି ବିଶେଷତା ଯୋଗୁ ସେ ସଭ୍ୟତା ଦୃଷ୍ଟିରୁ ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ବହୁତ ଆଗକୁ ଚାଲିଯାଇଛି । ମନୁଷ୍ୟର ଦୁଇଟି ପାଦ ହେବା ଏକ ବିକାଶ କ୍ରମର ସୂଚକ ଅଟେ । ଯଦି ଆମେ ବୃକ୍ଷ ଦେଖୁ ତେବେ ଏହା ସ୍ପଷ୍ଟ ହୋଇଯିବ ଯେ, ତାର ସଂପୂର୍ଣ୍ଣ ଶରୀର ପାଦ ହିଁ ଅଟେ । ସେ ପାଦରେ ହିଁ ଭୋଜନ ଗ୍ରହଣ କରେ; ଏଣୁ ତାହାକୁ ପାଦପ କୁହାଯାଏ । ତାହାର ପାଦ ପୃଥିବୀକୁ କେବେହେଲେ ହେଁ ଛାଡ଼ି ପାରେ ନାହିଁ । ଏଣୁ ସେ ଚାଲି ପାରେ ନାହିଁ । ପଶୁପକ୍ଷୀ ଓ ମନୁଷ୍ୟମାନେ ମଧ୍ୟ ସପାଦ ଅଟନ୍ତି । ସେମାନଙ୍କର ଗୋଟିଏ ପାଦ ପୃଥିବୀ ଉପରେ ଥିବାବେଳେ ସେମାନେ ଅନ୍ୟ ପାଦଟିକୁ ଉପରକୁ ଉଠାଇ ପାରନ୍ତି । ଏଇଥି ପାଇଁ ସେମାନେ ଚାଲି ପାରନ୍ତି । ଦେବତାମାନଙ୍କର ପାଦ ପୃଥିବୀକୁ ସ୍ପର୍ଶକରେ ନାହିଁ । ବୃକ୍ଷ ପାର୍ଥିବପ୍ରାଣ ପ୍ରଧାନ ଅଟେ; ଏଣୁ ବୃକ୍ଷ ପୃଥିବୀ ସହିତ ଜଡ଼ିତ ଅଟେ । ଦେବତାମାନେ ସୌରପ୍ରାଣ ପ୍ରଧାନ ଅଟନ୍ତି; ଏଣୁ ସେମାନେ ପୃଥିବୀକୁ ସ୍ପର୍ଶ କରନ୍ତି

ନାହିଁ । ମନୁଷ୍ୟଠାରେ ପାର୍ଥିବ ପ୍ରାଣ ବି ଅଛି ଏବଂ ସୌର ପ୍ରାଣ ବି ରହିଛି; ଏଣୁ ସେ ଗୋଟିଏ ପାଦରେ ପୃଥିବୀକୁ ସ୍ପର୍ଶ କରି ଅନ୍ୟ ପାଦକୁ ଉଠାଇ ଗମନ କରିପାରେ ।

ସପାଦ ପ୍ରାଣୀମାନଙ୍କ ମଧ୍ୟରେ ସୌର ପ୍ରାଣର ବିକାଶ ମନୁଷ୍ୟଠାରେ ଅଧିକ ଦେଖିବାକୁ ମିଳେ । ଏଣୁ କୃମି ସଂପୂର୍ଣ୍ଣ ଶରୀରକୁ ପୃଥିବୀ ଉପରେ ସର୍ପଣ କରି ଚାଲିଥାଏ । ତାହାର ଶରୀରର କୌଣସି ଅଂଶ ପୃଥିବୀରୁ ଉପରକୁ ଉଠି ପାରେ ନାହିଁ । କୃମି ପରେ ସେ ସବୁ କୀଟ ଆସନ୍ତି ଯେଉଁମାନଙ୍କର ସହସ୍ର ପାଦ ଅଥବା ଅନେକ ପାଦ ଥାଏ । ସେମାନଙ୍କର ଶରୀର ପୃଥିବୀରୁ ଉପରକୁ ଉଠେ; କିନ୍ତୁ ସେଥିପାଇଁ ସେମାନଙ୍କୁ ସହସ୍ର ପାଦ ଅଥବା ଅନେକ ପାଦର ସହାୟତା ନେବାକୁ ପଡ଼ିଥାଏ; କାରଣ ସେମାନଙ୍କର ପାର୍ଥିବ ପ୍ରାଣର ଅଧିକତା ଥାଏ । ପ୍ରାର୍ଥିବ ପ୍ରାଣର ମାତ୍ରା ଯେତେ କମ୍ ହୋଇଯାଏ ପାଦର ସଂଖ୍ୟା ସେତେ କମ୍ ହୋଇଥାଏ । ବୁଢିଆଣୀର ଆଠଟି ଗୋଡ଼ ଥିବାବେଳେ ଇନ୍ଦାର ଛଅଟି ଗୋଡ଼ ଥାଏ । ତାପରେ କେତେ ପ୍ରକାର ଚତୁଷ୍ପଦ କୀଟ ଓ ପ୍ରାଣୀ ଆସନ୍ତି । କୀଟମାନଙ୍କ ପରେ ପଶୁ ସୃଷ୍ଟି ଆସେ; ଯେଉଁମାନେ ନିଜ ନିଜ ଚାରୋଟି ପାଦ ବଳରେ ନିଜ ନିଜର ଶରୀରକୁ ପୃଥିବୀଠାରୁ ବହୁତ ଉଞ୍ଚାକୁ ଉଠାଇ ନେଇ ପାରନ୍ତି । ତା ପରେ ଆସେ ପକ୍ଷୀ । ସେମାନଙ୍କର ଦୁଇଟି ପାଦ ଏବଂ ଦୁଇଟି ପକ୍ଷ ଥାଏ । ପଶୁର ପୁଚ୍ଛ ଭାଗ ଏବଂ ମୁଖ ଭାଗ ପୃଥିବୀର ସମାନାନ୍ତର ରେଖା ଉପରେ ଥାଏ । ପକ୍ଷୀର ମୁଖ ତୀର୍ଯ୍ୟକ୍ ଭାବରେ ଉପରକୁ ହୋଇଥାଏ ଏବଂ ପୁଚ୍ଛଭାଗ ତଳକୁ ହୋଇଥାଏ । ଏହିପରି ଭାବରେ ତାହାର ମେରୁଦଣ୍ଡ ତେରଚ୍ଛା ହୋଇଥିବାରୁ ତାକୁ ତିର୍ଯ୍ୟକ୍ ବୋଲି କହନ୍ତି । ପକ୍ଷୀମାନଙ୍କ ପରେ ଆସେ ବାନର । ସେମାନେ ମନୁଷ୍ୟମାନଙ୍କର ଅତି ନିକଟସ୍ଥ ଅଟନ୍ତି; କାରଣ, ସେମାନେ ଆଗ ଗୋଡ଼ ଦୁଇଟିକୁ ବହୁଶଃ ହାତ ଭଳି ପ୍ରୟୋଗ କରି ପାରନ୍ତି । ତଥାପି ସେମାନେ ଅଧିକତଃ ଚାରୋଟି ଗୋଡ଼ରେ ଚାଲନ୍ତି । କିନ୍ତୁ ମନୁଷ୍ୟମାନେ କେବଳ ଦୁଇ ଗୋଡ଼ରେ ଚାଲନ୍ତି । ମନୁଷ୍ୟମାନଙ୍କର ଶିର ପକ୍ଷୀମାନଙ୍କ ଅପେକ୍ଷା ବହୁତ ଅଧିକ ଉନ୍ନତ ହୋଇଥାଏ । ଏହା ମନୁଷ୍ୟ ଶରୀରର ବିକାଶର କାହାଣୀ ଅଟେ । ତାଠାରେ ପ୍ରକୃତିକୁ ଅତିକ୍ରମଣ କରିବାରେ ଯେତିକି କ୍ଷମତା ରହିଛି ତାହାଠାରୁ ବଳି ପ୍ରକୃତି ଦ୍ୱାରା ପ୍ରଦତ୍ତ ଏହି ମନୁଷ୍ୟ ଶରୀର ଯେ ଅଧିକ ସମର୍ଥ ସେଥିରେ ସନ୍ଦେହ କରାଯାଇ ନ ପାରେ । ଏଣୁ ଆମେ ମନୁଷ୍ୟ ଶରୀରକୁ ଉପେକ୍ଷା କରିବା ଉଚିତ ନୁହେଁ ।।

ଅନ୍ୟ ସମସ୍ତ ପ୍ରଣୀ ପ୍ରକୃତିର ଅନୁସରଣ କରନ୍ତି; କାରଣ, ସେମାନଙ୍କଠାରେ

ପୁରୁଷ କେନ୍ଦ୍ରରେ ନ ଥାଏ, ଏଣୁ ସେମାନେ ପ୍ରକୃତିକୁ ଅତିକ୍ରମଣ କରି ପାରିବେ ନାହିଁ । ପ୍ରକୃତିକୁ ଅତିକ୍ରମଣ କରିବାର ସାମର୍ଥ୍ୟ କେବଳ ମନୁଷ୍ୟଠାରେ ରହିଛି । ଏହି ଶକ୍ତି ପଶୁମାନଙ୍କଠାରେ ନ ଥାଏ କିମ୍ବା ଦେବତାମାନଙ୍କଠାରେ ମଧ୍ୟ ନ ଥାଏ । ଏଣୁ କେବଳ ମନୁଷ୍ୟମାନଙ୍କ ପାଇଁ ଶାସ୍ତ୍ରର ବିଧାନ ରହିଛି; ତାହା ଦେବତାମାନଙ୍କ ପାଇଁ ନୁହେଁ କିମ୍ବା ପଶୁମାନଙ୍କ ପାଇଁ ମଧ୍ୟ ନୁହେଁ । ପଶୁ ଅଥବା ଦେବତା ପ୍ରକୃତି ଦ୍ୱାରା ସଞ୍ଚାଳିତ ହୋଇଥିବା ଯୋଗୁଁ କେବଳ ସେହି ନିୟମମାନ ପାଳନ କରିଥାଆନ୍ତି; ଯାହାକି ସେମାନଙ୍କ ପାଇଁ ପ୍ରକୃତି ନିର୍ଧାରଣ କରିଛି । ଏଣୁ ସେମାନଙ୍କ ପାଇଁ କୌଣସି ବିକଳ୍ପ ନ ଥାଏ । ଏଣୁ ସେମାନଙ୍କ ପାଇଁ ଶାସ୍ତ୍ରର ଆବଶ୍ୟକତା ମଧ୍ୟ ନାହିଁ । ଶାସ୍ତ୍ର ସେହିମାନଙ୍କ ପାଇଁ ଉପଯୋଗୀ ଅଟେ, ଯେଉଁମାନେ କି ଦୁଇଟି ଅଥବା ଦୁଇଟିରୁ ଅଧିକ ବିକଳ୍ପରୁ ଗୋଟିଏ ଚୟନ କରିବା ପାଇଁ ସ୍ୱତନ୍ତ୍ର ହୋଇଥାଆନ୍ତି । ଏହି ସ୍ୱତନ୍ତ୍ରତା କେବଳ ମନୁଷ୍ୟମାନଙ୍କୁ ପ୍ରାପ୍ତ ହୋଇଛି; ପଶୁମାନଙ୍କୁ ନୁହେଁ କିମ୍ବା ଦେବତାମାନଙ୍କୁ ମଧ୍ୟ ନୁହେଁ । ଏଣୁ ଶାସ୍ତ୍ର କେବଳ ମନୁଷ୍ୟମାନଙ୍କ ପାଇଁ କର୍ତ୍ତବ୍ୟାକର୍ତ୍ତବ୍ୟର ଉପଦେଶ ଦିଏ ।।

-ପ୍ରଶ୍ନ-

୧. ମନ ଓ ବୁଦ୍ଧି ମଧ୍ୟରେ କଣ ଭେଦ ?

୨. ବୈଶ୍ୱାନର, ତେଜସ ଓ ପ୍ରାଜ୍ଞର ଅର୍ଥ କଣ ?

୩. ଅସଂଜ୍ଞ, ଅନ୍ତଃସଂଜ୍ଞ ଓ ସସଂଜ୍ଞ ଶବ୍ଦ ଦ୍ୱାରା ତୁମେ କଣ ବୁଝ ?

୪. ମନୁଷ୍ୟ ଦେବତାମାନଙ୍କଠାରୁ ମଧ୍ୟ ଉର୍ଦ୍ଧ୍ୱରେ କେମିତି ?

୫. ପ୍ରାଣୀମାନଙ୍କର ବିକାଶର କ୍ରମ କଣ ?

-ସ୍ମରଣୀୟ ଉଦ୍ଧରଣ-

୧. ଗୁହ୍ୟଂ ବ୍ରହ୍ମ ତଦିଦଂ ବ୍ରବୀମି ନହି ମାନୁଷ୍ୟତ୍ ଶ୍ରେଷ୍ଠତରଂ ହି କିଞ୍ଚିତ୍

ମହାଭାରତ ।।

ଅର୍ଥ - ମୁଁ ତୁମମାନଙ୍କୁ ଗୁପ୍ତ ବ୍ରହ୍ମବିଦ୍ୟା କହୁଛି ଯେ; ମନୁଷ୍ୟଠାରୁ ଅଧିକ ଶ୍ରେଷ୍ଠ କିଛି ବି ନାହିଁ ।।

୨· ତସ୍ମାତ୍ ରୁଦନ୍ତି ପାଦପାଃ, ଜିଘ୍ରନ୍ତି ପାଦପାଃ,
ହସନ୍ତି ପାଦପାଃ, ଶୃଣ୍ୱନ୍ତି ପାଦପାଃ ।।
ମହାଭାରତ ।।

ଅର୍ଥ - ବୃକ୍ଷମାନେ କାନ୍ଦନ୍ତି, ପୁଁଘନ୍ତି, ହସନ୍ତି ଏବଂ ଶୁଣନ୍ତି ମଧ୍ୟ ।

୩· ଅୟମଗ୍ନିର୍ବୈଶ୍ୱାନରଃ ଯୋଽୟମନ୍ତଃ ପୁରୁଷେ ।
ଯେନେଦ ମନ୍ନଂ ପଚ୍ୟତେ, ଯଦିଦମଦ୍ୟତେ ।।
-ଶତପଥ ବ୍ରାହ୍ମଣ ।।

ଅର୍ଥ - ଏହି ଅଗ୍ନି ବୈଶ୍ୱାନର ଅଟେ; ଯାହାକି ମନୁଷ୍ୟ ଶରୀରରେ ରହିଛି ।
ଯେଉଁ ଅନ୍ନ ଆମ୍ଭେମାନେ ଖାଉଁ ତାହାର ପାଚନ ସେ କରେ ।

=======

ପଞ୍ଚମ ପାଠ

- ସଭ୍ୟତା ଓ ସଂସ୍କୃତି -

ମନୁଷ୍ୟ ହିଁ ପ୍ରକୃତିର ଅତିକ୍ରମଣ କରିପାରେ । ଏ ସମ୍ବନ୍ଧରେ ଶତପଥ ବ୍ରାହ୍ମଣରେ ଗୋଟିଏ କଥା ଅଛି । କଥାଟା ବଡ଼ । କିନ୍ତୁ ଆମେ ସେ କଥାଟିକୁ ସଂକ୍ଷେପରେ କହିବା । ଥରେ ପ୍ରଜାପତି ବ୍ରହ୍ମାଙ୍କ ସମ୍ମୁଖରେ ଅସୁର, ଦେବତା, ପିତୃଲୋକନିବାସୀ, ମନୁଷ୍ୟ ଓ ପଶୁ - ଏ ପାଞ୍ଚଜଣ ଉପସ୍ଥିତ ହେଲେ ଏବଂ ନିଜ ନିଜ ଜୀବନଧାରଣର ସାଧନ ପାଇଁ ଆଦେଶ ପ୍ରାର୍ଥନା କଲେ । ପ୍ରଜାପତି ଦେବତାମାନଙ୍କୁ ବର୍ଷରେ ଥରେ, ପିତୃଲୋକନିବାସୀମାନଙ୍କୁ ମାସରେ ଥରେ, ମନୁଷ୍ୟମାନଙ୍କୁ ଦିନରେ ଦୁଇଥର ଏବଂ ପଶୁମାନଙ୍କୁ ଯେତେଥର ମିଳିବ ସେତେଥର ଭୋଜନ କରିବାକୁ ଆଦେଶ ଦେଲେ । ଉକ୍ତ କାହାଣୀରେ କୁହାଯାଇଛି ଯେ; ସମସ୍ତେ ପ୍ରଜାପତିଙ୍କ ଆଦେଶ ପାଳନ କରୁଛନ୍ତି; କିନ୍ତୁ ମନୁଷ୍ୟ ଏକମାତ୍ର ଏମିତି ପ୍ରାଣୀ ଯିଏ କି ପ୍ରଜାପତିଙ୍କ ଆଦେଶ ପାଳନ କରୁ ନାହିଁ । ଏହାର ତାତ୍ପର୍ଯ୍ୟ ଏହା ଯେ; ସମସ୍ତେ ପ୍ରକୃତିର ନିୟମ ପାଳନ କରନ୍ତି; କିନ୍ତୁ ମନୁଷ୍ୟର ଇଚ୍ଛାଶକ୍ତିର ସ୍ୱାତନ୍ତ୍ର୍ୟ ରହିଛି । ଏଇଥିପାଇଁ, ଯଦ୍ୟପି ପ୍ରକୃତିର ନିୟମ ଅନୁସାରେ ତାକୁ ଦିନରେ ଦୁଇଥର ଖାଇବା ଉଚିତ ତଥାପି ତା ପାଇଁ ଦିନରେ ଦୁଇଥରରୁ ଅଧିକ ଖାଇବାର ବିକଳ୍ପ ଖୋଲା ଅଛି । ଏପରି ସେ ଦିନରେ ଦୁଇଥରରୁ କମ୍ ମଧ୍ୟ ଖାଇ ପାରେ କିମ୍ବା ଆଦୌ ଖାଇ ନ ପାରେ । ଏଇଥିପାଇଁ ମନୁଷ୍ୟ ପକ୍ଷରେ ତାର କର୍ତ୍ତବ୍ୟ ବିବେଚନା କରିବା ଉଚିତ । ଯେଉଁଠି ବିକଳ୍ପ ନାହିଁ ସେଠାରେ କର୍ତ୍ତବ୍ୟମୀମାଂସାର ପ୍ରଶ୍ନ ଉଠେନା । ଏହି ବିକଳ୍ପର ଲାଭ ଉଠେଇ ମନୁଷ୍ୟ ଆଜି ଏତେ ବିକସିତ ହୋଇଛି ।

ଅନ୍ୟ ପ୍ରାଣୀମାନଙ୍କର ଅସ୍ତିତ୍ୱ ରହିଛି; କିନ୍ତୁ କେବଳ ମନୁଷ୍ୟର ହିଁ ଜୀବନ ରହିଛି । ଅସ୍ତିତ୍ୱର ଅର୍ଥ ଜନ୍ମ ହେବାଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଅବସ୍ଥାନ କରିବା । ଜୀବନର ଅର୍ଥ ହେଉଛି ଜନ୍ମ ଓ ମୃତ୍ୟୁର ଅନ୍ତରାଳରେ (ମଧ୍ୟକାଳରେ) କିଛି ନା କିଛି ଉପଲବ୍ଧି କରିବା ।

ପଶୁ ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁପର୍ଯ୍ୟନ୍ତ କେବଳ ଅବସ୍ଥାନ କରେ ତାର କିଛି ଉପଲବ୍ଧି ହୁଏ ନାହିଁ । ମନୁଷ୍ୟ ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଉପଲବ୍ଧି ଅର୍ଜନ କରେ । ଜ୍ଞାନ, ଧର୍ମ, ଧନ ଇତ୍ୟାଦି ମନୁଷ୍ୟର ଉପଲବ୍ଧିରେ ପରିଗଣିତ ହୁଏ । ମନୁଷ୍ୟ ଯାହାକିଛି ଉପଲବ୍ଧି କରେ; ସେସବୁ ପରବର୍ତ୍ତୀ ପରୁଷକୁ ଦାନ କରିଦିଏ । ଏଇଥିପାଇଁ ମନୁଷ୍ୟର ବିକାସର କ୍ରମିକ ଇତିହାସ ରହିଛି । ପଶୁର କ୍ରମିକ ବିକାସ ବୋଲି କିଛି ନାହିଁ କିମ୍ବା ତାର ଉପଲବ୍ଧି ବୋଲି କିଛି ନାହିଁ । ପଶୁ ଏପରି କିଛି ଉପଲବ୍ଧି କରେ ନା ଯାହା କି ସେ ପରବର୍ତ୍ତୀ ପୀଢୀକୁ ଦେଇଯିବ । ଏହାହିଁ ମାନବ ସମାଜର ବିକାସର ରହସ୍ୟ ଯେ, ସେ କେବଳ ପ୍ରାଣ ଧାରଣ କରେ ନା କିନ୍ତୁ ନିଜ ଜୀବନରେ ଏମିତି କିଛି ନା କିଛି ଉପଲବ୍ଧି କରେ ଯାହା କି ସେ ଆଗାମୀ ପୀଢୀକୁ ଦେଇଯିବ ।

ଉପରେ ଆମେ ଯାହା କହିଲୁ, ତାହା ମାନବ ସଭ୍ୟତାର ଇତିହାସ । ଅତୀତର ଭୁଲ୍‌ରୁ ଶିକ୍ଷାଲାଭକରି ଭବିଷ୍ୟତର ଯୋଜନା ବିଷୟରେ ସୁଧାରି ନେବାର ନାମ ସଭ୍ୟତା । କିନ୍ତୁ ଏ ସଭ୍ୟତା ସହିତ ବାନ୍ଧି ହୋଇଥିବା ମନୁଷ୍ୟ ସମୟ ସହିତ ମଧ୍ୟ ବାନ୍ଧି ହୋଇଥାଏ । ସେ କାଳ ଅଥବା ସମୟକୁ ଅତିକ୍ରମଣ କରିପାରେନା । କାଳ ସହିତ ବାନ୍ଧି ହୋଇଥିବାରୁ ସଭ୍ୟତାକୁ ପ୍ରକୃତିର ଅଙ୍ଗ ବୋଲି କୁହାଯାଏ । ପ୍ରକୃତିଠାରୁ ଆବଶ୍ୟକତା ଦୃଷ୍ଟିରୁ ଯଦି ଦେଖାଯାଏ ତେବେ ମନୁଷ୍ୟର ପ୍ରକୃତି ପ୍ରତି ଯେତିକି ଅପେକ୍ଷା ଥାଏ ତାହା ପଶୁର ପ୍ରକୃତି ପ୍ରତି ଅପେକ୍ଷାଠାରୁ ବହୁତ କମ୍ । ପଶୁର ନବଜାତ ଶିଶୁ ମନୁଷ୍ୟର ନବଜାତ ଶିଶୁଠାରୁ ବହୁତ ଅଧିକ ସମର୍ଥ ହୋଇଥାଏ । ମନୁଷ୍ୟକୁ ଜୀବନ ନିର୍ବାହ କରିବା ପାଇଁ ପଶୁଠାରୁ ଅନେକ ଗୁଣା ଅଧିକ କଠୋର ଓ ବ୍ୟାପକ ଶିକ୍ଷା ଲାଭ କରିବାକୁ ପଡ଼େ । କିନ୍ତୁ ଏହି ଶିକ୍ଷାଲାଭ କରିବାର ଆବଶ୍ୟକତା ହିଁ ତାକୁ ପଶୁଠାରୁ ବହୁତ ଆଗକୁ ନେଇଯାଏ । ଏହି ଶିକ୍ଷାର ଦୁଇଟି ଆୟାମ ଅଛି - ପ୍ରଥମତଃ ଏହି ଶିକ୍ଷାଦ୍ୱାରା ମନୁଷ୍ୟ ଏ ପ୍ରକାର ଉପାୟ ଅନୁସନ୍ଧାନ କରେ ଯାହାଦ୍ୱାରା ସେ ପ୍ରାକୃତିକ ବାଧା ବିପଦକୁ ଜିତି ପାରିବ । ଥଣ୍ଡା ଓ ଗରମକୁ ଜିତିବା ପାଇଁ ବାତାନୁକୂଳନ (air-condition), ଅଳ୍প ସମୟରେ ଦୂର ଯାତ୍ରା କରିବା ପାଇଁ ଦ୍ରୁତଗାମୀ ଯାନ ବାହାନ, ରୋଗ ଉପରେ ବିଜୟ ପ୍ରାପ୍ତି କରିବା ପାଇଁ ଔଷଧିର ଆବିଷ୍କାର - ଏ ସବୁ ଶିକ୍ଷାର ଏହି ପ୍ରଥମ ଆୟାମର ଅଙ୍ଗ । ଶିକ୍ଷାର ଏହି ଆୟାମକୁ 'ବିଜ୍ଞାନ' କୁହାଯାଏ । ଶିକ୍ଷାର ଦ୍ୱିତୀୟ ଆୟାମ ହେଉଛି 'ଜ୍ଞାନ' । ଜ୍ଞାନଦ୍ୱାରା ଆମେ ପ୍ରକୃତି ସହିତ ଯୁଦ୍ଧ କରୁନା କିନ୍ତୁ ପ୍ରକୃତିଠାରୁ ଉର୍ଦ୍ଧକୁ ଉଠିଯାଉ । ପ୍ରକୃତି ଅନନୁକୂଳ ହେଲେ ଆମେ ଦୁଃଖ ଲାଭ କରୁ ଏବଂ ଅନୁକୂଳ

ହେଲେ ଆମେ ସୁଖ ଲାଭ କରୁ । ଜ୍ଞାନ ସୁଖ ଓ ଦୁଃଖ ଉଭୟରୁ ଉର୍ଦ୍ଧ୍ୱକୁ ନେଇଯାଇପାରେ । ଶିକ୍ଷାର ପ୍ରଥମ ଆୟାମ ସଭ୍ୟତାର ବିକାସ କରିଛି ଏବଂ ଦ୍ୱିତୀୟ ଆୟାମ ସଂସ୍କୃତିକୁ ଜନ୍ମ ଦେଇଛି ।

ସଭ୍ୟତା ଦୃଷ୍ଟିରୁ ଆମେ ବିଚାର କରୁ କି ପଦାର୍ଥସବୁ କେବେ ନିର୍ମିତ ହେଲା ଏବଂ କେଉଁ କେଉଁ ତତ୍ତ୍ୱର ଆଧାରରେ ନିର୍ମିତ ହେଲା । କିନ୍ତୁ ଆମେ ଯେତେବେଳେ ଆତ୍ମ ଦୃଷ୍ଟିରୁ ବିଚାର କରୁ ସେତେବେଳେ ଆମେ ପଦାର୍ଥଠାରୁ ନୁହେଁ କାଳଠାରୁ ଆରମ୍ଭ କରୁ । କିନ୍ତୁ କାଳର ଆଦି କିମ୍ବା ଅନ୍ତ, ଆମକୁ କିଛି ଦେଖାଯାଏ ନାହିଁ । ଅନାଦି-ଅନନ୍ତ କାଳ ଅନାଦ୍ୟନନ୍ତ ଚେତନାର କାରଣ ବନିଯାଏ । ଚେତନା ସହିତ ଜଡ଼ିତ ହେଲେ ପୁରୁଷକୁ **କାଳପୁରୁଷ** କୁହାଯାଏ । ତାହାର ଶକ୍ତିର ନାମ **ମହାକାଳୀ** । ଏହିପରି ଭାବରେ ଆମେ ପ୍ରକୃତିରୁ ସଂସ୍କୃତି ପ୍ରତି, ଜଡ଼ଠାରୁ ଚେତନତା ପ୍ରତି ଆଉ ସାନ୍ତଠାରୁ ଅନନ୍ତ ପ୍ରତି ଅଗ୍ରସର ହେଉ । ଏହାହିଁ ପ୍ରକୃତିଠାରୁ ସଂସ୍କୃତିର ମାର୍ଗରେ ଅଗ୍ରଗାମୀ ହେବାର ପ୍ରକ୍ରିୟା ଅଟେ ।

ପ୍ରକୃତି ପ୍ରଥମେ ଥିଲା ଏବଂ ପରେ ସଂସ୍କୃତିର ଅଭ୍ୟୁଦୟ ହେଲା । ପ୍ରକୃତିରେ ଦୁଇଟି ଶବ୍ଦ ଛୁପି ରହିଛି - 'ପ୍ର' ଓ 'କୃତି' । 'ପ୍ର' କାରଣ ପର୍ଯ୍ୟାୟ ଅଟେ ଏବଂ 'କୃତି' କାର୍ଯ୍ୟ ପର୍ଯ୍ୟାୟ ଅଟେ । କାରଣ ଏକ ଏବଂ ଅବ୍ୟକ୍ତ ଅଟେ । କାର୍ଯ୍ୟ ଅନେକ ଏବଂ ବ୍ୟକ୍ତ ଏଟେ । ଏହି ଏକରୁ ଅନେକ ହେବାକୁ ଅଥବା ଅବ୍ୟକ୍ତରୁ ବ୍ୟକ୍ତ ରୂପ ଧାରଣ କରିବାକୁ **ସୃଷ୍ଟି** କୁହାଯାଏ । କୃତି ଉପଯୋଗରେ ଆସେ । ସଂସ୍କୃତିର ସମ୍ବନ୍ଧ 'ଉପଯୋଗ'ରେ ନ ଥାଏ କିନ୍ତୁ 'ଯୋଗ' ରେ ଥାଏ । ଯୋଗ ଓ ଉପଯୋଗର ଭେଦ ବୁଝିବା ପାଇଁ ସୂର୍ଯ୍ୟ ଓ ପୃଥିବୀର ଉଦାହରଣ ନିଆଯାଇପାରେ । ପୃଥିବୀ ଆମର ଉପଯୋଗରେ ଆସେ କିନ୍ତୁ ସୂର୍ଯ୍ୟ ନୁହେଁ । କିନ୍ତୁ ପୃଥିବୀକୁ ଉପଯୋଗୀ ବନେଇ ରଖିବା ପାଇଁ ସୂର୍ଯ୍ୟର ନିରନ୍ତର ଯୋଗ ଆବଶ୍ୟକ ହୋଇଥାଏ । ଯଦି ସୂର୍ଯ୍ୟର ଯୋଗ ନ ରହିବ ତେବେ ପୃଥିବୀ ମଧ୍ୟ ଅନୁପଯୋଗୀ ହୋଇଯିବ । **ସଂସ୍କୃତି** ସୂର୍ଯ୍ୟ ପରି ଅଟେ । **ପ୍ରକୃତି** ପୃଥିବୀ ପରି ଅଟେ । ପ୍ରକୃତି ତ ଉପଯୋଗରେ ଆସେ କିନ୍ତୁ ଯଦି ସଂସ୍କୃତିର ଯୋଗ ନ ରହିବ ତେବେ ପ୍ରକୃତି ମଧ୍ୟ ଅନୁପଯୋଗୀ ହୋଇଯିବ ।

ବିଜ୍ଞାନର ଅନେକ ଆବିଷ୍କାର ମଧ୍ୟରେ ଅସ୍ତ୍ର-ଶସ୍ତ୍ର ଆଜି ମୁଖ୍ୟ ସ୍ଥାନ ଅଧିକାର କରିଛି । ପ୍ରସ୍ତରର ଅସ୍ତ୍ରଠାରୁ ଆରମ୍ଭ କରି ଆଣବିକ ଶସ୍ତ୍ର ପର୍ଯ୍ୟନ୍ତ ବିକାସର ଗୋଟିଏ ଲମ୍ବା କାହାଣୀ ଅଛି । ଆତ୍ମରକ୍ଷା ପାଇଁ ଅଥବା ଅନ୍ୟାୟ ବିରୁଦ୍ଧରେ ପୀଡ଼ିତର ରକ୍ଷା ପାଇଁ ଶସ୍ତ୍ର ବହୁତ ଉପ-

ଯୋଗୀ । କିନ୍ତୁ ଶସ୍ତ୍ର ପଛରେ ଯଦି ସଂସ୍କୃତି ନ ରହିବ ତେବେ ଶସ୍ତ୍ର ଆତ୍ମରକ୍ଷା ଅଥବା ପୀଡିତର ରକ୍ଷା ପରିବର୍ତ୍ତେ ଆକ୍ରମଣ ତଥା ଶୋଷଣର ସାଧନ ବନିଯିବ । ଏଇଥିପାଇଁ ଏହା ନିହାତି ଆବଶ୍ୟକ ଯେ, ଯାହା ହାତରେ ଶସ୍ତ୍ର ଅଛି ତାହାର ଶରୀର ଏବଂ ମନ ଆତ୍ମୋନ୍ମୁଖୀ ରହୁ । ଏ କଥା ଅବଶ୍ୟ ସତ୍ୟ ଯେ, ଯାହା ହାତରେ ଶସ୍ତ୍ର ନାହିଁ, ସେ କେବଳ ସଂସ୍କୃତିର ବଳରେ ଆତ୍ମରକ୍ଷା କରି ପାରେନା କିମ୍ବା ଅନ୍ୟାୟ ବିରୁଦ୍ଧରେ ସଂଘର୍ଷ ମଧ୍ୟ କରିପରେ ନା । ଏଇଥି ପାଇଁ ବେଦରେ ଅସ୍ତ୍ର-ଶସ୍ତ୍ର କାମନା କରାଯାଇଛି । ଶୂରବୀର ଯୋଦ୍ଧାମାନଙ୍କ ପାଇଁ ପ୍ରାର୍ଥନା କରାଯାଇଛି । କିନ୍ତୁ ଏ ସବୁ ପଛରେ ଆତ୍ମରକ୍ଷା ହିଁ ମୁଖ୍ୟ ଉଦ୍ଦେଶ ରହିଛି ଆକ୍ରମଣ ନୁହେଁ । ଦେବତାମାନେ ଗୋଟିଏ ହାତରେ ଶସ୍ତ୍ର ଏବଂ ଅନ୍ୟ ହାତରେ ସଂସ୍କୃତିର ପ୍ରତୀକ ରୂପରେ ପଦ୍ମ ଅଥବା ଶଙ୍ଖ ଧାରଣ କରିଥାନ୍ତି । ସଂସ୍କୃତି ବିନା ପ୍ରକୃତିର ସଂରକ୍ଷଣ ସମ୍ଭବ ନୁହେଁ ।

ସଭ୍ୟତାର ସମ୍ବନ୍ଧ ପ୍ରକୃତି ସହିତ ରହିଛି । ବୁଦ୍ଧି ପ୍ରକୃତିକୁ ନିୟନ୍ତ୍ରିତ କରେ । ବୁଦ୍ଧି ଦ୍ୱାରା ନିୟନ୍ତ୍ରିତ ସଭ୍ୟତା ଦୈବୀ ସଭ୍ୟତା ବନିଯାଏ । ଅନ୍ୟପକ୍ଷରେ ଆତ୍ମା ପ୍ରକୃତିର ନିୟନ୍ତ୍ରିଣ କରେ ନା; କିନ୍ତୁ ପ୍ରକୃତିକୁ ଅତିକ୍ରମଣ କରିଯାଏ । ପ୍ରକୃତିର ଅତିକ୍ରମଣ ହିଁ ସଂସ୍କୃତି ବନିଯାଏ । ଯଦି ବୁଦ୍ଧି ପ୍ରକୃତି ଉପରେ ନିୟନ୍ତ୍ରଣ ରଖିବ ଏବଂ ଆତ୍ମା ଯଦି ପ୍ରକୃତିର ଅତିକ୍ରମଣ କରିଯିବ ତେବେ ସଭ୍ୟତା ମଧ୍ୟ ସଂସ୍କୃତିର ସହାୟିକା ହୋଇଯିବ ।

ଆମର ଧର୍ମଶାସ୍ତ୍ର ତିନିଭାଗରେ ବିଭକ୍ତ ଅଟେ - ଶ୍ରୁତି, ସ୍ମୃତି ଓ ପୁରାଣ । ଶ୍ରୁତିରେ ଆତ୍ମଧର୍ମ, ସ୍ମୃତିରେ ମନୋଧର୍ମ ଏବଂ ପୁରାଣରେ ଶରୀରଧର୍ମର ବର୍ଣ୍ଣନା ଦେଖିବାକୁ ମିଳେ । ଆତ୍ମଧର୍ମ ସଂସ୍କୃତି ଅଟେ, ମନୋଧର୍ମ ସଭ୍ୟତାର ଆନ୍ତରିକ ସ୍ୱରୂପ ଅଟେ ତଥାଚ ଶରୀରଧର୍ମ ସଭ୍ୟତାର ବାହ୍ୟ ସ୍ୱରୂପ ଅଟେ । ଶ୍ରୁତିରେ ସଂସ୍କୃତିର ବର୍ଣ୍ଣନା କରାଯାଇଛି, ସ୍ମୃତିରେ ଜର୍ଣ୍ଣ-ବ୍ୟର ଓ ପୁରାଣରେ ସଭ୍ୟତାର ବର୍ଣ୍ଣନା କରାଯାଇଛି ।

ପ୍ରତେକ କୃତି ପଛରେ ଇଚ୍ଛା ରହିଥାଏ । ଯେତେଦିନ ଯାଏ ସେହି ଇଚ୍ଛା ବ୍ୟକ୍ତିଗତ ଥାଏ ସେତେଦିନ ଯାଏ କୃତି କୃତି ରୂପରେ ଥାଏ; କିନ୍ତୁ ଯେତେବେଳେ ଆମର ଇଚ୍ଛା ଈଶ୍ୱରଙ୍କ ଇଚ୍ଛା ସହିତ ଜଡ଼ିତ ହୋଇଯାଏ ସେତେବେଳେ ସେ ପ୍ରକାର ଇଚ୍ଛାଦ୍ୱାରା ଉତ୍ପନ୍ନ କୃତି ସଂସ୍କୃତି ବନିଯାଏ । ବ୍ୟକ୍ତିମାନଙ୍କର ଇଚ୍ଛା ଅଲଗା ଅଲଗା ଥାଏ କିନ୍ତୁ ଈଶ୍ୱରଙ୍କ ଇଚ୍ଛା ଏକ ହିଁ ଅଟେ । 'ସଂ' ର ଅର୍ଥ 'ଏକ' । ଏଣୁ ଈଶ୍ୱରଙ୍କ ଇଚ୍ଛା ସହିତ ଜଡ଼ିତ ଇଚ୍ଛାରୁ ଉତ୍ପନ୍ନ କୃତିକୁ ସଂସ୍କୃତି କୁହାଯାଏ ।

ଆମର ଚାରୋଟି ଘଟକ ତତ୍ତ୍ୱ ରହିଛି - ଶରୀର, ମନ, ବୁଦ୍ଧି ଓ ଆତ୍ମା । ଶରୀର ଓ ମନର ସମ୍ବନ୍ଧ କର୍ମ ସହିତ ଅଛି; ବୁଦ୍ଧି ଓ ଆତ୍ମାର ସମ୍ବନ୍ଧ ଜ୍ଞାନ ସହିତ ରହିଛି । କର୍ମ କ୍ଷତ୍ରିୟ ଧର୍ମ ଅଟେ ଏବଂ ଜ୍ଞାନ ବ୍ରାହ୍ମଣ ଧର୍ମ ଅଟେ । କ୍ଷତ୍ରିୟମାନଙ୍କ ଦେବତା ବରୁଣ ଅଟନ୍ତି ଏବଂ ବ୍ରାହ୍ମଣମାନଙ୍କ ଦେବତା ମିତ୍ର । ଏହି ଦୁଇଟି ତତ୍ତ୍ୱକୁ ମିଶେଇଲେ ଯେଉଁ ଦେବତାଯୁଗୁଳ ଆବିର୍ଭୂତ ହୁଅନ୍ତି ତାଙ୍କୁ ମିତ୍ରାବରୁଣ କୁହାଯାଏ । ମିତ୍ର ସଂସ୍କୃତିର ଦେବତା ଏବଂ ବରୁଣ ସଭ୍ୟତାର ଦେବତା । ବରୁଣ ଆମର ଶରୀର ଏବଂ ମନକୁ ନିୟନ୍ତ୍ରିତ ରଖେ ; ମିତ୍ର ଆମର ସଂସ୍କୃତିର ଅପେକ୍ଷାମାନ ପୂର୍ତ୍ତି କରେ । ମିତ୍ର ଓ ବରୁଣ ମିଶିକରି ଜୀବନର ସମଗ୍ରତାର ନିର୍ମାଣ କରନ୍ତି । ଏଥିରେ ମଧ୍ୟ ବରୁଣ ମିତ୍ରର ମୁଖାପେକ୍ଷୀ ରହିଥାଏ । ଶରୀର ଓ ମନକୁ କ୍ରମଶଃ ବୁଦ୍ଧି ଓ ଆତ୍ମାର ଅଧୀନ ରଖିବା ଉଚିତ । ସେଥିରେ ହିଁ ସେମାନଙ୍କର କଲ୍ୟାଣ ନିହିତ ରହିଛି, କ୍ଷାତ୍ର ଶକ୍ତିର କଲ୍ୟାଣ ଏଇଥିରେ ରହିଛି ଯେ ତାହା ବ୍ରାହ୍ମଶକ୍ତିର ଅଧୀନରେ ରହୁ ।

ସୌର ମଣ୍ଡଳରେ ତିନୋଟି ଗ୍ରହ ମୁଖ୍ୟରୂପରେ ଦେଖାଯାଏ; ତାହା ହେଲା ପୃଥିବୀ, ଚନ୍ଦ୍ର ଓ ସୂର୍ଯ୍ୟ । ଏହି ତିନୋଟି ଗ୍ରହରେ ତିନୋଟି ମହିମାମଣ୍ଡଳ ଦେଖାଯାଏ । ଏହିପରି ଭାବରେ ତିନୋଟି ଗ୍ରହ ଓ ତିନୋଟି ମହିମାମଣ୍ଡଳ ମିଶିକରି ଛଅଟି ହୋଇଯାଏ । ଏହି ଛଅଜଣଙ୍କ ସହିତ ଛଅଗୋଟି ଭାବ ଜଡ଼ିତ ହୋଇରହିଛି । ଭୂ-ପିଣ୍ଡ (ଗ୍ରହ) ସହିତ ଅନ୍ନ ଜଡ଼ିତ ଅଟେ ଏବଂ ଭୂମିର ମହିମାମଣ୍ଡଳ ସହିତ ଅନ୍ନାଦ ଜଡ଼ିତ ହୋଇରହିଛି । ଚନ୍ଦ୍ର-ପିଣ୍ଡ ସହିତ ପଶୁ ଜଡ଼ିତ ହୋଇଛି ଏବଂ ଚନ୍ଦ୍ରର ମହିମାମଣ୍ଡଳ ସହିତ ପ୍ରଜା ଜଡ଼ିତ ହୋଇଛି । ସୂର୍ଯ୍ୟ-ପିଣ୍ଡ (ଗ୍ରହ) ସହିତ ଯଶ ଜଡ଼ିତ ହୋଇଛି ଏବଂ ସୂର୍ଯ୍ୟର ମହିମାମଣ୍ଡଳ ସହିତ ବ୍ରହ୍ମବର୍ଚ୍ଚସ୍ ଜଡ଼ିତ ଅଟେ । ଏଥି ମଧ୍ୟରୁ ଗ୍ରହମାନଙ୍କ ସହିତ ଜଡ଼ିତ ପଶୁ, ଯଶ ଓ ଅନ୍ନ ସଭ୍ୟତାର ଅଙ୍ଗ ଏବଂ ମହିମା-ମଣ୍ଡଳ ସହିତ ଜଡ଼ିତ ବ୍ରହ୍ମବର୍ଚ୍ଚସ୍, ପ୍ରଜା ଓ ଅନ୍ନାଦ ସଂସ୍କୃତିର ଅଙ୍ଗ ଅଟେ । ସଭ୍ୟତା ଉପ-ଯୋଗରେ ଆସେ ଏବଂ ସଂସ୍କୃତିର ଯୋଗ ବନିରହେ । କିନ୍ତୁ ଯଦି ସଂସ୍କୃତିର ଯୋଗ ନ ରହିବ ତେବେ ସଭ୍ୟତାର ଉପଯୋଗ ମଧ୍ୟ ସମାପ୍ତ ହୋଇଯିବ ।

ଅନ୍ୟ ଏକ ଦୃଷ୍ଟିକୋଣରୁ ଯଦି ଦେଖାଯିବ ତ ***'ସତ୍ୟଂ ଶିବଂ ସୁନ୍ଦରମ୍'*** ଏହି ତିନୋଟି ସଂସ୍କୃତିର ତିନି ଅଙ୍ଗ ଅଟେ । ସୂର୍ଯ୍ୟ ସହିତ ଜଡ଼ିତ ବୁଦ୍ଧି ସତ୍ୟର ଅନୁସନ୍ଧାନ କରେ; ଚନ୍ଦ୍ରମା ସହିତ ଜଡ଼ିତ ମନ ସୁନ୍ଦରତାକୁ ଚାହେଁ ତଥା ଚ ପୃଥିବୀ ସହିତ ଜଡ଼ିତ ଶରୀର ଶିବର ଅନୁସ-ନ୍ଧାନ କରେ । ଅନ୍ୟ ଶବ୍ଦରେ କହିଲେ ଶରୀରକୁ ଅର୍ଥର ଆବଶ୍ୟକତା ଥାଏ, ମନକୁ କାମର ଏବଂ ବୁଦ୍ଧିକୁ ଧର୍ମର । ପରମପୁରୁଷାର୍ଥ ମୋକ୍ଷ ବିଷୟରେ ଏତିକି କୁହାଯାଇ ପାରେ ଯେ, ତାହା

ଉକ୍ତ (ତିନୋଟି ପରୁଷାର୍ଥରୁ) ଉର୍ଦ୍ଧ୍ୱରେ ଅବସ୍ଥିତ ଏବଂ ତାହା ଆତ୍ମାର ସ୍ୱଭାବ ଏଟେ । ଶରୀର ଆମର ଆକୃତି ଅଟେ; ଯାହାର ସମ୍ବନ୍ଧ ପୃଥିବୀ ସହିତ ରହିଛି । ମନ ଆମର ପ୍ରକୃତି ଅଟେ, ଯାହାର ସମ୍ବନ୍ଧ ଚନ୍ଦ୍ରମା ସହିତ ରହିଛି ଏବଂ ବୁଦ୍ଧି ଆମର ଅହଙ୍କୃତି ଅଟେ ଯାହାର ସମ୍ବନ୍ଧ ସୂର୍ଯ୍ୟ ସହିତ ରହିଛି । ଆମ ଆକୃତିରେ ତମୋ ଗୁଣ ମୁଖ୍ୟ ଅଟେ; ପ୍ରକୃତିରେ ରଜୋଗୁଣ ଏବଂ ଅହଂକୃତିରେ ସତ୍ତ୍ୱଗୁଣ । ଏ ତିନିତତ୍ତ୍ୱ ମିଳିକରି ଆମକୁ ସଭ୍ୟତା ପ୍ରଦାନ କରନ୍ତି । କେବେ କେବେ ଆମେ ସଭ୍ୟତାର ବିଭାଜନ ଆକୃତିର ଆଧାରରେ କରୁଁ; ଯେପରି କି କଳା ଲୋକଙ୍କ ସଭ୍ୟତା, ଗୋରା ଲୋକଙ୍କ ସଭ୍ୟତା ଇତ୍ୟାଦି । ସଭ୍ୟତାର ଏ ପ୍ରକାର ବିଭାଜନ ବହୁତ ସ୍ଥୂଳ ଅଟେ । ଏ ପ୍ରକାର ବିଭାଜନଠାରୁ ପ୍ରକୃତିର ଆଧାରରେ ସଭ୍ୟତାର ବିଭାଜନ ଅଧିକ ସୂକ୍ଷ୍ମ ଅଟେ । ଉଦାହରଣତଃ ପଞ୍ଜାବର ସଭ୍ୟତା, ରାଜସ୍ଥାନର ସଭ୍ୟତା ଇତ୍ୟାଦି । ସଭ୍ୟତାର ସବୁଠାରୁ ଅଧିକ ସୂକ୍ଷ୍ମ ଆଧାର ଅହଂକୃତି ଅଟେ । ଉଦାହରଣତଃ ହିନ୍ଦୁ ସଭ୍ୟତା, ମୁସ୍‌ଲିମ ସଭ୍ୟତା ଇତ୍ୟାଦି । କିନ୍ତୁ ସଂସ୍କୃତି ଏ ତିନିପ୍ରକାର ତତ୍ତ୍ୱରୁ ଉର୍ଦ୍ଧ୍ୱରେ ଅବସ୍ଥିତ । କାରଣ ସଂସ୍କୃତିର ଆଧାର ଆତ୍ମା ଏବଂ ଆତ୍ମା ଗୁଣାତୀତ । ଏଇଥିପାଇଁ ସଭ୍ୟତା ଅନେକ ପ୍ରକାର ହୋଇପାରେ; କିନ୍ତୁ ସଂସ୍କୃତିର କୋଣସି ଭେଦ ନାହିଁ । ସଂସ୍କୃତି ସାର୍ବଭୌମ ଅଟେ । ଏଇଥିପାଇଁ ବେଦରେ ସଂସ୍କୃତିକୁ ବିଶ୍ୱବାରା କୁହାଯାଇଛି- *'ସା ସଂସ୍କୃତିଃ ପ୍ରଥମା ବିଶ୍ୱବାରା'* ।।

-ପ୍ରଶ୍ନ-

୧. ମନୁଷ୍ୟ ଓ ପଶୁ ଜୀବନରେ କ'ଣ ଭେଦ ଅଛି ?

୨. ପ୍ରକୃତିର ସଂସ୍କୃତି ସହିତ କ'ଣ ସମ୍ବନ୍ଧ ?

୩. ସଂସ୍କୃତିର କ'ଣ ଆବଶ୍ୟକତା ରହିଛି ?

୪. ସଭ୍ୟତାର ଫଳ କ'ଣ ଏବଂ ସଂସ୍କୃତିର ଫଳ କ'ଣ ?

୫. ସଂସ୍କୃତି ସାର୍ବଭୌମ କେମିତି ହୁଏ ?

-ସ୍ମରଣୀୟ ଉଦ୍ଧରଣ-

୧. ଆନନ୍ଦୋ ବ୍ରହ୍ମେତି ବ୍ୟଜାନାତ୍ । ସୈଷା ଭାର୍ଗବୀ ବାରୁଣୀବିଦ୍ୟା ପରମେ ବ୍ୟୋମନ୍

ପ୍ରତିଷ୍ଠିତା । ଯ ଏବଂ ବେଦ ପ୍ରତିତଷ୍ଠତି । ଅନ୍ନବାନ୍ ଅନ୍ନାଦୋ ଭବତି । ମହାନ୍ ଭବତି ପ୍ରଜୟା, ପଶୁଭିଃ ବ୍ରହ୍ମବର୍ଚ୍ଚସେନ । ମହାନ୍ କୀର୍ତ୍ୟା ।।

– ତୈତ୍ତିରୀୟୋପନିଷଦ୍ ।।

ଅର୍ଥ – ସେ ଆନନ୍ଦକୁ ବ୍ରହ୍ମ ବୋଲି ଅନୁଭବ କଲା । ଏହା ହିଁ ଭାର୍ଗବ ବାରୁଣୀ ବିଦ୍ୟା ପରମ ବ୍ୟୋମରେ ପ୍ରତିଷ୍ଠିତ ଅଟେ । ଯିଏ ଏପରି ଭାବରେ ଜାଣିପାରେ ସେ ଅନ୍ନବାନ୍ ହୁଏ ; ଅନ୍ନାଦ ହୁଏ ତଥାଚ ପ୍ରଜା, ପଶୁ, ବ୍ରହ୍ମବର୍ଚ୍ଚସ୍ ତଥା କୀର୍ତ୍ତି ଦ୍ୱାରା ମହାନ୍ ହୁଏ ।।

==========

ଷଷ୍ଠ ପାଠ

- ଚାରୋଟି ପୁରୁଷାର୍ଥ -

ପୂର୍ବ ପାଠରେ ଆମେ ସଭ୍ୟତା ଓ ସଂସ୍କୃତିର ସ୍ୱରୂପ ତଥା ସେହି ଦୁଇଟି ତତ୍ତ୍ୱ ମଧ୍ୟରେ ଥିବା ସମ୍ବନ୍ଧ ବିଷୟରେ ବିଚାର କଲୁଁ । ଯେପରି ପିଣ୍ଡ ଅଥବା ଗ୍ରହର ମହିମାମଣ୍ଡଳ ଥାଏ ଠିକ୍ ସେହିପରି ସଂସ୍କୃତି ଓ ସଭ୍ୟତାର ମଧ୍ୟ ମହିମାମଣ୍ଡଳ ଅଛି । ସୁଷ୍ଠୁଷ୍ଠ ସଭ୍ୟତା ହିଁ ସଂସ୍କୃତିକୁ ପରିପ୍ରକାଶ କରେ । ସଭ୍ୟତା ଭୋଗ ଏବଂ ଯୋଗର ସମନ୍ୱୟ ଦ୍ୱାରା ଜୀବନକୁ ସର୍ବାଙ୍ଗୀଣ ଦୃଷ୍ଟି ପ୍ରଦାନ କରେ । ଏହାହିଁ ବୈଦିକ ଜୀବନ-ଦର୍ଶନ ଅଟେ । ମନୁ କହିଛନ୍ତି କି ଚାରୋଟି ଆଶ୍ରମ ମଧ୍ୟରେ ଗୃହସ୍ଥାଶ୍ରମ ସର୍ବଶ୍ରେଷ୍ଠ ଅଟେ । ଗୃହସ୍ଥାଶ୍ରମରେ ସମସ୍ତପ୍ରକାର ଭୋଗ ଉପଲବ୍ଧ ହୋଇଥାଏ । କିନ୍ତୁ ଉକ୍ତ ଆଶ୍ରମର ଶ୍ରେଷ୍ଠତା କେବଳ ଭୋଗରେ ନୁହେଁ; ଅପିତୁ ଭୋଗ ସହିତ ଯୋଗରେ ପ୍ରତିଷ୍ଠିତ ଅଟେ । ବୈଦିକ ଧର୍ମରେ ସ୍ତ୍ରୀର ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି ଏବଂ କୌଣସି ଯଜ୍ଞ ସ୍ତ୍ରୀଙ୍କ ଯୋଗଦାନ ବିନା ପୂର୍ଣ୍ଣ ହୋଇପାରେ ନା । ଏକଥାର ଅର୍ଥ ଏହା ଅଟେ ଯେ କେବଳ ଗୃହସ୍ଥ ହିଁ ଯଜ୍ଞର ଅଧିକାରୀ ଅଟେ । ଗୃହସ୍ଥାଶ୍ରମରେ ପତି-ପତ୍ନୀର ସମ୍ବନ୍ଧ ଶାରୀରିକ ନ ହୋଇ ଆତ୍ମିକ ହୋଇଥାଏ । ଏ କଥାକୁ ହୃଦୟଙ୍ଗମ କରିବା ପାଇଁ ଏକଥା ବି ବୁଝିବା ଆବଶ୍ୟକ ଯେ, ପ୍ରେମର ଚାରୋଟି ରୂପ ଅଛି- (୧) ବଡ଼ମାନଙ୍କ ପ୍ରତି କରାଯାଉଥିବା ପ୍ରେମକୁ ଶ୍ରଦ୍ଧା କୁହାଯାଏ; (୨) ଛୋଟମାନଙ୍କ ପ୍ରତି କରାଯାଉଥିବା ପ୍ରେମକୁ ବାତ୍ସଲ୍ୟ କୁହାଯାଏ; (୩) ସମବୟସ୍କଙ୍କ ପ୍ରତି କରାଯାଉଥିବା ପ୍ରେମକୁ ସ୍ନେହ କୁହାଯାଏ ଏବଂ (୪) ଜଡ଼ ପଦାର୍ଥ ପ୍ରତି କରାଯାଉଥିବା ପ୍ରେମକୁ କାମ କୁହାଯାଏ । ଯେତେବେଳେ ଏହି ଚାରୋଟି ଭାବର ସମନ୍ୱୟ ହୁଏ ତାକୁ ରତି କୁହାଯାଏ । ପତି-ପତ୍ନୀ ମଧ୍ୟରେ ପରସ୍ପର ପ୍ରତି ରତିଭାବକୁ ଶୃଙ୍ଗାର କୁହାଯାଏ । ବିଶେଷ କଥା ଏହା ଯେ, ରତିରେ ପ୍ରେମର ଚାରୋଟି ରୂପ ସମାହିତ ଥାଏ । ଏଇଥି ପାଇଁ କାଳିଦାସ ପତ୍ନୀକୁ ଗୃହିଣୀ, ସଚିବ, ସଖୀ ଓ ଶିଷ୍ୟା ସବୁକିଛି କହିଛନ୍ତି । ଏହି ରତି ନିଜର ଉତ୍କୃଷ୍ଟ ରୂପରେ ଆତ୍ମରତି ବନିଯାଏ; ଯାହାକି ମୋକ୍ଷର କାରଣ ଅଟେ ।

ଦାମ୍ପତ୍ୟ ରତି ଆତ୍ମରତିରେ ପରିଣତ ହୋଇଯିବା ସବୁବେଳେ ସମ୍ଭବ ନୁହେଁ। ସେଥିପାଇଁ ତପସ୍ୟା ଦରକାର। ସାମନ୍ୟତଃ ଏକଥା ଧରିନିଆଯାଏ ଯେ ସେକ୍ସ(sex)ର ସମ୍ବନ୍ଧ ମନ ସହିତ ଥାଏ; କିନ୍ତୁ ତାହା ଠିକ୍ ନୁହେଁ। ବସ୍ତୁତଃ ସେକ୍ସର ସମ୍ବନ୍ଧ ସୂକ୍ଷ୍ମଶରୀର ସହିତ ଅଛି। ଅନାଦି କାଳରୁ ସଞ୍ଚିତ ବାସନାମାନ ଏହି ସୂକ୍ଷ୍ମଶରୀରରେ ରହେ। ସେହି ବାସନାମାନଙ୍କ ଯୋଗୁଁ ସୂକ୍ଷ୍ମଶରୀରରେ ଗୋଟିଏ ତରଙ୍ଗ ଉତ୍ପନ୍ନ ହୁଏ ଯାହାକି କାରଣ-ଶରୀରରେ ଆସି ଇଚ୍ଛାର ରୂପ ଧାରଣ କରିନିଏ। ଏହି ଇଚ୍ଛା ସ୍ଥୂଳଶରୀର ସ୍ତରରେ ଅଭିବ୍ୟକ୍ତ ହେବାକୁ ଚାହେଁ। ସେ ପ୍ରକାର ସ୍ଥିତିରେ ଆମ ପାଖରେ ଦୁଇଟି ବିକଳ୍ପ ରହେ - ପ୍ରଥମତଃ ସେ ପ୍ରକାର ଇଚ୍ଛାକୁ ଆମେ ସ୍ଥୂଳଶରୀର ସ୍ତରରେ ଅଭିବ୍ୟକ୍ତ ହେବାକୁ ଦେଇପାରୁଁ ଅଥବା ଅଭିବ୍ୟକ୍ତ ହେବାକୁ ଦେଇ ନ ପାରୁଁ। ଯଦି ଆମେ ସେ ପ୍ରକାର ଇଚ୍ଛାକୁ ଅଭିବ୍ୟକ୍ତ ହେବାକୁ ଦେଇ ଦେବୁଁ, ତେବେ ସେ ପ୍ରକାର ଇଚ୍ଛା ଏବଂ ସେ ପ୍ରକାର ଇଚ୍ଛାକୁ ପୁଷ୍ଟ କରୁଥିବା ତରଙ୍ଗମାନ ନିରନ୍ତର ପୁଷ୍ଟ ହୋଇଥାଆନ୍ତି। ଏଣୁ ମନୁ କହିଛନ୍ତି କି କାମର ଉପଭୋଗ ଦ୍ୱାରା କାମ କେବେ ହେଲେ ହେଁ ଶାନ୍ତ ହୁଏନାହିଁ। ଯେପରି ଅଗ୍ନିରେ ଘିଅ ଢାଳିଲେ ଅଗ୍ନି ଅଧିକରୁ ଅଧିକ ବଢିଯାଏ ଠିକ୍ ସେହିପରି କାମର ଉପଭୋଗ କଲେ କାମ ନିରନ୍ତର ବଢିଚାଲେ କିନ୍ତୁ କମ୍ ହୁଏନା। ଏହା ଭୋଗର ମାର୍ଗ। ଅନ୍ୟ ପକ୍ଷରେ ଯୋଗ ମାର୍ଗରେ ମଧ୍ୟ ଦୁଇଟି ସ୍ଥିତି ଅଛି- ପ୍ରଥମତଃ ସୂକ୍ଷ୍ମ-ଶରୀରରେ ଉତ୍ପନ୍ନ ତରଙ୍ଗକୁ କାରଣ-ଶରୀରରେ ଇଚ୍ଛାର ରୂପ ଧାରଣ କରିବାକୁ ଦେବା ଉଚିତ ନୁହେଁ; ଏହାକୁ ଆନ୍ତରିକ ତପ କୁହାଯାଏ, ଅନ୍ୟପକ୍ଷରେ ଯଦି ଇଚ୍ଛା ଉତ୍ପନ୍ନ ହୋଇଯାଏ ତେବେ ସ୍ଥୂଳ ଶରୀର ସ୍ତରରେ ସେହି ଇଚ୍ଛାକୁ ଅଭିବ୍ୟକ୍ତି ହେବାକୁ ଦେବା ଉଚିତ ନୁହେଁ; ଏହାକୁ ବାହ୍ୟ ତପ କୁହାଯାଏ। ଦେବତାମାନେ ତପ ଓ ବ୍ରହ୍ମଚର୍ଯ୍ୟ ଦ୍ୱାରା ମୃତ୍ୟୁ ଉପରେ ମଧ୍ୟ ବିଜୟ ଲାଭ କରିଥିଲେ - *'ବ୍ରହ୍ମଚର୍ଯ୍ୟେଣ ତପସା ଦେବା ମୃତ୍ୟୁମୁପାଘ୍ନତଃ'*। ଉପରେ ଆମେ ଯେଉଁ ଦାମ୍ପତ୍ୟ ରତିର ଆତ୍ମରତିରେ ପରିଣତି ହେବା କଥା ଚର୍ଚ୍ଚା କଲୁ; ସେପରି ଅବସ୍ଥା ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପୂର୍ବରୁ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରାଯାଇଥିବ। କାରଣ ପୂର୍ଣ୍ଣବ୍ରହ୍ମଚର୍ଯ୍ୟର ପାଳନ ଶରୀରକୁ ଏପରି ଯୋଗ୍ୟ ବନେଇ ଦିଏ ଯେପରି କି କାମକୁ ଠିକ୍ ଭାବରେ ଉପଭୋଗ କରାଯାଇ ପାରିବ। କାମକୁ ଠିକ୍ ଭାବରେ ଉପଭୋଗ କରିପାରିଲେ ହିଁ କାମରୁ ବିରକ୍ତି (ବିରାଗ) ଉତ୍ପନ୍ନ ହୋଇପାରିବ। ଆଶ୍ରମ ବ୍ୟବସ୍ଥାରେ ଏହା ନିୟମ ଯେ, ବ୍ରହ୍ମଚର୍ଯ୍ୟ ଆଶ୍ରମରେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରାଯାଏ। ଯାହାଦ୍ୱାରା ତା' ପରେ ଗୃହସ୍ଥାଶ୍ରମରେ ପ୍ରବେଶ କରି କାମର ଉପଭୋଗ କରିବାର ଅବସର ମିଳିଲେ କାମକୁ ଠିକ୍ ଭାବରେ

ଉପଭୋଗ କରାଯାଇପାରିବ । ଗୃହସ୍ଥାଶ୍ରମରେ କାମକୁ ଠିକ୍ ଭାବରେ ଉପଭୋଗ କରିବା ପରେ ବାନପ୍ରସ୍ଥା- ଶ୍ରମରେ କାମ ପ୍ରତି ବିରକ୍ତି (ବୈରାଗ୍ୟ ଭାବନା) ଆସିଯିବ; ଯାହାକି ସନ୍ନ୍ୟାସାଶ୍ରମରେ ପ୍ରବେଶ ସମୟ ଆସିବାବେଳକୁ ପୁରୁଷକୁ କାମଠାରୁ ଅନେକ ଦୂରକୁ ନେଇ-ଯିବ ।

ଆଜି ଯୁଗର ମନୋବୈଜ୍ଞାନିକ ଫ୍ରାୟଡ୍ ଆଦି କହନ୍ତି କି କାମର ଦମନ ବହୁତ ଖରାପ । ବୈଦିକ ଜୀବନ-ଦର୍ଶନରେ ମଧ୍ୟ କାମକୁ ଚାରୋଟି ପୁରୁଷାର୍ଥ ମଧ୍ୟରୁ ଅନ୍ୟତମ ପୁରୁଷାର୍ଥ ବୋଲି ଗ୍ରହଣ କରାଯାଇଛି । ଏଣୁ କାମକୁ ଦମନ କରିବାର ପ୍ରଶ୍ନ ହିଁ ଉଠେନା । କିନ୍ତୁ କାମର ଦମନ ଯେତିକି ଖରାପ; ତାଠାରୁ କାମର ସ୍ୱଚ୍ଛନ୍ଦ ଉପଭୋଗ ବହୁତ ଅଧିକ ଖରାପ । ଯାହାର ପରିଣାମ ଆଜିକାଲି ଏଡ୍‌ସ୍ ପରି ଭୟଙ୍କର ରୋଗରୂପରେ ଦୃଷ୍ଟଗୋଚର ହେଉଛି । ଆହାର, ନିଦ୍ରା, ଭୟ ତଥା ମୈଥୁନ ଏ ଚାରୋଟି ଏମିତି ପ୍ରବୃତ୍ତି ଅଟେ ଯାହା ମନୁଷ୍ୟ ଓ ପଶୁମାନଙ୍କଠାରେ ସମାନରୂପରେ ଦେଖାଯାଏ । ଜୀବନରକ୍ଷା ପାଇଁ ଏ ଚାରୋଟିର ଆବଶ୍ୟକତା ରହିଛି । କିନ୍ତୁ ଏ ସମ୍ବନ୍ଧରେ ପଶୁ ଓ ମନୁଷ୍ୟ ଭିତରେ ଗୋଟିଏ ମୌଳିକ ଭେଦ ରହିଛି । ପଶୁ ପ୍ରକୃତିର ଜଗତରେ ରହେ; ଏଣୁ ତା ଜୀବନରେ ସେକ୍ସର ଉପରକୁ ଉଠିବାର କୌଣସି ସମ୍ଭାବନା ନ ଥାଏ । ମନୁଷ୍ୟ ତ୍ରିଗୁଣମୟୀ ପ୍ରକୃତିରେ ରହିଲେ ମଧ୍ୟ ସେ ଗୁଣାତୀତ ପୁରୁଷ ପର୍ଯ୍ୟନ୍ତ ଯାଇପାରିବ । ଏଣୁ ମନୁଷ୍ୟ ଜୀବନରେ ହିଁ ବ୍ରହ୍ମଚର୍ଯ୍ୟ ପାଳନ କରିବା ସମ୍ଭବ ଅଟେ । ମନୁଷ୍ୟକୁ କେବଳ ଶରୀର ପର୍ଯ୍ୟନ୍ତ ଯଦି ସୀମିତ ରଖାଯିବ ତେବେ ଅଂଶତଃ ଡାର୍ବିନ୍‌ଙ୍କ ବିକାସବାଦ ସୁସଙ୍ଗତ ବୋଲି ମନେହେବ । କିନ୍ତୁ ମନୁଷ୍ୟ କେବଳ ଶରୀର ନୁହେଁ; ଆତ୍ମା ମଧ୍ୟ ଅଟେ । ଏହି ଆତ୍ମା କେବଳ ଶରୀରଠାରୁ ନୁହେଁ ମନ ଓ ବୁଦ୍ଧିଠାରୁ ମଧ୍ୟ ଉର୍ଦ୍ଧ୍ୱରେ ଅଛି । ଶରୀର, ମନ ଓ ବୁଦ୍ଧି ତିନୋଟି ପ୍ରକୃତିର ଅଙ୍ଗ ଅଟେ । ଆତ୍ମା ପୁରୁଷ ଅଟେ । ପ୍ରକୃତିର ଉପେକ୍ଷା ଦ୍ୱାରା ନୁହେଁ, କିନ୍ତୁ ପ୍ରକୃତିକୁ ଠିକ୍ ଭାବରେ ବୁଝିସାରିବା ପରେ ହିଁ ଆମେ ପ୍ରକୃତିକୁ ଅତିକ୍ରମଣ କରି ପୁରୁଷ ପର୍ଯ୍ୟନ୍ତ ଯାଇପାରିବୁ । ପ୍ରକୃତି ସାନ୍ତ କିନ୍ତୁ ପୁରୁଷ ଅନନ୍ତ । ଯୁଗଧର୍ମ ପ୍ରକୃତିରୁ ଆସେ କିନ୍ତୁ ପୁରୁଷ ଶାଶ୍ୱତ ଧର୍ମର ଆଧାର । କାମର ଉପଭୋଗ କରାଯା-ଇପାରେ କିନ୍ତୁ ଆତ୍ମାକୁ ଭୁଲିଯିବା ଉଚିତ ନୁହେଁ । ତା' ହେଲେ ଆମେ କାମର ଅତିକ୍ରମଣ କରିପାରିବୁ । ଏହାହିଁ ବାସ୍ତବିକ କାମ-ପୁରୁଷାର୍ଥ ଅଟେ ।।

ଉପରେ ଆମେ କାମପୁରୁଷାର୍ଥ ବିଷୟରେ କିଛି କହିଲୁ । କାମପୁରୁଷାର୍ଥର ସମ୍ବନ୍ଧ ମନ ସହିତ ଅଛି । କାମପୁରୁଷାର୍ଥର ସିଦ୍ଧି ପାଇଁ ପଦାର୍ଥର ଅପେକ୍ଷା ରହେ । ସେହି ପଦାର୍ଥ

ସବୁର ଉପାର୍ଜ୍ଜନକୁ ପୁରୁଷାର୍ଥ କୁହାଯାଏ । ଆଜି ଯୁଗରେ ଦୁଇପ୍ରକାର ଆର୍ଥିକ ବ୍ୟବସ୍ଥା ଆମ ସମାଜରେ ଦେଖିବାକୁ ମିଳୁଛି - ଗୋଟିଏ ପୁଞ୍ଜୀବାଦୀ ଅର୍ଥବ୍ୟବସ୍ଥା ଅନ୍ୟଟି ସାମ୍ୟବାଦୀ ଅର୍ଥବ୍ୟବସ୍ଥା । ବୈଦିକ ଚିନ୍ତନ ଅନ୍ୟ ଏକ ତୃତୀୟ ଅର୍ଥବ୍ୟବସ୍ଥାର ସମର୍ଥନ କରେ । ସେହି ବୈଦିକ ଅର୍ଥବ୍ୟବସ୍ଥା ଉପରେ ଧ୍ୟାନଦେବା ଆବଶ୍ୟକ । ମନୁଷ୍ୟମାତ୍ରେ ଅଧିକରୁ ଅଧିକ ଅର୍ଥ ଉପାର୍ଜ୍ଜନ କରିବାକୁ ଚାହେଁ । ପୁଞ୍ଜୀବାଦୀ ଅର୍ଥବ୍ୟବସ୍ଥା ଏ ଦିଗରେ କୌଣସି ପ୍ରତିବନ୍ଧନ ଲଗାଇବାକୁ ଚାହେଁନା । ଏ ବ୍ୟବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିକୁ ନିଜ ନିଜ ଇଚ୍ଛା ଅନୁସାରେ ଧନ ଅର୍ଜ୍ଜନ କରିବାର ଅଧିକାର ଥିବାର ଜଣାଯାଏ । କାରଣ ଧନ ଅର୍ଜ୍ଜନ କରିବାପାଇଁ ଇଚ୍ଛାନୁରୂପ ବ୍ୟବସାୟ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରାଯାଏ; ଯେହେତୁ ଅର୍ଥୋପାର୍ଜ୍ଜନ ହିଁ ଏ ବ୍ୟବସ୍ଥାର ଚରମ ଲକ୍ଷ୍ୟ । ଏଇଥିପାଇଁ ଏ ବ୍ୟବସ୍ଥା ଉପଭୋକ୍ତା ସଂସ୍କୃତିକୁ ଜନ୍ମ ଦେଇଛି । ଏ ସଂସ୍କୃତିର ଉଦ୍ଦେଶ୍ୟ ହେଲା ଯେନ କେନ ପ୍ରକାରେଣ ବଜାରରେ ନିଜ ନିଜର ଉତ୍ପାଦନକୁ ଖପତ କରିବା । ଏଇଥିପାଇଁ ବିଜ୍ଞାପନର ସହାୟତା ନିଆଯାଏ । ଏଥିରେ ପଦାର୍ଥର ଗୁଣବତ୍ତା ଉପରେ ଜୋର୍ ଦିଆଯାଏନା କିନ୍ତୁ ପ୍ରଦର୍ଶନୀୟତା ଉପରେ ଜୋର୍ ଦିଆଯାଏ । ଯଦି କୌଣସି ରାଷ୍ଟ୍ର ଏପ୍ରକାର ପ୍ରବୃତ୍ତିକୁ ବିକାସ କରିବ ତେବେ ଉପନିବେଶବାଦ ଜନ୍ମ ନେବ । ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରକୁ ଅଧୀନ କରିବାକୁ ଚାହେଁ । ଯେଉଁ ବର୍ଗ ଆର୍ଥିକ ଦୃଷ୍ଟିରୁ ଅଧିକ ସଂପନ୍ନ ଅଟେ, ସେ ଅନ୍ୟର; ଯିଏ କି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଅଟେ; ତାର ଶୋଷଣ କରିଚାଲେ ।

ପୁଞ୍ଜୀବାଦରୁ ଉତ୍ପନ୍ନ ଦୋଷ ଗୁଡିକର ନିରାକରଣ କରିବାପାଇଁ ସାମ୍ୟବାଦ ବ୍ୟବସ୍ଥା ଜନ୍ମ ନେଇଥିଲା । ଏ ବ୍ୟବସ୍ଥାରେ ବ୍ୟକ୍ତି ପାଇଁ ଧନ ଅର୍ଜ୍ଜନର ସୀମା ନିର୍ଦ୍ଧାରଣ କରାଯାଇଥିଲା । ତାକୁ ଉକ୍ତ ସୀମାରୁ ଅଧିକ ଧନ ଅର୍ଜ୍ଜନ କରିବାକୁ ଅଥବା ସଂଗ୍ରହ କରିବାକୁ ଅଧିକାର ଦିଆଯାଏନା । ଏ ବ୍ୟବସ୍ଥାରେ କୃଷକ ଏବଂ ମଜଦୂରମାନଙ୍କ ଉପରେ ଶୋଷଣ ଉପରେ ପ୍ରତିବନ୍ଧ ଲଗାଯାଏ; କାରଣ ମଜଦୂର୍ ଓ କୃଷକମାନେ ହିଁ ଅର୍ଥୋପାର୍ଜ୍ଜନ କରନ୍ତି । ଏ ବ୍ୟବସ୍ଥାରେ ରାଜନୈତିକ ସ୍ୱତନ୍ତ୍ରତା ପ୍ରାୟ ନ ଥାଏ । କାରଣ ଏହା ବିଶ୍ୱାସ କରାଯାଏ ଯେ, ଯଦି ପ୍ରଜାତନ୍ତ୍ରିକ ଢଂଗରେ ରାଜନୈତିକ ସ୍ୱତନ୍ତ୍ରତା ଦେଇ ଦିଆଯିବ ତେବେ ଆର୍ଥିକ ଦୃଷ୍ଟିରୁ ସଂପନ୍ନ ଲୋକମାନେ ରାଜନୈତିକ ସତ୍ତାକୁ ହତିଆର୍ କରି ତା'ର ଦୁରୁପଯୋଗ କରିବେ ।

ସାମ୍ୟବାଦୀ ବ୍ୟବସ୍ଥାକୁ ଗ୍ରହଣ କରିଥିବା ସବୁଠାରୁ ବଡ଼ ଦେଶ ସୋଭିଏତ୍ ସଂଘ ଥିଲା । କିନ୍ତୁ ଆଜି ସୋଭିଏତ୍ ସଂଘ ବିଖଣ୍ଡିତ ହୋଇଯାଇଛି । ପୂର୍ବ-ୟୁରୋପ ମଧ୍ୟ ସାମ୍ୟବାଦୀ ଚିନ୍ତାଧାରାକୁ ତ୍ୟାଗ କରିଦେଇଛି । ପୁଞ୍ଜୀବାଦୀ ବ୍ୟବସ୍ଥାର ଗଡ଼ ହେଲା ଆମେରିକା ।

ସେଠାରେ ମଧ୍ୟ ବଢିଚାଲିଥିବା ଅପରାଧ ପ୍ରବୃତ୍ତି ସମାଜକୁ, ବଢିଚାଲିଥିବା ଡାଇଭୋର୍ସର ସଂଖ୍ୟା ପରିବାରକୁ ଏବଂ ଅନିଦ୍ରାରୋଗଗ୍ରସ୍ତ ଲୋକମାନଙ୍କର ସଂଖ୍ୟା ବ୍ୟକ୍ତିଗତ ଜୀବନକୁ ଦୟନୀୟ କରି ଦେଉଛି । ଭାରତ ପରି ଦେଶ, ଅଂଶତଃ ପୁଞ୍ଜୀବାଦ ଏବଂ ଅଂଶତଃ ସାମ୍ୟ-ବାଦକୁ ନେଇ ଏକ ପ୍ରକାର ମିଶ୍ରିତ ଅର୍ଥବ୍ୟବସ୍ଥା ମଧ୍ୟରେ ଗତି କରୁଛି ।

ବୈଦିକ ଅର୍ଥବ୍ୟବସ୍ଥା କିନ୍ତୁ ଏକ ସ୍ୱତନ୍ତ୍ର ଅର୍ଥବ୍ୟବସ୍ଥା ଅଟେ; ଯାହାକି ପୁଞ୍ଜୀବାଦୀ ଅର୍ଥବ୍ୟବସ୍ଥା ଏବଂ ସାମ୍ୟବାଦୀ ଅର୍ଥବ୍ୟବସ୍ଥାଠାରୁ ସଂପୂର୍ଣ୍ଣ ଭିନ୍ନ ଅଟେ । ଏ ଅର୍ଥବ୍ୟବସ୍ଥାର ମୂଳମନ୍ତ୍ର ଏହା ଅଟେ କି; ଅର୍ଥ ହେଉ ଅଥବା କାମ ହେଉ; ତାହାର ମୂଳ ହେଲା ଧର୍ମ । ବ୍ୟାସଦେବ କହନ୍ତି - ***ଧର୍ମାଦ୍ ଅର୍ଥଶ୍ଚ କାମଶ୍ଚ ସ ଧର୍ମଃ କିଂ ନ ସେବ୍ୟତେ ?***
ଏଠାରେ ଧର୍ମଶବ୍ଦର ଅର୍ଥ କର୍ତ୍ତବ୍ୟନିଷ୍ଠା । ପୁଞ୍ଜୀବାଦୀ ହେଉ କିମ୍ବା ସାମ୍ୟବାଦୀ ଅର୍ଥବ୍ୟବସ୍ଥା ହେଉ ଉଭୟରେ ଏ କଥା ଉପରେ ଗୁରୁତ୍ୱ ଦିଆଯାଏ ଯେ, କାହାର କ'ଣ ଅଧିକାର ରହିଛି । କିନ୍ତୁ ବୈଦିକ ଅର୍ଥବ୍ୟବସ୍ଥାରେ ଏ କଥା ଉପରେ ଗୁରୁତ୍ୱ ଦିଆଯାଏ ଯେ; କାହାର କ'ଣ କର୍ତ୍ତବ୍ୟ ଅଟେ । ଏହି କର୍ତ୍ତବ୍ୟବୋଧ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛନ୍ଦତା ଉପରେ ନିୟନ୍ତ୍ରଣ ରଖେ । ଏହି ନିୟନ୍ତ୍ରଣ ସ୍ୱତଃ-ଫୂର୍ତ୍ତ (ଅନ୍ତଃ-ଫୂର୍ତ୍ତ) ଅଟେ ଏବଂ ତାହା ଆଇନ୍-କାନୁନ୍ ଅଥବା ବାହ୍ୟବ୍ୟବସ୍ଥା ଦ୍ୱାରା ଆରୋପିତ କରାଯାଏ ନା ।

ଏ ଅର୍ଥ ବ୍ୟବସ୍ଥାରେ ଦୁଇଟି ପକ୍ଷ ରହିଛି - ପ୍ରଥମ ପକ୍ଷ ଅନୁସାରେ ଆମ୍ଭମାନଙ୍କର ଅର୍ଥ ସଂଗ୍ରହର ମାତ୍ରାକୁ ନିୟନ୍ତ୍ରଣ କରିବାର ଆଧାର ଏହା କୁହାଯାଏ ଯେ, ଆମର ଆବଶ୍ୟ-କତା କ'ଣ ? ଏ କଥା ଦେଖାଯାଏ ଯେ, ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ ଓ ସଂନ୍ୟାସ ଆଶ୍ରମବ୍ୟବସ୍ଥା ଉପରେ ପ୍ରତିଷ୍ଠିତ; ଯେଉଁଥିରେ କି ଜ୍ଞାନ, ଧର୍ମ ଓ ଉପାସନା ମୁଖ୍ୟ ଅଟେ । ସେତେବେଳେ ଅର୍ଥର ଆବଶ୍ୟକତା ବହୁତ କମ୍ ଥାଏ । ଅତଏବ ଏ ସବୁ ଆଶ୍ରମରେ ଅର୍ଥ ସଂଗ୍ରହ କରିବା ନିଷିଦ୍ଧ ଅଟେ । କେବଳ ଗୃହସ୍ଥ ହିଁ ଅର୍ଥ ସଂଗ୍ରହ କରିପାରିବ । ଗୃହସ୍ଥମାନଙ୍କ ମଧ୍ୟରୁ ବ୍ରାହ୍ମଣ ମଧ୍ୟ ଅପରିଗ୍ରହ ଜୀବନ ଯାପନ କରେ । ଏପରି ଭାବରେ ସମାଜରେ ଗୋଟଏ ଛୋଟିଆ ବର୍ଗ କେବଳ ଅର୍ଥ ସଂଗ୍ରହ କରେ; ଅନ୍ୟମାନେ କେବଳ ଆବଶ୍ୟକତାର ପୂର୍ତ୍ତି ପାଇଁ ସୀମିତ ଅର୍ଥ ଉପଯୋଗ କରିଥାଆନ୍ତି । ଅନ୍ୟ ମହତ୍ୱପୂର୍ଣ୍ଣ କଥା ଏହା କି ଯେ, ଯେ କେହି ଅର୍ଥ ଉପ-ଯୋଗ କରେ ସେ କେବଳ ଅର୍ଥକୁ ସାଧନ ମାତ୍ର ବୋଲି ଗ୍ରହଣ କରେ; ସାଧ୍ୟ ନୁହେଁ । ଏଣୁ ଅର୍ଥ ପ୍ରତି ମନରେ ଅଧିକ ଆସକ୍ତି ରହେ ନାହିଁ । ଏଇଥିପାଇଁ ଅର୍ଥ ଉପାର୍ଜ୍ଜନ ପାଇଁ ସେ ଅନୁ-ଚିତ ସାଧନର ଆଶ୍ରୟ ନିଏ ନାହିଁ । ପୁଞ୍ଜୀବାଦୀ ଅର୍ଥବ୍ୟବସ୍ଥା ହେଉ ଅଥବା ସାମ୍ୟବାଦୀ

ଅର୍ଥବ୍ୟବସ୍ଥା ହେଉ; ଉଭୟ ବ୍ୟବସ୍ଥା କେବଳ ବ୍ୟବସ୍ଥା ଉପରେ ଧ୍ୟାନ ଦିଏ; ବ୍ୟକ୍ତି ଉପରେ ନୁହେଁ । ବୈଦିକ ବ୍ୟବସ୍ଥାରେ କିନ୍ତୁ ସମାଜ ସହିତ ବ୍ୟକ୍ତି ଉପରେ ମଧ୍ୟ ବଳ ଦିଆଯାଏ । ସାମ୍ୟବାଦୀ ବ୍ୟବସ୍ଥାରେ ଶ୍ରମ ଉପରେ ଅଧିକ ଜୋର୍ ଦିଆଯାଏ । ବୈଦିକ ବ୍ୟବସ୍ଥାରେ ଶ୍ରମର ସ୍ଥାନ ମହତ୍ତ୍ୱପୂର୍ଣ୍ଣ ଅଟେ, କିନ୍ତୁ ଶ୍ରମଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି ପରିଶ୍ରମ ଏବଂ ପରିଶ୍ରମ-ଠାରୁ ଅଧିକ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି ଆଶ୍ରମ । ଶ୍ରମ ଶାରୀରିକ ଅଟେ; ତାହାର ସମ୍ବନ୍ଧ ବ୍ୟକ୍ତି ସହିତ ଅଛି । ପରିଶ୍ରମ ବୌଦ୍ଧିକ ଅଟେ; ତାହାର ଲାଭ ପରିବାର ଲୋକମାନଙ୍କ ପର୍ଯ୍ୟନ୍ତ ସୀମିତ ଥାଏ । କିନ୍ତୁ ଆଶ୍ରମର ସମ୍ବନ୍ଧ ଆତ୍ମା ସହିତ ରହିଛି ଏବଂ ଏହାର ସମ୍ବନ୍ଧ ପ୍ରତ୍ୟେକ ପ୍ରାଣୀ ସହିତ ରହିଛି । ଏଣୁ ବୈଦିକ ପରମ୍ପରାରେ ସାମ୍ୟବାଦୀ ପରମ୍ପରା ପରି ଶ୍ରମ ସର୍ବୋପରି ନ ଥାଏ କିମ୍ବା ପୁଞ୍ଜୀବାଦୀ ପରମ୍ପରା ପରି ଧନ ସର୍ବୋପରି ନୁହେଁ; କିନ୍ତୁ ଆଶ୍ରମ ସର୍ବୋପରି ଅଟେ । ଚାରୋଟି ଆଶ୍ରମ ବ୍ୟବସ୍ଥା ମଧ୍ୟରେ ମନୁଷ୍ୟପାଇଁ ଚାରିପ୍ରକାର ପୁରୁଷାର୍ଥ ସମାବେଶ କରି ତା'ର ସର୍ବାଙ୍ଗୀଣ ବିକାସ ବ୍ୟବସ୍ଥା କରାଯାଇଛି । ବ୍ରହ୍ମଚର୍ଯ୍ୟ ଆଶ୍ରମରେ ସର୍ବପ୍ରଥମେ ମନର ସଂଯମ ଦ୍ୱାରା ଶରୀରକୁ ସଶକ୍ତ ଏବଂ ବୁଦ୍ଧିକୁ ବିକସିତ କରାଯାଏ । ପ୍ରତ୍ୟେକ ବ୍ୟକ୍ତିର ତିନି ପ୍ରକାର ଇଚ୍ଛା ଥାଏ; ତାହା ହେଲା - ଯଶର ଇଚ୍ଛା, ଧନର ଇଚ୍ଛା ଏବଂ ପୁତ୍ରର ଇଚ୍ଛା । ଏ ଇଚ୍ଛା-ତ୍ରୟକୁ ଶାସ୍ତ୍ରୀୟ ଭାଷାରେ **ଲୋକୈଷଣା, ବିତ୍ତୈଷଣା ଓ ପୁତ୍ରୈଷଣା** କୁହାଯାଏ । କିନ୍ତୁ ଏ ସବୁ ଇଚ୍ଛା ମଧ୍ୟରୁ କୌଣସି ଇଚ୍ଛାର ପୂର୍ତ୍ତି ଯେତେଦିନ ଯାଏ ସମ୍ଭବ ନୁହେଁ ଯେତେଦିନ ଯାଏ ଶରୀର ଶକ୍ତିମାନ୍ ହୋଇନାହିଁ, ମନ ସଂଯତ ହୋଇନାହିଁ ଏବଂ ବୁଦ୍ଧି ବିକସିତ ହୋଇନାହିଁ । ବ୍ରହ୍ମଚର୍ଯ୍ୟା-ଶ୍ରମରେ ରହି ଏହି ତିନିପ୍ରାଧନରେ ସିଦ୍ଧି ଲାଭ କଲେ ଗୃହସ୍ଥାଶ୍ରମରେ ପ୍ରବେଶ କରି ପୁରୁଷ ଲୋକୈଷଣା, ବିତ୍ତୈଷଣା ଓ ପୁତ୍ରୈଷଣାର ପୂର୍ତ୍ତି କରିବା ରେ ସମର୍ଥ ହୁଏ । କିନ୍ତୁ ଏ ସବୁ ଧର୍ମ ମର୍ଯ୍ୟଦା ମଧ୍ୟରେ ଥାଇ କରାଯାଇ ପାରେ । ଗୃହସ୍ଥାଶ୍ରମରେ ଯେଉଁ ଧର୍ମ, ଅର୍ଥ ଓ କାମର ସାଧନ ଭାବରେ ଗୃହୀତ ହୋଇଥାଏ, ବାନପ୍ରସ୍ଥାଶ୍ରମରେ ସେହି ଧର୍ମକୁ ସାଧ୍ୟ ରୂପରେ ଗ୍ରହଣ କରାଯାଏ । ଗୃହସ୍ଥର ଧର୍ମ କର୍ମ ପ୍ରଧାନ ଅଟେ, କିନ୍ତୁ ବାନପ୍ରସ୍ଥର ଧର୍ମ ଉପାସନା ପ୍ରଧାନ ଅଟେ । ସେହି ଧର୍ମ ଯେତେବେଳେ ଜ୍ଞାନ ପ୍ରଧାନ ହୋଇଯାଏ ସେତେବେଳେ ସଂନ୍ୟାସ ଆଶ୍ରମ ସିଦ୍ଧ ହୋଇଯାଏ । ଏହାହିଁ ଅନ୍ତିମ ଆଶ୍ରମ ଅଟେ; କାରଣ ଜ୍ଞାନଠାରୁ ଶ୍ରେଷ୍ଠ କିଛି ବି ନାହିଁ - *'ନ ହି ଜ୍ଞାନାତ୍ ପରଂ କିଞ୍ଚିତ୍'* ।

ବୈଦିକ ଧର୍ମ ବିବେଚନାର ବିଶେଷତା ଏହା ଯେ; ତାହା କେତେକ ଧର୍ମକୁ ସାର୍ବ-ଭୌମ ଧର୍ମ ବୋଲି ଗ୍ରହଣ କରେ; ଯାହା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । କିନ୍ତୁ କେତେକ ଧର୍ମକୁ ବର୍ଣ୍ଣ-

ଧର୍ମ କୁହାଯାଏ ଯାହାର ଆଧାର ବ୍ୟକ୍ତିର ନିଜ ପ୍ରକୃତି ଅଟେ । ଅବସ୍ଥା ସହିତ ବ୍ୟକ୍ତିର କେତେକ ଧର୍ମ ମଧ୍ୟ ପରିବର୍ତ୍ତିତ ହୋଇଯାଏ; ତାହାକୁ ଆଶ୍ରମଧର୍ମ କୁହାଯାଏ । ଏହି ପ୍ରକାର ବର୍ଣ୍ଣ-ଆଶ୍ରମ ବ୍ୟବସ୍ଥାରେ ମନୁଷ୍ୟ ସାର୍ବଭୌମ ଧର୍ମର ପାଳନ ସହିତ ଜଡ଼ିତ ହୋଇଥାଏ; କିନ୍ତୁ ସ୍ୱଭାବ ତଥା ଅବସ୍ଥା ଅନୁସାରେ ଭିନ୍ନ ଭିନ୍ନ ଧର୍ମ ପାଳନ କରିବା ପାଇଁ ତା'ର ସ୍ୱତନ୍ତ୍ରତା ରହିଛି । ବର୍ଣ୍ଣାଶ୍ରମ ବ୍ୟବସ୍ଥାର ମହତ୍ତ୍ୱକୁ ଦେଖିବାକୁ ଯାଇ ଆମେ ସେ ବିଷୟରେ ଅଧିକ ବିଚାର ଆଗାମୀ 'ପାଠ'ରେ ମଧ୍ୟ କରିବା ।

- ପ୍ରଶ୍ନ -

୧. ଗୃହସ୍ଥ ଆଶ୍ରମର ମହତ୍ତ୍ୱ କ'ଣ ?

୨. ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ କ'ଣ ?

୩. ବୈଦିକ ଅର୍ଥ ବ୍ୟବସ୍ଥା ସମାଜବାଦୀ ତଥା ପୁଞ୍ଜୀବାଦୀ ବ୍ୟବସ୍ଥାଠାରୁ କିପରି ଭିନ୍ନ

୪. ଚାରି ଆଶ୍ରମର ସ୍ୱରୂପ କ'ଣ ?

- ସ୍ମରଣୀୟ ଉଦ୍ଧରଣ -

୧. **ଯସ୍ମାତ୍ ତ୍ରୟୋଽପ୍ୟାଶ୍ରମିଣୋ ଜ୍ଞାନେନାନ୍ନେନ ଚାନ୍ୱହମ୍ ।**
ଗୃହସ୍ଥେନୈବ ଧାର୍ଯ୍ୟନ୍ତେ ତସ୍ମାଜ୍ଜ୍ୟେଷ୍ଠାଶ୍ରମୋ ଗୃହୀ ।। ମନୁସ୍ମୃତି

ଅର୍ଥ - ଯେହେତୁ ତିନି ଆଶ୍ରମବାସୀ ଗୃହସ୍ଥାଶ୍ରମୀଠାରୁ ଜ୍ଞାନ ଏବଂ ଅନ୍ନ ପ୍ରତିଦିନ ଗ୍ରହଣ କରନ୍ତି; ତେଣୁ ଗୃହସ୍ଥାଶ୍ରମୀ ହିଁ ସର୍ବଶ୍ରେଷ୍ଠ ଅଟେ ।।

୨. **ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।**
ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଫଳାଃ କ୍ରିୟାଃ ।। ମନୁସ୍ମୃତି ।

ଅର୍ଥ - ଯେଉଁ କୁଳରେ ସ୍ତ୍ରୀମାନଙ୍କର ସମ୍ମାନ କରାଯାଏ, ସେହି କୁଳରେ ଦେବତା ପ୍ରସନ୍ନ ହୁଅନ୍ତି ଏବଂ ଯେଉଁ କୁଳରେ ସ୍ତ୍ରୀମାନଙ୍କର ସମ୍ମାନ ହୁଏ ନାହିଁ ସେ କୁଳର ସମସ୍ତ କର୍ମ ନିଷ୍ଫଳ ହୋଇଥାଏ ।।

୩. **ନ ଜାତୁ କାମଃ କାମାନାମୁପଭୋଗେନ ଶାମ୍ୟତି ।**
ହବିଷା କୃଷ୍ଣବର୍ତ୍ମେବ ଭୂୟ ଏବାଭିବର୍ଦ୍ଧତେ ।। ମନୁସ୍ମୃତି ।

ଅର୍ଥ - ବିଷୟର ଉପଭୋଗ ଦ୍ୱାରା କାମନା କେବେହେଲେ ହେଁ ଶାନ୍ତ ହୁଏ

ନାହିଁ; କିନ୍ତୁ ଅଗ୍ନିରେ ଘୃତ ଆହୁତି ଦେବା ପରି ତାହା ଅଧିକରୁ ଅଧିକ ବଢ଼ିଚାଲେ ।।

୪· କୁସୂଳ-ଧାନ୍ୟକୋ ବା ସ୍ୟାତ୍ କୁମ୍ଭୀଧାନ୍ୟକ ଏବ ବା ।
ତ୍ର୍ୟହୈହିକୋ ବାଽପି ଭବେଦ୍ ଅଶ୍ୱସ୍ତନିକ ଏବ ବା ।। ମନୁସ୍ମୃତି ।
ଅର୍ଥ - ବ୍ରାହ୍ମଣ କେବଳ ବାର ଦିନ ପାଇଁ, ଅଥବା ଛଅ ଦିନ ପାଇଁ ଅଥବା ତିନି ଦିନ ପାଇଁ ଅଥବା କେବଳ ଗୋଟିଏ ଦିନ ପାଇଁ ଅନ୍ନାଦି ସଂଗ୍ରହ କରି ରଖିବା ଉଚିତ । ଏଥିରେ ମଧ୍ୟ ପୂର୍ବ ପୂର୍ବଠାରୁ ଉତ୍ତରୋତ୍ତର (ପର ପର) ଶ୍ରେଷ୍ଠ ଅଟେ ।।

୫· ନ ଲୋକବୃତ୍ତିଂ ବର୍ତ୍ତେତ ବୃତ୍ତିହେତୋଃ କଥଞ୍ଚନ ।
ଅଜିହ୍ମାମଶଠାଂ ଶୁଷାଂ ଜୀବେଦ୍ ବ୍ରାହ୍ମଣଜୀବିକାମ୍ ।। ମନୁସ୍ମୃତି ।
ଅର୍ଥ - ଆଜୀବିକା ପାଇଁ କେବେହେଲେ ହେଁ ସାଧାରଣ ଲୋକମାନଙ୍କ ପରି (ଅଧର୍ମ) ଅନୁସରଣ କର ନାହିଁ । କିନ୍ତୁ କୁଟିଳତା ଅଥବା ଶଠତା ତ୍ୟାଗ କରି ଜ୍ଞାନୀମାନଙ୍କ ପରି ଆଜୀବିକା ଅର୍ଜ୍ଜନ କର ।।

==========

ଷଷ୍ଠ ପାଠ

- ବର୍ଣ୍ଣାଶ୍ରମ ବ୍ୟବସ୍ଥା -

ପୁରୁଷସୂକ୍ତରେ ଚାରି ବର୍ଣ୍ଣର ଉଲ୍ଲେଖ ଦେଖିବାକୁ ମିଳେ - ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ତଥା ଶୂଦ୍ର । ଏହି ଚାରିବର୍ଣ୍ଣଙ୍କୁ କ୍ରମଶଃ ପୁରୁଷର ମୁଖ, ବାହୁ, ଜାନୁ ଓ ପାଦ କୁହାଯାଇଛି । ଏ ରୂପକ ଦ୍ୱାରା ଏ କଥା ସ୍ପଷ୍ଟ ହେଉଛି ଯେ, ଚାରି ବର୍ଣ୍ଣ ପରସ୍ପରର ପରିପୂରକ ଏବଂ ସହ-ଯୋଗୀ ଏଟେ । ପାଶ୍ଚାତ୍ୟ ଚିନ୍ତାଧାରା ପରସ୍ପର ପ୍ରତି ସ୍ପର୍ଧାକୁ ବିକାସର ଆଧାର ବୋଲି ଗ୍ରହଣ କରେ କିନ୍ତୁ ଭାରତୀୟ ଚିନ୍ତାଧାରା ବିଶେଷକରି ବର୍ଣ୍ଣବ୍ୟବସ୍ଥା ପାରସ୍ପରିକ ସହଯୋଗକୁ ବିକା-ସର ଆଧାର ବୋଲି ଗ୍ରହଣ କରେ । ବ୍ୟବସାୟ ଦୃଷ୍ଟିରୁ ଚିନ୍ତାକଲେ ବର୍ଣ୍ଣବ୍ୟବସ୍ଥା ଆନୁବଂଶିକ ବ୍ୟବସାୟ ଗ୍ରହଣ କରିବା ପାଇଁ ଜୋର୍ ଦିଏ । ଏହାର ଅର୍ଥ ଏହା ଯେ, ସାମାନ୍ୟତଃ ବ୍ୟକ୍ତି ପୈତୃକ ବ୍ୟବସାୟରେ ସହଜଭାବରେ ଦକ୍ଷତା ଅର୍ଜ୍ଜନ କରିବାର ସାମର୍ଥ୍ୟ ରଖେ । ପିତାର ବ୍ୟବସାୟ ପୁତ୍ର ପାଇଁ ଗୁଣ, କର୍ମ ଓ ସ୍ୱଭାବ ଦୃଷ୍ଟିରୁ ଅଧିକ ସହଜ ହୋଇଥାଏ । ଆଜିକାଲି ଭାରତୀୟ ସମାଜ ନୂଆ ପ୍ରୟୋଗ କରିବାଟା ଶ୍ରେୟ ମନେକରୁଛି; ଯେଉଁଥିରେ ପୈତୃକ ବ୍ୟବସାୟ କରିବାକୁ ପ୍ରୋତ୍ସାହିତ କରାଯାଉ ନାହିଁ ।

ଏଇଟା କ'ଣ ଗୋଟିଏ ବିଡ଼ମ୍ବନା ନୁହେଁ କି ଯେ; ଗୋଟିଏ ପକ୍ଷରେ ଶାରୀରିକ ପରିଶ୍ରମ କରୁଥିବା ବ୍ୟକ୍ତି ଛୋଟ ନୁହେଁ-ବୋଲି କୁହାଯାଉଛି ଏବଂ ଅନ୍ୟ ପକ୍ଷରେ ଏ କଥା ବି ପ୍ରଚାର କରାଯାଉଛି ଯେ; ପାରମ୍ପରିକ କ୍ରମରେ ଶାରୀରିକ ପରିଶ୍ରମ କରି ଆଜୀବିକା ଅର୍ଜ୍ଜନ କରୁଥିବା ବ୍ୟକ୍ତି ସେତେବେଳେ ଉନ୍ନତି କରିପାରିବ ଯେତେବେଳେ ସେ ଶାରୀରିକ ଶ୍ରମ ବହୁଳ କାର୍ଯ୍ୟ ଛାଡ଼ି ଏପରି କିଛି ବ୍ୟବସାୟ ଅବଲମ୍ବନ କରିବ ଯେଉଁଥିରେ କି ଅଧିକ ଶାରୀରିକ ପରିଶ୍ରମ କରିବାକୁ ପଡ଼ିବ ନାହିଁ । ଋଗ୍‌ବେଦରେ ଯାହାକୁ ଶୂଦ୍ର ବୋଲି କୁହାଯାଇଛି; ସେ ସେହି ପରମ ପୁରୁଷଙ୍କ ପାଦରୁ ଉତ୍ପନ୍ନ ବୋଲି ବର୍ଣ୍ଣିତ ହୋଇଛି । ଏହାର ଅର୍ଥ ଏହା କେବେ ନୁହେଁ ଯେ ସେ ହେୟ । ଯେଉଁ ପୁରୁଷ ସୂକ୍ତରେ ଶୂଦ୍ରକୁ ପାଦରୁ ଉତ୍ପନ୍ନ ବୋଲି ବର୍ଣ୍ଣନା କରାଯାଇଛି; ସେହି ପୁରୁଷ-ସୂକ୍ତରେ ଭୂମି ମଧ୍ୟ ପୁରୁଷର ପାଦରୁ ଉତ୍ପନ୍ନ- ବୋଲି ବର୍ଣ୍ଣନା କରାଯାଇଛି ।

ଆମେ ସମସ୍ତେ ଜାଣିଛୁ ଯେ, ବେଦରେ ଭୂମିକୁ 'ମା' ବୋଲି ବର୍ଣ୍ଣନା କରାଯାଇଛି । ଯଦି କେବଳ ପୁରୁଷର ପାଦରୁ ଉତ୍ପନ୍ନ ହୋଇଥିବା ପଦାର୍ଥ ହେୟ ହୋଇଥାନ୍ତା ତେବେ ତାକୁ ମାତୃତ୍ୱ ସ୍ଥାନରେ ଆସୀନ କରାଯାଇ ନ ଥାଆନ୍ତା । କେବଳ ସେତିକି ନୁହେଁ ପ୍ରତ୍ୟେକ ଆସ୍ତିକ ହିନ୍ଦୁ ସକାଳେ ସଯ୍ୟା ତ୍ୟାଗକରି ପ୍ରଥମେ ଭୂମିକୁ ନମସ୍କାର କରେ । ଠିକ୍ ସେହିପରି; ଏକଥା ଭାବିବା ଉଚିତ ନୁହେଁ ଯେ; କେବଳ ପୁରୁଷର ପାଦରୁ ଉତ୍ପନ୍ନ ହୋଇଥିବାରୁ ଶୂଦ୍ର ହେୟ ଅଟେ । ବସ୍ତୁତଃ ପୁରୁଷର ପାଦରୁ ଶୂଦ୍ର ଏବଂ ପୃଥିବୀ ଉଭୟ ଉତ୍ପନ୍ନ ହୋଇଥିବାର ଅର୍ଥ ଶୂଦ୍ର ପୃଥିବୀର ସନ୍ତାନ ଅଟେ । ଶୂଦ୍ର ଶ୍ରମଦ୍ୱାରା ବିଭିନ୍ନ ଉପଯୋଗୀ ବସ୍ତୁମାନ ଉତ୍ପାଦନ କରି ଆମର ଭୌତିକ ଆବଶ୍ୟକତା ପୂରା କରିଥାଏ । ରୋଟୀ-କପଡ଼ା-ମକାନ୍- ଏହି ଭୌତିକ ଆବଶ୍ୟକତା ପୂରା ହୋଇପାରିଲେ ମନୁଷ୍ୟ ଅଧିକରୁ ଅଧିକ ବୌଦ୍ଧିକ ଅଭିବୃଦ୍ଧି ପାଇଁ ଧ୍ୟାନ ଦେଇ ପାରିବ । ଏଇଥି ପାଇଁ ସମାଜରେ ଶୂଦ୍ରର ସେହି ସ୍ଥାନ ଯେଉଁ ସ୍ଥାନ କୌଣସି ଉଚ୍ଚ ଆଜ୍ଞାଳିକାର ମୂଳଦୁଆ ପଥରର (ଭତ୍ତିପ୍ରସ୍ତରର) ହୋଇଥାଏ । ମୂଳଦୁଆ ପଥର ସବୁଠାରୁ ନିମ୍ନରେ ଥାଏ; କିନ୍ତୁ ତାହାହିଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅଟେ । ଯଜୁର୍ବେଦରେ ବଢେଇ, ରଥନିର୍ମାତା, କୁମ୍ଭାର, କମାର ଇତ୍ୟାଦି ସମସ୍ତଙ୍କୁ ନମସ୍କାର କରାଯାଇଛି । ଯଦି ବେଦ ଦୃଷ୍ଟିରୁ ସେମାନଙ୍କୁ ହେୟ ବୋଲି ପରିଗଣିତ କରାଯାଇଥାଆନ୍ତା ତେବେ ସେମାନଙ୍କୁ ଶ୍ରଦ୍ଧାପୂର୍ବକ ନମସ୍କାର କରାଯାଇ ନ ଥାଆନ୍ତା-

ନମସ୍ତକ୍ଷଭ୍ୟୋ ରଥକାରେଭ୍ୟଶ୍ଚ ବୋ ନମୋ

ନମଃ କୁଲାଲେଭ୍ୟଃ କର୍ମ୍ମାରେଭ୍ୟଶ୍ଚ ବୋ ନମଃ ।।

ଶତପଥ ବ୍ରାହ୍ମଣରେ କୁହାଯାଇଛି ଜି ଶୂଦ୍ରଜାତି 'ପୂଷା' ସହିତ ଜଡ଼ିତ ଅଟେ - ସେ ସମସ୍ତଙ୍କର ପୋଷଣକରେ-

'ସଂ ଶୌଦ୍ରଂ ବର୍ଣ୍ଣମସୃଜତ ପୂଷଣମ୍; ଇୟଂ ବୈ ପୂଷା.

ଇୟଂ ହୀଦଂ ସର୍ବଂ ପୁଷ୍ୟତି ଯଦିଦଂ କିଞ୍ଚ' ।।

ବସ୍ତୁତଃ ଶୂଦ୍ର ଯେଉଁ କଠିନ ଶ୍ରମ କରେ ତାକୁ ଯଜୁର୍ବେଦ ମହନୀୟ 'ତପଃ' ସଂଜ୍ଞା ଦେଇଛି - *'ତପସେ ଶୂଦ୍ରମ୍'* । ଏସବୁ କଥା ଏଠାରେ କହିବାର ଆବଶ୍ୟକତା ଏଇଥି ପାଇଁ ମନେ କରୁ ଯେ, ଲୋକେ ବେଦୋକ୍ତ ବର୍ଣ୍ଣ ବ୍ୟବସ୍ଥା ଉପରେ ଏ ପ୍ରକାର ବିଷମତାର ମିଥ୍ୟା ଆରୋପ ଲଗନ୍ତି ଯେ, ବୈଦିକ ବର୍ଣ୍ଣବ୍ୟବସ୍ଥାରେ ଶୂଦ୍ରକୁ ନୀଚ ସ୍ଥାନୀୟ ବୋଲି କୁହାଯାଇଛି । ଅବଶ୍ୟ ଏ କଥା ସତ ଯେ, ସାହିତ୍ୟରେ ଏ ପ୍ରକାର ଅନେକ ବର୍ଣ୍ଣନା ଦେଖିବାକୁ ମିଳେ ଯେଉଁଥିରେ ଶୂଦ୍ରର ନିନ୍ଦା କରାଯାଇଛି । କିନ୍ତୁ ସେସବୁ ସ୍ଥଳରେ ଶୂଦ୍ର ଶବ୍ଦର ଅର୍ଥ ହେଉଛି; ଯେଉଁ ବ୍ୟକ୍ତି ଅଜ୍ଞ

ସୁଖ-ଦୁଃଖରେ ବିଚଳିତ ହୋଇଯାଏ - *'ଆଶୁ ଦ୍ରବତି ଇତି ଶୂଦ୍ରଃ'* । ଯିଏ ଅଳ୍ପ ସୁଖ-ଦୁଃଖରେ ବିଚଳିତ ହୋଇଯିବ ସେ ସର୍ବଦା ଭୟ ଓ ଲୋଭର ଶିକାର ହେବ । ଏଣୁ ସେ ପ୍ରକାର ଶୂଦ୍ରର ନିନ୍ଦା ବୈଦିକ ସାହିତ୍ୟରେ କରାଯାଇଛି । କିନ୍ତୁ ଏକଥା ଅବଶ୍ୟ ସ୍ମରଣ ରହିବା ଉଚିତ ଯେ, ଏ ପ୍ରକାର ଶୂଦ୍ର ତ ସମସ୍ତେ ଜନ୍ମରୁ ହୋଇଥାଆନ୍ତି - *'ଜନ୍ମନା ଜାୟତେ ଶୂଦ୍ରଃ"* । ସଂସ୍କାର ହିଁ ଶୂଦ୍ରତାକୁ ଦୂର କରେ - *" ସଂସ୍କାରାଦ୍ ଦ୍ୱିଜ ଉଚ୍ୟତେ"* । ଯିଏ ସଂସ୍କାର ହୀନ ସେ ବ୍ରାହ୍ମଣ ଘରେ ଜନ୍ମ ନେଲେ ମଧ୍ୟ ଶୂଦ୍ର ହିଁ ଅଟେ । ଏଇ ଦୃଷ୍ଟିରୁ ଅନେକ ପ୍ରକାର ବ୍ରାହ୍ମଣମାନଙ୍କ ମଧ୍ୟରୁ ଏକ ପ୍ରକାର ବ୍ରାହ୍ମଣକୁ **ଶୂଦ୍ରବ୍ରାହ୍ମଣ** ବୋଲି କୁହାଯାଇଛି ।।

ଜନ୍ମ ଅଥବା ଜନ୍ମ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ବାଲ୍ମୀକି ଅଥବା ବେଦବ୍ୟାସଙ୍କ ଜନ୍ମ କାରଣକୁ ନେଇ କେହି ଛୋଟ ବୋଲି ଗଣନା କରେ ନାହିଁ । ତନ୍ତୀ ଏବଂ ଚମାର ହେଲେ ମଧ୍ୟ କବୀର ଏବଂ ରୈଦାସଙ୍କୁ ଶ୍ରେଷ୍ଠ ସନ୍ଥମାନଙ୍କ ମଧ୍ୟରେ ପୂଜ୍ୟତମ ବୋଲି ଗ୍ରହଣ କରାଯାଇଛି ।

ସାମ୍ୟବାଦ ଅଥବା ବିଷମତା ଦୃଷ୍ଟିରୁ ବିଚାର କରି ଦେଖିଲେ ବୈଦିକ ଦୃଷ୍ଟି ଏ ବିଷୟରେ ବହୁତ ସ୍ପଷ୍ଟ ଜଣାପଡ଼େ । ବୈଦିକ ଚିନ୍ତାଧାରା କହେ ଆମର ଦୃଷ୍ଟି ସମସ୍ତଙ୍କ ପ୍ରତି ସମାନ ହେବା ଉଚିତ; କାରଣ ସମସ୍ତଙ୍କର ଆତ୍ମା ସମାନ ଅଟେ । କିନ୍ତୁ ଆମେ ସମସ୍ତଙ୍କ ପ୍ରତି ସମାନ ବ୍ୟବହାର କରି ପାରିବୁ ନାହିଁ । ବ୍ୟବହାର ଯଥାଯୋଗ୍ୟ ହେବା ଉଚିତ । ସମସ୍ତଙ୍କ ସ୍ୱଭାବ ଏକା ପରି ନୁହେଁ କିମ୍ବା ସମସ୍ତଙ୍କର କ୍ଷମତା ମଧ୍ୟ ଏକା ପରି ନୁହେଁ । ତେବେ ସମସ୍ତଙ୍କ ପ୍ରତି ସମାନ ବ୍ୟବହାର କରିବାର ଦୁରାଗ୍ରହ କ'ଣ ପ୍ରାକୃତିକ ନିୟମର ବିରୁଦ୍ଧ ହେବ ନି? ଏଇଥିପାଇଁ ଆମେ 'ସମଦର୍ଶୀ' ହୋଇପାରିବୁ କିନ୍ତୁ 'ସମବର୍ତ୍ତୀ' ହେବା ସମ୍ଭବ ନୁହେଁ । ବସ୍ତୁତଃ ପ୍ରକୃତିକୁ ସ୍ପଷ୍ଟ ନିରୀକ୍ଷଣ କଲେ ଦେଖାଯିବ ଯେ, ପ୍ରକୃତିରେ କେଉଁଠି ହେଲେ ବି ସମାନତା ନାହିଁ । ସମତା ପୁରୁଷ ଅର୍ଥାତ୍ ଆତ୍ମା ନୁହେଁ କିନ୍ତୁ ପ୍ରକୃତି ଅଟେ । ବର୍ଣ୍ଣବ୍ୟବସ୍ଥା ସମସ୍ତଙ୍କୁ ସମାନ ବୋଲି ଗ୍ରହଣ କରେନା କିନ୍ତୁ ଏଥିରେ ବିବିଧତାକୁ ଗ୍ରହଣ କରଯାଏ । ସେ ଦୃଷ୍ଟିରୁ ଶ୍ରମଜୀବୀ ଏବଂ ବୁଦ୍ଧିଜୀବୀ ସମାନ ନୁହଁନ୍ତି; କିନ୍ତୁ ଉଭୟ ପରସ୍ପର ପରିପୂରକ ଅଟନ୍ତି । ବର୍ଣ୍ଣବ୍ୟବସ୍ଥା ଉପରେ ଯେଉଁ ଭେଦଭାବର ଆରୋପ ଲଗାଯାଏ ତାହା କେବଳ ଅଭିସନ୍ଧିମୂଳକ ଅଟେ ବୋଲି କୁହାଯାଇପାରେ ।।

କାଳିଦାସଙ୍କ **ଅଭିଜ୍ଞାନଶାକୁନ୍ତଳମ୍**ରେ ଗୋଟିଏ ଘଟଣା ବର୍ଣ୍ଣନା କରାଯାଇଛି ଯେ ରାଜଧାନୀରେ ପୁଲିସ୍ ବାଲା ଗୋଟିଏ ଧୀବରକୁ (ଜେଉଟକୁ) ରାଜାଙ୍କ ରତ୍ନ ମୁଦି ବିକୁଥିବା

ସୁଖ-ଦୁଃଖରେ ବିଚଳିତ ହୋଇଯାଏ - *'ଆଶୁ ଦ୍ରବତି ଇତି ଶୂଦ୍ରଃ'* । ଯିଏ ଅଳ୍ପ ସୁଖ-ଦୁଃଖରେ ବିଚଳିତ ହୋଇଯିବ ସେ ସର୍ବଦା ଭୟ ଓ ଲୋଭର ଶିକାର ହେବ । ଏଣୁ ସେ ପ୍ରକାର ଶୂଦ୍ରର ନିନ୍ଦା ବୈଦିକ ସାହିତ୍ୟରେ କରାଯାଇଛି । କିନ୍ତୁ ଏକଥା ଅବଶ୍ୟ ସ୍ମରଣ ରହିବା ଉଚିତ ଯେ, ଏ ପ୍ରକାର ଶୂଦ୍ର ତ ସମସ୍ତେ ଜନ୍ମରୁ ହୋଇଥାଆନ୍ତି - *'ଜନ୍ମନା ଜାୟତେ ଶୂଦ୍ରଃ"* । ସଂସ୍କାର ହିଁ ଶୂଦ୍ରତାକୁ ଦୂର କରେ - *" ସଂସ୍କାରାଦ୍ ଦ୍ୱିଜ ଉଚ୍ୟତେ"* । ଯିଏ ସଂସ୍କାର ହୀନ ସେ ବ୍ରାହ୍ମଣ ଘରେ ଜନ୍ମ ନେଲେ ମଧ୍ୟ ଶୂଦ୍ର ହିଁ ଅଟେ । ଏଇ ଦୃଷ୍ଟିରୁ ଅନେକ ପ୍ରକାର ବ୍ରାହ୍ମଣମାନଙ୍କ ମଧ୍ୟରୁ ଏକ ପ୍ରକାର ବ୍ରାହ୍ମଣକୁ **ଶୂଦ୍ରବ୍ରାହ୍ମଣ** ବୋଲି କୁହାଯାଇଛି ।।

ଜନ୍ମ ଅଥବା ଜନ୍ମ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ବାଲ୍ମୀକି ଅଥବା ବେଦବ୍ୟାସଙ୍କ ଜନ୍ମ କାରଣକୁ ନେଇ କେହି ଛୋଟ ବୋଲି ଗଣନା କରେ ନାହିଁ । ତନ୍ତୀ ଏବଂ ଚମାର ହେଲେ ମଧ୍ୟ କବୀର ଏବଂ ରୈଦାସଙ୍କୁ ଶ୍ରେଷ୍ଠ ସନ୍ଥମାନଙ୍କ ମଧ୍ୟରେ ପୂଜ୍ୟତମ ବୋଲି ଗ୍ରହଣ କରାଯାଇଛି ।

ସାମ୍ୟବାଦ ଅଥବା ବିଷମତା ଦୃଷ୍ଟିରୁ ବିଚାର କରି ଦେଖିଲେ ବୈଦିକ ଦୃଷ୍ଟି ଏ ବିଷୟରେ ବହୁତ ସ୍ପଷ୍ଟ ଜଣାପଡ଼େ । ବୈଦିକ ଚିନ୍ତାଧାରା କହେ ଆମର ଦୃଷ୍ଟି ସମସ୍ତଙ୍କ ପ୍ରତି ସମାନ ହେବା ଉଚିତ; କାରଣ ସମସ୍ତଙ୍କର ଆତ୍ମା ସମାନ ଅଟେ । କିନ୍ତୁ ଆମେ ସମସ୍ତଙ୍କ ପ୍ରତି ସମାନ ବ୍ୟବହାର କରି ପାରିବୁ ନାହିଁ । ବ୍ୟବହାର ଯଥାଯୋଗ୍ୟ ହେବା ଉଚିତ । ସମସ୍ତଙ୍କ ସ୍ୱଭାବ ଏକା ପରି ନୁହେଁ କିମ୍ବା ସମସ୍ତଙ୍କର କ୍ଷମତା ମଧ୍ୟ ଏକା ପରି ନୁହେଁ । ତେବେ ସମସ୍ତଙ୍କ ପ୍ରତି ସମାନ ବ୍ୟବହାର କରିବାର ଦୁରାଗ୍ରହ କ'ଣ ପ୍ରାକୃତିକ ନିୟମର ବିରୁଦ୍ଧ ହେବ ନି? ଏଇଥିପାଇଁ ଆମେ 'ସମଦର୍ଶୀ' ହୋଇପାରିବୁ କିନ୍ତୁ 'ସମବର୍ତ୍ତୀ' ହେବା ସମ୍ଭବ ନୁହେଁ । ବସ୍ତୁତଃ ପ୍ରକୃତିକୁ ସ୍ପଷ୍ଟ ନିରୀକ୍ଷଣ କଲେ ଦେଖାଯିବ ଯେ, ପ୍ରକୃତିରେ କେଉଁଠି ହେଲେ ବି ସମାନତା ନାହିଁ । ସମତା ପୁରୁଷ ଅର୍ଥାତ୍ ଆତ୍ମା ନୁହେଁ କିନ୍ତୁ ପ୍ରକୃତି ଅଟେ । ବର୍ଣ୍ଣବ୍ୟବସ୍ଥା ସମସ୍ତଙ୍କୁ ସମାନ ବୋଲି ଗ୍ରହଣ କରେନା କିନ୍ତୁ ଏଥିରେ ବିବିଧତାକୁ ଗ୍ରହଣ କରଯାଏ । ସେ ଦୃଷ୍ଟିରୁ ଶ୍ରମଜୀବୀ ଏବଂ ବୁଦ୍ଧିଜୀବୀ ସମାନ ନୁହଁନ୍ତି; କିନ୍ତୁ ଉଭୟ ପରସ୍ପର ପରିପୂରକ ଅଟନ୍ତି । ବର୍ଣ୍ଣବ୍ୟବସ୍ଥା ଉପରେ ଯେଉଁ ଭେଦଭାବର ଆରୋପ ଲଗାଯାଏ ତାହା କେବଳ ଅଭିସନ୍ଧିମୂଳକ ଅଟେ ବୋଲି କୁହାଯାଇପାରେ ।।

କାଳିଦାସଙ୍କ **ଅଭିଜ୍ଞାନଶାକୁନ୍ତଳମ୍**ରେ ଗୋଟିଏ ଘଟଣା ବର୍ଣ୍ଣନା କରାଯାଇଛି ଯେ ରାଜଧାନୀରେ ପୁଲିସ୍ ବାଲା ଗୋଟିଏ ଧୀବରକୁ (କେଉଟକୁ) ରାଜାଙ୍କ ରତ୍ନ ମୁଦି ବିକୁଥିବା

ବେଳେ ଧରି ନେଇଛନ୍ତି । ଜେରା କଲା ବେଳେ କେଉଟ ନିଜର ଧନ୍ଦା କଥା କହିଛି । ସେତେ-ବେଳେ ପୁଲିସବାଲା ତା'ର ଉପହାସ କରିଛନ୍ତି । କିନ୍ତୁ ସେମାନଙ୍କୁ କେଉଟ ଜଣକ ଯାହା ଉତ୍ତର ଦେଇଛି ତାହା ମନନ ଯୋଗ୍ୟ । ସେ କହିଛି ଯେ କୌଣସି ବ୍ୟକ୍ତିର କୌଣସି କୌଳିକ ବ୍ୟବ-ସାୟ ହେୟ ଅଥବା ଘୃଣ୍ୟ ନୁହେଁ । ବସ୍ତୁତଃ, ବୈଦିକ ବର୍ଣ୍ଣବ୍ୟବସ୍ଥାର ତାହାହିଁ ମର୍ମ ଅଟେ । ଏହାକୁ ଭଲ ଭାବେ ହୃଦୟଙ୍ଗମ କଲେ; ବୈଦିକ ବର୍ଣ୍ଣବ୍ୟବସ୍ଥା ଯେ ଉଚ୍ଚ-ନୀଚ ଭେଦଭାବ ପୋଷଣ କରେ - ଏ ପ୍ରକାର ଆରୋପ ଲଗେଇବା ଠିକ୍ ମନେ ହୁଏ ନା । ବର୍ଣ୍ଣ ବିଭାଜନର ଆଧାର ଏହା ଯେ, ଲୋକମାନଙ୍କ ରୁଚି ଭିନ୍ନ ଅଟେ । ଅତଏବ ସେମାନଙ୍କର ବ୍ୟବସାୟ ମଧ୍ୟ ଭିନ୍ନ ଭିନ୍ନ ହେବା ଉଚିତ । ଏ ପ୍ରକାର ଲୋକେ, ଯେଉଁମାନଙ୍କ ବୁଦ୍ଧି ବିଶେଷ ପ୍ରତିଭା ସଂପନ୍ନ ନୁହେଁ, କିନ୍ତୁ ଶାରୀରକ ପରିଶ୍ରମ କରିବାକୁ ସେମାନେ ସମର୍ଥ ଅଟନ୍ତି, ତେବେ ସେମାମଙ୍କୁ ଶାରୀରକ ଶ୍ରମ କରିବା ଉଚିତ । କିନ୍ତୁ ଯେଉଁମାନେ ରଜୋଗୁଣ ପ୍ରଧାନ ଅଟନ୍ତି; ସେମାନଙ୍କ ପାଇଁ କ୍ଷତ୍ରିୟ ଧର୍ମ ଉଚିତ ଅଟେ ଏବଂ ଯେଉଁମାନେ ସତ୍ତ୍ୱଗୁଣ ପ୍ରଧାନ ଅଟନ୍ତି, ସେମାନଙ୍କ ପାଇଁ ବ୍ରାହ୍ମଣ୍ୟ ଧର୍ମ ଉଚିତ ଅଟେ । ଆମେ ବର୍ଣ୍ଣବ୍ୟବସ୍ଥାର ଯେତେ ବି ବିରୋଧ କଲେ କିଛି ଫଳ ହେବନି; କାରଣ ପ୍ରକୃତି ଦୃଷ୍ଟିରୁ ବିଭିନ୍ନ ରୁଚିର ବିଭିନ୍ନ ମନୁଷ୍ୟ ଜନ୍ମ ନେଉଥିବେ; ଏବଂ ସେମାନ ନିଜ ନିଜର ରୁଚି ଅନୁସାରେ ନିଜ ନିଜର ବ୍ୟବସାୟ (ଧନ୍ଦା) କରିବେ । ଏଣୁ ବର୍ଣ୍ଣବ୍ୟବସ୍ଥା ଏକଥା ସ୍ୱୀକାର କରେ ଯେ, ସମସ୍ତ ପ୍ରକାର ଲୋକେ ମାନବ ସମାଜ ପାଇଁ ଆବଶ୍ୟକ । ଯେଉଁ କାର୍ଯ୍ୟ କଲେ ଆତ୍ମସନ୍ତୋଷ ମିଳିବ ମନଷ୍ୟକୁ ସେହି କାର୍ଯ୍ୟ କରିବା ଆବଶ୍ୟକ । କୌଣସି କାମକୁ ଶ୍ରେଷ୍ଠ କାମ ବୋଲି ଭାବି ତାହା ନିଜ ପ୍ରକୃତି (ସ୍ୱଭାବ)ର ପ୍ରତିକୂଳ ହୋଇଥିଲେ ମଧ୍ୟ ଯଦି ତାହା ଗ୍ରହଣ କରିନେବୁ, ତେବେ କେବେହେଲେ ହେଁ ଆତ୍ମସନ୍ତୋଷ ମିଳିବ ନାହିଁ ।

ବର୍ଣ୍ଣାଶ୍ରମ ବ୍ୟବସ୍ଥା ତଥାଚ ଚାରି ପୁରୁଷାର୍ଥ ବିଷୟରେ ବିଚାର କରିବା ପରେ ବର୍ତ୍ତ-ମାନ ଆମେ ଚାରି ବର୍ଣ୍ଣ, ଚାରି ପୁରୁଷାର୍ଥ, ଚାରି ଆଶ୍ରମ ତଥାଚ ଶରୀର, ମନ, ବୁଦ୍ଧି ଓ ଆତ୍ମା ସହିତ କିପରି ଚାରି ବେଦ ଜଡ଼ିତ ଅଛନ୍ତି ସେ ବିଷୟରେ ସଂକ୍ଷେପରେ ବିଚାର କରିବା ।।

ସର୍ବପ୍ରଥମେ ଋଗ୍‌ବେଦକୁ ନିଆଯାଉ । ତୈତ୍ତିରୀୟ ବ୍ରାହ୍ମଣ ଅନୁସାରେ ଋଗ୍‌ବେଦର ସମ୍ବନ୍ଧ ମୂର୍ତ୍ତ ପଦାର୍ଥମାନଙ୍କ ସହିତ ଜଡ଼ିତ । ଏଇଥିପାଇଁ ଋଗ୍‌ବେଦ ସଭ୍ୟତାର ମୂର୍ତ୍ତ ପକ୍ଷର ପ୍ରତିନିଧି ଅଟେ । ପୁରୁଷାର୍ଥ ଦୃଷ୍ଟିରୁ ବିଚାର କଲେ 'ଅର୍ଥ' ପୁରୁଷାର୍ଥ ଏବଂ ଶାରୀରିକ ଅଭ୍ୟୁଦୟ ସଭ୍ୟତାର ମୂର୍ତ୍ତପକ୍ଷ ଅଟେ । ଆମ ଚିନ୍ତନର ଆରମ୍ଭ ବିନ୍ଦୁ ଶରୀର ହିଁ ଅଟେ । ଆମ ଜୀବନର

ପ୍ରଥମ ଆବଶ୍ୟକତା ମଧ୍ୟ ଅର୍ଥ ଅଟେ । ମୂର୍ତ୍ତପକ୍ଷ ସହିତ ଜଡ଼ିତ ଋକ୍ ଅଗ୍ନି ସହିତ ଜଡ଼ିତ ଅଟେ । ଏଣୁ ଋଗ୍‌ବେଦର ମୁଖ୍ୟ ଦେବତା ଅଗ୍ନି ଅଟେ । ଅଗ୍ନି ଶକ୍ତି (ଉର୍ଜ୍ଜା)ର ପ୍ରତୀକ ଅଟେ । ସମସ୍ତ କର୍ମ ଏବଂ ଶ୍ରମ ଶକ୍ତି ଦ୍ୱାରା ହିଁ ସଂପନ୍ନ ହୋଇଥାଏ । କର୍ମ ଓ ଶ୍ରମରେ ଅଗ୍ରଣୀ ଭୂମିର ପୁତ୍ର ଶୂଦ୍ର ଅଟେ । ସେ ନିଜର ଶ୍ରମଦ୍ୱାରା ବସୁନ୍ଧରାର ବସୁକୁ ପ୍ରକଟ କରିପାରେ । ପରିଶ୍ରମ କରୁଥିବା ବେଳେ ତାର ଧୂଳିଧୂସରିତ ଶରୀରକୁ ଦେଖିଲେ ମନେ ହୁଏ ଯେ, ପତେ ଯେପରି ସେ ଭୂମିର ସନ୍ତାନ ହିଁ ଅଟେ । ଏଇଥିପାଇଁ ତ ବେଦରେ ଶୂଦ୍ର ଏବଂ ଭୂମି ଉଭୟ ପୁରୁଷର ପାଦରୁ ଉତ୍ପନ୍ନ ହୋଇଛନ୍ତି ବୋଲି ବର୍ଣ୍ଣନା କରାଯାଇଛି । ଆମେ ପୂର୍ବରୁ କହିସାରିଛୁଁ ଯେ; ପୃଥିବୀର ଦେବତା ପୂଷା ଶୂଦ୍ରର ମଧ୍ୟ ଦେବତା ଅଟେ । ଏଇଥି ପାଇଁ ଶୂଦ୍ର ସମାଜକୁ ଆର୍ଥିକ ଦୃଷ୍ଟିରୁ ପୁଷ୍ଟ କରେ । ଯଜୁର୍ବେଦ କହେ କି ଶୂଦ୍ରର ନିର୍ମାଣ ତପସ୍ୟା ପାଇଁ ହୋଇଛି । ଅନ୍ୟପକ୍ଷରୁ ବିଚାର କଲେ ପ୍ରଥମ ଆଶ୍ରମ ବ୍ରହ୍ମଚର୍ଯ୍ୟାଶ୍ରମ ମଧ୍ୟ ଶ୍ରମ ଏବଂ ତପଶ୍ଚର୍ଯ୍ୟାର ଆଶ୍ରମ ଅଟେ । ବ୍ରହ୍ମଚାରୀ ରାଜାର ପୁଅ ହେଲେ ମଧ୍ୟ ତାକୁ ବ୍ରହ୍ମଚର୍ଯ୍ୟାଶ୍ରମରେ କଠୀନ ଜୀବନ ଯାପନ କରିବାକୁ ପଡ଼େ । ଏ ପ୍ରକାର କଠୋର ଜୀବନ ତାକୁ ଭାବି ଜୀବନରେ ସୁଖ-ଦୁଃଖ ସହନ କରିବାର କ୍ଷମତା ପ୍ରଦାନ କରେ । ଯେଉଁ ରାଷ୍ଟ୍ରର ଶ୍ରମିକବର୍ଗ ଶ୍ରମରୁ ଏବଂ ବିଦ୍ୟାର୍ଥୀ ପରିଶ୍ରମରୁ ମୁହଁମୋଡି ନେବେ ସେ ରାଷ୍ଟ୍ର ପଙ୍ଗୁ ବନିଯିବ; କାରଣ ଶ୍ରମିକର ଶ୍ରମ ହିଁ ରାଷ୍ଟ୍ରର ପାଦ ଅଟେ ଯେଉଁଥିରେ ରାଷ୍ଟ୍ର ଠିଆ ହୋଇଛି ଏବଂ ନିରନ୍ତର ଗତି କରୁଛି ।

ଆମର ଅସ୍ତିତ୍ୱ କେବଳ ଆମର ଶରୀର ନୁହେଁ ଆମର ମନ ମଧ୍ୟ ଅଟେ । ଶରୀରର ଶତ୍ରୁ ତମୋଗୁଣ ଏବଂ ମନର ଶତ୍ରୁ ରଜୋଗୁଣ । ରଜୋଗୁଣ ମନକୁ ଚଞ୍ଚଳ ବନେଇ ରଖେ । ତମୋଗୁଣ ଶରୀରକୁ ଗତିହୀନ କରେଇ ଦିଏ । ଶରୀରକୁ କର୍ମ ଦ୍ୱାରା ଗତିମାନ୍ କରି ରଖିବା ଉଚିତ ଏବଂ ଉପାସନା ଦ୍ୱାରା ମନକୁ ସ୍ଥିର କରି ରଖିବା ଉଚିତ । ସଭ୍ୟତାର ଏ ଦ୍ୱିତୀୟ ଅଂଶ ଯଜୁର୍ବେଦ ସହିତ ଜଡ଼ିତ ଅଟେ । ମନ ଗତିଶୀଳ ଅଟେ । ଯଜୁର୍ବେଦର ଦେବତା ବାୟୁ ଅଟେ ଯାହା କି ସର୍ବଦା ଗତିଶୀଳ ଅଟେ । ମନର ସମସ୍ତ କାମନାକୁ ପୂରା କରିବାର ଅବସର କେବଳ ଗୃହସ୍ଥକୁ ମିଳେ । କାମ ପୁରୁଷାର୍ଥର ସିଦ୍ଧି ମଧ୍ୟ କେବଳ ଗୃହସ୍ଥାଶ୍ରମରେ ହିଁ ହୋଇଥାଏ । ବର୍ଣ୍ଣମାନଙ୍କ ମଧ୍ୟରୁ ଆମର କାମନାର ପୂର୍ତ୍ତି ବୈଶ୍ୟବର୍ଣ୍ଣ କରେ; କାରଣ ସେ ଆମର ସମସ୍ତ ଆବଶ୍ୟକୀୟ ବସ୍ତୁ ଉପଲବ୍ଧ କରାଏ । ଏପରି ଭାବରେ ସଭ୍ୟତାର ସମସ୍ତ ମାନସିକ ପକ୍ଷର ସମ୍ବନ୍ଧ ଯଜୁର୍ବେଦ ସହିତ ରହିଛି । ଉକ୍ତ ପକ୍ଷ ସହିତ କାମ ପୁରୁଷାର୍ଥ, ଗୃହସ୍ଥାଶ୍ରମ ଏବଂ ବୈଶ୍ୟବର୍ଣ୍ଣ ସମାହିତ ଅଟେ ।

ସଭ୍ୟତାର ତୃତୀୟ ପକ୍ଷ ବୁଦ୍ଧି ସହିତ ଜଡ଼ିତ ଅଟେ । ବୁଦ୍ଧିର କାର୍ଯ୍ୟ ବିବେକ ଅଟେ । ବିବେକର ହିଁ ଅନ୍ୟ ନାମ ଧର୍ମ ଅଟେ । ବ୍ୟକ୍ତିଗତ ଜୀବନରେ ଏହି ଧର୍ମ ହିଁ ବ୍ୟକ୍ତିର ଅର୍ଥ ଏବଂ କାମକୁ ନିୟନ୍ତ୍ରିତ କରେ । ସାମାଜିକ ଜୀବନରେ ଅର୍ଥ ଏବଂ କାମର ସ୍ୱଚ୍ଛନ୍ଦତାକୁ ନିୟନ୍ତ୍ରିତ କରିବାରେ ଦାୟିତ୍ୱ ପ୍ରଶାସକ ବର୍ଗଉପରେ ନ୍ୟସ୍ତ ରହିଛି । ପ୍ରାଚୀନ ଭାଷାରେ ଏହି ପ୍ରଶାସକ ବର୍ଗକୁ ହିଁ କ୍ଷତ୍ରିୟ କୁହାଯାଏ । କ୍ଷତ୍ରିୟ ତେଜସ୍ୱୀ ଅଟେ ଏବଂ ସେଇଥି ପାଇଁ ସେ ସାମାଜିକ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିପାରେ । ତେଜର ସମ୍ବନ୍ଧ ସାମବେଦ ସହିତ ରହିଛି । କାରଣ ସାମବେଦର ଦେବତା ଆଦିତ୍ୟ ଅଟେ । କ୍ଷତ୍ରିୟ ଯେତେବେଳେ ନିଜର କ୍ଷାତ୍ର ତେଜଦ୍ୱାରା ସମାଜକୁ ବିଶୃଙ୍ଖଳିତ ହେବାରୁ ବଞ୍ଚାଇ ରଖେ ଠିକ୍ ସେତିକି ବେଳେ ବାନପ୍ରସ୍ଥାଶ୍ରମୀ ନିଜର ତପୋବଳ ଦ୍ୱାରା ବ୍ୟକ୍ତିମାନଙ୍କୁ ଉଚ୍ଛୃଙ୍ଖଳିତ ହେବା ଦିଗରୁ ବଞ୍ଚେଇ ରଖିଥାଏ । ଯେତେଦିନ ଯାଏ ଏ ପ୍ରକାର ନିୟନ୍ତ୍ରଣ ରହିଥିବ ସେତେଦିନ ଯାଏ ରାଷ୍ଟ୍ର ସୁରକ୍ଷିତ ଥିବ ଏବଂ ବ୍ୟକ୍ତି ଉଚ୍ଛୃଙ୍ଖଳିତ ହେବନି କିମ୍ବା ସମାଜ ବିସୃଙ୍ଖଳିତ ମଧ୍ୟ ହେବ ନାହିଁ ।

ଇତି ମଧ୍ୟରେ ଆମେ ଋକ୍, ଯଜୁଃ ଏବଂ ସାମବେଦ ସହିତ ଜଡ଼ିତ (କ୍ରମଶଃ) ଶରୀର, ମନ, ବୁଦ୍ଧି ଏବଂ ଅର୍ଥ, କାମ, ଧର୍ମ ଏବଂ ଶୂଦ୍ର, ବୈଶ୍ୟ ଓ କ୍ଷତ୍ରିୟ ବିଷୟରେ ଚର୍ଚ୍ଚା କଲୁ । ଏହାହିଁ ତ୍ରୟୀ ବିଦ୍ୟା ଅଟେ । ଏହାକୁ ସଭ୍ୟତା କୁହାଯାଇପାରେ ଅଥବା ଅପରାବିଦ୍ୟା କୁହାଯାଇପାରେ ଅଥବା ଅବିଦ୍ୟା କୁହାଯାଇପାରେ । ଏ ସବୁରୁ ଭିନ୍ନ ଏକ ଚତୁର୍ଥ ପକ୍ଷ ରହିଛି; ଯାହାକୁ ସଂସ୍କୃତି କୁହାଯାଏ; ଯାହାର ସମ୍ବନ୍ଧ ଆତ୍ମା ସହିତ ରହିଛି ଅଥବା ଯାହାର ସମ୍ବନ୍ଧ ପରାବିଦ୍ୟା ସହିତ ରହିଛି । ଏ ବିଷୟ ଅଥର୍ବବେଦର ଅଟେ । ଆତ୍ମା ବୁଦ୍ଧିଠାରୁ ଶ୍ରେଷ୍ଠ ଅଟେ । ଶରୀର, ମନ ଏବଂ ବୁଦ୍ଧିର କ୍ରମଶଃ ଅଗ୍ନି, ବାୟୁ ଏବଂ ଆଦିତ୍ୟ ଦେବତା ଅଟନ୍ତି । ଏ ତିନି ଦେବତା ଅଗ୍ନିର ହିଁ ତିନୋଟି ରୂପ ଅଟେ । ସେମାନଙ୍କ ସହିତ ଜଡ଼ିତ ଋକ୍, ଯଜୁଃ ଓ ସାମ - ଏ ବେଦତ୍ରୟୀକୁ ଅଗ୍ନିବେଦ କୁହାଯାଏ । ଚତୁର୍ଥବେଦ ଅଥର୍ବବେଦ ଅଟେ ତାହାକୁ ସୋମବେଦ କୁହାଯାଏ । ଯେଉଁପରି ଅଗ୍ନି ସୋମ ବିନା ଅପୂର୍ଣ୍ଣ ଅଟେ ଠିକ୍ ସେହିପରି ବେଦତ୍ରୟୀ ଅଥର୍ବବେଦ ବିନା ଅସଂପୂର୍ଣ୍ଣ ଅଟେ ଏବଂ ଶରୀର, ମନ ଓ ବୁଦ୍ଧି ମଧ୍ୟ ଆତ୍ମା ବିନା ଅପୂର୍ଣ୍ଣ ଅଟେ । ସଭ୍ୟତା ସଂସ୍କୃତି ବିନା ଅଧା ରହିଯାଏ; ଜଡ଼ ହୋଇଯାଏ । ଅଥର୍ବବେଦକୁ ବ୍ରହ୍ମବେଦ କୁହାଯାଏ । ବ୍ରହ୍ମରେ ସମସ୍ତେ ଦେବତାମାନେ ସମାହିତ ହୋଇଥାଆନ୍ତି । ବ୍ରହ୍ମକୁ ଯେ ଜାଣେ ସେ ବ୍ରାହ୍ମଣ ପଦବାଚ୍ୟ । ତାହାର ମୁଖ୍ୟଧର୍ମ ଆତ୍ମାର ଉପାସନା । ଏହି ଆତ୍ମା ହିଁ ବାସ୍ତବିକ ସୋମ ଅଟେ । ସେହି ସୋମ ପାନ କରି ବ୍ୟକ୍ତି ଅମର ହୋଇଯାଏ । ସନ୍ନ୍ୟାସୀମାନେ ମଧ୍ୟ ନିଜ ନିଜର

ଆବଶ୍ୟକତାକୁ ପୂରା କରନ୍ତି; କିନ୍ତୁ ସବୁକିଛି ତ୍ୟାଗପୂର୍ବକ ଅନୁଷ୍ଠାନ କରନ୍ତି । ସେହିପରି ଭାବେ ବ୍ରାହ୍ମଣ ମଧ୍ୟ ନିଜ ନିଜର ଆବଶ୍ୟକତାକୁ ତ୍ୟାଗପୂର୍ବକ ପୂରା କରିବା ଉଚିତ । ଏହାହିଁ ମୋକ୍ଷର ମାର୍ଗ ଅଟେ । କାରଣ ଏଠାରେ ଗୁଣର (ସତ୍ତ୍ୱ-ରଜ-ତମୋ ଗୁଣର) ବନ୍ଧନ ନ ଥାଏ । ଆଡ଼ୁ। ଗୁଣାତୀତ ଅଟେ । ଏହାହିଁ ବୈଦିକ ଜ୍ଞାନର ଅନ୍ତିମ ନିର୍ଯ୍ୟାସ ଅଟେ; ଏଣୁ ଏହାକୁ ବେଦାନ୍ତ କୁହାଯାଏ ।

ଚାରିବେଦ ସହିତ ଜଡ଼ିତ ଚାରି ପୁରୁଷାର୍ଥ, ଚାରି ବର୍ଣ୍ଣ ଏବଂ ଚାରି ଆଶ୍ରମ ମନୁଷ୍ୟ ଜୀବନକୁ ସନ୍ତୁଳିତ କରି ରଖେ ଏବଂ ସର୍ବାଙ୍ଗୀନ ବିକାସର ଏହା ଏକ ସୁନିୟୋଜିତ ଯୋଜନା ଅଟେ । ଏହାହିଁ ବୈଦିକ ଜୀବନ ଦର୍ଶନର ବିଶେଷତା ଅଟେ ।।

-ପ୍ରଶ୍ନ-

୧. ସମାଜରେ ଶୂଦ୍ର ବର୍ଣ୍ଣର କ'ଣ ସ୍ଥାନ ?

୨. ସମାନତା ଓ ବିଷମତାର ଅର୍ଥ କ'ଣ?

୩. ବର୍ଣ୍ଣବ୍ୟବସ୍ଥାର ଆଧାର କ'ଣ ?

୪. ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଏବଂ ଅଥର୍ବବେଦ ସଭ୍ୟତା ଓ ସଂସ୍କୃତିର କେଉଁ କେଉଁ ପକ୍ଷ ସହିତ ଜଡ଼ିତ ଅଟେ ?

-ସ୍ମରଣୀୟ ଉଦ୍ଧରଣ-

୧. **ଅଗ୍ନିନା ରୟିମଶ୍ନବତ୍** - ଋଗ୍‌ବେଦ ।
ଅର୍ଥ - ଆମ୍ଭେମାନେ ଅଗ୍ନିଦ୍ୱାରା ହିଁ ସମୃଦ୍ଧି ଲାଭ କରିଥାଉଁ ।

୨. **ବ୍ରହ୍ମଚାର୍ଯ୍ୟ ... ... ଶ୍ରମେଣ ଲୋକାଂସ୍ତପସା ପିପର୍ତ୍ତି** । ଅଥର୍ବବେଦ ।।
ଅର୍ଥ: - ବ୍ରହ୍ମଚାରୀ ନିଜର ଶ୍ରମ ଏବଂ ତପସ୍ୟା ଦ୍ୱାରା ସମସ୍ତଲୋକକୁ ତୃପ୍ତ କରେ ।

୩. **ସର୍ବା ଗତିର୍ଯାଜୁଷୀ ହ୍ରୈବ ଶଶ୍ୱତ୍** । ତୈତ୍ତିରୀୟ ବ୍ରାହ୍ମଣ
ଅର୍ଥ: - ସମସ୍ତ ଗତି ଯଜୁର୍ବେଦ ସହିତ ଜଡ଼ିତ ଅଟେ ।।

୪. **ଇନ୍ଦ୍ରମହଂ ବଣିଜଂ ଚୋଦୟାମି ... ... ଧନଦା ଅସ୍ତୁ ମହ୍ୟମ୍** । ଅଥର୍ବବେଦ ।

ଅର୍ଥ: - ମୁଁ ଇନ୍ଦ୍ରଦେବତାଙ୍କୁ ପ୍ରେରିତ କରୁଛି ଯେ, ସେ ବଣିକ୍ ରୂପରେ ମୋତେ ଧନ ପ୍ରଦାନ କରନ୍ତୁ ।

୫. **ଧୃତବ୍ରତାଃ କ୍ଷତ୍ରିୟାଃ** - ଋଗ୍‌ବେଦଃ ।

ଅର୍ଥ: - କ୍ଷତ୍ରିୟ ମର୍ଯ୍ୟାଦାର ପାଳନ କରେ ଏବଂ ମର୍ଯ୍ୟାଦା ପାଳନ କରାଇଥାଏ ।

୬. **ତଦେବାଗ୍ନିସ୍ତଦାଦିତ୍ୟସ୍ତଦବାୟୁସ୍ତଦୁ ଚନ୍ଦ୍ରମାଃ ।**
ତଦେବ ଶୁକ୍ରଂ ତଦ୍ ବ୍ରହ୍ମ ତା ଆପଃ ସ ପ୍ରଜାପତିଃ ।। ଯଜୁର୍ବେଦଃ ।।

ଅର୍ଥ: - ସେହି ବ୍ରହ୍ମ ହିଁ ଏକାଧାରରେ ଅଗ୍ନି, ଆଦିତ୍ୟ, ବାୟୁ, ଚନ୍ଦ୍ରମା, ଶୁକ୍ର, ଆପଃ ଏବଂ ପ୍ରଜାପତି ଅଟନ୍ତି ।।

୭.(କ) ରସେନ ତୃପ୍ତୋ ନ କୁତଶ୍ଚନୋନଃ । - ଅଥର୍ବବେଦଃ ।

ଅର୍ଥ: -. ଯିଏ ରସରେ ତୃପ୍ତ ହୋଇଯାଏ ତାହାର କୌଣସି ଅର୍ଥରେ ନ୍ୟୂନତା ରହେ ନାହିଁ ।

(ଖ) **ଅପାମ ସୋମମମୃତା ଅଭୂମ ।** -ଋଗ୍‌ବେଦ

ଅର୍ଥ: - ଆମେ ସୋମରସ ପାନ କରିନେଲୁ ଏବଂ ଆମେ ଅମର ହୋଇଗଲୁଁ ।

୮. **ତମେବ ବିଦ୍ୱାନ୍ ବିଭାୟ ମୃତ୍ୟୋଃ** । - ଅଥର୍ବବେଦ ।

ଅର୍ଥ: - ସେହି ଆତ୍ମତତ୍ତ୍ୱକୁ ଉପଲବ୍ଧି କରିବା ପରେ ବିଦ୍ୱାନ୍ ମୃତ୍ୟୁଠାରୁ ମଧ୍ୟ ଭୟଭୀତ ହୁଏ ନାହିଁ ।।

==========

ଅଷ୍ଟମ ପାଠ

- ଆ ମ ର ପ ର୍ଯ୍ୟା ବ ର ଣ -

ଆଧୁନିକ ବିଜ୍ଞାନର ବିକାସ ଆମ ଆଖି ଆଗରେ ଏମିତି ଚାକଚମକ ଜମେଇ ଦେଇଛି ଯେ ଭାଷାରେ ପ୍ରକାଶ କରି ହେବନି; କିନ୍ତୁ ସେହି ବିଜ୍ଞାନର ବିକାସ ପୁଣି ଆମକୁ ବିନାଶର ଏମିତି ଦ୍ୱାରାଦେଶକୁ ନେଇ ଆସିଛି; ଯେଉଁଠୁ ଆମର ଆଶ୍ରୟଦାତ୍ରୀ ପୃଥ୍ୱୀର ଅସ୍ତିତ୍ୱ ମଧ୍ୟ ସଂକଟାପନ୍ନ ପ୍ରତୀତ ହେଉଛି । ଆଜିକାଲି ପର୍ଯ୍ୟାବରଣର ସୁରକ୍ଷା ବିଷୟ ଚିନ୍ତା କରିବାକୁ ଯାଇ ଅନେକ ରାଜ ନେତା ଏବଂ ଅନେକ ବୈଜ୍ଞାନିକ ନାନା ଉପାୟ ଏବଂ ନାନା ବିକଳ୍ପର କଳ୍ପନା କରୁଛନ୍ତି । ଏହା ଅବଶ୍ୟ ଏକ ଆଶ୍ୱସ୍ତିର ବିଷୟ । କିନ୍ତୁ ଆଧୁନିକ ବିଜ୍ଞାନ ଆମକୁ ଯେଉଁ ଜୀବନ ଦର୍ଶନ ଦେଇଛି ଏବଂ ଯେଉଁ ଜୀବନ ଦର୍ଶନରେ ପ୍ରେରିତ ହୋଇ ଆମେ ଯେଉଁ ପ୍ରକାର ଜୀବନଶୈଳୀକୁ ଆଦରି ନେଇଛୁ; ଯେତେଦିନଯାଏ ଆମେ ସେ ପ୍ରକାର ଜୀବନଶୈଳୀର ଆଧାରଭୂତ ପରିବର୍ତ୍ତନ ନ କରିଛୁ ସେତେଦିନ ପର୍ଯ୍ୟନ୍ତ ଆମ ପର୍ଯ୍ୟାବରଣ ସୁରକ୍ଷା କରିବାର ସଂକଳ୍ପ ଫଳୀଭୂତ ହେବ ନାହିଁ ।

ବେଦୋକ୍ତ ଦେବ-ବିଜ୍ଞାନ:--

ମନରେ ଏ ପ୍ରକାର ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଆଧୁନିକ ବିଜ୍ଞାନ ଦ୍ୱାରା ପ୍ରଦତ୍ତ ଜୀବନ ଶୈଳୀର ବିକଳ୍ପ କଣ ହୋଇପାରେ ? ସେହି ବିକଳ୍ପର ଅନୁସନ୍ଧାନ ଆମକୁ ବେଦ-ବିଜ୍ଞାନର ଦ୍ୱାରଦେଶକୁ ନେଇଆସିଛି । ବିଜ୍ଞାନର ଏ ପାରଭ୍ତରିକ ବୈମତ୍ୟ ଭୁଲିଯିବା ପାଇଁ ଆମେ ଆଧୁନିକ ବିଜ୍ଞାନକୁ ଭୌତିକ-ବିଜ୍ଞାନ ଶବ୍ଦରେ ସମ୍ବୋଧନ କରିପାରୁ । ହଁ, 'ଦେବ' ଶବ୍ଦ ଶୁଣିଲେ ଆଜିକାଲି ଲୋକେ ଏ ପରି ଭୌଣସି ତତ୍ତ୍ୱକୁ ସମ୍ଭବତଃ ସ୍ମରଣ କରନ୍ତି, ଯାହାକି ବାସ୍ତବରେ ଦୃଷ୍ଟିଗୋଚର ହୁଏ ନାହିଁ ଏବଂ ଅନେକଙ୍କ ମତରେ ଯାହା କେବଳ କଳ୍ପନାପ୍ରସୂତ ଅଟେ । ଅତଏବ ଆଜିକାଲି ଲୋକେ ଦେବ ଶବ୍ଦ ଶୁଣି ନାକ ଟେକୁଛନ୍ତି କିମ୍ବା

ଦେବତା ତତ୍ତ୍ୱରୁ ପରାଙ୍ମୁଖ ହେଉଥିବାର ଦେଖା ଯାଉଛନ୍ତି । କିନ୍ତୁ ବସ୍ତୁତଃ ବେଦରେ ଏମତି କିଛି ନାହିଁ; ଯାହା କେବଳ କାଳ୍ପନିକ ଅଥବା ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ବୋଲି କୁହାଯିବ । ଦେବ ଶବ୍ଦର ଅର୍ଥ ଏକ ପ୍ରକାର ପ୍ରାଣଶକ୍ତି । ଏହି ପ୍ରାଣର ଅନେକ ଭେଦ ଅଛି । ଅବଶ୍ୟ ଏକଥା ଉପରେ ଧ୍ୟାନ ଦେବା ଉଚିତ ଯେ, ବିଶ୍ୱରେ ଏମିତି କିଛି ବି ନାହିଁ ଯାହା ନିଷ୍ପ୍ରାଣ ବୋଲି କୁହା-ଯିବ । ପ୍ରାଣର ଆଧାର ତ' ଭୌତିକ ବସ୍ତୁ ଅଟେ । ଅନ୍ୟଶବ୍ଦରେ କହିଲେ ଭୌତିକ ବସ୍ତୁର ସତ୍ତା ପ୍ରାଣଶକ୍ତି ବିନା ସମ୍ଭବ ନୁହେଁ । ଏହିପରି ଭାବରେ ପ୍ରାଣ ଓ ଭୂତ ପରସ୍ପର ଅବିନାଭାବ ସମ୍ବନ୍ଧରେ ଜଡ଼ିତ ଅଟନ୍ତି । ଭୂତକୁ ମର୍ତ୍ତ୍ୟ ଓ ଦେବକୁ ଅମର୍ତ୍ତ୍ୟ (ଅମୃତ ଅଥବା ଅମର) କୁହାଯାଏ ।

ତିନି ଲୋକ - ତିନି ଦେବ :--

ବେଦ-ବିଜ୍ଞାନ ଦୃଷ୍ଟିରୁ କୌଣସି ପଦାର୍ଥ ଜଡ଼ ନୁହେଁ; କାରଣ ସବୁଥିରେ ପ୍ରାଣ ରହିଛି । ବେଦ-ବିଜ୍ଞାନ ଦୃଷ୍ଟିରୁ ହିଁ ଭୂମି ଆମର ମା ଏବଂ ଆମେ ସବୁ ଭୂମିର ସନ୍ତାନ ଅଟୁଁ ଅନ୍ୟଥା ପୃଥିବୀକୁ ଜଡ଼ ବୋଲି ଭାବି କେବଳ କବି କଳ୍ପନାର ରୂପାୟନ ପାଇଁ ପୃଥ୍ୱୀକୁ ମା ବୋଲି ସମ୍ବୋଧନ କଲେ ବାସ୍ତବିକ ଅର୍ଥରେ ତାହା ପୃଥିବୀ ପ୍ରତି ଉପହାସ ଛଡ଼ା ଆଉ କିଛି ହେବନି । ବେଦ-ବିଜ୍ଞାନ ଦୃଷ୍ଟିରୁ ପୃଥିବୀ ବସ୍ତୁତଃ ଆମର ମା ଅଟେ, କାରଣ ପୃଥିବୀ ପ୍ରାଣଯୁକ୍ତ ଅଟେ । ପୃଥିବୀର ପ୍ରାଣର ନାମ ଅଗ୍ନି ଅଟେ । ଏହିପରି ଭାବରେ ଦ୍ୟୁଲୋକର ପ୍ରାଣର ନାମ ଆଦିତ୍ୟ ଅଟେ । ତଥା ଚ ଅନ୍ତରୀକ୍ଷ ଲୋକର ପ୍ରାଣର ନାମ ବାୟୁ ଅଟେ । ଏହି ଅଗ୍ନି, ବାୟୁ ଏବଂ ଆଦିତ୍ୟ ତିନି ଦେବତା ଅଟନ୍ତି । ସେଥିମଧ୍ୟରୁ ଅଗ୍ନିର ଆଠଟି ରୂପ, ବାୟୁର ଏଗାରଟି ରୂପ ଏବଂ ଆଦିତ୍ୟର ବାରଟି ରୂପ ରହିଛି । ଏହି (୮ + ୧୧ + ୧୨ = ୩୧) ଏକତିରଶ ଦେବତା ସହିତ ଅଶ୍ୱିନୀ କୁମାର ଦ୍ୱୟ (ନାସତ୍ୟ ଏବଂ ଦସ୍ର) ମିଶି ତେତିଶି ଦେବତା ଅଟନ୍ତି । ଏହି ୩୩ ଦେବତା ପୂର୍ବୋକ୍ତ ଅଗ୍ନି, ବାୟୁ ଓ ଆଦିତ୍ୟରୂପକ ତିନି ଦେବତାଙ୍କର ୩୩ ଭେଦ ଅଟେ । ବସ୍ତୁତଃ ଏହି ତିନି ଦେବତା ମଧ୍ୟ କେବଳ ଅଗ୍ନିର ତିନୋଟି ରୂପ ଅଟେ । ଅଗ୍ନିର ଘନ ରୂପକୁ ଅଗ୍ନି, ତରଳ ରୂପକୁ ବାୟୁ ଏବଂ ବିରଳ ରୂପକୁ ଆଦିତ୍ୟ କୁହାଯାଏ । ଏହି ପରି ବୈଦିକ ଦୃଷ୍ଟିରେ ଏକକୁ ଅନେକ ରୂପରେ ଏବଂ ଅନେକକୁ ଏକରୂପରେ ଦେଖାଯାଏ । ଅନେକକୁ ଏକରୂ-ପରେ ଦେଖିବାକୁ ଜ୍ଞାନ କୁହାଯାଏ ଏବଂ ଏକକୁ ଅନେକ ରୂପରେ ଦେଖିବାକୁ ବିଜ୍ଞାନ କୁହାଯାଏ ।

ପୃଥିବୀର ଦେବତା ଅଗ୍ନି :-

ଆମେ ଏଠାରେ ସବୁ ଦେବତାମାନଙ୍କ ବିଷୟରେ ବିସ୍ତୃତଭାବରେ ଆଲୋଚନା କରିପାରିବା ନାହିଁ; କିନ୍ତୁ ଅଗ୍ନିଦେବତା ବିଷୟରେ ସଂକ୍ଷେପରେ ଆଲୋଚନା କରିବା କାରଣ; ଅଗ୍ନି ପୃଥିବୀର ଦେବତା ଅଟନ୍ତି ଏବଂ ଆମକୁ ମୁଖ୍ୟତଃ ପୃଥିବୀ ବିଷୟରେ ଆଲୋଚନା କରିବାର ଅଛି । ସବୁ ଦେବତାମାନଙ୍କ ତିନୋଟି ସ୍ୱରୂପ ରହିଛି । ଅତଏବ ଅଗ୍ନିର ମଧ୍ୟ ତିନୋଟି ରୂପ ରହିଛି - ଆଧିଭୌତିକ, ଆଧିଦୈବିକ ଏବଂ ଆଧ୍ୟାତ୍ମିକ । ଅଗ୍ନିର ଯେଉଁ ସ୍ୱରୂପ ବିଷୟରେ ଆଜିକାଲିର ବୈଜ୍ଞାନିକ ମାନେ ପରିଚିତ ତାକୁ ଅଗ୍ନିର ଆଧିଭୌତିକ ସ୍ୱରୂପ କୁହାଯାଏ । ତାହା ଆମେ ଅଂଗ୍ରେଜୀରେ 'fire' ବୋଲି କହୁ । ଅଗ୍ନିର ଯେଉଁ ବିରଳ ସ୍ୱରୂପ ସୂର୍ଯ୍ୟ ଗ୍ରହରେ ' ଆଦିତ୍ୟ ପ୍ରାଣ' ରୂପରେ ଆବସ୍ଥିତ ତାକୁ ଅଗ୍ନିର ଆଧିଦୈବିକ ରୂପ କୁହାଯାଏ । ଜଠରାଗ୍ନି-ରୂପରେ 'ବୈଶ୍ୱାନର' ନାମକ ଅଗ୍ନିକୁ ଆଧ୍ୟାତ୍ମିକ ଅଗ୍ନି କୁହାଯାଏ । ଏଠାରେ ସ୍ମରଣ ରଖିବା ଉଚିତ ଯେ, ବେଦରେ ଅଧ୍ୟାତ୍ମ' ଶବ୍ଦର ପ୍ରୟୋଗ ଶରୀର ସହିତ ସମ୍ବନ୍ଧ ପଦାର୍ଥ ପାଇଁ କରାଯାଇଥାଏ । ବେଦରେ ଅଧ୍ୟାତ୍ମ ଶବ୍ଦର ଅର୍ଥ ତାହା ନୁହେଁ ଯାହାକୁ ଅଂଗ୍ରେଜୀରେ 'spiritual' ବୋଲି କୁହାଯାଏ । " ଷ୍ପିରିଚୁୟାଲ୍" ଶବ୍ଦ ସେ ପ୍ରକାର ଚିନ୍ତନ ପରମ୍ପରାର ଅଟେ; ଯେଉଁ ପରମ୍ପରାରେ ଆତ୍ମା ଓ ଶରୀର ଉଭୟ ପରସ୍ପରଠାରୁ ସର୍ବଥା ଭିନ୍ନ ବୋଲି ଗ୍ରହଣ କରାଯାଏ । ବେଦ-ବିଜ୍ଞାନ ଦୃଷ୍ଟିରେ ତ ସବୁ କିଛି ବ୍ରହ୍ମ ଅଟେ; ଏଣୁ ସେଥିରେ ଅଧ୍ୟାତ୍ମ ଶବ୍ଦର ଅର୍ଥ ତାହା ନୁହେଁ ଯାହା ଅଂଗ୍ରେଜୀରେ ଷ୍ପିରିଚୁୟଲ୍ ଶବ୍ଦ ଦ୍ୱାରା ଅଭିବ୍ୟକ୍ତି ହୋଇଥାଏ ।।

ଅଗ୍ନିର ଆଉ ଦୁଇଟି ସ୍ୱରୂପ:-

ପୃଥିବୀର ଦେବତା ଅଗ୍ନି । ଅଗ୍ନିର ଆଉ ଦୁଇଟି ସ୍ୱରୂପ ରହିଛି - ଗୋଟିଏ ପିଣ୍ଡ ସହିତ ଓତପ୍ରୋତ ଭାବରେ ବିଦ୍ୟମାନ ରହିଛି ଏବଂ ଦ୍ୱିତୀୟଟି ପିଣ୍ଡର ଚାରିଆଡ଼େ ତାର ମହିମାମଣ୍ଡଳ ରୂପରେ ବିଦ୍ୟମାନ ଅଟେ । ପିଣ୍ଡରେ ରହୁଥିବା ଅଗ୍ନିର ରୂପକୁ "ଚିତ" ଏବଂ ପିଣ୍ଡର ମହିମାମଣ୍ଡଳ ରୂପରେ ବ୍ୟାପ୍ତରୂପକୁ "ଚିତେନିଧେୟ" କୁହାଯାଏ । ଅଗ୍ନିର ଯେଉଁ ଚିତେନିଧେୟ ରୂପ - ପିଣ୍ଡର ମହିମାମଣ୍ଡଳ ରୂପରେ ଅଭିବ୍ୟାପ୍ତ ରହିଛି ତାହା କେବଳ ଭୂ-ପିଣ୍ଡର ଚତୁଃପାର୍ଶ୍ୱ ପର୍ଯ୍ୟନ୍ତ ସୀମିତ ନୁହେଁ କିନ୍ତୁ ସୂର୍ଯ୍ୟମଣ୍ଡଳର ସୀମାପର୍ଯ୍ୟନ୍ତ ପରିବ୍ୟାପ୍ତ ରହିଛି । ଭୂ-ପିଣ୍ଡର ଏହି ମହିମାମଣ୍ଡଳ ପ୍ରଥିତ ଅର୍ଥାତ୍ ବିସ୍ତୃତ ହୋଇଥିବାରୁ ଭୂମଣ୍ଡଳକୁ

ପୃଥିବୀ କୁହାଯାଏ । ଏ ଦୃଷ୍ଟିରୁ ଦେଖିଲେ ଭୂମି ଓ ପୃଥିବୀ ପର୍ଯ୍ୟାୟ ଶବ୍ଦ ନୁହେଁ । ପୃଥିବୀ ସେ ମହିମାମଣ୍ଡଳର ନାମ ଅଟେ ଯାହା ବହୁତ ବିସ୍ତୀର୍ଣ୍ଣ ଏବଂ ଭୂମି କେବଳ ଭୂ-ପିଣ୍ଡର ନାମ ଅଟେ; ଯାହା ଉକ୍ତ ମହିମାମଣ୍ଡଳଠାରୁ ବହୁତ ଛୋଟ । ଭୂ-ପିଣ୍ଡର ଅଗ୍ନି ମର୍ତ୍ତ୍ୟ ଅଟେ କିନ୍ତୁ ପୃଥ୍ୱୀର ଅଗ୍ନି ଅମୃତ ଅଟେ । ଆଧୁନିକ ଭାଷାରେ ଯଦି କୁହାଯିବ ତେବେ ପୃଥିବୀ ଭୂମିର ପର୍ଯ୍ୟାବରଣ ଅଟେ । ପ୍ରାଚୀନ ଭାଷାରେ କହିଲେ ଭୂମି ଏକ ମହାଭୂତ ଅଟେ ଏବଂ ପୃଥିବୀ ଦେବତା ଅଟେ । ଏ ଦୁଇଟି ମଧ୍ୟରେ ଅତ୍ୟନ୍ତ ଗଭୀର ସମ୍ବନ୍ଧ ରହିଛି । ମହିମାମଣ୍ଡଳ ପିଣ୍ଡ ବିନା ରହି-ପାରିବ ନାହିଁ କିମ୍ବା ପିଣ୍ଡର ସତ୍ତା ବିନା ମହିମାମଣ୍ଡଳ ରହି ପାରିବ ନାହିଁ । ଏଇଥି ପାଇଁ ଆଧୁ-ନିକ ବୈଜ୍ଞାନିକମାନେ ଯାହା ଭାବୁଛନ୍ତି ଯେ 'ଯଦି ପର୍ଯ୍ୟାବରଣ କ୍ଷତ-ବିକ୍ଷତ ହୋଇଯିବ ତେବେ ଭୂମିର କଣ ଦଶା ହେବ' । ଏହା ବସ୍ତୁତ ସମସ୍ତଙ୍କର ଚିନ୍ତନୀୟ ଅଟେ ।

ଅଷ୍ଟ ବସୁ:-

ଭୂମିରେ ଯେଉଁ ଅଗ୍ନି ଘନ ରୂପରେ ବିଦ୍ୟମାନ ତାକୁ 'ବସୁ' କୁହାଯାଏ । ତାହା ଆଠ ଭାଗରେ ବିଭକ୍ତ; ଯଥା- ଧ୍ରୁବ, ଧରୁଣ, ସୋମ, ଆପ, ବାୟୁ, ଅଗ୍ନି, ପ୍ରତ୍ୟୁଷ ଏବଂ ପ୍ରଭାସ । ଯେଉଁ ପ୍ରକାର ପୃଥ୍ୱୀର ଦେବତାଙ୍କୁ 'ବସୁ' କୁହାଯାଏ ଠିକ୍ ସେହିପରି ଦ୍ୟୁଲୋକର ଦେବତାକୁ 'ଇନ୍ଦ୍ର' କୁହାଯାଏ । ପୃଥ୍ୱୀର ଅଗ୍ନି ସୂର୍ଯ୍ୟଲୋକ ଉଦ୍ଦେଶ୍ୟରେ ଗତିକରେ ଏବଂ ସୂର୍ଯ୍ୟଲୋକର ଇନ୍ଦ୍ର ପୃଥ୍ୱୀ ଅଭିମୁଖରେ ଆସେ । ଏହି ଦୁଇଟଗୁର ମିଳନରେ ପ୍ରକୃତି ଭିତରେ ଗୋଟିଏ ଯଜ୍ଞ ନିରନ୍ତର ଚାଲିଛି; ତାକୁ 'ଐନ୍ଦ୍ରାଗ୍ନି' କୁହାଯାଏ । ଯେତେବେଳେ ଇନ୍ଦ୍ର 'ବସୁ' ରୂପକ ଅଗ୍ନି ସହିତ ମିଳିତ ହୁଏ ତାକୁ 'ବାସବ' କୁହାଯାଏ । ପୃଥିବୀର ଯେଉଁ ରୂପ ଆଦିତ୍ୟ ପ୍ରାଣ ସହିତ ସଂମିଳିତ ହୋଇଯାଏ ତାକୁ ଅଦିତି କୁହାଯାଏ ଏବଂ ଯାହା ଆଦିତ୍ୟପ୍ରାଣରୁ ବଞ୍ଚିତ ରହିଯାଏ ତାକୁ ଦିତି କୁହାଯାଏ । ଅଦିତି ଦୃଶ୍ୟ ଅଟେ ଏବଂ ଦିତି ଅଦୃଶ୍ୟ ଅଟେ ।

ତିନି ତ୍ରିଲୋକୀ ଏବଂ ପୃଥ୍ୱୀ :-

ପୃଥିବୀକୁ ସମସ୍ତ ମହାଭୂତମାନଙ୍କର 'ରସ' କୁହାଯାଏ । ଆକାଶର ଗୁଣ ବାୟୁକୁ ସଂକ୍ରମିତ ହୋଇଥାଏ; ଆକାଶ ଓ ବାୟୁର ଗୁଣ ତେଜକୁ ସଂକ୍ରମିତ ହୋଇଥାଏ; ଆକାଶ, ବାୟୁ ଓ ତେଜର ଗୁଣ ଜଳକୁ ସଂକ୍ରମିତ ହୋଇଥାଏ ଏବଂ ଆକାଶ, ବାୟୁ, ତେଜ ତଥା ଜଳ ଏହି ଚାରି ମହାଭୂତଙ୍କ ଗୁଣ ପୃଥିବୀକୁ ସଂକ୍ରମିତ ହୋଇଥାଏ । ଏଣୁ ପୃଥିବୀକୁ ସମସ୍ତ ମହାଭୂତ-ମାନଙ୍କର 'ରସ' କୁହାଯାଏ । ଯେଉଁ ଭୂ-ପିଣ୍ଡରେ ଆମେମାନେ ନିବାସ କରୁଛୁଁ; ସେହି ଭୂ-ପିଣ୍ଡ

ବିଶ୍ୱର ଗୋଟିଏ ସଂପୂର୍ଣ୍ଣ ବ୍ୟବସ୍ଥା ସହିତ ଜଡ଼ିତ ରହିଛି । ଆମ ବିଶ୍ୱରେ ପାଞ୍ଚୋଟି ପିଣ୍ଡ ମୁଖ୍ୟରୂପରେ ରହିଛି । ସେମାନଙ୍କ ମଧ୍ୟରୁ ପଥ୍ୱୀ, ଚନ୍ଦ୍ରମା ଓ ସୂର୍ଯ୍ୟ - ଏ ତିନୋଟି ପ୍ରମୁଖ ପିଣ୍ଡକୁ ଆମେ ଦେଖିପାରୁଛୁ । ଏ ତିନୋଟି ପିଣ୍ଡରୁ ଅତିରିକ୍ତ ଆଉ ଦୁଇଟି ପିଣ୍ଡ ରହିଛି; ତାହା ହେଲା - ପରମେଷ୍ଠୀ ଓ ସ୍ୱୟମ୍ଭୂ । ଏହି ପାଞ୍ଚ ପିଣ୍ଡ ମିଳି ତିନୋଟି 'ତ୍ରିଲୋକୀ' ନିର୍ମିତ ହୋଇ-ଥାଏ । ଆମ ତ୍ରିଲୋକୀର 'ଭୂ' ଭୂମି ଅଟେ, 'ଭୁବଃ' ଅନ୍ତରିକ୍ଷ ଲୋକସ୍ଥିତ 'ଚନ୍ଦ୍ରମା' ଅଟେ ଏବଂ 'ସ୍ୱଃ' ଦ୍ୟୁଲୋକସ୍ଥିତ ସୂର୍ଯ୍ୟ ଅଟେ ଏହାକୁ 'ରୋଦସୀ' ତ୍ରିଲୋକୀ କୁହାଯାଏ । ଏହା ଉପରେ 'କ୍ରନ୍ଦସୀ' ତ୍ରିଲେକୀ ରହିଛି; ଯାହାର ପୃଥ୍ୱୀ ସ୍ୱଃଲୋକ ଅଟେ, ଅନ୍ତରିକ୍ଷ 'ମହଃଲୋକ' ଅଟେ ଏବଂ ଦ୍ୟୌ 'ଜନଃଲୋକ' ନାମକ ଲୋକ ଅଟେ; ଯାହାକୁ 'ପରମେଷ୍ଠୀ' ବୋଲି କୁହାଯାଏ । ଏହା ଉପରେ 'ସଂଯତି' ନାମକ ତ୍ରିଲୋକୀ ବିଦ୍ୟମାନ ଅଟେ; ଯାହାର ଭୂଃ 'ପରମେଷ୍ଠୀ' ଭୁବଃ 'ତପଃଲୋକ' ଏବଂ ସ୍ୱଃ 'ସତ୍ୟଲୋକ' ଅଥବା 'ସ୍ୱୟଂଭୂ' ଅଟେ । ଏପରି ଭାବରେ ତିନୋଟି ତିନୋଟି ତ୍ରିଲୋକୀ ମଧ୍ୟରେ ତିନୋଟି ତ୍ରିଲୋକ ରହିଛି । ଆଜିକାଲିର ବିଜ୍ଞାନ କେବଳ ଏଥି-ମଧ୍ୟରୁ ଗୋଟିଏ ତ୍ରିଲୋକର ଚର୍ଚ୍ଚା କରେ । ଏହି ତିନି ତ୍ରିଲୋକୀ ମଧ୍ୟରେ ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ ତଥା ସତ୍ୟମ୍ ନାମକ ସାତଟି ଲୋକକୁ ନେଇ ଗଠିତ ତିନି ତ୍ରିଲୋକୀ ଏବଂ ପରମେଷ୍ଠୀ ଏବଂ ସ୍ୱୟଂଭୂ -- ଏହି ପାଞ୍ଚ ପୁଣ୍ଡୀର ଅଟେ । ଏହିପରି ଭାବରେ ଆମ ପୃଥିବୀ ବିସ୍ତୃତ ବିଶ୍ୱବ୍ୟବସ୍ଥାର ଗୋଟିଏ ଅଙ୍ଗ ଅଟେ ।।

ବିଶ୍ୱ ବ୍ୟବସ୍ଥାର ଆଧାର ଯଜ୍ଞ :-

ବିଶ୍ୱ ବ୍ୟବସ୍ଥାର ମୂଳ ଯଜ୍ଞ ଅଟେ । ଯଜ୍ଞର ଅର୍ଥ ଆଦାନ-ପ୍ରଦାନ । ଏହି ଆଦାନ-ପ୍ରଦାନ ଦ୍ୱାରା ଉତ୍ପନ୍ନ 'ଅପୂର୍ବଭାବ'ର ଉତ୍ପତ୍ତିକୁ ଯଜ୍ଞ କୁହାଯାଏ । ଅଗ୍ନିରେ ସୋମକୁ ଆହୁତି ଦିଆଯାଏ; ତାହାକୁ ପ୍ରଦାନ କୁହାଯାଏ ଏବଂ ଅଗ୍ନି ସୋମକୁ ସ୍ୱୀକାର କରେ; ତାହା ଆଦାନ ଅଟେ । ଅଥବା ପ୍ରକାରାନ୍ତର କହିଲେ; ଅଗ୍ନିରେ ସୋମର ଆହୁତି କରିବାଦ୍ୱାରା ଯେଉଁ ସୌରଅଗ୍ନି ପୃଥିବୀ ଉପରୁ ଆସୁଛି, ପୃଥ୍ୱୀ ବନସ୍ପତିମାନଙ୍କ ଦ୍ୱାରା ସେ ଅଗ୍ନିକୁ ଗ୍ରହଣ କରୁଛି । ଏହିପରି ଭାବରେ ସୂର୍ଯ୍ୟ ଲୋକ ପ୍ରତି ମଧ୍ୟ ପରମେଷ୍ଠୀ ଲୋକରୁ ସୋମ ଆସୁଛି ଏବଂ ସେହି ସୋମକୁ ଇନ୍ଧନ କରି ସୂର୍ଯ୍ୟ ସର୍ବଦା ଦୀପ୍ତମାନ୍ ରହିଛି । ଅଗ୍ନିରେ ସୋମର ଆହୁତି ରୂପକ ଯଜ୍ଞ ସର୍ବତ୍ର ସର୍ବଦା ପ୍ରଚଳିତ ରହିଛି । ଏଣୁ ପୁରା ବିଶ୍ୱ ଗୋଟିଏ ଯଜ୍ଞ ଅଟେ । ପ୍ରକୃତି ଏ ଯଜ୍ଞକୁ

ଏମିତି ନିର୍ମାଣ କରିଛି ଯେ, ଯଦି ସେ ଯଜ୍ଞରେ କୌଣସି ପ୍ରକାର ପରିବର୍ତ୍ତନ କରିଦିଆଯିବ ତେବେ, ବିଶ୍ୱର ସ୍ୱରୂପ ଅସ୍ତବ୍ୟସ୍ତ ହୋଇଯିବ । ପ୍ରତ୍ୟେକ ପଦାର୍ଥର ଦୁଇଟି ପକ୍ଷ ରହିଛି - ଗୋଟିଏ ଅଗ୍ନିରୂପ ଏବଂ ଅନ୍ୟଟି ସୋମରୂପ । ଯାହା ଅନ୍ୟ ପଦାର୍ଥକୁ ଆତ୍ମସାତ୍ କରିନିଏ ତାହା ଅଗ୍ନିରୂପ ଅଟେ ଏବଂ ଯେଉଁ ପଦାର୍ଥ ଆତ୍ମସାତ୍ ହୋଇଯାଏ ତାହା ସୋମରୂପ ଅଟେ । ଏହି ଆଦାନ- ପ୍ରଦାନ ବ୍ୟବସ୍ଥା ପ୍ରକୃତି ଯେପରି ଉତ୍ତମ ରୂପରେ ପ୍ରସ୍ତୁତ କରିଛି ତାଠାରୁ ଅଧିକ ସୁନ୍ଦରବ୍ୟବସ୍ଥା ମନୁଷ୍ୟ କେବେହେଁ କରିପାରିବ ନାହିଁ । ମନୁଷ୍ୟ ନିଜର ବୁଦ୍ଧିବଳ ପ୍ରୟୋଗ କରି ସେ ବ୍ୟବସ୍ଥାରେ ଯେଉଁଠି ଅଧିକ ସୁନ୍ଦରତର କରିବାକୁ ଚେଷ୍ଟା କରିଛି ଏବଂ ସେ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଚେଷ୍ଟା କରିଛି; ପ୍ରକୃତି ତାକୁ ସେ ସମସ୍ତ କ୍ଷେତ୍ରରେ ଦଣ୍ଡିତ କରିଛି । ଅନ୍ୟ ଶବ୍ଦରେ କହିଲେ, ପର୍ଯ୍ୟାବରଣ ପ୍ରଦୂଷଣର କାରଣ ହେଉଛି ପ୍ରକୃତି ଦ୍ୱାରା ପରିଚାଳିତ ଏହି ଆଦାନ-ପ୍ରଦାନ ରୂପକ ଯଜ୍ଞରେ ପରିବର୍ତ୍ତନ । ମନୁଷ୍ୟର ସ୍ୱାଭାବିକ ପ୍ରବୃତ୍ତି ହେଉଛି ଯେ, ସେ ନେଇ ଜାଣେ, ଦେବାକୁ ଭଲ ପାଏନା । ପ୍ରକୃତିର ନିୟମ ହେଲା ଯେ; ଆଦାନ ଓ ପ୍ରଦାନ ଉଭୟ ମଧ୍ୟରେ ସନ୍ତୁଳନ ରଖିବା । ଆମେ ଯଦି ପ୍ରକୃତିଠାରୁ କିଛି ନେଉଛୁ ତେବେ ଦେବା ମଧ୍ୟ ଆବଶ୍ୟକ । ସୁସ୍ଥ ଜୀବନଚର୍ଯ୍ୟା ପାଇଁ ସଂଗ୍ରହ ଯେତିକି ଆବଶ୍ୟକ 'ତ୍ୟାଗ' ମଧ୍ୟ ସେତିକି ଆବଶ୍ୟକ । ଯଦି ଆମେ କେବଳ ସବୁବେଳେ ଭୋଜନ କରୁଁ କିନ୍ତୁ ମଳତ୍ୟାଗ ନ କରୁ ତେବେ କ'ଣ ଆମ ଶରୀରର ସ୍ଥିତି ଦୟନୀୟ ହୋଇଯିବନି? ତ୍ୟାଗ ବିନା ସଂଗ୍ରହର ଏହାହିଁ ଦୁଷ୍ପରିଣାମ ଅଟେ । ବେଦରେ ଏହି ତ୍ୟାଗର ଆନ୍ୟନାମ 'ତପଃ' ବୋଲି କୁହାଯାଇଛି । ତପଃ ଶବ୍ଦର ଅର୍ଥ ହେଉଛି ଆମେ କିଛି ତ୍ୟାଗ କରି ରିକ୍ତ ସ୍ଥାନ ବନେଇବା ଉଚିତ, ଯଦ୍ଦ୍ୱାରା ନବୀନ ବସ୍ତୁ ଗ୍ରହଣ କରାଯାଇ ପାରିବ ।।

ପର୍ଯ୍ୟାବରଣ ଓ ଅପରିଗ୍ରହ :-

ଆମ୍ଭେମାନେ ପ୍ରାୟ ସମସ୍ତେ ଏ କଥା ଭାବୁ ଯେ, ଦେଲେ ତ ହାନି (କମ୍) ହୋଇ ଯିବ । ବେଦ କିନ୍ତୁ ଆମକୁ ଏହି ଜ୍ଞାନ ଦିଏ ଯେ, ଯାହା କିଛି ପରିମିତ ପଦାର୍ଥ; ଯଦି ସେଥିରୁ କିଛି କାଢିନିଆ ଯିବ ତେବେ ତାହା କମ୍ ହୋଇଯିବ; କିନ୍ତୁ ଯଦି ପୂର୍ଣ୍ଣରୁ କାଢି ନିଆଯାଏ ତେବେ ମଧ୍ୟ ପୂର୍ଣ୍ଣରୁ କିଛି ଅଂଶରେ ନ୍ୟୂନତା ଆସିବ ନାହିଁ; ପୂର୍ଣ୍ଣ ହିଁ ଅବଶିଷ୍ଟ ରହିବ -

"ପୂର୍ଣସ୍ୟ ପୂର୍ଣମାଦାୟ ପୂର୍ଣମେବାବଶିଷ୍ୟତେ" ।

ବେଦ ଆମକୁ କହେ ଯେ, ଆମେ ସମସ୍ତେ ଅମୃତର ସନ୍ତାନ । ବ୍ରହ୍ମ ସ୍ୱରୂପ ଏବଂ

ବୃଂହଣଶୀଳ (ସର୍ବଦା ବର୍ଦ୍ଧମାନ) ଅଟୁଁ। ଏଣୁ ଅନାବଶ୍ୟକ ସଂଗ୍ରହ ଆମ ପାଇଁ ଉଚିତ ନୁହେଁ। ଅନାବଶ୍ୟକ ସଂଗ୍ରହକୁ 'ପରିଗ୍ରହ' କୁହାଯାଏ। ଆମେ ସମସ୍ତେ ମରଣଶୀଳ ଅଟୁଁ - ଏ ପ୍ରକାର ଅଜ୍ଞାନରୁ 'ପରିଗ୍ରହ' ଉତ୍ପନ୍ନ ହୁଏ। ଯଦି ଆମ ପାଖରେ ଅମୁକ ଅମୁକ ପଦାର୍ଥ ନ ହେବ ତେବେ ଆମେ ମରିଯିବୁ - ଏ ପ୍ରକାର ଭୟ ଆମକୁ ପରିଗ୍ରହ ପାଇଁ ପ୍ରେରଣା ଦିଏ। କିନ୍ତୁ ବସ୍ତୁସ୍ଥିତି ଏହା ହେଉଛି ଯେ; ଆମେ ଅମୃତ ସ୍ୱରୂପ ଅଟୁଁ। ଆମେ ଆମର ସୁରକ୍ଷା ପାଇଁ ପରିଗ୍ରହର ଆଶ୍ରୟ ନେବା ଦରକାର ନାହିଁ। ଯାହାର ଏ ପ୍ରକାର ଜ୍ଞାନ ନ ଥାଏ; ସେ ପରିଗ୍ରହୀ ହୋଇଥାଏ; ଏଣୁ ପରିଗ୍ରହକୁ 'ମୂର୍ଚ୍ଛା' ବୋଲି କୁହାଯାଇଛି - "***ମୂର୍ଚ୍ଛା ପରିଗ୍ରହଃ***" ।।

ବାୟୁ ତଥା ଆଦିତ୍ୟର ମହତ୍ତ୍ୱ :-

ଭୂମିଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି ଭୂମିର ବାତାବରଣ। ଭୂମିର ବାତାବରଣକୁ ବେଦରେ ପୃଥ୍ୱୀ କୁହାଯାଇଛି। ଏହି ପୃଥ୍ୱୀ ଭୂମିର ମହିମାମଣ୍ଡଳ ଅଟେ। ଏହି ମହିମାମଣ୍ଡଳରେ କେବଳ ଭୂମି ନୁହେଁ, କିନ୍ତୁ ଅନ୍ତରିକ୍ଷ ଏବଂ ଦ୍ୟୁଲୋକ ମଧ୍ୟ ଅନ୍ତର୍ଭୁକ୍ତ ଅଟେ। ପୃଥ୍ୱୀର ଦେବତା ଅଗ୍ନି ଅଟେ, ଅନ୍ତରିକ୍ଷର ବାୟୁ ଏବଂ ଦ୍ୟୌର ଦେବତା ଆଦିତ୍ୟ ଅଟେ। ଏମାନଙ୍କ ମଧ୍ୟରୁ ଅଗ୍ନିକୁ ରସ (ସାର), ବାୟୁକୁ ରସତର (ସାରତର) ଏବଂ ଆଦିତ୍ୟକୁ ରସତମ (ସାରତମ) ବୋଲି କୁହାଯାଏ। ଏଣୁ ଭୂମି କ୍ଷତିଗ୍ରସ୍ତ ହେଲେ ଯେତିକି ହାନି ହୁଏ ବାୟୁ କ୍ଷତିଗ୍ରସ୍ତ (ଦୂଷିତ) ହେଲେ ତାଠାରୁ ଅଧିକ ହାନି ହୋଇଥାଏ। ଓଜୋନ୍‌ର ଆବରଣରେ ଛିଦ୍ର ହେବାଦ୍ୱାରା ସୂର୍ଯ୍ୟଙ୍କର ବିଷାକ୍ତ କିରଣ ଜାଲରୁ ଯେଉଁ ସଂକଟ ଉତ୍ପନ୍ନ ହୋଇଛି; ତାହା ଭୂମି କ୍ଷତିଗ୍ରସ୍ତ ହେବାଦ୍ୱାରା ହୋଇନାହିଁ କିନ୍ତୁ ବାୟୁ ମଣ୍ଡଳ କ୍ଷତିଗ୍ରସ୍ତ ହେବାଦ୍ୱାରା ଉତ୍ପନ୍ନ ହୋଇଛି। ଯେଉଁ ଅନ୍ନ ଆମେ ପ୍ରତିଦିନ ଗ୍ରହଣ କରୁଛୁଁ ସେଥିରେ ଅଗ୍ନି, ବାୟୁ ଓ ଆଦିତ୍ୟ ଏ ତିନି ଦେବତାଙ୍କର ଯୋଗଦାନ ରହିଛି। ଅଗ୍ନି ସେଥିରେ ଦଧି, ଅନ୍ତରିକ୍ଷ ସେଥିରେ ଘୃତ ଏବଂ ଆଦିତ୍ୟ ମଧୁ ପ୍ରଦାନ କରନ୍ତି। କୃତ୍ରିମ ସାଧନ ଦ୍ୱାର ଆମେ ଯେତେବେଳେ ଫସଲକୁ ସମୟ ଆସିବା ପୂର୍ବରୁ ପକ୍ୱ କରିଦେଉ କିମ୍ବା ଫସଲ (ଶଷ୍ୟ, ଫଳ ଅଥବା ପନିପରିବା) ଆକାର ପ୍ରାକୃତିକ ଆକାରରୁ ବଡ଼ କରିଦେଉ ସେଥିରେ ପାର୍ଥିବତତ୍ତ୍ୱ ଅଧିକ ହୋଇଯାଏ ଏବଂ ତାକୁ ବାୟୁ ଅଥବା ଆଦିତ୍ୟ ତତ୍ତ୍ୱ ପୁରା ମାତ୍ରାରେ ମିଳିପାରେ ନାହିଁ; ପରିଣାମତଃ, ସେଥିରେ

ଘୃତତତ୍ତ୍ୱ ଏବଂ ମଧୁତତ୍ତ୍ୱ କମ୍ ରହିଯାଏ । ଘୃତତତ୍ତ୍ୱ କମ୍ ହେବାଦ୍ୱାରା ସେଥିରେ ସ୍ନିଗ୍ଧତା ତଥା ମଧୁତତ୍ତ୍ୱ କମ୍ ହେବାଦ୍ୱାରା ସେଥିରେ ମଧୁରତା ଆସିପାରେନା । ଏହି କାରଣରୁ କୃତ୍ରିମ ଖତ ଅଥବା ସାର ଆଦି ଦେଇ ତିଆରି କରାଯାଇଥିବା ଫସଲରେ ସ୍ନିଗ୍ଧତା କିମ୍ବା ମଧୁରତା ରହେ ନାହିଁ । ହଁ, ଯଦି ଆମ ଅନ୍ନରେ ସ୍ନିଗ୍ଧତା କିମ୍ବା ମଧୁରତା ରହିବ ନାହିଁ ତେବେ ଆମ ବ୍ୟବହାରରେ ମଧ୍ୟ ସ୍ନିଗ୍ଧତା ଏବଂ ମଧୁରତା ରହିବ ନାହିଁ । ଫଳରେ ସ୍ନିଗ୍ଧ ଓ ମଧୁର ଭୋଜନର ଆଭାବରେ ଆମ ବ୍ୟବହାର ମଧ୍ୟ ରୁକ୍ଷ ହୋଇଯାଉଛି । ଆତଙ୍କବାଦ ବଢିଚାଲିଛି । ରାକ୍ଷସୀ ପ୍ରବୃତ୍ତି ସବୁଠି ବ୍ୟାପି ଯାଉଛି । ଅନ୍ନ ହିଁ ଆମର ମନ ନିର୍ମାଣ କରେ । ବେଦ ବିଜ୍ଞାନର ଏହା ଗୋଟିଏ ସୂକ୍ଷ୍ମତମ ଆବିଷ୍କାର ଯାହାକୁ ଭାରତର ଗାଁଉଲି ଲୋକେ ମଧ୍ୟ "*ଯେମିତି ଅନ୍ନ ସେମିତି ମନ*" କହି ସେହି ଭାବକୁ ଅଭିବ୍ୟକ୍ତ କରିଥାଆନ୍ତି । ଅବଶ୍ୟ ଭୌତିକବିଜ୍ଞାନ ଜଗତରେ ବଡ଼ ବଡ଼ ବୈଜ୍ଞାନିକମାନେ ଯଦି ଏ ଛୋଟିଆ କଥା ଟି ବୁଝିପାରୁନାହାଁନ୍ତି; ତେବେ ତାର କାରଣ ଏହା କୁହାଯାଇ ପାରେ ଯେ ସେମାନେ କେବଳ ପଦାର୍ଥ ତତ୍ତ୍ୱକୁ ହିଁ ନିଜ ନିଜ ଗବେଷଣାର ବିଷୟ ରୂପେ ଗ୍ରହଣ କରିଛନ୍ତି କିନ୍ତୁ ମନକୁ ନୁହେଁ । ସେମାନେ ଭୂତ (ପଦାର୍ଥତତ୍ତ୍ୱ) ଓ ମନ ମଧ୍ୟରେ ଥିବା ଗଭୀର ସମ୍ବନ୍ଧକୁ ଉପେକ୍ଷା କରିଛନ୍ତି । ବେଦବିଜ୍ଞାନ କିନ୍ତୁ ଅନ୍ୟପକ୍ଷରେ ସ୍ୱୀୟ ବିବେଚନା ପଦ୍ଧତି ଦେବତାତତ୍ତ୍ୱ ଉପରେ କେନ୍ଦ୍ରିତ କରେ । ଦେବତା ପ୍ରାଣ ସ୍ୱରୂପ ଅଟେ ଏବଂ ଏହି ପ୍ରାଣ ମନ ଓ ବାକ୍ ରୂପକ ପାତ୍ରରେ ପ୍ରତିଷ୍ଠିତ । ବାକ୍‌ଶବ୍ଦ ପଦାର୍ଥତତ୍ତ୍ୱକୁ ଏବଂ ମନ ଚେତନାକୁ ଅଭିବ୍ୟକ୍ତି କରେ । ବେଦ ବିଜ୍ଞାନ ଅନୁସାରେ ଜଡ଼ ଓ ଚେତନ ମଧ୍ୟରେ କୌଣସି ମୌଳିକ ଭେଦ ନାହିଁ କିନ୍ତୁ କେବଳ ତାରତମ୍ୟର ଭେଦ ରହିଛି । ଯେଉଁଠି ଇନ୍ଦ୍ରିୟମାନଙ୍କର ବିକାସ ହୋଇନାହିଁ ତାକୁ ଜଡ଼ କୁହାଯାଏ । ବସ୍ତୁତଃ ବସ୍ତୁସ୍ଥିତି ଏହା ଅଟେ ଯେ ସବୁ କିଛି ଚେତନ ଅଟେ । ଭୌତିକ ବିଜ୍ଞାନ ଏହି ଚେତନ ତତ୍ତ୍ୱକୁ ବୁଝିପାରେ ନାହିଁ ଏଣୁ ତାର ଭୌତିକ ପଦାର୍ଥ ବିଜ୍ଞାନ ମଧ୍ୟ ଅସଂପୂର୍ଣ୍ଣ ରହିଯାଇଛି ବୋଲି ମାନିବାକୁ ହେବ ।

ଯଜ୍ଞବେଦୀ ପୃଥ୍ୱୀ :-

ବେଦ ବିଜ୍ଞାନରେ ପୃଥ୍ୱୀକୁ ବେଦୀ କୁହାଯାଇଛି । ବେଦୀଉପରେ ବେଦ ପ୍ରତିଷ୍ଠିତ ଅଟେ । ପୃଥ୍ୱୀରୂପକ ବେଦୀ ଉପରେ ଯେଉଁ ବେଦ ପ୍ରତିଷ୍ଠିତ ଅଟେ ତାକୁ ଗାୟତ୍ରୀ-ମାତ୍ରିକ ବେଦ କୁହା ଯାଏ । ପୃଥ୍ୱୀ ସହିତ ଛନ୍ଦ, ବେଦ ଏବଂ ବେଦୀ ଶବ୍ଦର ପ୍ରୟୋଗ ଏ କଥା ପ୍ରମାଣିତ କରେ

ଯେ, ଯଜ୍ଞର ଅବଧାରଣା ପୃଥ୍ୱୀ ସହିତ ଗଭୀର ରୂପରେ ଜଡ଼ିତ ଅଟେ, ଯେଉଁଥିରୁ ପ୍ରଜା (ସନ୍ତତି) ଉତ୍ପନ୍ନ ହେଉଛନ୍ତି । ଏ ଯଜ୍ଞର ପରିଭାଷାରେ ଦ୍ୟୌ ପିତା ଅଟନ୍ତି ଏବଂ ପୃଥ୍ୱୀ ମାତା ଅଟେ । ଦ୍ୟୌର ସୌର ଅଗ୍ନି ଏବଂ ପୃଥ୍ୱୀର ପାର୍ଥିବ ଅଗ୍ନିର ସଂଯୋଗ ହିଁ ସେ ଯଜ୍ଞ ଅଟେ ଯେଉଁଥିରେ ସମଗ୍ର ବିଶ୍ୱ ବିଧୃତ ରହିଛି ।

ଆମେ ଏବଂ ଆମର (ପର୍ଯ୍ୟାବରଣ) :-

ବେଦ ବିଜ୍ଞାନ ମନୁଷ୍ୟ ସମାଜର ଆବଶ୍ୟକୀୟ ପଦାର୍ଥମାନଙ୍କୁ କେବଳ ଛଅଟି ଶବ୍ଦ ଦ୍ୱାରା ଅଭିବ୍ୟକ୍ତ କରିଛି - ଅନ୍ନ, ଅନ୍ନାଦ, ପ୍ରଜା, ପଶୁ, କୀର୍ତ୍ତି ଏବଂ ବ୍ରହ୍ମବର୍ଚ୍ଚସ୍ । ଏଥି-ମଧ୍ୟରୁ ଅନ୍ନ ଓ ଅନ୍ନାଦର ସମ୍ବନ୍ଧ ଭୂମି ସହିତ ଏବଂ ପାର୍ଥିବ ମଣ୍ଡଳ ସହିତ ରହିଛି । ପଶୁ ଏବଂ ପ୍ରଜାର ସମ୍ବନ୍ଧ ଚନ୍ଦ୍ରପିଣ୍ଡ ଏବଂ ଚନ୍ଦ୍ରମଣ୍ଡଳ ସହିତ ତଥାଚ ବ୍ରହ୍ମବର୍ଚ୍ଚସ୍ ଓ କୀର୍ତ୍ତିର ସମ୍ବନ୍ଧ ସୂର୍ଯ୍ୟ-ପିଣ୍ଡ ଏବଂ ସୌରମଣ୍ଡଳ ସହିତ ରହିଛି । ଏ ଦୃଷ୍ଟିରୁ ଦେଖିଲେ ମନୁଷ୍ୟର ସମସ୍ତ ଆକାଙ୍କ୍ଷା ପର୍ଯ୍ୟାବରଣ ସହିତ ଜଡ଼ିତ ରହିଛି ଏବଂ ପର୍ଯ୍ୟାବରଣ ଦୂଷିତ ହେବାର ଅର୍ଥ ସମଗ୍ର ମାନବଜୀବନ ଦୂଷିତ ହେବା ସହିତ ସମାନ ।।

ଅଥର୍ବବେଦର ପୃଥ୍ୱୀ ସୂକ୍ତ:-

ଅଥର୍ବବେଦରେ ଯେତିକି ବଡ଼ ବଡ଼ ସୂକ୍ତ ରହିଛି, ସେମାନଙ୍କ ମଧ୍ୟରୁ ପୃଥ୍ୱୀସୂକ୍ତ ଅନ୍ୟତମ; ଯେଉଁଥିରେ ୬୩ ମନ୍ତ୍ର ରହିଛି । ପର୍ଯ୍ୟାବରଣ ବିଷୟରେ ଯେଉଁମାନେ ଅଧିକ ସମ୍ବେଦନଶୀଳ ସେମାନେ ଉକ୍ତ ସୂକ୍ତକୁ ରାଷ୍ଟ୍ରଗୀତ ପରି "ବିଶ୍ୱଗୀତ" ବୋଲି ଘୋଷିତ କରି-ଦେବା ଉଚିତ । ଏ ସୂକ୍ତରେ ସମଗ୍ର ବିଶ୍ୱ ବିଷୟରେ ବିଚାର ଦେଖିବାକୁ ମିଳେ । କୌଣସି ସଂପ୍ରଦାୟ-ବିଶେଷ, ଜାତି-ବିଶେଷ ଅଥବା ଦେଶ-ବିଶେଷ ବିଷୟରେ ବିଚାର କରାଯାଇ ନାହିଁ । ଉକ୍ତ ସୂକ୍ତରେ ପ୍ରଥମ ମନ୍ତ୍ରରେ ପୃଥ୍ୱୀକୁ ଧାରଣ କରୁଥିବା ଆଠଟି ତତ୍ତ୍ୱର ବର୍ଣ୍ଣନା କରାଯାଇଛି । ଯଥା --

"ସତ୍ୟଂ ବୃହଦୃତମୁଗ୍ରଂ ଦୀକ୍ଷା ତପୋ ବ୍ରହ୍ମ ଯଜ୍ଞଂ ପୃଥିବୀଂ ଧାରୟନ୍ତି" ।

ଏହି ଆଠଟି ତତ୍ତ୍ୱ ମଧ୍ୟରୁ ତପ, ବ୍ରହ୍ମ ଓ ଯଜ୍ଞ ବିଷୟରେ ବିଚାର ଆମେ ପୂର୍ବରୁ କରିଛୁ । ଉକ୍ତ ପଂକ୍ତିରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ କଥା ଏହା କୁହାଯାଇଛି ଯେ, 'ପୃଥ୍ୱୀ ତେଜ-ସ୍ୱୀତା ଦ୍ୱାରା ସୁରକ୍ଷିତ ରହିଛି' । ଯଦି ପର୍ଯ୍ୟାବରଣକୁ ସୁରକ୍ଷିତ ରଖିବାକୁ ହେବ ତେବେ ଜୀବନକୁ ବିଳାସିତାରୁ ଦୂରେଇ ରଖିବାକୁ ହେବ । ବିକାସ ନାମରେ ଆମେ ବିଳାସ ପାଇଁ

ପ୍ରକୃତି ଶୋଷଣ କରି ଚାଲିଛୁ । କିନ୍ତୁ ଆବଶ୍ୟକତାର ପୂର୍ତ୍ତି ପାଇଁ ନୁହେଁ । ସୁବିଧା ଜୁଟେଇବା ପାଇଁ ଆଧୁନିକ ବିଜ୍ଞାନ ମନୁଷ୍ୟକୁ ବିଳାସିତାର ଦାସ କରି ରଖିଛି । ଅନ୍ୟ ପକ୍ଷରେ ବେଦ ବିଜ୍ଞାନ ମନୁଷ୍ୟକୁ ଋତୁ ଅନୁସାରେ ଜୀବନଯାପନ କରିବାର ପଦ୍ଧତି ଶିଖାଏ ଏବଂ ମନୁଷ୍ୟକୁ ଅତ୍ୟନ୍ତ ଏତିକି ସମର୍ଥ ହେବାର ମାର୍ଗ ଦେଖାଇ ଦିଏ ଯେ ତା ପାଇଁ ବିଳାସିତାର କୃତ୍ରିମ ସାଧନର ଆଶ୍ରୟ ନେବାକୁ ପଡେ ନାହିଁ । ଅଥର୍ବବେଦର ପୃଥ୍ୱୀ ସୂକ୍ତରେ ପୃଥ୍ୱୀକୁ ଶସ୍ୟ-ଶ୍ୟାମଳା ହେବା ବିଷୟ ବହୁତ ଗୌରବମୟୀ ଭାଷାରେ ଉଲ୍ଲେଖ କରାଯାଇଛି । ପୃଥ୍ୱୀସୂକ୍ତରେ ବୈଦିକ ଋଷିମାନଙ୍କର ପୃଥିବୀର ବାତାବରଣ ବିଷୟରେ ଯେଉଁ ଜାଗରୁକତା ଦେଖିବାକୁ ମିଳେ ତାହାର ନମୁନା ପ୍ରସ୍ତୁତ କରିବା ପାଇଁ ଏଠାରେ ଗୋଟିଏ ବା ଦୁଇଟି ମନ୍ତ୍ର ଉଦ୍ଧୃତ କରାଯାଇ ପାରେ । ଯଥା-

ଯତ୍ ତେ ଭୂମେ ବିଖନାମି କ୍ଷିପ୍ରଂ ତଦପି ରୋହତୁ ।
ମା ତେ ମର୍ମ ବିମୃଗବରି ମା ତେ ହୃଦୟମର୍ପିପମ୍ ।।

ଋଷି କହନ୍ତି - "ହେ ଭୂମି ! ତୁମର ଯେଉଁ କନ୍ଦମୂଳ ଆଦି ଖୋଳି ନେଉଛୁ ସେ ସବୁ ପୁଣି ଶୀଘ୍ର ଉତ୍ପନ୍ନ ହୋଇଯାଉ, କାରଣ; ତୁମକୁ ଖୋଳିବା ସମୟରେ ଆମେ ତୁମ ହୃଦୟରେ କ୍ଷତ ବିକ୍ଷତ କରିନାହୁଁ କିମ୍ବା ତୁମ ମର୍ମସ୍ଥଳରେ ଆଘାତ ପହୁଁଚାଇ ନାହୁଁ ।

ପୃଥ୍ୱୀ ଉପରେ ଆନନ୍ଦର ସହିତ ନୃତ୍ୟ କରୁଥିବା ଓ ଗୀତ ଗାଉଥିବା ମନୁଷ୍ୟମାନଙ୍କର ବହୁତ ସୁନ୍ଦର ସଜୀବ ଚିତ୍ର ନିମ୍ନ ସୂକ୍ତିରେ ଦିଆଯାଇଛି-

ଯସ୍ୟାଂ ଗାୟନ୍ତି ନୃତ୍ୟନ୍ତି ଭୂମ୍ୟାଂ ମର୍ତ୍ୟା ବ୍ୟୈଲବାଃ ।।

ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ, ଅଥର୍ବବେଦର ଋଷି ରାଷ୍ଟ୍ରର ସୀମା ଅତିକ୍ରମଣ କରି ଏ କଥା ଘୋଷିତ କରେ ଯେ ଏ ପୃଥିବୀରେ ଯେତେ ଲୋକ ନିବାସ କରନ୍ତି ସେମାନେ ବିଭିନ୍ନ ଭାଷାରେ କଥାବାର୍ତ୍ତା କରନ୍ତି ଏବଂ ବିଭିନ୍ନ ଧର୍ମ ଆଚରଣ କରନ୍ତି କିନ୍ତୁ ଏ ପୃଥିବୀ ହିଁ ସମସ୍ତଙ୍କର ଘର ଅଟେ ।-

ଜନଂ ବିଭ୍ରତି ବହୁଧା ବିବାଚସଂ
ନାନାଧର୍ମାଣଂ ପୃଥିବୀ ଯଥୌକସମ୍ ।।

ବୈଦିକ ଋଷି ପୃଥିବୀର ମହିମା ବିଷୟରେ ବହୁତ ଭଲଭାବରେ ପରିଚିତ ଅଟନ୍ତି; ସେ କହନ୍ତି- "ହେ ପୃଥିବୀ; ମୁଁ ଯଦି ମଧୁର ଭାଷାରେ କଥାବାର୍ତ୍ତା କରିପାରୁଛି ତେବେ ତାହା ତୋର କୃପାର ଫଳ; ମୋତେ ଯାହାକିଛି ସୁନ୍ଦର ଏବଂ ରମଣୀୟ ଦେଖାଯାଉଛି; ତାହା ମଧ୍ୟ

ତୋର କୃପାର ଫଳ । ମୁଁ ତୋରି କୃପାରେ ତେଜସ୍ୱୀ ଏବଂ ଗତିଶୀଳ ଅଟେ ଏବଂ ତୋରି କୃପାରେ ମୁଁ ସାଧୁମାନଙ୍କର ସୁରକ୍ଷା ଏବଂ ଦୁଷ୍ଟମାନଙ୍କର ବିନାଶ କରିବାରେ ସମର୍ଥ ହୋଇଛି" । ଯଥା-

ଯତ୍ ବଦାମି ମଧୁମତ୍ ତଦ୍ ବଦାମି ଯଦୀକ୍ଷେ ତଦ୍ ବନନ୍ତି ମା ।
ତ୍ୱିଷୀମାନସ୍ମି ଜୂତିମାନବାନ୍ୟାନ୍ ହନ୍ମି ଦୋଧତଃ ।।

ଏହିପରି ଭାବରେ ସଂପୂର୍ଣ୍ଣ ବୈଦିକ ସାହିତ୍ୟରେ ପର୍ଯ୍ୟାବରଣର ସୁରକ୍ଷା ବିଷୟରେ ଗଭୀର ସୂଚନା ପ୍ରତ୍ୟେକ ପଦରେ ମିଳିଥାଏ । ଆମ ଦେଶରେ ଏ ପରି ଏକ ଅମୂଲ୍ୟ ସଂପତ୍ ରହିଛି ଯାହାକୁ ଆଧାର କରି ଆମେ ସମଗ୍ର ବିଶ୍ୱର କଲ୍ୟାଣରେ ଅପୂର୍ବ ଯୋଗଦାନ ଦେଇ ପାରିବୁ । ଏହାହିଁ ଆମର ଋଷି ଋଣରୁ ମୁକ୍ତିର ଏକମାତ୍ର ମାର୍ଗ ଅଟେ ।।

- ପ୍ରଶ୍ନ -

୧. ଅଗ୍ନିର ରୂପ କଣ କ'ଣ ଅଟେ ?

୨. ପର୍ଯାବରଣ ସନ୍ଦର୍ଭରେ ଯଜ୍ଞର ଅର୍ଥ କ'ଣ?

୩. ଅପରିଗ୍ରହ ପର୍ଯ୍ୟାବରଣରେ କିପରି ସହାୟକ ହେବ ?

୪. ଆମର ଜୀବନ ପର୍ଯ୍ୟାବରଣ ଉପରେ କେମିତି ଭାବରେ ଆଧାରିତ ରହିଛି ?

୫. ପୃଥିବୀ ବିଷୟରେ ବେଦରେ କ'ଣ ଭାବନା ଦେଖିବାକୁ ମିଳେ ?

- ସ୍ମରଣୀୟ ଉଦ୍ଧରଣଃ -

୧. **ସତ୍ୟ ବୃହଦୃଗ୍ରଂ ଦୀକ୍ଷା ତପୋ ବ୍ରହ୍ମ ଯଜ୍ଞଃ ପୃଥିବୀଂ ଧାରୟନ୍ତି ।** -ଅଥର୍ବବେଦ ।

ଅର୍ଥ - ସତ୍ୟ, ବୃହତ୍, ଉଗ୍ର, ଦୀକ୍ଷା, ତପ, ବ୍ରହ୍ମ ତଥା ଯଜ୍ଞ ପୃଥିବୀକୁ ଧାରଣ କରନ୍ତି ।

ଏହି ପୃଥ୍ୱୀ ସୂକ୍ତିର ଅନ୍ୟକେତେକ ମନ୍ତ୍ର ମଧ୍ୟ ସ୍ମରଣୀୟ ଅଟେ ।

୨. **ଗିରୟସ୍ତେ ପର୍ବତା ହିମବନ୍ତୋରଣ୍ୟ ତେ**
ପୃଥିବୀ ସ୍ୟୋନମସ୍ତୁ । -ଅଥର୍ବବେଦ ।

ଅର୍ଥ - ହେ ପୃଥ୍ୱୀ! ତୁମ୍ଭର ହିମବାନ୍ ଗିରି, ପର୍ବତ ତଥା ବନ ସୁଖଦାୟୀ ହେଉ ।

୩. **ଯସ୍ୟାଂ ବୃକ୍ଷା ବାନସ୍ପତ୍ୟା ଧ୍ରୁବାସ୍ତିଷ୍ଠନ୍ତି ବିଶ୍ୱହା ।** - ଅଥର୍ବବେଦ ।

ଅର୍ଥ - ଯେଉଁ ପୃଥିବୀ ଉପରେ ସର୍ବଦା ସ୍ଥିର ବୃକ୍ଷ ଓ ବନସ୍ପତି ଚାରିଆଡେ ପରି ବ୍ୟାପ୍ତ ରହିଛି ।

୪. **ପଦ୍ଭ୍ୟାଂ ଦକ୍ଷିଣସବ୍ୟାଭ୍ୟାଂ ମା ବ୍ୟଥିଷ୍ମହି ଭୂମ୍ୟାମ୍ । - ଅଥର୍ବବେଦ ।**

ଅର୍ଥ - ଆମେ ଆମର ଦକ୍ଷିଣ ଅଥବା ବାମ ପାଦଦ୍ୱାରା ପୃଥିବୀକୁ କଷ୍ଟ ନ ଦେଉଁ ।

୫. **ଯତ୍ ତେ ଭୂମେ ବିଖନାମି କ୍ଷିପ୍ରଂ ତଦପି ରୋହତୁ ।**
ମା ତେ ମର୍ମବିମୃଗ ବରି ମା ତେ ହୃଦୟମର୍ପିପମ୍ ।। - ଅଥର୍ବବେଦ ।

ଅର୍ଥ- ହେ ଭୂମି! ମୁଁ ତୁମର ଯେଉଁ ଭାଗ ଖୋଳିବି ତାହା ପୁଣି ଶୀଘ୍ର ପୂର୍ଣ ହୋଇ ଯାଉ । ହେ ସମସ୍ତ ଇଚ୍ଛାର ପୂରଣକାରିଣୀ! ଯେପରି ମୋଦ୍ୱାରା ତୁମର ହୃଦୟକୁ କଷ୍ଟ ନ ହେଉ ।।

==========

ନବମ ପାଠ

- ଜ୍ୟୋତିପର୍ବ ଦୀପାବଳୀ -

ଭାରତୀୟ ସଂସ୍କୃତିରେ ବ୍ୟଷ୍ଟି ଏବଂ ସମଷ୍ଟି ସାଧନାର ଅଦ୍‌ଭୁତ ସମନ୍ୱୟ ଦେଖିବାକୁ ମିଳେ । ବ୍ୟଷ୍ଟିସ୍ତରରେ ପରମ ପୁରୁଷାର୍ଥ ମୋକ୍ଷ ପ୍ରାପ୍ତି ପାଇଁ ସାଧନାର ମାର୍ଗ ପ୍ରଶସ୍ତ କରନ୍ତି - ଉପନିଷଦ୍, ବ୍ରହ୍ମସୂତ୍ର ଏବଂ ଗୀତା; ଯାହାକୁ **ପ୍ରସ୍ଥାନତ୍ରୟୀ**ର ସଂଜ୍ଞା ଦିଆଯାଇଛି ଏବଂ ଯାହା ଉପରେ ଭାଷ୍ୟ ଲେଖି ବେଦାନ୍ତାଚାର୍ଯ୍ୟମାନେ ନିଜ ନିଜର ସିଦ୍ଧାନ୍ତକୁ ତାହାର ଅନୁକୂଳ ବୋଲି ପ୍ରମାଣିତ କରିବାପାଇଁ ଚେଷ୍ଟା କରିଛନ୍ତି । ଅନ୍ୟପକ୍ଷରେ ସମଷ୍ଟିସ୍ତରରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ରୂପକ ଚାରୋଟି ପୁରୁଷାର୍ଥର ସିଦ୍ଧି ପାଇଁ ଚାରୋଟି ପର୍ବର ଆୟୋଜନ କରାଯାଇଛି; ଯାହାକୁ ପ୍ରତିବର୍ଷ ଆବାଳବୃଦ୍ଧବନୀତା ସମସ୍ତେ ଅକ୍ଷବହୁତେ ପାଳନ କରନ୍ତି । ଅଧର୍ମ ଉପରେ ଧର୍ମର ବିଜୟ ଡ଼ିଣ୍ଡିମ ବାଜେ ବିଜୟାଦଶମୀ ଦିନ, ନବରାତ୍ରୀରେ ଶକ୍ତି ଉପାସନା ପରେ ଶସ୍ତ୍ର ପୂଜା ଦ୍ୱାରା ତଥା ରାକ୍ଷସୀ ବୃତ୍ତିର ପ୍ରତୀକ ଅର୍ଧମାବତାର ରାବଣର ଦହନ ମାଧ୍ୟମରେ । ଏହା ଧର୍ମ ପୁରୁଷାର୍ଥର ସାମୂହିକ ଉପାସନା ହିଁ ତ ଅଟେ; ଯେଉଁଥିରେ, ବାଳ-ବୃଦ୍ଧ, ମୁର୍ଖ-ବିଦ୍ୱାନ୍ ସମସ୍ତେ ସାମିଲ୍ ହୁଅନ୍ତି ଆଉ ଧର୍ମର ଏହି ବିଜୟରୁ ହିଁ ଆବିର୍ଭୂତା ହୁଏ ଲକ୍ଷ୍ମୀ ଅର୍ଥାତ୍ ଅର୍ଥ-ପୁରୁଷାର୍ଥର କୃତକୃତ୍ୟତା । ସାମାନ୍ୟତଃ ଲକ୍ଷ୍ମୀ ମନୁଷ୍ୟମନରେ ମଦାନ୍ଧତା ଉତ୍ପନ୍ନ କରାଏ । ଏଇଥିପାଇଁ ଶାସ୍ତ୍ରମାନଙ୍କରେ ଲକ୍ଷ୍ମୀକୁ ବହୁତ ନିନ୍ଦା କରାଯାଇଛି । କିନ୍ତୁ ଦୀପାବଳୀ ଦିନ ଆମେ ମଦାନ୍ଧ କରାଉଥିବା ଲକ୍ଷ୍ମୀର ନୁହେଁ କିନ୍ତୁ, ଜ୍ଞାନ-ଜ୍ୟୋତି-ସମନ୍ୱିତା ଲକ୍ଷ୍ମୀଙ୍କର ଉପାସନା କରୁଁ । ସେଦିନ ଆମେ ଅନେକ ଦୀପ ପ୍ରଜ୍ୱଳିତ କରୁଁ । ନ ହେଲେ, ଉଲୂକବାହିନୀ ଲକ୍ଷ୍ମୀଙ୍କର ଯଦି ଉପାସନା କରାଯାଉ ଥାଆନ୍ତା ତେବେ ତ, ଦୀପସବୁ ଲିଭାଇ ଦିଆ ଯାଆନ୍ତା । ଏଣୁ ଦୀପାବଳୀ ପର୍ବକୁ ଅର୍ଥ-ପୁରୁଷାର୍ଥର ସାଧନା କୁହାଯାଏ । ସମସ୍ତ କାମନାର ପୂର୍ତ୍ତି ପାଇଁ କାମ-ପୁରୁଷାର୍ଥର ଉପାସନା

କରାଯାଏ 'ହୋଲି' ଦିନ; ଯେଉଁଦିନ ଫସଲ କାଟି ଶଷ୍ୟେଷ୍ଟି ରୂପରେ ହୋଲୀରେ ଜଳାଇଥାଉଁ, ଆଉ ସମସ୍ତଙ୍କୁ ରସରଙ୍ଗରେ ଡୁବେଇ ଦେଉଁ । ଏହି କାମ-ପୁରଷାର୍ଥର ଆନନ୍ଦ ମଉଜରେ ଯେତେବେଳେ ଭଲ-ମନ୍ଦର ସଠିକ୍ ପରିଚୟ ପାଇଁ ଅଗ୍ନି ପରୀକ୍ଷାର ସମ୍ମୁଖୀନ କରି ଅସତ୍ୟ ହୋଲୀକା ଜଳିଯାଏ ଏବଂ ସତ୍ୟରୂପକ ପ୍ରହ୍ଲାଦ ସେହି ଅଗ୍ନିପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇଯାଏ । ତା ପରେ ଆସେ ପରମ-ପୁରୁଷାର୍ଥ ମୋକ୍ଷର ପ୍ରତୀକ ରକ୍ଷା-ବନ୍ଧନ ପର୍ବ; ଯେଉଁ ଦିନ ନୂଆ ଯଜ୍ଞୋପବୀତ (ପଇତା) ଧାରଣ କରୁଁ ଏବଂ ପିତୃଋଣ, ଦେବଋଣ ତଥା ଋଷିଋଣ ରୂପକ ତିନି ଋଣରୁ ମୁକ୍ତ ହେବାର ସଂକଳ୍ପ ପ୍ରତିବର୍ଷ ସ୍ମରଣ କରିଥାଉଁ । ଏହିପରି ଭାବରେ ଏ ବିରାଟ ଭାରତବର୍ଷର ସମସ୍ତ ଜନମାନସରେ ପ୍ରତିବର୍ଷ ଚାରିପୁରୁଷାର୍ଥର ସାଧନା ଚାଲିଥାଏ । ବିଜୟା ଦଶମୀ ଦିନ ଧର୍ମର, ଦୀପାବଳୀ ଦିନ ଅର୍ଥର, ହୋଲୀ ଦିନ କାମର ଏବଂ ରକ୍ଷାବନ୍ଧନ ଦିନ ମୋକ୍ଷ-ପୁରୁଷାର୍ଥ ପାଇଁ ଗୋଟିଏ ଗୋଟିଏ ଉଲ୍ଲାସମୟ ବାତାବରଣ ଭିତରେ ସହଜ ଓ ସରଳ-ରୂପରେ ସମଷ୍ଟିରୂପରେ ସାଧନା ଚାଲିଥାଏ । ରାବଣର ପିତୁଳା ଜଳେଇବା ଦ୍ୱାରା ଧର୍ମର ସ୍ଥାପନାର ଉଦ୍ଦେଶ୍ୟ ଜାଗୃତ ହୁଏ; ଜ୍ଞାନ-ଦୀପ ଜଳେଇବା ଦ୍ୱାରା ଲକ୍ଷ୍ମୀଙ୍କର ସ୍ୱାଗତ କରାଯାଏ, ରସରଙ୍ଗରେ ଉବେଇ ଡୁବେଇ ହୋଇ କାମ-ପୁରୁଷାର୍ଥର ସ୍ମରଣ କରାଯାଏ ଏବଂ ନୂଆ ଯଜ୍ଞୋ-ପବୀତ ଧାରଣ କରି ତଥା ପୁରୁଣା ଯଜ୍ଞୋପବୀତ ତ୍ୟାଗ କରି ତ୍ୟାଗ-ବୈରାଗ୍ୟକୁ ସ୍ମରଣ କରୁଁ । ସମସ୍ତ ଯଜ୍ଞ ତ୍ୟାଗର ପ୍ରତୀକ ଅଟେ । ଏଇଥିପାଇଁ ହବନସମୟରେ ପ୍ରତ୍ୟେକ ମନ୍ତ୍ର ପରେ "*ଇଦଂ ନ ମମ*" କୁହାଯାଏ; ଯାହାର ଅର୍ଥ 'ଏହା ମୋର ନୁହେଁ' । ତ୍ୟାଗ ହିଁ ମୋକ୍ଷର ସାଧନ - "*ତ୍ୟାଗେନୈକେନାମୃତତ୍ୱମାନଶୁଃ*" । କେତେ ଛୋଟ କ୍ରିୟା ପଛରେ କେତେ ବଡ଼ ରହସ୍ୟ ଲୁଚି ରହିଛି । ଆଉ ଭାରତୀୟ ମନୀଷା ସେ ରହସ୍ୟକୁ କେତେ ଗଭୀରତାର ସହିତ ଧରି ରଖିଛି । ଆଜି ଯୁଗରେ କେତେ ବି ଆଧୁନିକୀକରଣ କରାହୋଇଥିଲେ ଦୀପାବଳୀ ପର୍ବ ପାଳନ ପାଇଁ ସରକାରୀ ଆଦେଶ ବିନା ଛୋଟ ଛୋଟ ଗାଁଠାରୁ ଆରମ୍ଭ କରି ବଡ଼ ବଡ଼ ସହର ପର୍ଯ୍ୟନ୍ତ ସବୁଠି ଦୀପ ଜଳି ଉଠେ ଧନୀ-ଗରିବ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାର ଦେଶରେ ।

ଉପାସ୍ୟା ଦେବୀ ଶ୍ରୀ ଅଟନ୍ତି; ଲକ୍ଷ୍ମୀ ନୁହନ୍ତି :-

ଏ କଥା ଆଗରୁ କୁହାଯାଇଛି ଯେ, ଦୀପାବଳୀ ଉଲୂକବାହିନୀ ଲକ୍ଷ୍ମୀଙ୍କ ପର୍ବ ନୁହେଁ କିନ୍ତୁ ଜ୍ୟୋତିପ୍ରିୟା ଶ୍ରୀଙ୍କ ଉପାସନାର ପର୍ବ ଅଟେ । ଲକ୍ଷ୍ମୀ ବହୁତ ସ୍ଥୂଳ ଅଟେ । ଲକ୍ଷ୍ମୀ ଶବ୍ଦର ଅର୍ଥ ହେଉଛି ଲକ୍ଷ ବିଶିଷ୍ଟ ଅର୍ଥାତ୍ ଯାହାକୁ ସ୍ଥୂଳରୂପରେ ଚିହ୍ନିବା ସହଜ ହୋଇଯାଏ । ଯାହା

ପାଖରେ ବହୁତ ପୁନା ଅଛି ଅଥବା ବଡ଼ ଅଙ୍ଗାଳିକା ଅଛି ସେ ଖୁବ୍ ଶୀଘ୍ର ଚିହ୍ନା ପଡ଼ିଯାଏ । କାରଣ ଲକ୍ଷ୍ମୀକୁ ଚିହ୍ନିବା ସହଜ ହୋଇଥାଏ । କିନ୍ତୁ କେବଳ ସୂକ୍ଷ୍ମଦୃଷ୍ଟି ସଂପନ୍ନ ବ୍ୟକ୍ତି ଶ୍ରୀକୁ ଚିହ୍ନି ପାରନ୍ତି । କାରଣ ସେ ଲକ୍ଷ୍ମୀ ପରି ସ୍ଥୂଳ ନୁହେଁ କିନ୍ତୁ ସୂକ୍ଷ୍ମ ଅଟେ । ଶ୍ରୀକୁ ବାକ୍ସରେ ବନ୍ଦ କରା-ଯାଇ ପାରିବ ନାହିଁ । ଶ୍ରୀ ବ୍ୟକ୍ତିର ମୁଖମଣ୍ଡଳରେ ପ୍ରତିଭାସିତ ହୋଇଉଠେ ଯାହାକୁ ଦେଖି ଆମେ ସହଜରେ ଅନୁମାନ କରିପାରୁ କି ଉକ୍ତ ବ୍ୟକ୍ତି ସାଧାରଣ ନୁହେଁ କିନ୍ତୁ ଜଣେ ବିଶିଷ୍ଟ ବ୍ୟକ୍ତି । ଏହା ହିଁ ସେ ପ୍ରକାର ଶ୍ରୀମତ୍ତା ଯାହାକୁ ନେଇ ଆମେ କୌଣସି ବ୍ୟକ୍ତିକୁ ଶ୍ରୀମାନ୍ ବୋଲି କହୁଁ । ଲକ୍ଷ୍ମୀ ମୂର୍ତ୍ତି ଅଟେ କିନ୍ତୁ ଶ୍ରୀ ବିଭୂତି ଅଟେ । ଲକ୍ଷ୍ମୀ ମୂର୍ତ୍ତି ଅଟେ କିନ୍ତୁ ଶ୍ରୀ ଅମୂର୍ତ୍ତି ଅଟେ । ଲକ୍ଷ୍ମୀର ବିରୋଧ ସରସ୍ୱତୀ ସହିତ ଥାଏ କିନ୍ତୁ ଶ୍ରୀ ତ ମହାଲକ୍ଷ୍ମୀ ରୂପରେ ମହାସର-ସ୍ୱତୀଙ୍କର ନିତ୍ୟସଂଗିନୀ ଅଟେ ।

ସମଗ୍ର ଭାରତ ବର୍ଷରେ ବୁଲି ଆସ, ଦେଖିବ ଯେ ଦୀପାବଳୀ ଦିନ ସବୁଠି ପୂଜା-ସ୍ଥାନରେ ପଦ୍ମାସନା ଲକ୍ଷ୍ମୀଙ୍କର ଚିତ୍ର ମିଳିବ କିନ୍ତୁ ଉଲୂକବାହିନୀ ଲକ୍ଷ୍ମୀଙ୍କର ଚିତ୍ର କେଉଁଠି ମିଳିବନି । ଆମେ ତ ଦୈବୀସଂପଦାର ଉପାସକ ଅଟୁଁ (ଶ୍ରୀ ଦୈବୀ ସଂପତ୍‌ର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି) ଆସୁରୀ ସଂପଦାର (ଲକ୍ଷ୍ମୀ ଆସୁରି ସଂପଦାର ଅଧିଷ୍ଠାତ୍ରୀ ଦେବୀ) ନୋହୁଁ ।

ସମୁଦ୍ରମନ୍ଥନ: ଏକ ପ୍ରତୀକ କଥା:-

ମହର୍ଷି ବେଦ ବ୍ୟାସ କହିଛନ୍ତି କି ବେଦର ରହସ୍ୟ ଇତିହାସ ଏବଂ ପୁରାଣ ମାଧ୍ୟ-ମରେ ବୁଝିବା ଉଚିତ । ଅବଶ୍ୟ ଏ କଥାକୁ ଉଲ୍‌ଟା କରି କହିଲେ ବି ଠିକ୍ ହେବ - ଅର୍ଥାତ୍ ପୁରାଣମାନଙ୍କର ରହସ୍ୟ ବେଦ ମାଧ୍ୟମରେ ବୁଝିହେବ । ପୁରାଣମାନଙ୍କରେ ଗୋଟିଏ କଥା ଅଛି ଯେ ଦେବତା ଓ ରାକ୍ଷସମାନେ ଗୋଟିଏ କଚ୍ଛପ ପିଠି ଉପରେ ମନ୍ଦରାଚଳ ପର୍ବତ ରଖି ନାଗ ରୂପକ ଦଉଡ଼ି ଦ୍ୱାରା ସମୁଦ୍ର ମନ୍ଥନ କରିଥିଲେ ଏବଂ ସେଥିରୁ ଲକ୍ଷ୍ମୀଙ୍କର ଆବିର୍ଭାବ ହୋଇଥିଲା । ଏହି ସମୁଦ୍ର ମନ୍ଥନ ଦେବତା ଓ ଅସୁରମାନେ ମିଶିକରି କରିଥିଲେ । କୌଣସି ଖୁଲା ସ୍ଥାନରେ ଠିଆ ହୋଇ ଯଦି ପୃଥିବୀର ଚାରିଆଡ଼କୁ ଦୃଷ୍ଟିପାତ କରିବ ତେବେ ଦେଖିବ ଯେ ତାହା ଏକ କଚ୍ଛପର (କଇଁଛର) ଆକାର ପରି ଦେଖାଯିବ । ପୃଥିବୀର ବିସ୍ତୃତ ଭୂଭାଗ କଇଁଛର ପେଟ ପରି ଏବଂ ଆକାଶ ଗୋଲାକାର, ଅତଏବ କଇଁଛର ପିଠି ପରି ଦେଖାଯାଏ । ଶତପଥ ବ୍ରାହ୍ମଣ ନାମକ ଗ୍ରନ୍ଥରେ ଏହାକୁ ପ୍ରଜାପତିଙ୍କ କୂର୍ମାବତାର କୁହାଯାଇଛି । ଏହି କଇଁଛ ଅଥବା କୂର୍ମଙ୍କର ପଠି ଉପରେ କ୍ରାନ୍ତିବୃତ୍ତିରେ ଅବଚ୍ଛିନ୍ନ ସୂର୍ଯ୍ୟଙ୍କର ସେହି ପ୍ରକାଶସ୍ତମ୍ଭ

ବିଦ୍ୟମାନ ଅଟେ, ଯାହାକୁ ମନ୍ଦରାଚଳ ପର୍ବତ ବୋଲି କୁହା ଯାଇଛି । ନାଗ ନାମକ ଏକ ପ୍ରାଣ-ବାୟୁ ଯାହାକୁ ପୁରାଣରେ ଗୋଟିଏ ରସ୍ସି (ଦଉଡ଼ି) ବୋଲି ବର୍ଣ୍ଣନା କରାଯାଇଛି । ଏହି ପ୍ରାଣ-ବାୟୁ କ୍ରିୟାଶକ୍ତିର ପ୍ରତୀକ ଅଟେ । ଯେତେବେଳେ ଆଦିତ୍ୟଙ୍କ ପ୍ରକାଶସ୍ତମ୍ଭ, ଯାହାକି ଜ୍ଞାନଶକ୍ତିର ପ୍ରତୀକ ଅଟେ, ତାହା ସହିତ ସଂଲଗ୍ନ ହୋଇ ମନ୍ଥନ କରେ ତେବେ ଲକ୍ଷ୍ମୀ ଅର୍ଥାତ୍ ଅର୍ଥଶକ୍ତି ଜନ୍ମ ହୁଏ । ସଂକ୍ଷେପରେ କହିଲେ, ଯଦି ଲକ୍ଷ୍ମୀଙ୍କୁ ଉତ୍ପନ୍ନ କରିବାକୁ ଚାହୁଁଥାଅ, ତେବେ କେବଳ କର୍ମ ପର୍ଯ୍ୟାପ୍ତ ନୁହେଁ; କିମ୍ବା କେବଳ ଜ୍ଞାନ ମଧ୍ୟ ପର୍ଯ୍ୟାପ୍ତ ନୁହେଁ; କିନ୍ତୁ ଜ୍ଞାନ ଓ କର୍ମର ସମନ୍ୱୟରେ ଲକ୍ଷ୍ମୀ ଉତ୍ପନ୍ନ ହୁଅନ୍ତି । ରଜୋଗୁଣ ପ୍ରଧାନ ମନ୍ଥନ କ୍ରିୟାରେ କେବଳ ସତ୍ତ୍ୱଗୁଣ ପ୍ରଧାନ ଦେବତାମାନେ ନୁହେଁ, କିନ୍ତୁ ତମୋଗୁଣ ପ୍ରଧାନ ଅସୁରମାନେ ମଧ୍ୟ ଭଗୀଦାର ହୁଅନ୍ତି । ଅତଏବ ଏହାର ତାତ୍ପର୍ଯ୍ୟ ଏହା ଯେ, ସୃଷ୍ଟି ତ୍ରିଗୁଣାତ୍ମିକା ଅଟେ । କେବଳ କୌଣସି ଗୋଟିଏ ଗୁଣରେ କୌଣସି କାର୍ଯ୍ୟ ସଂପନ୍ନ ହୁଏ ନାହିଁ । ଏଇଥିପାଇଁ ଯେପରି ବ୍ରହ୍ମା, ବିଷ୍ଣୁ ମହେଶ ତ୍ରିଦେବ ଅଟନ୍ତି, ଠିକ୍ ସେହିପରି ତିନିଜଣ ଦେବୀମାନଙ୍କ ମଧ୍ୟରୁ ମହାକାଳୀ ***"ପରମା ପ୍ରକୃତିସ୍ତ୍ୱମାଦ୍ୟା,"*** ଯାହାକି ଅବ୍ୟକ୍ତ ହିଁ ରହେ; ମହାସରସ୍ୱତୀ ***"ସର୍ବଜଗତାଂ ପରମାର୍ତ୍ତିହନ୍ତ୍ରୀ"*** ସମସ୍ତଙ୍କ ଦୁଃଖ ଦୂର କରନ୍ତି ତଥାଚ ବ୍ୟକ୍ତାବ୍ୟକ୍ତ ଅଟନ୍ତି । ଆଉ ତୃତୀୟା ଦେବୀ 'ମହାଲକ୍ଷ୍ମୀ' - ***"ପରିପାଳୟ ଦେବି ବିଶ୍ୱମ୍"*** ସମସ୍ତଙ୍କୁ ପରିପାଳନ କରନ୍ତି ।

ଏମାନଙ୍କ ମଧ୍ୟରୁ ଅବ୍ୟକ୍ତ ମହାକାଳୀ ତ ସର୍ବାତ୍ମିକା ଅଟନ୍ତି, ମହାସରସ୍ୱତୀ ଶବ୍ଦାତ୍ମିକା ତଥା ମହାଲକ୍ଷ୍ମୀ ଅର୍ଥାତ୍ମିକା ଅଟନ୍ତି । ଶବ୍ଦ ଓ ଅର୍ଥର ନିତ୍ୟ ସଂବନ୍ଧ ତ ପ୍ରତ୍ୟକ୍ଷଗୋଚର ଅଟେ । ବିନା ଶବ୍ଦରେ ଅର୍ଥର କିମ୍ବା ବିନା ଅର୍ଥରେ ଶବ୍ଦର ଅସ୍ତିତ୍ୱ ଅଥବା ପ୍ରୟୋଜନ ନ ଥାଏ । ଶବ୍ଦ ଓ ଅର୍ଥର ଏହି ସମ୍ବନ୍ଧ ମହାସରସ୍ୱତୀ ଓ ମହାଲକ୍ଷ୍ମୀଙ୍କର ସେହି ସମ୍ବନ୍ଧ ଅଟେ ଯାହାକି ବ୍ୟକ୍ତି ବିଶେଷକୁ ଅଥବା ରାଷ୍ଟ୍ରକୁ ଶ୍ରୀସଂପନ୍ନ କରେ । ଏଇଥିପାଇଁ ଋଗ୍‌ବେଦରେ 'ବାଣୀରେ ଲକ୍ଷ୍ମୀ ନିବାସ କରନ୍ତି' ବୋଲି ସ୍ପଷ୍ଟ ଶବ୍ଦରେ ବର୍ଣ୍ଣନା କରାଯାଇଛି ***"ଉତ୍ତ୍ରୈଷାଂ ଲକ୍ଷ୍ମୀଃ ନିହିତାଧି ବାଚି"*** । ବାଣୀର ସମ୍ବନ୍ଧ ଲକ୍ଷ୍ମୀଙ୍କ ସହିତ ଥିବାବେଳେ ସରସ୍ୱତୀଙ୍କ ସମ୍ବନ୍ଧ ପ୍ରାଣ ସହିତ ଏବଂ କାଳୀଙ୍କ ସମ୍ବନ୍ଧ ମନ ସହିତ ଥାଏ । ଏହି ମନ, ପ୍ରାଣ ଓ ବାକ୍ ମିଶିକରି ଆତ୍ମନାମରେ ଅଭିହିତ ହୋଇଥାଏ ।।

ଲକ୍ଷ୍ମୀ କେଉଁଠାକୁ ଯାଆନ୍ତି ନାହିଁ ? :-

ଦୀପାବଳୀରେ ମହାଲକ୍ଷ୍ମୀଙ୍କର ଆହ୍ୱାନ କରାଯାଏ । କିନ୍ତୁ ମହାଲକ୍ଷ୍ମୀ ସବୁଠାକୁ

ଯାଆନ୍ତି ନାହିଁ । ବ୍ରହ୍ମବୈବର୍ତ୍ତ ପୁରାଣରେ ସ୍ୱୟଂ ଲକ୍ଷ୍ମୀ ସେସବୁ ସ୍ଥାନର ଉଲ୍ଲେଖ କରିଛନ୍ତି ଯେଉଁଠାକୁ ସେ ଯାଆନ୍ତି । ଦୀପାବଳୀ ବିଷୟରେ ଆମେ ବିଚାର କରିବା ବେଳେ ଏକଥା ମଧ୍ୟ ବିଚାର କରିବା ଆବଶ୍ୟକ ଯେ ଆମର ଘର-ପରିବାର ସେମିତି ତ ହୋଇଯାଇନି, ଯାହା ଫଳରେ ଆମ ଘରକୁ ଲକ୍ଷ୍ମୀ ଆସିବାକୁ ପସନ୍ଦ କରିବେନି । ଲକ୍ଷ୍ମୀ ସେଠାକୁ ଯାଆନ୍ତି ନାହିଁ ଯେଉଁଠି ଆଚାର୍ଯ୍ୟ, ମାତା, ପିତା ତଥା ଅତିଥିଙ୍କର ଅପମାନ ହୁଏ । ଯେଉଁଠି ମିଥ୍ୟାଭାଷଣ, ବାସନା, ଦୀନତା, ଆଳସ୍ୟ, ବିଶ୍ୱାସଘାତ ତଥା କୃତଘ୍ନତା ପରି ଦୁର୍ଗୁଣ ସବୁ ନିବାସ କରନ୍ତି । ସେସବୁ ସ୍ଥଳକୁ ଲକ୍ଷ୍ମୀ ଯାଆନ୍ତି ନାହିଁ । ଚିନ୍ତା, ଭୟ, କ୍ରୋଧ, ମଦ୍ୟପାନ, ଋଣଗ୍ରସ୍ତତା ତଥା କୃପଣତା ଉପରେ ଲକ୍ଷ୍ମୀ ଚିଡ଼ନ୍ତି । ଯେଉଁଠି ସ୍ତ୍ରୀମାନେ ମର୍ଯ୍ୟାଦା ଉଲ୍ଲଂଘନ କରନ୍ତି, ମନୁଷ୍ୟ-ମାନେ ଉଦ୍‌ବିଗ୍ନ ରହନ୍ତି, ନାସ୍ତିକତାର ସାମ୍ରାଜ୍ୟ ହୋଇଯାଏ, ଲୋଭ ଏବଂ ହିଂସାର ରାଜତ୍ୱ ରହେ ଏବଂ ଦାନ ଦେଇ ଫେରାଇନେବାର ଭାବନା ରହେ, ଆଶ୍ରିତମାନଙ୍କୁ ସହାୟତା ଦିଆ-ଯାଏ ନାହିଁ, ଅଶ୍ଳୀଳତାକୁ ପ୍ରଶୟ ଦିଆଯାଏ, ମଳିନତା ତଥା ଅସ୍ତ ବ୍ୟସ୍ତତା ଥାଏ ସେଠାକୁ ଲକ୍ଷ୍ମୀ ଯାଆନ୍ତି ନାହିଁ ।

ମଳିନତା, ଉଦରମୂରି ଗୁଣ, କଠୋର ଭାଷଣ ଏବଂ ଆଳସ୍ୟ ପ୍ରତି ଲକ୍ଷ୍ମୀ ଏତେ ଚିଡ଼ନ୍ତି ଯେ, ଯଦି ଚକ୍ରପାଣି ବିଷ୍ଣୁଙ୍କଠାରେ ଏ ସବୁ ଗୁଣ ଦେଖାଯିବ ତେବେ ଲକ୍ଷ୍ମୀ ତାଙ୍କୁ ଛାଡ଼ି ଚାଲିଯିବେ । ମହାଭାରତରେ ମଧ୍ୟ ଭୀଷ୍ମ ପିତାମହ ଅନୁରୂପ ପ୍ରସଙ୍ଗ ଉଠାଇ ଏକଥା କହି-ଛନ୍ତି ଯେ କର୍ତ୍ତବ୍ୟପରାଙ୍‌ମୁଖ, ନାସ୍ତିକ, ଅଶୁଚ୍ଚି, କୃତଘ୍ନ, ଆଚାରହୀନ, କ୍ରୂର, ଚୋର, ଈର୍ଷାଳୁ ପୁରୁଷମାନଙ୍କ ପାଖକୁ ଲକ୍ଷ୍ମୀ ଯାଆନ୍ତି ନାହିଁ । ଗୋଟିଏ ବିଶେଷ କଥା ମହାଭାରତରେ କୁହା-ଯାଇଛି କି କୌଣସି ବ୍ୟକ୍ତିକୁ ଅକ୍ତରେ ସନ୍ତୁଷ୍ଟ ହୋଇ ବସିଯିବା ଉଚିତ ନୁହେଁ । ଯେଉଁ ଘରେ କଂସାବାସନ ଖେଳେଇ ମେଲେଇ ହୋଇ ପଡ଼ିଥାଏ, ପରସ୍ପର କଳିକଜିଆ ଲାଗନ୍ତି, ସବୁବେଳେ ଜେଁ ଜେଁ ଭେଁ ଭେଁ ହେଉଥାଏ ସେ ପ୍ରକାର ଘରେ ଲକ୍ଷ୍ମୀ ରହନ୍ତି ନାହିଁ ।

ଲକ୍ଷ୍ମୀ କେଉଁଠି ନିବାସ କରନ୍ତି ?:-

ସ୍କନ୍ଦ ପୁରାଣ ଏବଂ ମହାଭାରତରେ ଲକ୍ଷ୍ମୀ ନିବାସ କରିବା ପାଇଁ ଅନେକ ସର୍ତ୍ତ ବିଷ-ୟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି । ଯେଉଁ ଘର ସଫାସୁତୁରା ଥାଏ, ଯେଉଁଠି ଗୃହିଣୀ କୁଶଳା ଅଟନ୍ତି, ଯେଉଁ ଘରର ପ୍ରାଙ୍ଗଣ ମଧ୍ୟ ସଫା ସୁତୁରା ଥାଏ, ସମସ୍ତେ ମଧୁରଭାଷୀ ଓ ମିତଭାଷୀ ଅଟନ୍ତି, ଯେଉଁଠି ବିଦ୍ୟା ଏବଂ ବିନୟ ଥାଏ ସେଠାରେ ଲକ୍ଷ୍ମୀ ନିବାସ କରନ୍ତି ।

ଯେଉଁଠି ଲୋକମାନେ ବାହ୍ୟ ଏବଂ ଆଭ୍ୟନ୍ତର ଉଭୟ ବିଧ ଶୌଚ ରଖିଥାଆନ୍ତି । ଯେଉଁଠି ସବୁବେଳେ ପ୍ରସନ୍ନତା ଥାଏ । ସବୁବେଳେ ଉତ୍ସବ ହେଉଥାଏ ସେଠାରେ ଲକ୍ଷ୍ମୀ ନିବାସ କରନ୍ତି । ମହାଭାରତରେ ଲକ୍ଷ୍ମୀଙ୍କର ନିବାସ ବିଷୟରେ ଯେଉଁ ସର୍ତ୍ତ ଦିଆଯାଇଛି ତାହା ହେଲା - ସତ୍ୟ, ପ୍ରିୟଦର୍ଶନ, ସୁନ୍ଦରତା, ପୁରୁଷାର୍ଥ, ବିନୟ, ଶ୍ରଦ୍ଧା ତଥା ସ୍ୱାଧ୍ୟାୟ । ଲକ୍ଷ୍ମୀପୂଜାର ବିଧି ଶାସ୍ତ୍ର-ମାନଙ୍କରେ ବର୍ଣ୍ଣନା କରାଯାଇଛି ଏବଂ ସେହି ବିଧିରେ ପୂଜା କରାଯିବା ଉଚିତ । କିନ୍ତୁ ଏକଥା ମଧ୍ୟ ଆମର ଭୁଲିବା ଉଚିତ ନୁହେଁ ଯେ, କ'ଣ ଆମ ଘରେ ଆମେ ସେ ସବୁ ସର୍ତ୍ତ ପାଳନ କରୁଛୁଁ କି, ଯାହା ଲକ୍ଷ୍ମୀଙ୍କର ନିବାସ ପାଇଁ ଅନିବାର୍ଯ୍ୟ ? ଅନ୍ୟଥା ଏହି ପୂଜାପାଠ ବେକାର ହୋଇଯିବ ।।

ଆତ୍ମ ଜ୍ୟୋତି ପରମ ଜ୍ୟୋତି :-

ଦୀପାବଳୀ ଲକ୍ଷ୍ମୀଙ୍କର ଉପାସନାର ପର୍ବ ତ ଅଟେ । ଏହା ଜ୍ୟୋତିପର୍ବ ମଧ୍ୟ ଅଟେ । ବୃହଦାରଣ୍ୟକ ଉପନିଷଦ୍‌ରେ ମହାରାଜା ଜନକ ପ୍ରଶ୍ନକଲେ 'ଜ୍ୟୋତି କ'ଣ ଅଟେ' ? ମହର୍ଷି ଯାଜ୍ଞବଲ୍‌କ୍ୟ ତାହାର ଯାହା ଉତ୍ତର ଦେଇଥିଲେ ତାହା କୌଣସି ଗୂଢ଼ ଦାର୍ଶନିକ ନ ହୋଇ ଅତ୍ୟନ୍ତ ବ୍ୟାବହାରିକ ଉତ୍ତର ଥିଲା - 'ସୂର୍ଯ୍ୟ ଜ୍ୟୋତି' । ପୁଣି ପ୍ରଶ୍ନ ହେଲା 'ତେବେ ସୂର୍ଯ୍ୟ ଅସ୍ତ ହୋଇଯିବା ପରେ ଜ୍ୟୋତି କ'ଣ ହେବ'? ଉତ୍ତର ଥିଲା 'ଚନ୍ଦ୍ରମା' । ପୁଣି ପ୍ରଶ୍ନ ହେଲା 'ଚନ୍ଦ୍ରମା ଅସ୍ତ ହୋଇ ଗଲେ (କିମ୍ବା ଉଦୟ ନ ହେଲେ) ଜ୍ୟୋତି କ'ଣ ? ଯାଜ୍ଞବଲ୍‌କ୍ୟ ଉତ୍ତର ଦେଲେ 'ଅଗ୍ନି' । ଏଠାରେ ସ୍ମରଣୀୟ ଯେ ଦୀପାବଳୀର ରାତ୍ରି ଠିକ୍ ସେହିପରି ହୋଇ-ଥାଏ । ଅମାବାସ୍ୟାର ଘନ କୃଷ୍ଣ ରାତ୍ରି । ସେତେବେଳେ ଅଗ୍ନି ଜ୍ୟୋତି ହୁଏ - ଦୀପମାଳା ରୂପରେ । କିନ୍ତୁ ଯଦି ଦୀପ ଲିଭିଯିବ ତେବେ କ'ଣ ଜ୍ଞାନର ସମସ୍ତ ସାଧନ ଶେଷ ହୋଇଯିବ? ତାହାର ଉତ୍ତର ହେଲା ଯେ ଯଦି ଅଗ୍ନି ବି ନ ରହିବ ତେବେ 'ବାଣୀ' ଜ୍ୟୋତି ବନିଯାଏ । ତେବେ ପୁଣି ପ୍ରଶ୍ନ ହୁଏ ଯେ, 'ମୂକ ବ୍ୟକ୍ତି ପାଇଁ ଅଥବା ଯିଏ ହତବାକ୍ ହୋଇଯାଏ ତା ପାଇଁ କ'ଣ କୌଣସି ଜ୍ୟୋତି ନାହିଁ ? ତାର ଉତ୍ତରରେ ଯାଜ୍ଞବଲ୍‌କ୍ୟ କହନ୍ତି 'ମୂକ ବ୍ୟକ୍ତିର ଅଥବା ହତବାକ୍ ବ୍ୟକ୍ତିର ଜ୍ଞାନ ତିରୋହିତ ହୁଏ ନାହିଁ । ତାର ଜ୍ୟୋତି ହୁଏ ଆତ୍ମା' । ଏହି ଆତ୍ମା ସମସ୍ତ ଜ୍ୟୋତିର୍ମୟମାନଙ୍କ ମଧ୍ୟରେ ଅଧିକ ଜ୍ୟୋତିର୍ମୟ । ଆତ୍ମାର ଅଭାବରେ ମାନବର ସତ୍ତା ମଧ୍ୟ ଲୋପ ହୋଇଯିବ । ଏଇଥିପାଇଁ ଭଗବାନ୍ ବୁଦ୍ଧଙ୍କର ଶିଷ୍ୟମାନେ ଯେତେବେଳେ

ପଚାରିଲେ ଯେ ବୁଦ୍ଧଙ୍କର ତିରୋଧାନ ହେଲେ ସେମାନଙ୍କୁ ମାର୍ଗଦର୍ଶନ କିଏ କରିବ ? ଭଗବାନ୍ ବୁଦ୍ଧଙ୍କର ଉତ୍ତର ଥିଲା *"ଅତ୍ତଦୀପୋ ଭବ"* ଅର୍ଥାତ୍ - ଆତ୍ମା ଦୀପ ହୁଏ । ଅର୍ଥାତ୍ ନିଜେ ନିଜର ଜ୍ୟୋତି ଅଥବା ଦୀପକ ହୁଏ । ଯାଜ୍ଞବଲ୍କ୍ୟ ଯେଉଁ ପାଞ୍ଚୋଟି ଜ୍ୟୋତିର ବର୍ଣ୍ଣନା କରିଛନ୍ତି ତାହା ମଧ୍ୟରୁ ସୂର୍ଯ୍ୟ, ଚନ୍ଦ୍ର ତଥା ଅଗ୍ନି ଭୂତଜ୍ୟୋତି ଅଟନ୍ତି । ବାଗ୍‌ଜ୍ୟୋତି କର୍ମରୂପ ଅଟେ ଏବଂ ଆତ୍ମଜ୍ୟୋତି ଜ୍ଞାନରୂପ ଅଟେ । ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିମାନଙ୍କ ମଧ୍ୟରୁ ସୂର୍ଯ୍ୟ ସ୍ୱଜ୍ୟୋତି, ଚନ୍ଦ୍ର ପରଜ୍ୟୋତି (ସୂର୍ଯ୍ୟଙ୍କ ଜ୍ୟୋତିରେ ଜ୍ୟୋତିଷ୍ମାନ୍) ଏବଂ ଅଗ୍ନି ରୂପଜ୍ୟୋତି ଅଟନ୍ତି । ଭୂତଜ୍ୟୋତି ଲକ୍ଷ୍ମୀଙ୍କ ପାଇଁ ଯଦ୍ୟପି ପର୍ଯ୍ୟାପ୍ତ ତଥାପି ଶ୍ରୀ ପାଇଁ ଆତ୍ମଜ୍ୟୋତି ଏବଂ ବାକ୍‌ଜ୍ୟୋତିର ଆବଶ୍ୟକତା ରହିଛି ।

ଆଜି ଆମ ଦେଶରେ ଦୀପାବଳୀ ବଡ଼ ଉଲ୍ଲାସର ସହିତ ପାଳନ କରାଯାଉଛି । କିନ୍ତୁ ଏମିତି ଲାଗୁଛି ଯେମିତି କି ଲକ୍ଷ୍ମୀ ପାଶ୍ଚାତ୍ୟ ଦେଶକୁ ଚାଲିଯାଇଛନ୍ତି । ଆମର ଆର୍ଥିକ ସଂକଟର କୌଣସି ଦିଗରୁ କୂଳକିନାରା ମିଳୁନି । ନିଶ୍ଚିତ ରୂପରେ ଆମ ଲକ୍ଷ୍ମୀପୂଜାରେ କେଉଁଠି ନା କେଉଁଠି ଭୁଲ୍ ରହିଯାଇଛି । ଅର୍ଥଶାସ୍ତ୍ରୀମାନେ ଏହାର ଅନେକାନେକ କାରଣ ତଥା ସମାଧାନ ଦର୍ଶାଉଛନ୍ତି । କିନ୍ତୁ ଲକ୍ଷ୍ମୀଙ୍କ ପଳୟନର ଯେଉଁ କାରଣ ଶାସ୍ତ୍ରମାନଙ୍କରେ ପ୍ରତିପାଦନ କରାଯାଇଛି ସେ ବିଷୟରେ ମଧ୍ୟ ବିଚାର କରିବା ଆବଶ୍ୟକ । ବ୍ରହ୍ମବୈବର୍ତ୍ତ ପୁରାଣ ଅନୁସାରେ ଦେବତାମାନଙ୍କଠାରୁ ବି ଥରେ ଲକ୍ଷ୍ମୀ ରାଗିଯାଇଥିଲେ । କାରଣ ଥିଲା ବ୍ରହ୍ମଶକ୍ତିଙ୍କର ଅପମାନ । ମହର୍ଷି ଦୁର୍ବାସା ଥରେ ଗୋଟିଏ ମାଳା ଇନ୍ଦ୍ରଙ୍କୁ ଦେଇଥିଲେ । ଇନ୍ଦ୍ର ମଦମତ୍ତ ହୋଇ ଉକ୍ତ ମାଳାକୁ ଐରାବତ ସମ୍ମୁଖରେ ଫିଙ୍ଗିଦେଲେ । ଐରାବତ ମାଳାଟିକୁ ମାଡ଼ି ଦଳି ଦେଲା । ଦୁର୍ବାସା ଏହାକୁ ନିଜର ଅପମାନ ବୋଲି ଭାବିଲେ । ଦୁର୍ବାସା ଅଭିଶାପ ଦେଲେ ଏବଂ ଲକ୍ଷ୍ମୀ ଦେବତାମାନଙ୍କୁ ଛାଡ଼ି ଚାଲିଗଲେ । ପୁଣି ସମୁଦ୍ରମନ୍ଥନ ହେଲା ଏବଂ ତଦ୍‌ଦ୍ୱାରା ଲକ୍ଷ୍ମୀଙ୍କୁ ଇନ୍ଦ୍ର ପୁନଃ ପ୍ରାପ୍ତ କଲେ । ଏ କଥାର ତାତ୍ପର୍ଯ୍ୟ ଏହା ଯେ ଜ୍ଞାନଶକ୍ତିର ଉପେକ୍ଷା କରାଯିବା ଉଚିତ ନୁହେଁ, ଅନ୍ୟଥା ଲକ୍ଷ୍ମୀ ରାଗିଯିବା ସ୍ୱାଭାବିକ୍ ।

ପର୍ଯ୍ୟାବରଣ ସୁରକ୍ଷା :-

ଲକ୍ଷ୍ମୀଙ୍କର ପଳାୟନର ଆଉ ଗୋଟିଏ କାରଣ ମଧ୍ୟ ରହିଛି - ଲକ୍ଷ୍ମୀ ବିଷ୍ଣୁଙ୍କ ପତ୍ନୀ । ଯଜ୍ଞର ଅନ୍ୟ ନାମ ବିଷ୍ଣୁ । ଯେଉଁଠି ବିଷ୍ଣୁଙ୍କର ଅପମାନ ହୁଏ ସେଠାରେ ଲକ୍ଷ୍ମୀ ନିବାସ

କରନ୍ତି ନାହିଁ । ଯଜ୍ଞରୂପୀ ବିଷ୍ଣୁଙ୍କର ଉପାସନା ସେଠାରେ ହୁଏ ଯେଉଁଠି ସ୍ୱଭାବତଃ କୃଷ୍ଣମୃଗ ବିଚରଣ କରନ୍ତି । ତାହାକୁ ଯଜ୍ଞଭୂମୀ ଅଥବା ଆର୍ଯ୍ୟରାଷ୍ଟ୍ର କୁହାଯାଏ ଆଉସବୁ ଦେଶ ମ୍ଲେଚ୍ଛ ଦେଶ । କୃଷ୍ଣମୃଗ ବିଚରଣର ଅର୍ଥ ହେଲା 'ପ୍ରକୃତିର ସନ୍ତୁଳନ' । ଯେଉଁଠି ଅନ୍ଧାଧୁନ ଜଂଗଲ କଟା ଯାଉଛି, ପୁଣ୍ୟସ୍ରୋତା ନଦୀମାନଙ୍କରେ ଅଳିଆ ଆବର୍ଜନା ଫିଙ୍ଗାଯାଉଛି; ସେଠାରେ କୃଷ୍ଣମୃଗ ରହନ୍ତି ନାହିଁ; ସେଠାରେ ଯଜ୍ଞ ହୁଏ ନାହିଁ । ଯେଉଁଠି ଯଜ୍ଞ ହେଉ ନାହିଁ ସେଠାରେ ବିଷ୍ଣୁ ରହନ୍ତି ନାହିଁ । ଯେଉଁଠି ବିଷ୍ଣୁ ରହନ୍ତି ନାହିଁ ସେଠାରେ ଲକ୍ଷ୍ମୀ ବା କିପରି ରହିବେ? କୃଷ୍ଣମୃଗ ବନ୍ୟ ସଂପଦାର ପ୍ରତୀକ ଅଟେ । ବନ୍ୟସଂପଦାର ଅନ୍ୟତମ ପ୍ରତୀକ ଅଟେ ଗାଈ, ଗୃହର ଶ୍ରୀ, ପଶୁଧନ । ଲକ୍ଷ୍ମୀପୂଜାର ପରଦିନ ଗୋବର୍ଦ୍ଧନଙ୍କ ପୂଜା ହୁଏ; ଆଉ ତା'ପରେ ଆସେ ଯମ ଦ୍ୱିତୀୟା । ସେ ଦିନ ଯମୁନାର (ସମସ୍ତ ନଦୀର ପ୍ରତୀକ ରୂପେ) ପୂଜା କରି ଆମେ ନଦୀମାନଙ୍କୁ ପ୍ରଦୂଷଣରୁ ମୁକ୍ତ ରଖିବା ପାଇଁ ସଂକଳ୍ପ କରୁଁ । ଗୋପାଷ୍ଟମୀ ଦିନ ଗାଈ ବାଛୁରୀମାନଙ୍କୁ ପୂଜାକରିବା ପରେ ଦେବୋତ୍‌ଥାନୀ ଏକାଦଶୀ ଆସେ; ଦେବତା ସେ ଦିନ ଜାଗୃତ ହୁଅନ୍ତି । ଆଜିଯୁଗର ବିକାସର ପ୍ରତିସ୍ପର୍ଦ୍ଧା ଯୋଗୁଁ ଔଦ୍ୟୋଗୀକରଣ ପ୍ରକୃତିର ସନ୍ତୁଳନକୁ ବିଗାଡ଼ି ଦେବାକୁ ବସିଛି । ସେତେବେଳେ ନା ଯମୁନା (ନଦୀ) ଜନତାଙ୍କ ରକ୍ଷା ପାଇଁ ଯୋଗ୍ୟ ରହିଲା ନା ଗୋଧନର ସମୃଦ୍ଧି (ସମ୍ମାନ) ରହିଲା । କେବଳ ଯମଦ୍ୱିତୀୟା ଏବଂ ଗୋପାଷ୍ଟମୀ ଗୋଟିଏ ଲୋକାଚାର ଅଥବା ପରମ୍ପରା ବନି ରହି ଯାଇଛି । ତେବେ ସୁପ୍ତ ଦେବତା ଉଠିବେ ବା କେମିତି? ଆମେ ଯଦି ଆମ ପର୍ଯ୍ୟାବରଣ ପ୍ରତି ଜାଗରୁକ୍ ହେବା ତେବେ ଆମର ସୁପ୍ତ ଭାଗ୍ୟ ପୁଣି ଜାଗୃତ ହୋଇପାରିବ ।

ସର୍ବବ୍ୟାପିନୀ ଲକ୍ଷ୍ମୀ :-

ଲକ୍ଷ୍ମୀଙ୍କର ସେ ରୂପ ବିଷୟରେ ଆମେ ଚର୍ଚ୍ଚା କଲୁ ଯାହା ସହିତ ଆମେ ସମସ୍ତେ ଭଲଭାବରେ ପରିଚିତ ଅଟୁଁ; କିନ୍ତୁ ଲକ୍ଷ୍ମୀଙ୍କର ଗୋଟିଏ ସର୍ବବ୍ୟାପିନୀ ରୂପ ଅଛି ଯାହା ସହିତ ଆମେମାନେ ପରିଚିତ ନୋହୁଁ । ଗାୟତ୍ରୀମନ୍ତ୍ର ପାଠ କରିବା ବେଳେ ଆମେ ଆଉ ତିନୋଟି ଶବ୍ଦ ସହିତ ପରିଚିତ ଅଟୁଁ; ତାହା ହେଲା "*ଭୂଃ, ଭୁବଃ, ସ୍ୱଃ*" । ଯେଉଁମାନେ ସଂନ୍ଧ୍ୟାବନ୍ଦନ କରନ୍ତି ସେମାନେ ସେହି ସାତ ଲୋକ ସହିତ ମଧ୍ୟ ପରିଚିତ ଅଟନ୍ତି ଯାହାକି "**ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟମ୍** " ବୋଲି କୁହାଯାଏ । ଏହି ସାତ ଲୋକକୁ ନେଇ ତିନୋଟି 'ତ୍ରିଲୋକୀ' ବନେ । ଭୂଃ, ଭୁବଃ ଓ ସ୍ୱଃ - ପ୍ରଥମ ତ୍ରିଲୋକୀ । ଏହାର ନାମ ରୋଦସୀ । ଏହି ତ୍ରିଲୋକୀର

ସମୁଦ୍ରକୁ **ଅର୍ଣ୍ଣବ** କୁହାଯାଏ । ସ୍ୱଃ, ମହଃ ଓ ଜନଃ - ଏହା ଦ୍ୱିତୀୟ ତ୍ରିଲୋକୀ । ଏହାର ନାମ **କ୍ରନ୍ଦସୀ** ତଥାଚ ଏହାର ସମୁଦ୍ରର ନାମ **ସରସ୍ୱାନ୍** । ଜନଃ, ତପଃ ଓ ସତ୍ୟମ୍‌କୁ ନେଇ ଯେଉଁ ତ୍ରିଲୋକୀ ଗଠିତ ତାକୁ **ସଂଯତୀ** କୁହାଯାଏ । ତାହାର ସମୁଦ୍ରକୁ **ନଭସ୍ୱାନ୍** କୁହାଯାଏ । ଏହି ତିନି ସମୁଦ୍ରର ମନ୍ଥନରେ ଲକ୍ଷ୍ମୀଙ୍କର ତିନୋଟି ରୂପ ପ୍ରକଟ ହୋଇଥାଏ । ଅର୍ଣ୍ଣବର ମନ୍ଥନରେ **ସୂର୍ଯ୍ୟଲକ୍ଷ୍ମୀ**, ସରସ୍ୱାନ୍‌ର ମନ୍ଥନରେ **ପରମେଷ୍ଠିଲକ୍ଷ୍ମୀ** ଏବଂ ନଭସ୍ୱାନ୍‌ର ମନ୍ଥନରେ **ସ୍ୱୟଂଭୂଲକ୍ଷ୍ମୀ** ପ୍ରକଟ ହୁଅନ୍ତି । ସୂର୍ଯ୍ୟଲକ୍ଷ୍ମୀଙ୍କ ପ୍ରସିଦ୍ଧ ନାମ ହେଲା **ମହାଲକ୍ଷ୍ମୀ**, ପରମେଷ୍ଠିଲକ୍ଷ୍ମୀଙ୍କ ନାମ ମହାସରସ୍ୱତୀ ତଥା ସ୍ୱୟଂଭୂଲକ୍ଷ୍ମୀଙ୍କ ନାମ **ମହାକାଳୀ** । ଏହିପରି ଭାବେ ଲକ୍ଷ୍ମୀ ମଧ୍ୟ ବିଷ୍ଣୁଙ୍କ ପରି ସର୍ବଲୋକବ୍ୟାପିନୀ ଅଟନ୍ତି ।

ତିନୋଟି ସମୁଦ୍ରରେ ଲକ୍ଷ୍ମୀ ପଦ୍ମ ଉପରେ ଆସୀନା ଅଟନ୍ତି । ପଦ୍ମର ଅନ୍ୟ ନାମ ପୁଷ୍କର ମଧ୍ୟ ଅଟେ । ପୁଷ୍କର ଶବ୍ଦର ଅର୍ଥ ହେଲା 'ଯିଏ ପୁରର ନିର୍ମାଣ କରେ' । 'ପୁର' ଶବ୍ଦର ଅର୍ଥ ହେଲା ସୀମାବଦ୍ଧ । ଅସୀମର ସମୀମ ହେବା ହିଁ ସୃଷ୍ଟି ପ୍ରକ୍ରିୟା ଅଟେ । ଏହି ସୃଷ୍ଟି ପ୍ରକ୍ରିୟାର ପ୍ରତୀକ ଅଟେ ପୁଷ୍କର ଅର୍ଥାତ୍ ପଦ୍ମ; ଯାହା ଉପରେ ସ୍ରଷ୍ଟା ବିରାଜମାନ ଅଟନ୍ତି । ସେହି ପଦ୍ମ ଉପରେ ଲକ୍ଷ୍ମୀ ମଧ୍ୟ ସୁଶୋଭିତ ଅଟନ୍ତି । ଏଇଥିପାଇଁ ପଦ୍ମର ଅନ୍ୟ ନାମ ଶ୍ରୀପର୍ଣ୍ଣ ମଧ୍ୟ ଅଟେ ଏବଂ ଲକ୍ଷ୍ମୀଙ୍କର ଅନ୍ୟ ନାମ କମଳା । ଏହି କମଳା ଯିଏ ଜଳତତ୍ତ୍ୱ ଉପରେ ବିଦ୍ୟମାନ ସେହି ଜଳ ତେଜ ଓ ସ୍ନେହର ସମନ୍ୱିତ ରୂପ ଅଟେ । ତେଜର ପ୍ରତିନିଧି ଅଙ୍ଗିରା ଋଷି ଅଟନ୍ତି ଏବଂ ସ୍ନେହର ପ୍ରତିନିଧି ଭୃଗୁଋଷି ଅଟନ୍ତି ।

ଅଙ୍ଗିରାଧାରା ସରସ୍ୱତୀ ତଥା ଭୃଗୁଧାରା ଲକ୍ଷ୍ମୀ ଅଟନ୍ତି । ଏହି ଭୃଗୁଋଷି ବିଷ୍ଣୁଙ୍କ ଉପରେ ପାଦ ପ୍ରହାର କରିଥିଲେ ଯାହାକୁ ନେଇ କବି ରହୀମ ସାଧା-ସିଧା ପଦାବଳୀରେ ଗାଇଛନ୍ତି-

ଛମା ବଡନ୍ ଜୋ ଚାହିୟେ,
ଛୋଟନ୍ ଜୋ ଉତ୍ପାତ୍ ।
କା ରହୀମ ପ୍ରଭୁ ଜୋ ଘଟ୍ୟୋ,
ଜୋ ଭୃଗୁ ମାରୀ ଲାତ୍ ।।

ଏ ଥର ଯେତେବେଳେ ଦୀପାବଳୀରେ ଅଳିଆ-ଅବର୍ଜନା ସଫା କରିବାକୁ ଯିବ ସେତେବେଳେ ନିଜ ମନରେ ଜମି ଯାଇଥିବା ଅଜ୍ଞାନତା ରୂପକ ମଇଳାକୁ ମଧ୍ୟ ସଫା କରି-

ବାପାଇଁ ସଂକଳ୍ପ ନେବା ଆବଶ୍ୟକ । କାରଣ ବେଦ ତ ସ୍ପଷ୍ଟ ଶବ୍ଦରେ ଘୋଷଣା କରେ ଯେ, ଚାଲୁଣୀରେ ଛତୁଆ ପରି ଯେଉଁ ଧୀର (ବିଦ୍ୱାନ୍) ବ୍ୟକ୍ତି ମନୋଯୋଗ ପୂର୍ବକ ଜ୍ଞାନର ସଂଚୟ କରନ୍ତି, ଲକ୍ଷ୍ମୀ ସେହି ଧୀର ପୁରୁଷମାନଙ୍କ ବାଣୀରେ ନିବାସ କରନ୍ତି ।।

-ପ୍ରଶ୍ନ-

୧. ଚାରୋଟି ପୁରୁଷାର୍ଥର ଆମ ପର୍ବମାନଙ୍କ ସହିତ କ'ଣ ସମ୍ବନ୍ଧ ?

୨. ଶ୍ରୀ ଏବଂ ଲକ୍ଷ୍ମୀ ମଧ୍ୟରେ ପାର୍ଥକ୍ୟ କ'ଣ ?

୩. ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କ ଭିତରେ ସମ୍ବନ୍ଧ କ'ଣ ?

୪. ଲକ୍ଷ୍ମୀ କେଉଁଠାକୁ ଯାଆନ୍ତି ନାହିଁ ?

୫. ଲକ୍ଷ୍ମୀ କେଉଁଠି ନିବାସ କରନ୍ତି ?

୬. ଜ୍ୟୋତିର ମହତ୍ତ୍ୱ କ'ଣ ?

୭. ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ପ୍ରକଟ ହେବାର ଅର୍ଥ କ'ଣ ?

-ସ୍ମରଣୀୟ ଉଦ୍ଧରଣ-

୧. **ଅଶ୍ୱପୂର୍ବୀଂ ରଥମଧ୍ୟାଂ ହସ୍ତିନାଦ-ପ୍ରମୋଦିନୀମ୍ ।**
ଶ୍ରିୟଂ ଦେବୀମୁପହ୍ୱୟେ ଶ୍ରୀର୍ମା ଦେବୀ ଜୁଷତାମ୍ ।। (ଋଗ୍‌ବେଦ)

ଅର୍ଥ - ପ୍ରମଥତଃ ଅଶ୍ୱଯୁକ୍ତ ଏବଂ ମଧ୍ୟରେ ରଥଯୁକ୍ତ, ତଥାଚ ହସ୍ତୀମାନଙ୍କର ନାଦ ଶୁଣି ପ୍ରସନ୍ନ ହେଉଥିବା ଶ୍ରୀ ଦେବୀଙ୍କର ଆହ୍ୱାନ କରୁଛି । ଶ୍ରୀ ମୋ (ଗୃହ ରେ) ନିବାସ କରନ୍ତୁ ।।

୨. **କ୍ଷୁତ୍‌ପିପାସାମଳାଜ୍ୟେଷ୍ଠାମଲକ୍ଷ୍ମୀଂ ନାଶୟାମ୍ୟହମ୍ ।**
ଅଭୂତିମସମୃଦ୍ଧିଞ୍ଚ ସର୍ବାଂ ନିର୍ଣୁଦ ମେ ଗୃହାତ୍ ।। (ଋଗ୍‌ବେଦ)

ଅର୍ଥ - ମୁଁ ଭୋକ ଶୋଷରେ ମଳିନ ଜ୍ୟେଷ୍ଠ ଦରିଦ୍ରତାର ବିନାଶ କରୁଛି । ଅସଂପତ୍ତି ଓ ଅସମୃଦ୍ଧିକୁ ମୋ ଘରୁ ଦୂର କର ।

==========

ଦଶମ ପାଠ

- ତ୍ରୟୀ ବିଦ୍ୟା -

ଆମେ ପ୍ରଥମ ତିନି ପାଠରେ କ୍ରମଶଃ ଶରୀର, ପ୍ରାଣ ଓ ମନର ଚର୍ଚ୍ଚା କରିଛୁ । ଯେତେବେଳେ ଆମେ "ମୁଁ" ବୋଲି କହୁଁ ସେତେବେଳେ ଆମର ଅଭିପ୍ରାୟ ଏଇ ତିନୋଟି ବିଷୟରେ ଥାଏ । ଉଦାହରଣତଃ ଯେତେବେଳେ ଆମେ କହୁ କି 'ମୁଁ ପତଳା ଅଟେ', 'ମୁଁ ମୋଟା ଅଟେ' ସେତେବେଳେ 'ମୁଁ' ଶବ୍ଦ ଶରୀରକୁ ବୁଝାଏ । ଯେତେବେଳେ ଆମେ କହୁ 'ମୁଁ ଥକି ଗଲିଣି', 'ମୁଁ ହିମତ୍ ହାରିନି', ତେବେ 'ମୁଁ' ଶବ୍ଦ ପ୍ରାଣଶକ୍ତିକୁ ବୁଝାଏ । ଯେତେବେଳେ ଆମେ କହୁ 'ମୁଁ ବୁଝି ପାରୁଛି', 'ମୁଁ ଜାଣିଛି' ସେତେବେଳେ 'ମୁଁ' ଶବ୍ଦ ମନକୁ ବୁଝାଏ । ଉପର୍ଯ୍ୟୁକ୍ତ ଉଦାହରଣରୁ ଏକଥା ସ୍ପଷ୍ଟ ହେଉଛି କି ଆମେ ଶରୀର, ପ୍ରାଣ ଓ ମନ ଏହି ତିନୋଟି ବିଷୟକୁ ମୁଁ ବୋଲି ବୁଝୁ । ବେଦ କହେ କି ଏହି ତିନୋଟି ବିଷୟ ଆତ୍ମା ଅଟେ । ଯଦି ଆମେ ପୂର୍ଣ୍ଣ ମାନବତାକୁ ବୁଝିବାକୁ ଚାହୁଁ ତେବେ ଏହି ତିନୋଟି ବିଷୟ ବୁଝିବା ଆବଶ୍ୟକ ।

କାରଣ ଆମ ଜ୍ଞାନର ତିନୋଟି ବିଷୟ ଅଟେ ତାହା ହେଲା ଶରୀର, ମନ, ଓ ପ୍ରାଣ । ଏଣୁ ବେଦ ବିଦ୍ୟାକୁ ତ୍ରୟୀବିଦ୍ୟା କୁହାଯାଏ । ହଁ, ଏ କଥା ସତ ଯେ ବେଦ ଚାରୋଟି । କିନ୍ତୁ ସେସବୁ ମଧ୍ୟରୁ ଅଥର୍ବବେଦ ଅନ୍ୟ କୋଟିର ଆସେ । ଅବଶିଷ୍ଟ ତିନୋଟି ବେଦ - ଋକ୍, ଯଜୁଃ ଓ ସାମକୁ ତ୍ରୟୀ କୁହାଯାଏ । ଆମେ ପ୍ରଥମ ପାଠରେ ଅନ୍ନ ବିଷୟରେ ବିଚାର କରୁଥିବା ବେଳେ ତିନିଲୋକ ବିଷୟରେ ବିଚାର କରି ସାରିଛୁ । ଏହି ତିନିଲୋକକୁ ଭୂଃ, ଭୁବଃ, ସ୍ୱଃ ଅଥବା ପୃଥିବୀ, ଅନ୍ତରୀକ୍ଷ ଓ ଦ୍ୟୁଲୋକ କୁହାଯାଏ । ସେଥିମଧ୍ୟରୁ ପୃଥିବୀର ସମ୍ବନ୍ଧ ଋଗ୍‌ବେଦ ସହିତ, ଅନ୍ତରୀକ୍ଷର ସମ୍ବନ୍ଧ ଯଜୁର୍ବେଦ ସହିତ ଏବଂ ସାମବେଦର ସମ୍ବନ୍ଧ ଦ୍ୟୁଲୋକ ସହିତ ରହିଛି । ଆମେ ପ୍ରଥମ ପାଠରେ ଚର୍ଚ୍ଚା କରିଛୁ କି ପୃଥିବୀର ଦେବତା ଅଗ୍ନି ଅଟନ୍ତି, ଅନ୍ତରୀକ୍ଷର ଦେବତା ବାୟୁ ଅଟନ୍ତି ଏବଂ ଦ୍ୟୁଲୋକର ଦେବତା ସୂର୍ଯ୍ୟ ଅଟନ୍ତି । ଏଇଥିପାଇଁ ଆମେ ଏକଥା ମଧ୍ୟ କହିପାରୁ ଯେ, ଋଗ୍‌ବେଦର ସମ୍ବନ୍ଧ ଅଗ୍ନି ସହିତ,

ଯଜୁ-ବେଦର ସମ୍ବନ୍ଧ ବାୟୁ ସହିତ ଏବଂ ସାମବେଦର ସମ୍ବନ୍ଧ ଆଦିତ୍ୟଙ୍କ ସହିତ ରହିଛି । ଯେଉଁ ଶରୀର, ପ୍ରାଣ ଓ ମନ ବିଷୟରେ ବିଚାର ଆମେ ପ୍ରଥମ ତିନି ପାଠରେ କରିଛୁ ସେମାନଙ୍କ ମଧ୍ୟରୁ ଶରୀରର ସମ୍ବନ୍ଧ ଅଗ୍ନି ସହିତ, ପ୍ରାଣର ସମ୍ବନ୍ଧ ବାୟୁଙ୍କ ସହିତ ଏବଂ ମନର ସମ୍ବନ୍ଧ ଆଦିତ୍ୟଙ୍କ ସହିତ ରହିଛି । ଏସବୁ ତ୍ରୟୀ ବିଦ୍ୟାର ବିସ୍ତୃତ ରୂପାନ୍ତର ମାତ୍ର ଅଟେ । ଆମେ ଦ୍ୱିତୀୟ ପାଠରେ ପ୍ରାଣ, ଅପାନ ଓ ବ୍ୟାନ ବିଷୟରେ ଚର୍ଚ୍ଚା କରିଛୁ । ସେମାନଙ୍କ ମଧ୍ୟରୁ ପ୍ରାଣର ସମ୍ବନ୍ଧ ଇହଲୋକ ସହିତ, ଅପାନର ସମ୍ବନ୍ଧ ଅନ୍ତରୀକ୍ଷ ଲୋକ ସହିତ ଏବଂ ବ୍ୟାନର ସମ୍ବନ୍ଧ ଦ୍ୟୁଲୋକ ସହିତ ରହିଛି । ନିମ୍ନ ତାଲିକାରେ କେଉଁ ବେଦର ସମ୍ବନ୍ଧ କେଉଁ କେଉଁ ବିଷୟରେ ରହିଛି ତାହା ସଂକ୍ଷେପରେ ପ୍ରସ୍ତୁତ କରାଗଲା:-

ବେଦ	ସମ୍ବନ୍ଧ ଦେବତା	ସମ୍ବନ୍ଧ ଲୋକ	ସମ୍ବନ୍ଧ ପ୍ରାଣ
ଋଗ୍‌ବେଦ	ଅଗ୍ନି	ପୃଥିବୀ	ପ୍ରାଣ
ଯଜୁର୍ବେଦ	ବାୟୁ	ଅନ୍ତରୀକ୍ଷ	ଅପାନ
ସାମବେଦ	ଆଦିତ୍ୟ	ଦ୍ୟୁଲୋକ	ବ୍ୟାନ

ଏହି ଦେବତାମାନଙ୍କୁ ଅଧିଦେବ, ଲୋକମାନଙ୍କୁ ଅଧିଭୂତ ଏବଂ ପ୍ରାଣକୁ ଅଧ୍ୟାତ୍ମ କୁହାଯାଏ । ଏହି ତିନିତତ୍ତ୍ୱର ତିନିବେଦ ସହିତ ସମ୍ବନ୍ଧ କହିବାର ତାତ୍ପର୍ଯ୍ୟ ଏହା ଯେ ବେଦ ସଂପୂର୍ଣ୍ଣ ଅସ୍ତିତ୍ୱ ସହିତ ଜଡ଼ିତ ରହିଛି । କାରଣ ସମଗ୍ର ସତ୍ତା ଅଥବା ଅସ୍ତିତ୍ୱକୁ ତିନି ଭାଗରେ ବିଭକ୍ତ କରାଯାଇ ପାରିବ । ଅଧ୍ୟାତ୍ମ ଅର୍ଥାତ୍ ଯାହାର ସମ୍ବନ୍ଧ ଆମର ଆନ୍ତରିକ ଜଗତ୍ ସହିତ ରହିଛି । ଅଧିଭୂତ, ଅର୍ଥାତ୍ ଯାହାର ସମ୍ବନ୍ଧ ବାହ୍ୟ ସ୍ଥୂଳ ଜଗତ୍ ସହିତ ରହିଛି । ଅଧିଦେବ ଅର୍ଥାତ୍ ଯାହାର ସମ୍ବନ୍ଧ ସୂକ୍ଷ୍ମ ଅର୍ଥାତ୍ ପ୍ରାଣ ଜଗତ୍ ସହିତ ରହିଛି । ତ୍ରୟୀ ବିଦ୍ୟାକୁ ବୁଝିବା ଓ ବୁଝେଇବା ପାଇଁ ଏହା ଏକ ଗ୍ରହଣୀୟ ଉପାୟ ଅଟେ ।

ତ୍ରୟୀବିଦ୍ୟାକୁ ବୁଝିବା ପାଇଁ ଅନ୍ୟ ଏକ ଗ୍ରହଣୀୟ ଉପାୟ ଏହା ହୋଇପାରେ ଯେ, ଆମେ ଯେକୌଣସି ପିଣ୍ଡକୁ ନେଇ ପରୀକ୍ଷା କରୁ ତ ସେଥିରେ ତିନି ପକ୍ଷ ଦେଖାଯାଆନ୍ତି - ତାହା ହେଲା ପଦାର୍ଥ, ପଦାର୍ଥନିହିତ କ୍ରିୟା ତଥା ପଦାର୍ଥଗତ ତେଜ ଅଥବା ଜ୍ଞାନ । ଏସବୁ ମଧ୍ୟରୁ ପଦାର୍ଥର ସମ୍ବନ୍ଧ ଋଗ୍‌ବେଦ ସହିତ, କ୍ରିୟାର ସମ୍ବନ୍ଧ ଯଜୁର୍ବେଦ ସହିତ ତଥା ତେଜ ଅଥବା

ଜ୍ଞାନର ସମ୍ବନ୍ଧ ସାମବେଦ ସହିତ ରହିଛି' । ଏହି ପରି ଭାବେ ତ୍ରୟୀ ବିଦ୍ୟାରେ ଯେ କୌଣସି ପଦାର୍ଥର ସଂପୂର୍ଣ୍ଣ ପକ୍ଷ ସମାହିତ ଅଟେ । ପ୍ରଥମ ତିନି ପାଠରେ ଯେଉଁ ଶରୀର, ପ୍ରାଣ ଓ ମନର କ୍ରମଶଃ ବର୍ଣ୍ଣନା କରା ଯାଇଛି ସେଥି ମଧ୍ୟରୁ ଯଦି ଆମେ ଶରୀରକୁ ପିଣ୍ଡ ଅଥବା ପଦାର୍ଥ ମାନୁଁ ତେବେ ତାହାର ସମ୍ବନ୍ଧ ଋଗ୍‌ବେଦ ସହିତ ହେବ । ସେହିପରି ପ୍ରାଣ, ଯାହାକି ସମସ୍ତ କ୍ରିୟା କଳାପର କାରଣ, ତାହାର ସମ୍ବନ୍ଧ ୟଜୁର୍ବେଦ ସହିତ ହେବ ତଥାଚ ସାମବେଦ ମନ ଅଥବା ଜ୍ଞାନ ସହିତ ଜଡ଼ିତ ହେବ । ଏହା ଋଗ୍, ଯଜୁଃ ଓ ସାମର ବ୍ୟକ୍ତି ସହିତ ସମ୍ବନ୍ଧ ହେଲା । ସାମାଜିକ ଦୃଷ୍ଟିରୁ ଦେଖିଲେ ପଦାର୍ଥ ଅଥବା ବସ୍ତୁମାନଙ୍କର ସମ୍ବନ୍ଧ ବୈଶ୍ୟ ସହିତ ରହିଛି । ଏଣୁ ବୈଶ୍ୟର ସମ୍ବନ୍ଧ ଋଗ୍‌ବେଦ ସହିତ ହେବ । ଗତି ଅଥବା ଶୂରବୀରତା ଯୋଗୁଁ କ୍ଷତ୍ରିୟର ସମ୍ବନ୍ଧ ଯଜୁର୍ବେଦ ସହିତ ସ୍ଥାପିତ ହେବ । ଜ୍ଞାନ ଯୋଗୁଁ ବ୍ରାହ୍ମଣର ସମ୍ବନ୍ଧ ସାମବେଦ ସହିତ ସ୍ଥାପିତ ହେବ । ଏ ସମ୍ବନ୍ଧକୁ ନିମ୍ନ ତାଲିକାରେ ଦର୍ଶାଇ ଯାଇ ପାରେ :-

ବେଦ	ପିଣ୍ଡ	ବ୍ୟକ୍ତି	ସମାଜ
ଋଗ୍	ପଦାର୍ଥ	ଶରୀର	ବୈଶ୍ୟ
ଯଜୁଃ	ଗତି	ପ୍ରାଣ	କ୍ଷତ୍ରିୟ
ସାମ	ତେଜ	ମନ	ବ୍ରାହ୍ମଣ

ଉପରେ ଦିଆ ଯାଇଥିବା ପ୍ରଥମ ତାଲିକା ଏବଂ ଏହି ଦ୍ୱିତୀୟ ତାଲିକାରୁ ତୁମେମାନେ ଏ କଥା କଳ୍ପନା କରିପାର ଯେ, ତ୍ରୟୀ ବିଦ୍ୟାରୁ ବହିର୍ଭୂତ କୌଣସି ବିଷୟ ନାହିଁ । ଏଇଥିପାଇଁ ମନୁ କହିଛନ୍ତି ଯେ, ସବୁକିଛି ବେଦରୁ ଜାଣିବା ସମ୍ଭବ ହେବ । ଉପରେ ଦିଆଯାଇଥିବା ତାଲିକା ଭିତରେ ପରସ୍ପର ଗଭୀର ସମ୍ବନ୍ଧ ମଧ୍ୟ ରହିଛି । ଉଦାହରଣତଃ ଯେଉଁ ଶକ୍ତିଠାରୁ ପଦାର୍ଥର ନିର୍ମାଣ ହୋଇଛି, ସେ ଶକ୍ତିର ନାମ ଅଗ୍ନି । ଏପରି କୌଣସି ପଦାର୍ଥ ନାହିଁ ଯେଉଁଥିରେ ଅଗ୍ନିତତ୍ତ୍ୱ ବିଦ୍ୟମାନ ନାହିଁ । ଏଇଥିପାଇଁ ଅଗ୍ନିର ଅନ୍ୟ ନାମ **ଜାତବେଦ** (ଜନ୍ୟମାତ୍ର ସମସ୍ତ ପଦାର୍ଥର ଜ୍ଞାତା ଅଥବା ଅଧିଷ୍ଠାତା) । ସଂସାରରେ ଯେଉଁ ଶକ୍ତି ଉପରେ ନିର୍ଭର କରି ଗତି ଅଥବା କ୍ରିୟା ହୁଏ ତାକୁ ବାୟୁଦେବତା କହନ୍ତି । ଏହି ବାୟୁ ମଧ୍ୟ ଏକ ପ୍ରାଣ ଅଟେ ଯାହାକି ଅତ୍ୟନ୍ତ ସୂକ୍ଷ୍ମ । ପଦାର୍ଥର ଯେଉଁ ଆଭାମଣ୍ଡଳ ଅଥବା ତେଜୋମଣ୍ଡଳ ନିର୍ମିତ ହୁଏ ତାହା ଆଦିତ୍ୟ ପ୍ରାଣ ଯୋଗୁଁ ସମ୍ଭବ ହୋଇଥାଏ । ଏହି ଆଦିତ୍ୟ ପ୍ରାଣ ହିଁ ଆମ୍ଭମାନଙ୍କ

ମନରେ ଜ୍ଞାନଶକ୍ତିର ନିର୍ମାଣ କରେ । ଏହିପରି ଆମେ ଦେଖିବାକୁ ପାଉ ଯେ ବେଦତ୍ରୟୀ ଏବଂ ସେହି ବେଦତ୍ରୟୀ ସହିତ ସମ୍ବଦ୍ଧ ତିନି ଦେବତା ସର୍ବବ୍ୟାପକ ଅଟନ୍ତି । ଏଣୁ ବେଦର ଅନ୍ୟ ଏକ ନାମ ବ୍ରହ୍ମ ମଧ୍ୟ ଅଟେ (ସର୍ବବ୍ୟାପୀ ହୋଇଥିବା ଯୋଗୁଁ) ଏଣୁ ଏହି ଆଧାରରେ ବେଦ ଅଧ୍ୟୟନଶୀଳ ବିଦ୍ୟାର୍ଥୀକୁ ବ୍ରହ୍ମଚାରୀ କୁହାଯାଏ ।

ଏ କଥା ଉପରେ ମଧ୍ୟ ବିଚାର କରିବା ଦରକାର ଯେ, ଲୋକ, ବେଦ ଓ ଦେବତାକୁ ନେଇ ସବୁକିଛି ତିନି - ତିନି ସଂଖ୍ୟା କାହିଁକି ? ଏହାର ଉତ୍ତର ଯଜୁର୍ବେଦରେ ଦିଆ ଯାଇଛି । ପଦାର୍ଥର ତିନୋଟି ଅବସ୍ଥା ଅଛି - ଧ୍ରୁବ, ଧର୍ତ୍ର ଓ ଧରୁଣ । ସରଳ ଭାଷାରେ ଏ ତିନି ଅବସ୍ଥାକୁ ଘନ, ତରଳ ଓ ବିରଳ କୁହାଯାଏ । ଆହୁରି ସରଳ ଭାବରେ କହିଲେ ଏହି ତିନୋଟି ଅବସ୍ଥାକୁ ସ୍ଥୂଳ, ସୂକ୍ଷ୍ମ ଓ ସୂକ୍ଷ୍ମତର କୁହାଯାଇପାରେ । ତ୍ରୟୀବିଦ୍ୟାର ମୂଳ ଏହା ଯେ ଯେକୌଣସି ପଦାର୍ଥ ସ୍ଥୂଳ ହେଲେ ତାହାର ଗୋଟିଏ ରୂପ ହୁଏ । ସେହି ପଦାର୍ଥ ପୁଣି ସୂକ୍ଷ୍ମ ହେଲେ ଅନ୍ୟ ରୂପ ଧାରଣ କରେ ଏବଂ ସେଥିରୁ ପୁଣି ସୂକ୍ଷ୍ମତର ହେଲେ ତୃତୀୟରୂପ ଧାରଣ କରିଥାଏ । ଉଦାହରଣତଃ ଅନ୍ନ ଆମ ଶରୀରରେ ପ୍ରବେଶ କରି ସ୍ଥୂଳରୂପରେ ଶରୀର ନିର୍ମାଣ କରେ (ଅର୍ଥାତ୍ ଶରୀରକୁ ପୁଷ୍ଟ କରେ), ସୂକ୍ଷ୍ମରୂପରେ ପ୍ରାଣ ବନାଏ ଏବଂ ସେଥିରୁ ସୂକ୍ଷ୍ମତର ରୂପ ଧାରଣ କରି ମନ ବନିଯାଏ । ଏହି ପରି ଭାବରେ ଦେଖିଲେ ତତ୍ତ୍ୱ ତ ଗୋଟିଏ ହେଲା - ଅନ୍ନ । କିନ୍ତୁ ସେହି ଅନ୍ନର ତିନୋଟି ରୂପ ହେଲା - ଶରୀର, ପ୍ରାଣ ଓ ମନ । ଏହି ତିନୋଟି ତତ୍ତ୍ୱ ମୂଳତଃ ଭେଦ ନ ହେଲେ ମଧ୍ୟ ସେମାନଙ୍କର ଗୁଣ, ଧର୍ମ ଓ ସ୍ୱଭାବ ଅଲଗା ଅଲଗା ଅଟେ । ଏଣୁ ତିନୋଟିର ନାମ ମଧ୍ୟ ଭିନ୍ନ ଅଟେ । ଏହାକୁ ଅନେକତାରେ ଏକତା କୁହାଯାଏ; ଯାହାକି ଆମ ସଂସ୍କୃତିର ବିଶେଷତା ଅଟେ ।

ଏହି ଘନତା, ତରଳତା ଓ ବିରଳତାର ତାରତମ୍ୟର ଆଧାରରେ ତ୍ରୟୀ ବିଦ୍ୟାର ସମାନାନ୍ତର ଅନେକ ତ୍ରିକ ବନିଯାଏ । ଅଗ୍ନିପ୍ରାଣ ହିଁ ସୂକ୍ଷ୍ମ ରୂପ ନେଇ ବାୟୁ ହୋଇଯାଏ, ବାୟୁ-ପ୍ରାଣ ହିଁ ଆଉ ଅଧିକ ସୂକ୍ଷ୍ମରୂପ ନେଇ ଆଦିତ୍ୟପ୍ରାଣ ହୋଇଯାଏ । ଉପରେ ଯେଉଁ ତ୍ରିକର ବିଚାର ଆମେ କରିଛୁ ସେସବୁର ଏହି କ୍ରମ ବୁଝିବା ଆବଶ୍ୟକ । ବସ୍ତୁତଃ ଏ ସୃଷ୍ଟିର ବିବିଧତାକୁ ବୁଝିବା ପାଇଁ ଏହି ସୂତ୍ର ବହୁତ ସହାୟକ ହେବ କି ମୂଳତଃ ଏକହିଁ ପଦାର୍ଥ ସ୍ଥୂଳ, ସୂକ୍ଷ୍ମ ଓ ସୂକ୍ଷ୍ମତର ହେବା ଯୋଗୁଁ ଅନେକ ରୂପ ଧାରଣ କରିଥାଏ । ଅତଏବ ଗୀତାରେ ପୁରୁଷକୁ କ୍ଷର, ଅକ୍ଷର ଓ ଅବ୍ୟୟ ଏହିପରି ଭାବେ ତିନି ପ୍ରକାର ଉଲ୍ଲେଖ କରାଯାଇଛି । ଏଥି ମଧ୍ୟରୁ କ୍ଷରକୁ ଭୂତ କୁହାଯାଏ । ଅକ୍ଷର ତାଠାରୁ ସୂକ୍ଷ୍ମ । ତାହା ପ୍ରାଣ ରୂପ ଅଟେ । ତାକୁ **ଭବ୍ୟ** କୁହାଯାଏ । ଅବ୍ୟୟ

ତାଠାରୁ ମଧ୍ୟ ଅଧିକ ସୂକ୍ଷ୍ମ ଅଟେ । ତାକୁ ମନରୂପ କୁହାଯାଏ । ଗୀତାର ଭାଷାରେ ତାକୁ **ଉବତ୍** ବୋଲି କୁହାଯାଏ । ଏହି ତିନି ତତ୍ତ୍ୱର ସମ୍ମିଶ୍ର ସୃଷ୍ଟି ପ୍ରକ୍ରିୟାରେ ରହିଛି । ସୃଷ୍ଟି ଏକ କାର୍ଯ୍ୟ ଅଟେ । କୌଣସି କାର୍ଯ୍ୟ ପାଇଁ ତିନୋଟି ସର୍ତ୍ତ ପୂରା ହେବା ଦରକାର । (୧) ଉକ୍ତ କାର୍ଯ୍ୟ ପାଇଁ ଗୋଟିଏ ଏପରି ଆଲମ୍ବନ ଅଥବା ଆଧାର ଦରକାର ଯେଉଁ ଆଲମ୍ବନ ଅଥବା ଆଧାର ଉପରେ ଉକ୍ତ କାର୍ଯ୍ୟ ସଂପନ୍ନ କରାଯାଇ ପାରିବ ।(୨) ଦ୍ୱିତୀୟତଃ ସେ ସବୁ ସାମଗ୍ରୀ ଦରକାର ଯାହା-ଦ୍ୱାରା ଉକ୍ତ କାର୍ଯ୍ୟ ନିର୍ମାଣ କରା ଯାଇ ପାରିବ । (୩) ତୃତୀୟତଃ ଉକ୍ତ ସାମଗ୍ରୀ ଦ୍ୱାରା ଉକ୍ତ କାର୍ଯ୍ୟ ନିର୍ମାଣ କରିବା ପାଇଁ ନିର୍ମାତା ମଧ୍ୟ ଆବଶ୍ୟକ । ମାଠିଆ ବନେଇବାର ଉଦାହରଣ ନିଆଗଲେ ଏ କଥା ବୁଝିହେବ ଯେ, ମାଠିଆ ନିର୍ମାଣର ଆଲମ୍ବନ (ଅଥବା ଅଧିଷ୍ଠାନ) କୁମ୍ଭା-ରର ଚକ୍ର ଅଟେ; ଯାହା ଉପରେ ହାଣ୍ଡି ମାଠିଆ ନିର୍ମାଣ କରା ଯାଏ । ମାଠିଆ ନିର୍ମାଣର ସାମଗ୍ରୀ ହେଲା ମାଟି ଓ ପାଣି ଆଦି ଯେଉଁଥିରୁ ମାଠିଆ ନିର୍ମାଣ କରାଯାଏ । ହାଣ୍ଡି ମାଠିଆ ନିର୍ମାଣ କ୍ରିୟାର କର୍ତ୍ତା ହେଲା କୁମ୍ଭାର । ଭଗବଦ୍‌ଗୀତାରେ ସେଇ କଥା ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି,

"ଅଧିଷ୍ଠାନଂ ତଥା କର୍ତ୍ତା କରଣଂ ଚ ପୃଥଗ୍‌ବିଧମ୍" ।

ଏ ତିନି ତତ୍ତ୍ୱମଧ୍ୟରୁ ଯଦି କୌଣସି ଗୋଟିଏ ତତ୍ତ୍ୱର ଅଭାବ ହେବ ତେବେ କାର୍ଯ୍ୟ ନିର୍ମାଣ ହୋଇ ପାରିବ ନାହିଁ । ଏହିପରି ଭାବେ ଏ ସୃଷ୍ଟି ନିର୍ମାଣର ଯାହା ଆଲମ୍ବନ ତାକୁ **ଅବ୍ୟୟପ ୁରୁଷ** କୁହାଯାଏ । ସେ ସବୁ ସାମଗ୍ରୀ ଯେଉଁଥିରୁ ସୃଷ୍ଟି ଉତ୍ପତ୍ତି ହୋଇଛି ତାକୁ **କ୍ଷରପୁରୁଷ** କୁହା ଯାଏ । ଆଉ ଏହି କ୍ଷରପୁରୁଷ ରୂପକ ସାମଗ୍ରୀରୁ ସୃଷ୍ଟିର ନିର୍ମାତାକୁ **ଅକ୍ଷରପୁରୁଷ** କୁହାଯାଏ । ଦେଖିବାକୁ ଗଲେ ଏହି ତିନୋଟି ନାମ ହେଲା ସିନା, କିନ୍ତୁ ଏ ତିନିର କାମ ଅଲଗା ଅଲଗା ହେବ । କିନ୍ତୁ ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ଯାହା ସୂକ୍ଷ୍ମତର ରୂପନେଇ ଅବ୍ୟୟ କୁହାଯାଏ ତହାହିଁ ଟିକିଏ ସ୍ଥୂଳରୂପରେ ଅକ୍ଷର କୁହାଯାଏ ଏବଂ ଅଧିକତର ସ୍ଥୂଳରୂପ ନେଲେ ତାକୁ କ୍ଷର କୁହା ଯାଏ । ଅତଏବ ଏକ ହିଁ ବ୍ରହ୍ମ ସୃଷ୍ଟି ପ୍ରକ୍ରିୟା ଦୃଷ୍ଟିରୁ ତିନିରୂପରେ ପ୍ରକାଶିତ ହୁଏ ।।

ପୁରାଣମାନଙ୍କରେ ମଧ୍ୟ ତିନି ଦେବତାଙ୍କର ଚର୍ଚ୍ଚା କରାଯାଇଛି - ବ୍ରହ୍ମା, ବିଷ୍ଣୁ ମହେଶ । ଏମାନଙ୍କ ମଧ୍ୟରୁ ବ୍ରହ୍ମା ରଜୋଗୁଣ ପ୍ରଧାନ ରୂପ ଅଟନ୍ତି । ବିଷ୍ଣୁ ସତ୍ତ୍ୱଗୁଣ ପ୍ରଧାନ ଅଟନ୍ତି ଏବଂ ଶିବ ତମୋଗୁଣ ପ୍ରଧାନ ଅଟନ୍ତି । ତମୋଗୁଣ ସବୁଠାରୁ ସ୍ଥୂଳ, ରଜୋଗୁଣ ତାଠାରୁ ସୂକ୍ଷ୍ମ ଏବଂ ସତ୍ତ୍ୱଗୁଣ ସବୁଠାରୁ ସୂକ୍ଷ୍ମତମ ଅଟେ । ରଜୋଗୁଣ ପ୍ରଧାନ ଉତ୍ପତ୍ତି କରନ୍ତି । ସତ୍ତ୍ୱଗୁଣ ପ୍ରଧାନ ବିଷ୍ଣୁ ପାଳନ କରନ୍ତି ଏବଂ ତମୋଗୁଣ ପ୍ରଧାନ ଶିବ ସୃଷ୍ଟିର ସଂହାର କରନ୍ତି । ଏହି-

ପରି ଭାବେ ନିଜ ନିଜର କାର୍ଯ୍ୟ ଅନୁସାରେ ଏହି ତିନି ଦେବ ଅଲଗା ଅଲଗା ଅଟନ୍ତି କିନ୍ତୁ ମୂଳତଃ ଏହି ଦେବତ୍ରୟ ଏକ ଓ ଅଭିନ୍ନ ଅଟନ୍ତି । ଯେ କୌଣସି ପଦାର୍ଥ ମୂଳତଃ ଏକ ହେଲେ ମଧ୍ୟ ଭିନ୍ନ ଭିନ୍ନ ରୂପନେଇ ଭିନ୍ନ ଭିନ୍ନ ଗୁଣର ହୋଇଥାଏ । ଉଦାହରଣତଃ ଜଳକୁ ନିଆଯାଉ । ଜଳ ନିଜର ଘନ ରୂପରେ ବରଫ୍ ହୋଇଥାଏ । ଯଦି ବରଫ୍‌ର ଗୋଟିଏ ଖଣ୍ଡ ନେଇ କାହାରି ମୁଣ୍ଡରେ ପ୍ରହାର କରିବା ତେବେ ସମ୍ଭବତଃ ତା ମୁଣ୍ଡରୁ ରକ୍ତ ବାହାରି ପାରେ । ଏଠାରେ ବରଫ ଗୋଟିଏ ଶସ୍ତ୍ରର କାମ କରୁଛି । କିନ୍ତୁ ଯଦି ସେହି ବରଫ୍ ତରଳ ହୋଇ ପାଣି ହୋଇଯିବ ତେବେ ସେହି ପାଣି ଦ୍ୱାରା ମୁଣ୍ଡରୁ ବହୁଥିବା ରକ୍ତ ପ୍ରତିରୋଧ କରାଯାଇ ପାରିବ । ଏଠାରେ ପାଣି ଔଷଧର କାମ କରୁଛି, ଯାହାକି ବରଫ୍ ଦ୍ୱାରା କରାଯାଇଥିବା କାର୍ଯ୍ୟର ସଂପୂର୍ଣ୍ଣ ବିପରୀତ । ଏହି ପାଣି ଯଦି ବାଷ୍ପ ରୂପ ନେଇନିଏ ତେବେ ସେଥିରେ ଏତେ କ୍ଷମତା ଆସିଯାଏ ଯେ ତାହା ହଜାର ହଜାର ଟନ୍‌ର ଭାରବିଶିଷ୍ଟ ମାଲଗାଡୀକୁ ଟାଣି ନେଇ ଯାଇ ପାରୁଛି । ଏତେ ଶକ୍ତି ବରଫ୍ ଅଥବା ପାଣିରେ ନାହିଁ । ଏ ଉଦାହରଣରୁ ଏହା ସ୍ପଷ୍ଟ ହେଉଛି କି ଏକ ହିଁ ପଦାର୍ଥର ଶକ୍ତି ନାନା ରୂପରେ ନାନା କାମ କରିବା ପାଇଁ ସମର୍ଥ । ଆମର ଯେଉଁ କାର୍ଯ୍ୟ ଅଭୀଷ୍ଟ ତାହା ପାଇଁ ଉକ୍ତ ଶକ୍ତିର ଅନୁରୂପ ରୂପର ଉପାସନା କରିବା ଆବଶ୍ୟକ ହୋଇଯିବ । ଧରି ନିଆଯାଉ ଯେ ତୁମ୍ଭମାନଙ୍କୁ ବିଦ୍ୟା ଅଧ୍ୟୟନ ଦରକାର ତେବେ ସରସ୍ୱତୀଙ୍କର ଉପାସନା କରିବାକୁ ପଡ଼ିବ । ଯଦି ତୁମକୁ ଧନ ଦରକାର ତେବେ ଲକ୍ଷ୍ମୀଙ୍କର ଉପାସନା କରିବାକୁ ପଡ଼ିବ । କିନ୍ତୁ ଏହାର ଅର୍ଥ ଏହା କେବେ ନୁହେଁ ଯେ, ସରସ୍ୱତୀ ଓ ଲକ୍ଷ୍ମୀ ମୂଳତଃ ଦୁଇଟି ଭିନ୍ନ ଶକ୍ତି ଅଟନ୍ତି । ସେମାନେ ଗୋଟିଏ ଶକ୍ତିର ଦୁଇଟି ଭିନ୍ନ ଭିନ୍ନ ରୂପ । ବିଶ୍ୱରେ ଯେତେ ବି ଉପାସ୍ୟ ଦେବତା ଅଛନ୍ତି, ସେମାନେ ସମସ୍ତେ ସେହି ଗୋଟିଏ ଶକ୍ତିର ଭିନ୍ନ ଭିନ୍ନ ରୂପ ଅଟନ୍ତି । ନିଜ ନିଜର ରୁଚି ଅନୁସାରେ ତୁମେ ଯେ କୌଣସି ଦେବତାର ଉପାସନା କରିପାର । ଯେହେତୁ ମୂଳତଃ ସମସ୍ତେ ଦେବତା ଏକ ହିଁ ଶକ୍ତିର ଅଭିବ୍ୟକ୍ତ ରୂପ ଅଟନ୍ତି ତେଣୁ କୌଣସି ବ୍ୟକ୍ତିର ଉପାସ୍ୟ ଦେବତାଙ୍କ ପ୍ରତି ନିନ୍ଦା ଅଥବା ଘୃଣାର ମନୋଭାବ ପୋଷଣ କରିବାର ଅର୍ଥ ନିଜର ଉପାସ୍ୟ ଦେବତାଙ୍କ ପ୍ରତି ନିନ୍ଦା ଅଥବା ଘୃଣାର ମନୋଭାବ ରଖିବା ପରି ହେବ । ଏ ପରିପ୍ରେକ୍ଷୀରେ ବେଦର ଅନୁଯାୟୀ କେମିତି ବା ଅନ୍ୟ ପନ୍ଥୀ ଅଥବା ଉପାସନା ପଦ୍ଧତି ପ୍ରତି ଘୃଣା ମନୋଭାବ ପୋଷଣ କରିବ ? ତା ଦୃଷ୍ଟିରେ ଯିଏ ଯେ କୌଣସି ଦେବତାଙ୍କ ଯେ କୌଣସି ରୂପରେ ଉପାସନା କରୁଛି ସେ ନିଜ ଉପାସ୍ୟ ଦେବତାଙ୍କର କୌଣସି ଏକ ରୂପ ବିଶେଷର ଉପାସନା କରୁଛି । ଏଣୁ କୁହାଯାଏ - "*ସର୍ବଦେବ-ନମସ୍କାରଃ କେଶବଂ ପ୍ରତି ଗଚ୍ଛତି*" ।।

ପ୍ରଶ୍ନ

୧. 'ମୁଁ' ଏହି ଶବ୍ଦ କେଉଁ ତିନୋଟି ଅର୍ଥରେ ପ୍ରଯୁକ୍ତ ହୁଏ ?

୨. ଋଗ୍‌ବେଦ, ଯଜୁର୍ବେଦ ଓ ସାମବେଦ ସହିତ କେଉଁ କେଉଁ ଦେବତା, ଲୋକ ଓ ପ୍ରାଣ ଜଡ଼ିତ ଅଛନ୍ତି ?

୩. ଋକ୍, ଯଜୁଃ ଓ ସାମକୁ ତ୍ରୟୀ କୁହାଯାଏ । ତାର ଆଧାରରେ ତିନୋଟି ଲୋକ ଏବଂ ତିନୋଟି ଦେବତାର ବ୍ୟବସ୍ଥା ହୋଇଛି । କାରଣ ଦର୍ଶାଅ ।

୪. ଗୀତାରେ କୁହାଯାଇଥିବା ତିନୋଟି ପୁରୁଷ କିଏ ? ସେମାନଙ୍କର ସ୍ୱରୂପ କଣ ?

୫. ସମସ୍ତେ ଦେବତା ଅଲଗା ଅଲଗା ଅଟନ୍ତି । ତେବେ ସମସ୍ତେ ମୂଳତଃ ଏକ କେମିତି ହେଲେ ?

୬. ପ୍ରସ୍ତୁତ ପାଠରେ ଅନେକତାରେ ଏକତା କେମିତି ସିଦ୍ଧ କରାଯାଇଛି ?

-ସ୍ମରଣୀୟ ଉଦ୍ଧରଣ-

୧. **ସ ତପସ୍ତପ୍ତ୍ୱା ପ୍ରାଣାଦେବ ଇମଂ ଲୋକମ୍, ଅପାନାଦନ୍ତରୀକ୍ଷଲୋକଂ, ବ୍ୟାନାଦମୁଂ ଲୋକଂ ପ୍ରାବୃହତ୍ । ସୋଽଗ୍ନିମେବାସ୍ଯାଁଲୋକାତ୍ ବାୟୁମନ୍ତରିକ୍ଷଲୋକାତ୍ ଆଦିତ୍ୟଂ ଦିବଃ ଅସୃଜତ୍ । ସୋଽଗ୍ନେରେବର୍ଚ୍ଚଃ, ବାୟୋର୍ଯଜୁଂଷି,·ଆଦିତ୍ୟାତ୍ ସାମାନି ଅସୃଜତ୍ । (ଶାଙ୍ଖାୟନ ବ୍ରାହ୍ମଣ)**

ଅର୍ଥ - ପ୍ରଜାପତି ତପଶ୍ଚର୍ଯ୍ୟା କରି ପ୍ରାଣଠାରୁ ଏହି ଲୋକ, ଅପାନଠାରୁ ଅନ୍ତରୀକ୍ଷ ଲୋକ ଏବଂ ବ୍ୟାନଠାରୁ ଦ୍ୟୁଲୋକ ନିର୍ମାଣ କଲେ । ସେ ପୃଥିବୀ ଲୋକରୁ ଅଗ୍ନି, ଅନ୍ତରୀକ୍ଷ ଲୋକରୁ ବାୟୁ ଏବଂ ଦ୍ୟୁଲୋକରୁ ଆଦିତ୍ୟ ଉତ୍ପନ୍ନ କଲେ । ସେ ଅଗ୍ନିଠାରୁ ଋଗ୍‌ବେଦ, ବାୟୁଠାରୁ ଯଜୁର୍ବେଦ ଏବଂ ଆଦିତ୍ୟଠାରୁ ସାମବେଦ ନିର୍ମାଣ କଲେ ।

୨. **ଋଗ୍‌ଭ୍ୟୋ ଜାତାଁ ସର୍ବଶୋ ମୂର୍ତ୍ତିମାହୁଃ -**
ସର୍ବା ଗତିର୍ଯାଜୁଷୀ ହୈବ ଶଶ୍ୱତ୍ ।

ସର୍ବଂ ଜେଜଃ ସାମରୂପ୍ୟଂ ହି ଶଶ୍ୱତ୍ -
ସର୍ବଂ ହେଦଂ ବ୍ରହ୍ମଣା ହୈବ ସୃଷ୍ଟମ୍ ।। (ତୈତ୍ତିରୀୟ ବ୍ରାହ୍ମଣ)

ଅର୍ଥ - ସମସ୍ତ ମୂର୍ତ୍ତି ପଦାର୍ଥ ଋକ୍‌ଠାରୁ ଉତ୍ପନ୍ନ ହୋଇଛି । ସମସ୍ତ ଗତି ଯଜୁର୍ବେଦଠାରୁ ଉତ୍ପନ୍ନ ହୋଇଛି । ସମସ୍ତ ତେଜ ସାମରୂପ ଅଟେ । ତେଣୁ ଏ ସବୁ କିଛି ସେହି ବ୍ରହ୍ମ(ବେଦ)ଙ୍କଠାରୁ ଉତ୍ପନ୍ନ ହୋଇଛି ।

୩. **ଋଗ୍‌ଭ୍ୟୋ ଜାତାଂ ବୈଶ୍ୟବର୍ଣ୍ଣମାହୁଃ**
ଯଜୁର୍ବେଦଂ କ୍ଷତ୍ରିୟସ୍ୟାହୁର୍ଯୋନିମ୍ ।
ସାମବେଦୋ ବ୍ରାହ୍ମଣାନାଂ ପ୍ରସୂତିଃ
ପୂର୍ବେ ପୂର୍ବେଭ୍ୟୋ ବଚ ଏତଦୂଚୁଃ ।। (ତୈତ୍ତିରୀୟ ବ୍ରାହ୍ମଣ)

ଅର୍ଥ - ଋକ୍‌ଠାରୁ ବୈଶ୍ୟ ବର୍ଣ୍ଣ ଉତ୍ପନ୍ନ ହୁଏ । ଯଜୁର୍ବେଦ କ୍ଷତ୍ରିୟମାନଙ୍କ ଜନ୍ମ ସ୍ଥାନ ଅଟେ । ସାମବେଦ ବ୍ରାହ୍ମଣଙ୍କ ଉତ୍ପତ୍ତି ସ୍ଥାନ ଅଟେ । ପ୍ରାଚୀନ ଲୋକମାନେ ପ୍ରାଚୀନ ଲୋକମାନଙ୍କୁ ଏକଥା କହିଥିଲେ ।

୪. **ଧ୍ରୁବମସି.....ଧରୁଣମସି ଧର୍ତ୍ତ୍ରମସି ।** (ଯଜୁର୍ବେଦ)

ଅର୍ଥ - ଏକ ହିଁ ପଦାର୍ଥର ତିନୋଟି ରୂପ ଅଟେ ଘନ, ତରଳ ଓ ବିରଳ (ବାଷ୍ପ) ।

୫. **ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି ।** (ଋଗ୍‌ବେଦ)

ଅର୍ଥ - ଜ୍ଞାନୀ ଲୋକମାନେ ଏକହିଁ ସତ୍ୟକୁ ଅନେକ ନାମରେ ଅଭିବ୍ୟକ୍ତ କରନ୍ତି ।

==========

ଦ୍ୱାଦଶ ପାଠ

- ତ୍ରି ବି ଧ ପୁ ରୁ ଷ -

ପୂର୍ବ ପାଠରେ ଆମେ ଅବ୍ୟୟ, କ୍ଷର ଓ ଅକ୍ଷର ଏହି ତିନି ପୁରୁଷ ବିଷୟରେ ଚର୍ଚ୍ଚା କଲୁ । ଏ ପାଠରେ ଆମେ ସେହି ତିନି ପୁରୁଷ ବିଷୟରେ ଆଉ ଟିକିଏ ଅଧିକ ବିଚାର କରିବା । କାରଣ ବେଦ ଅନୁସାରେ ପୁରୁଷଠାରୁ ସଂସାର ଉତ୍ପନ୍ନ ହୋଇଛି । ତୁମମାନଙ୍କ ମଧ୍ୟରୁ ଅନେକେ ପୁରୁଷ ସୂକ୍ତ ଜାଣିଥିବ । ଆଗେ ଗୋଟିଏ ପାଠରେ ଆମେ ପୁରୁଷ ସୂକ୍ତର ବ୍ୟାଖ୍ୟା କରିବା । କିନ୍ତୁ ତା ପୂର୍ବରୁ ଏହି ପାଠରେ ଆମେ ପୁରୁଷ ବିଷୟରେ ଟିକିଏ ବିସ୍ତାର ସହିତ ଚର୍ଚ୍ଚା କରିବା । ସୃଷ୍ଟିର ମୂଳ ବ୍ରହ୍ମ ଅଟନ୍ତି । କିନ୍ତୁ ବ୍ରହ୍ମଙ୍କର ଯେଉଁ ରୂପ ସୃଷ୍ଟି ନିର୍ମାଣ କାର୍ଯ୍ୟରେ ସହାୟକ ହୁଏ ତାକୁ ହିଁ **ପୁରୁଷ** କୁହାଯାଏ । ବ୍ରହ୍ମଙ୍କ ଅବଶିଷ୍ଟ ରୂପକୁ ଆମେ **ପରା-ପର, ନିର୍ଗୁଣ** ଆଦି ନାମରେ ଜାଣୁ । ବ୍ରହ୍ମ ଜ୍ଞାନ ସ୍ୱରୂପ ଅଟନ୍ତି । କିନ୍ତୁ ସେହି ଜ୍ଞାନ କର୍ମ ସହିତ ସଂଶ୍ଲିଷ୍ଟ ଅଟନ୍ତି । ଏ କଥା ଅବଶ୍ୟ ସ୍ୱୀକୃତ ଯେ ବିଶୁଦ୍ଧ ଜ୍ଞାନ ସହିତ କର୍ମର କୌଣସି ସମ୍ବନ୍ଧ ନାହିଁ । ଯେତେବେଳ ପର୍ଯ୍ୟନ୍ତ ସେହି ଜ୍ଞାନ ସହିତ କର୍ମ ସଂଶ୍ଲିଷ୍ଟ ନ ହେଉଛି ତାହାକୁ ବିଶୁଦ୍ଧ ଜ୍ଞାନ କୁହାଯାଏ । ଧରିନିଆ ଯାଉ ଯେ, ଜଣେ କୁମ୍ଭାରକୁ ହାଣ୍ଡି-ମାଠିଆ ତିଆରି କରିବାର ଜ୍ଞାନ ଜଣାଅଛି । ସେ ନିଜ ଜ୍ଞାନ ଅନୁସାରେ ହାଣ୍ଡି-ମାଠିଆ ନିର୍ମାଣ କରିପାରେ । କର୍ମ ଓ ଜ୍ଞାନ ଭିତରେ ଫରକ୍ ଏତିକି ଯେ, ହାଣ୍ଡି-ମାଠିଆ ନିର୍ମାଣ କରିବାର ଜ୍ଞାନ ତାର ସବୁବେଳେ ଥାଏ କିନ୍ତୁ ସେ ସବୁବେଳେ ହାଣ୍ଡି-ମାଠିଆ ନିର୍ମାଣ କର୍ମ କରେ ନାହିଁ । ଯେତେବେଳେ ତା ମନରେ ସେହି ସୃଷ୍ଟି ରଚନା କରିବାର ଜ୍ଞାନ ପ୍ରସୁପ୍ତ ଅବସ୍ଥାରେ ରହେ ତାକୁ ଆମ ଶାସ୍ତ୍ରରେ ପ୍ରଳୟ କୁହାଯାଇଛି । ଯେତେବେଳେ ତା ମନରେ ସୃଷ୍ଟିରଚନାର କ୍ରିୟା ଜାଗୃତ ହୁଏ ସେତେ-ବେଳେ ସୃଷ୍ଟି ନିର୍ମାଣ ହୋଇଥାଏ ।

ବ୍ରହ୍ମଙ୍କ ମନରେ ସୃଷ୍ଟି କର୍ମ କେତେବେଳେ ଜାଗୃତ ହୁଏ ଏବଂ କେତେବେଳେ ସୁପ୍ତ ରହେ, ସେ ବିଷୟରେ ବେଦ ବାଙ୍ମୟରେ ବିସ୍ତୃତ ଚର୍ଚ୍ଚା ଦେଖିବାକୁ ମିଳେ । କିନ୍ତୁ ଆମକୁ

ଏବେ ମୋଟାମୋଟି ଭାବେ ଏତିକି ବୁଝିନେବା ଆବଶ୍ୟକ ଯେ, ଯେପରି କୌଣସି ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଜାଗୃତ ରହିବା ପରେ ଆମେ ଶୋଇବାକୁ ଯାଉ, ଆଉ କିଛି ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଶୋଇରହିବା ପରେ ଆମେ ପୁଣି ଜାଗ୍ରତ ହେଉଁ, ଠିକ୍ ସେହିପରି ସ୍ରଷ୍ଟାଙ୍କର ସୁଷୁପ୍ତି ଓ ଜାଗ୍ରତ ଅବସ୍ଥା ପରିଚାଳିତ ହେଉଥାଏ ।

ଯାହାକୁ ଆମେ ପରାପୂର ନିର୍ଗୁଣ ବ୍ରହ୍ମ ବୋଲି ନିର୍ଦ୍ଦେଶ କରିଛୁ; ସେ ସୃଷ୍ଟି ରଚନା କରନ୍ତି ନାହିଁ । ସୃଷ୍ଟିର ନିର୍ମାଣ କେବଳ ସଗୁଣ ବ୍ରହ୍ମଙ୍କି କରନ୍ତି । ନିର୍ଗୁଣ ଅସୀମ ଅଟନ୍ତି କିନ୍ତୁ ସଗୁଣ ସସୀମ ଅଟନ୍ତି । ସୀମାକୁ ବେଦରେ 'ପୁର' ବୋଲି କୁହାଯାଏ । ଯିଏ 'ପୁର'ରେ ରହେ ତାକୁ ପୁରୁଷ ବୋଲି କୁହାଯାଏ । ସେହି ପୁରୁଷ ହିଁ ସଗୁଣ ବ୍ରହ୍ମ ଅଟନ୍ତି । ତାଙ୍କୁ ପୁରୁଷ କହୁଁ ଏବଂ ସେ ସୃଷ୍ଟିର ସ୍ରଷ୍ଟା ଅଟନ୍ତି । ଏହି ପୁରୁଷର ତିନୋଟି ରୂପ ବିଷୟରେ ଆମେ ପୂର୍ବ ପାଠରେ ଚର୍ଚ୍ଚା କଲୁ । ସେ ତିନୋଟି ରୂପ ହେଲା - ଅବ୍ୟୟ, ଅକ୍ଷର ଏବଂ କ୍ଷର । ଅସୀମ ଯେଉଁ କାରଣରୁ ସସୀମ ହୁଏ ତାକୁ ମାୟା କୁହାଯାଏ । ବ୍ରହ୍ମ ଅସୀମ ହେଲେ ବି ମାୟା ଉପହିତ ହୋଇ ସସୀମ ହୋଇଯାଆନ୍ତି । ମାୟା ଶବ୍ଦ 'ମା' ଧାତୁରୁ ନିଷ୍ପନ୍ନ ହୋଇଛି ଯାହାର ଅର୍ଥ ମାପିବା । ସସୀମକୁ ଆମେ ମାପି ପାରୁ, କାରଣ ତାହା ମାୟା ବିଶିଷ୍ଟ ଅଟେ । ଅସୀମକୁ ଆମେ ମାପି ପାରିବୁ ନାହିଁ କାରଣ ତାହା ମାୟାଠାରୁ ଅତୀତ ଅଟେ । ସସୀମର ଆଉ ଗୋଟିଏ ବିଶେଷତା ହେଲା ଯେ ତାହା ନିର୍ମାଣ କରିପାରେ । ଅସୀମଠାରୁ କିଛି ବି ନିର୍ମିତ ହୋଇପାରେ ନା । ଗୋଟିଏ ଉଦାହରଣ ଦେଇ ଆମେ ଏ କଥା ବୁଝାଇ ପାରୁ । ଗୋଟିଏ ବଡ଼ ଜଙ୍ଗଲ ଅଛି । ଯେଉଁଥିରେ ଅସଂଖ୍ୟ ଗଛ ପତ୍ର ଅଛି । ଉକ୍ତ ଜଙ୍ଗଲର ଗଛରୁ କିଛି ନିର୍ମାଣ ହୋଇ ପାରେନା । ଯଦି କିଛି ନିର୍ମାଣ କରିବା ଆବଶ୍ୟକ ତେବେ ସେ ସେହି ଗଛର ଗୋଟିଏ ଶାଖା କାଟିବାକୁ ହେବ । କଟା ଯାଇଥିବା ଗଛରୁ ଅଥବା ଗଛ ଶାଖାରୁ ଚେୟାର୍ ଟେବୁଲ୍ ଆଦି ବନା ଯାଇ ପାରିବ ।ଏ କଥା ସତ ଯେ, ଉକ୍ତ ଶାଖା ସେ ବୃକ୍ଷର ସତ୍ତାଠାରୁ ଭିନ୍ନ ନୁହେଁ ଏବଂ ବୃକ୍ଷ ମଧ୍ୟ ଅରଣ୍ୟର ସତ୍ତାଠାରୁ ଭିନ୍ନ ନୁହେଁ । ତଥାପି ଅରଣ୍ୟ ଦୃଷ୍ଟିରୁ ବୃକ୍ଷ ଏବଂ ବୃକ୍ଷ ଦୃଷ୍ଟିରୁ ଶାଖା ସସୀମ । ଆମେ ଯେଉଁ ତିନୋଟି ପୁରୁଷ ବିଷୟରେ ପୂର୍ବପାଠରେ ବିଚାର କଲୁ ସେମାନଙ୍କ ମଧ୍ୟରୁ ଅବ୍ୟୟ ପୁରୁଷ ଅରଣ୍ୟସ୍ଥାନୀୟ, ଅକ୍ଷର ପୁରୁଷ ବୃକ୍ଷସ୍ଥାନୀୟ ଏବଂ କ୍ଷର ପୁରୁଷ ଶାଖା-ସ୍ଥାନୀୟ ଅଟନ୍ତି । ପ୍ରଥମ ତିନୋଟି ପାଠରେ ଆମେ ଶରୀର, ପ୍ରାଣ ଏବଂ ମନ ବିଷୟରେ ବିଚାର କରିଛୁ । ତିନୋଟି ପୁରୁଷମଧ୍ୟରୁ କ୍ଷର ଶରୀରପ୍ରଧାନ, ଅକ୍ଷର ପ୍ରାଣପ୍ରଧାନ ଏବଂ ଅବ୍ୟୟ ମନପ୍ରଧାନ ଅଟନ୍ତି । କିନ୍ତୁ ଏ ତିନୋଟି ପୁରୁଷ 'ପୁର' ଦ୍ୱାରା ସୀମିତ ଅଟନ୍ତି । ଅସୀମ

କିନ୍ତୁ ନିର୍ଗୁଣ ବ୍ରହ୍ମ ହିଁ ଅଟନ୍ତି । ସେ ପରାତ୍ପର । ତେବେ ଅସୀମ ସସୀମ କେମିତି ହୁଏ? ଏହା ବସ୍ତୁତଃ ଗୋଟିଏ ଚମତ୍କାର ଅଟେ, ଏଣୁ ତାକୁ ମାୟା କୁହାଯାଏ । ଆମେ ନିତି ପ୍ରତିଦିନ ବ୍ୟାବହିରିକ ଭାଷାରେ ତାକୁ ମାୟା ବୋଲି କହୁ ଯହ୍ନାକୁ ବୁଝିବା ଦୁରୁହ ହୋଇପଡେ । ତଥାପି ବେଦରେ ତାକୁ ବୁଝିବା ପାଇଁ ଚେଷ୍ଟା କରାଯାଇଛି ।

ମନର ସ୍ୱରୂପ ହେଲା କାମନା ଅଥବା ଇଚ୍ଛା । ଯେତେବେଳେ ବ୍ରହ୍ମଙ୍କ କର୍ମ ପକ୍ଷ ଜାଗୃତ ହୁଏ ସେତେବେଳେ ବ୍ରହ୍ମଙ୍କ ମନରେ ସୃଷ୍ଟି ଉତ୍ପନ୍ନ କରିବା ପାଇଁ ଇଚ୍ଛା ହୁଏ । ଏହି ଇଚ୍ଛା ହିଁ ଅସୀମକୁ ସସୀମ କରିଦିଏ । କାରଣ, ଅସୀମର କୌଣସି ଇଚ୍ଛା ହେବା ସମ୍ଭବ ନୁହେଁ । ଏହି ଇଚ୍ଛା ଯୋଗୁଁ ନିର୍ଗୁଣ ବ୍ରହ୍ମ ସଗୁଣ ଅଥବା ସସୀମ ହୋଇଯାଏ । ତାହା ସହିତ ମନ ଉତ୍ପନ୍ନ ହୁଏ । ଏହି ମନ ହିଁ ତାହା ଅଟେ ଯାହା କି ଆମେ ତୃତୀୟ ପାଠରେ ଆଲୋଚନା କରିଛୁ । ତାକୁ **ଶ୍ୱୋବସୀୟସ୍ ମନ** କୁହାଯାଏ । ଏହି ମନ ଅବ୍ୟୟ ପୁରୁଷଙ୍କ ପାଞ୍ଚୋଟି କଳା-ମାନଙ୍କ ଭିତରୁ ଗୋଟିଏ ଅଟେ । ଯେହେତୁ ପୁରୁଷଠାରେ ଜ୍ଞାନ ଓ କର୍ମ ଦୁଇଟି ଅଛି ତେଣୁ ତା ମନରେ ମଧ୍ୟ ଦୁଇଟି କଳା ଅଛି । ଯେତେବେଳେ ଏହି ମନ ଜ୍ଞାନ ପ୍ରତି ଆକୃଷ୍ଟ ହୁଏ ସେତେବେଳେ ପ୍ରଥମେ ବିଜ୍ଞାନକୁ ଏବଂ ତାପରେ ଆନନ୍ଦକୁ ଜନ୍ମ ଦିଏ । ଯେତେବେଳେ ମନ କର୍ମ ପ୍ରତି ଆକୃଷ୍ଟ ହୁଏ ସେତେବେଳେ ତାହା ପ୍ରଥମେ ପ୍ରାଣ ଏବଂ ତା ପରେ ଅନ୍ନ ଅଥବା ଭୂତକୁ ଜନ୍ମ ଦିଏ । ଏହିପରି ଭାବେ ଅବ୍ୟୟ ପୁରୁଷର ପାଞ୍ଚୋଟି କଳା ବନିଯାଏ । ତାହା ହେଲା ଆନନ୍ଦ, ବିଜ୍ଞାନ, ମନ, ପ୍ରାଣ ଓ ଅନ୍ନ । ଏମାନଙ୍କ ଭିତରୁ ମନ ଯଦି ବିଜ୍ଞାନ ଏବଂ ଆନନ୍ଦ ପ୍ରତି ଆକୃଷ୍ଟ ହୋଇଯାଏ ତେବେ ଆମର ମୁକ୍ତି ହୋଇଯାଏ । କିନ୍ତୁ ଯଦି ପ୍ରାଣ ଅଥବା ଅନ୍ନ ପ୍ରତି ଆକୃଷ୍ଟ ହୋଇଯାଏ ତେବେ ସୃଷ୍ଟି ଉତ୍ପନ୍ନ ହୁଏ ।

ନିଜର ଏହି ପାଞ୍ଚୋଟି କଳାମାନଙ୍କ ମଧ୍ୟରୁ ଅବ୍ୟୟ ପୁରୁଷ ପ୍ରାଣ ସହିତ ସମ୍ମି-ଳିତ ହୋଇ ଅକ୍ଷର ପୁରୁଷକୁ ଜନ୍ମ ଦିଏ ଏବଂ ଅନ୍ନ ସହିତ ସମ୍ମିଳିତ ହୋଇ କ୍ଷର ପୁରୁଷକୁ ଜନ୍ମ ଦିଏ । ସ୍ୱୟଂ ଅବ୍ୟୟ ପୁରୁଷ ମନ ସହିତ ଜଡ଼ିତ ଥାଏ । ଯେପରି ଭାବେ ଅବ୍ୟୟ ପୁରୁ-ଷଙ୍କର ପାଞ୍ଚୋଟି କଳା ଅଛି ଠିକ୍ ସେହିପରି ଅକ୍ଷର ପୁରୁଷ ଏବଂ କ୍ଷର ପୁରୁଷଙ୍କର ମଧ୍ୟ ପ୍ରତ୍ୟେକ ପାଞ୍ଚୋଟି କରି କଳା ରହିଛି । ଏହାର ବର୍ଣ୍ଣନା ଆମେ ଏହି ପାଠରେ ତିନିଟି ପରେ କରିବା । ତେବେ ଏହିପରି ଭାବରେ ଏହି ତିନୋଟି ପୁରୁଷଙ୍କର ପନ୍ଦରଟି କଳା ହୋଇଥାଏ । ସେହି ପନ୍ଦରଟି କଳା ସହିତ ଅସୀମ ବ୍ରହ୍ମଙ୍କ ଷୋଡ଼ଶ କଳା ସମ୍ମିଳିତ ହେଲେ ତାକୁ **ଷୋଡ଼ଶକଳ-ପୁରୁଷ** କୁହାଯାଏ ।

ଅବ୍ୟୟ ପୁରୁଷଙ୍କ ଶ୍ୱୋବସୀୟସ୍ ମନ ବିଷୟରେ ଆମେ ତୃତୀୟ ପାଠରେ ଉଲ୍ଲେଖ କରି ସାରିଛୁ । ଏହି ଶ୍ୱୋବସୀୟସ୍ ମନରେ ଉତ୍ପନ୍ନ ଇଚ୍ଛା ହିଁ ସୃଷ୍ଟି ପ୍ରାରମ୍ଭର ପ୍ରଥମ ବିନ୍ଦୁ ଅଟେ । ବସ୍ତୁସ୍ଥିତି ଏହା ଅଟେ ଯେ, କୌଣସି ସୃଷ୍ଟି କାମନା ବିନା ସମ୍ଭବ ନୁହେଁ । କିନ୍ତୁ ଏ ସୃଷ୍ଟିର ନିର୍ମାଣ ଆମ କାମନାରେ ତ ହୋଇନାହିଁ । ଏହାର ମୂଳରେ ଅବ୍ୟୟ ପୁରୁଷର କାମନା ନିହିତ । ସୀମାରେ ବଦ୍ଧ ହେବା ପୂର୍ବରୁ ବ୍ରହ୍ମ କାମନା ରହିତ ଥିଲା । ମାୟା ଦ୍ୱାରା ସସୀମ ହେବା ପରେ ସେହି ଏକ ବ୍ରହ୍ମ ଅନେକ ହେବାର ଇଚ୍ଛା କଲା । ଇଚ୍ଛା କ୍ରିୟାକୁ ଜନ୍ମ ଦିଏ । କ୍ରିୟା ପ୍ରାଣର ଧର୍ମ ଅଟେ । ପ୍ରାଣପ୍ରଧାନ ଅକ୍ଷର ପୁରୁଷ ଅଟେ । ଏଣୁ କାମନା ପରେ ସୃଷ୍ଟି ପ୍ରକ୍ରିୟାର ଦ୍ୱିତୀୟ କ୍ରମରେ ଅକ୍ଷର ପୁରୁଷଙ୍କ ପ୍ରାଣ ନିଜ କାର୍ଯ୍ୟରେ ପ୍ରେରିତ ହୁଏ । ପ୍ରାଣର କାର୍ଯ୍ୟ ହେଲା ଗତି ପ୍ରଦାନ କରିବା । କାମନା ଯୋଗୁଁ ଉତ୍ପନ୍ନ ଗତି ଦୁଇ ପ୍ରକାର ଅଟେ । ଯଦି ଏହି ଗତି ପରିଧିଠାରୁ କେନ୍ଦ୍ର ଆଡ଼କୁ ଯାଏ ତେବେ ତାକୁ **ଆକର୍ଷଣ** କହନ୍ତି । କିନ୍ତୁ ଯଦି କେନ୍ଦ୍ରଠାରୁ ପରିଧି ଆଡ଼କୁ ଯାଏ ତେବେ ତାକୁ **ଉତ୍କ୍ଷେପଣ** କହନ୍ତି । ପିଲାମାନେ ! ତୁମେ ବିଷ୍ଣୁ ଏବଂ ଇନ୍ଦ୍ରଙ୍କ ନାମ ଅବଶ୍ୟ ଶୁଣିଥିବ । ଏହି ଆକର୍ଷଣ ବିଷ୍ଣୁଙ୍କ କାରଣରୁ ହୁଏ ଏବଂ ଉତ୍କ୍ଷେପଣ ଇନ୍ଦ୍ରଙ୍କ ଯୋଗୁଁ ହୋଇଥାଏ ।

ଏହି ଆକର୍ଷଣ ଏବଂ ଉତ୍କ୍ଷେପଣ କାର୍ଯ୍ୟ ନିରନ୍ତର ଚାଲୁଛି । ଏହି ଦୁଇ ଗତି ମଧ୍ୟରେ ଯେଉଁ ସ୍ଥିତି ଅଛି ତାର ଅଧିଷ୍ଠାତା ବ୍ରହ୍ମା ଅଟନ୍ତି । ବ୍ରହ୍ମାଙ୍କ ଯୋଗୁଁ ପଦାର୍ଥ ସ୍ଥିତ ରହିଛି । ବିଷ୍ଣୁ ପରିଧିଠାରୁ କେନ୍ଦ୍ର ପ୍ରତି ଯେଉଁ ଗତି କରାନ୍ତି ସେଥିପାଇଁ ପଦାର୍ଥର ପାଳନ ହୁଏ ଏବଂ ଇନ୍ଦ୍ର ଯେଉଁ ଉତ୍କ୍ଷେପଣ କରାନ୍ତି ସେଥିପାଇଁ ପଦାର୍ଥ କ୍ଷୟ ହୁଏ । ଏହିପରି ଭାବେ ପଦାର୍ଥର ବିକାସ ଏବଂ ହ୍ରାସ ନିରନ୍ତର ହେଉଥାଏ ଏବଂ ଏ ଦୁଇ ପରିସ୍ଥିତି ମଧ୍ୟରେ ପଦାର୍ଥର ସ୍ଥିତି ମଧ୍ୟ ବନିରହେ । ଏହି ବ୍ରହ୍ମା, ବିଷ୍ଣୁ ଓ ଇନ୍ଦ୍ର ତିନୋଟି ଦେବତାଙ୍କୁ ପଦାର୍ଥର ହୃଦୟ କୁହାଯାଏ । କାରଣ ଏଇମାନଙ୍କ ଯୋଗୁଁ ପଦାର୍ଥର ଅସ୍ତିତ୍ୱ ରହିଛି । ବିଷ୍ଣୁଙ୍କ ଆକର୍ଷଣ ଯୋଗୁଁ ଯେଉଁ ଅଂଶ ପଦାର୍ଥର କେନ୍ଦ୍ର ପ୍ରତି ଆସେ ତାକୁ ସୋମ କୁହାଯାଏ ତଥାଚ ଇନ୍ଦ୍ରଙ୍କ ଉତ୍କ୍ଷେପଣ ଯୋଗୁଁ ଯେଉଁ ପଦାର୍ଥ ବାହାରକୁ ଯାଏ ତାକୁ ଅଗ୍ନି କହନ୍ତି । ଏହିପରି ଭାବେ ଅକ୍ଷର ପୁରୁଷଙ୍କର ମଧ୍ୟ ଅବ୍ୟୟ ପୁରୁଷଙ୍କ ପରି ପାଞ୍ଚୋଟି କଳା ବନିଯାଏ । ତାହା ହେଲା ବ୍ରହ୍ମା, ବିଷ୍ଣୁ, ଇନ୍ଦ୍ର, ଅଗ୍ନି ଏବଂ ସୋମ । ଆମେ ପ୍ରଥମ ପାଠରେ କହିଛୁ ଯେ ଋଗ୍, ଯଜୁଃ ଓ ସାମ ଗୋଟିଏ କୋଟୀର ବେଦ ଏବଂ ଅର୍ଥବ ଭିନ୍ନ କୋଟୀର ବେଦ । ଏଠାରେ ଆମେ ଆଉ ଏତିକି କହିବାକୁ ଚାହିଁବୁ ଯେ, ଋଗ୍, ଯଜୁଃ ଓ ସାମ ବେଦର ସମ୍ମୁଖ ଅଗ୍ନି ସହିତ ଅଛି ଏବଂ

ଅର୍ଥବ ବେଦର ସମ୍ବନ୍ଧ ସୋମ ସହିତ ରହିଛି । ସୋମରେ ଅଗ୍ନିର ଆହୁତିକୁ ଯଜ୍ଞ କୁହାଯାଏ; ଯାହାକୁ ବେଦରେ ଶ୍ରେଷ୍ଠତମ କର୍ମ ବୋଲି କୁହାଯାଇଛି । ଏହି ଯଜ୍ଞ ବିଷୟରେ ଆମେ ଆଗାମୀ ପାଠରେ ବିଚାର କରିବା । ଏଠାରେ ଏତିକି କୁହାଯାଇ ପାରେ ଯେ ଯଜ୍ଞ ବିନା କୌଣସି ସୃଷ୍ଟି ହୋଇପାରେ ନାହିଁ । ଯେଉଁ ଯଜ୍ଞ ଦ୍ୱାରା ଏ ସମଗ୍ର ସଂସାର ଉତ୍ପନ୍ନ ହୋଇଛି ସେହି ଯଜ୍ଞକୁ ବେଦରେ **ପୁରୁଷ-ଯଜ୍ଞ** କୁହା ଯାଇଛି ଏବଂ ଏହି ଯଜ୍ଞର ଉଲ୍ଲେଖ ପୁରୁଷ ସୂକ୍ତରେ କରାଯାଇଛି ।

ଯେଉଁ ଯଜ୍ଞରୁ ସୃଷ୍ଟି ଉତ୍ପନ୍ନ ହୋଇଛି; ସେଥିରୁ ତିନିପ୍ରକାର ସୃଷ୍ଟି ହୋଇଛି । ପ୍ରଥମଟି ହେଲା ବୀଜ ସୃଷ୍ଟି ଯାହାକି ସବୁଠାରୁ ସୂକ୍ଷ୍ମ । ତାକୁ ଆମେ କାରଣ-ଶରୀର କହୁଁ । ଏହାର ମୁଖ୍ୟ କାରଣ ହେଉଛି ଅବିଦ୍ୟା ଅଥବା ଅଜ୍ଞାନ । ଦ୍ୱିତୀୟ ସୃଷ୍ଟି ହେଉଛି ଦେବ ସୃଷ୍ଟି ଯାହାକି ସୂକ୍ଷ୍ମ ଅଟେ ଏବଂ ସେଥିରୁ ଆମର ସୂକ୍ଷ୍ମ ଶରୀର ନିର୍ମିତ ହୋଇଛି । ତୃତୀୟ ସୃଷ୍ଟିକୁ ଭୂତ ସୃଷ୍ଟି କୁହାଯାଏ । ପାଞ୍ଚଟି ମହାଭୂତ ପ୍ରସିଦ୍ଧ । ତାହା ହେଲା - ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ । ଏହି ପାଞ୍ଚ ମହାଭୂତରୁ ଆମର ସ୍ଥୂଳ ଶରୀର ଉତ୍ପନ୍ନ ହୋଇଛି । ଏହିପରି ଅକ୍ଷର ପୁରୁଷଙ୍କ ପାଞ୍ଚୋଟି କଳାରୁ ଉକ୍ତ ତ୍ରିବିଧ ସୃଷ୍ଟି ହୋଇଛି ।

କାରଣ, ସୂକ୍ଷ୍ମ ଓ ସ୍ଥୂଳ ଶରୀର ବ୍ୟତୀତ ପ୍ରଜା ଓ ବିତ୍ତକୁ ନେଇ କ୍ଷର ପୁରୁଷଙ୍କର ପାଞ୍ଚୋଟି କଳା ନିର୍ମିତ ହୁଏ । କ୍ଷର ପୁରୁଷଙ୍କର ମୁଖ୍ୟ ସମ୍ବନ୍ଧ ଆମ ସ୍ଥୂଳଶରୀର ସହିତ ରହିଛି । ଏଣୁ କ୍ଷର ପୁରୁଷଙ୍କର ସେ ସବୁ ବିଷୟ ରହିଛି ଯାହାକୁ ଭୌତିକ ବିଜ୍ଞାନ କୁହା ଯାଏ ।

ପ୍ରଥମତଃ ନିଜ ନିଜର ଶରୀରକୁ ଦେଖ । ଏହି ଶରୀର ସର୍ବାଦୌ ପିତାଙ୍କ ଶୁକ୍ର ରୂପରେ ମାତାଙ୍କ ଗର୍ଭରେ ପ୍ରବିଷ୍ଟ ହୁଏ । ଆରମ୍ଭରେ ଏହା ଶାନ୍ତ ରହେ । ସେଥିରେ କୌଣସି ହଲ୍‌ଚଲ୍ ହୁଏ ନାହିଁ । ଏଣୁ ଏହାକୁ ଆମେ ଶାନ୍ତ ଆତ୍ମା ବୋଲି କହୁଁ । ଏହାର ସମ୍ବନ୍ଧ ବ୍ରହ୍ମାଙ୍କ ସହିତ ରହିଛି । ବ୍ରହ୍ମାଙ୍କ ସମ୍ବନ୍ଧ ସ୍ଥିତି ସହିତ ପ୍ରତିଷ୍ଠିତ । ଏଣୁ ଶାନ୍ତ ଆତ୍ମା ମଧ୍ୟ ସ୍ଥିର ଥାଏ । ଏଣୁ କୁହାଯାଏ ଯେ ବ୍ରହ୍ମା ଶାନ୍ତ ଆତ୍ମାକୁ ଜନ୍ମ ଦିଏ । ଯେପରି ଏହା ଗର୍ଭର ପଞ୍ଚମ ମାସରେ ପ୍ରବେଶ କରେ ସେତେବେଳେ ଏହା ଗର୍ଭ ଭିତରେ ବିଷ୍ଣୁ ଓ ଇନ୍ଦ୍ରଙ୍କ ପ୍ରଭାବରୁ ଗତୀଶୀଳ ହୋଇଯାଏ । ଗର୍ଭରୁ ବାହାରକୁ ଆସିବାପରେ ଶରୀରରେ ଶ୍ୱାସ-ପ୍ରଶ୍ୱାସ କ୍ରିୟା ଆରମ୍ଭ ହୋଇଯାଏ । ଏହା ମହାନ୍ ଆତ୍ମାର କାର୍ଯ୍ୟ ଅଟେ । ଯାହାକୁ ଆଜିର ବିଜ୍ଞାନ ଜ୍ଞାନବାହିନୀ ଏବଂ କର୍ମବାହିନୀ ନାଡ଼ି କହେ । ବେଦ ଅନୁସାରେ ଏହା ବିଜ୍ଞାନାତ୍ମାର କାମ ଅଟେ । କିନ୍ତୁ

ସୁଖ ଦୁଃଖର ଅନୁଭବ ପ୍ରଜ୍ଞାନ-ଆତ୍ମାର କାର୍ଯ୍ୟ ଅଟେ । ଆମର ଏହି ସ୍ଥୂଳ ଶରୀରକୁ ଭୂତାତ୍ମା କୁହାଯାଏ । ଏହା ସବୁ କ୍ଷର ପୁରୁଷର ବିଷୟ ଅଟେ । ଅତଏବ କ୍ଷର ପୁରୁଷର ଯେଉଁ ପାଞ୍ଚୋଟି କଳା ରହିଛି ତାହା ହେଲା - **ଶାନ୍ତଆତ୍ମା, ମହାନାତ୍ମା, ବିଜ୍ଞାନାତ୍ମା, ଜ୍ଞାନାତ୍ମା ଓ ଭୂତାତ୍ମା ।**

ଏହି ପରି ଭାବେ ଅବ୍ୟୟ, ଅକ୍ଷର ଓ କ୍ଷର ପୁରୁଷର ପାଞ୍ଚୋଟି ଲେଖାଏଁ କଳାକୁ ଆମେ ୪ ପାଠରେ ସଂକ୍ଷେପରେ ବର୍ଣ୍ଣନା କଲୁ । ଏହି କଳାମାନଙ୍କୁ ବୁଝିପାରିଲେ ଆମର ସୃଷ୍ଟି ବିଷୟରେ ବୁଦ୍ଧି ବିଶଦ ହୋଇଥାଏ । ସଂକ୍ଷେପରେ ଏହି ନିଷ୍କର୍ଷରେ ପହଞ୍ଚିଯାଇ ଥାଉଁ କି, ପ୍ରତ୍ୟେକ ପଦାର୍ଥରେ ଏହି ଷୋହଳ କଳା ଥାଇ ନିଜ ନିଜର କାର୍ଯ୍ୟ କରିଥାଏ । ଆମର ଯାହାବି କିଛି ଜ୍ଞାନ ରହିଛି ସେହି ଅବ୍ୟୟ ପୁରୁଷଙ୍କ ଯୋଗୁଁ ସମ୍ଭବ ହୋଇଛି । ଯାହାକିଛି କ୍ରିୟା କରୁଛୁଁ ତାହା ସେହି ଅକ୍ଷର ପୁରୁଷଙ୍କ ଯୋଗୁଁ ସମ୍ଭବ ହେଉଛି ଏବଂ ଆମର ଏ ଶରୀର ସେହି କ୍ଷର ପୁରୁଷଙ୍କ ଯୋଗୁଁ ସମ୍ଭବ ହୋଇଛି । ଅବ୍ୟୟ ପୁରୁଷ ସତ୍ତ୍ୱଗୁଣ ପ୍ରଧାନ ଅଟନ୍ତି, ଅକ୍ଷର ରଜୋଗୁଣ ପ୍ରଧାନ ଓ କ୍ଷର ପୁରୁଷ ତମୋଗୁଣ ପ୍ରଧାନ ଅଟେ । ସମସ୍ତ ସୃଷ୍ଟି ଏହି ଗୁଣତ୍ରୟର ବିସ୍ତାର ଅଟେ । ତ୍ରିବିଧ ପୁରୁଷଙ୍କଠାରୁ ସୃଷ୍ଟିର ଉତ୍ପତ୍ତି ବିଷୟରେ ଚର୍ଚ୍ଚା ଆମେ ୪ ପାଠରେ କଲୁ । ତ୍ରୟୋଦଶ ପାଠରେ ଆମେ ସୃଷ୍ଟି ଉତ୍ପତ୍ତି ବିଷୟରେ ଆଉ ଟିକିଏ ବିସ୍ତୃତ ଭାବେ ବିଚାର କରିବା ।

ପ୍ରଶ୍ନ

୧· ଅବ୍ୟୟ, ଅକ୍ଷର ଓ କ୍ଷର ପୁରୁଷ କାହାକୁ କୁହାଯାଏ ?

୨· ବ୍ରହ୍ମଙ୍କ ସୃଷ୍ଟି ଉତ୍ପତ୍ତି ବିଷୟରେ ଇଚ୍ଛା କାହିଁକି ହୁଏ ?

୩· ବ୍ରହ୍ମା, ବିଷ୍ଣୁ ଓ ଇନ୍ଦ୍ର କଣ ? ସେମାନଙ୍କ ସ୍ୱରୂପ ସ୍ପଷ୍ଟ କର ।

୪· ତିନି ପୁରୁଷଙ୍କର ପଞ୍ଚଦଶ କଳା କ'ଣ କ'ଣ ଅଟେ?

୫· ତିନି ପୁରୁଷଙ୍କର ତିନିଗୁଣ ସହିତ କଣ ସମ୍ବନ୍ଧ ?

- ସ୍ମରଣୀୟ ଉଦ୍ଧରଣ -

୧. ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ।।
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ୟବ୍ୟୟ ଈଶ୍ୱରଃ ।। (ଗୀତା)

ଅର୍ଥ - ଲୋକରେ ଦୁଇଟି ପୁରୁଷ ଅଛନ୍ତି - କ୍ଷର ଓ ଅକ୍ଷର । କ୍ଷର ସମସ୍ତ ଭୂତ ଅଟନ୍ତି । ଅକ୍ଷର କୂଟସ୍ଥ ଅଟନ୍ତି । ଏମାନଙ୍କଠାରୁ ଭିନ୍ନ ଉତ୍ତମ ପୁରୁଷ ପରମାତ୍ମା ଅଟନ୍ତି ଯାହାକୁ ଅବ୍ୟୟ କୁହାଯାଏ । ଯେଉଁ ଈଶ୍ୱର ଲୋକତ୍ରୟରେ ପ୍ରବିଷ୍ଟ ହୋଇ ତାହାର ପାଳନ କରନ୍ତି ।

୨. ତସ୍ୟ ସୋଽହର୍ନିଶସ୍ୟାନ୍ତେ ପ୍ରସୁପ୍ତଃ ପ୍ରତିବୁଦ୍ଧ୍ୟତେ ।
ପ୍ରତିବୁଦ୍ଧଶ୍ଚ ସୃଜତି ମନଃ ସଦସଦାତ୍ମକମ୍ ।। (ମନୁସ୍ମୃତି)

ଅର୍ଥ - ସେହି ବ୍ରହ୍ମା ନିଜର ଅହୋରାତ୍ର ଶେଷ ହୁଅନ୍ତେ ଜାଗୃତ ହୁଅନ୍ତି ଏବଂ ସତ୍ - ଅସତ୍ ରୂପକ ମନର ସୃଷ୍ଟି କରନ୍ତି ।।

୩. କାମସ୍ତଦଗ୍ରେ ସମବର୍ତ୍ତତାଧି
ମନସୋ ରେତଃ ପ୍ରଥମଂ ୟଦାସୀତ୍ ।। (ଋଗ୍‌ବେଦ)

ଅର୍ଥ - ସୃଷ୍ଟିର ଆରମ୍ଭରେ କାମନା ଉତ୍ପନ୍ନ ହେଲା ଯାହକି ମନର ପ୍ରଥମ ବୀଜ ଅଟେ ।।

========

ଦ୍ୱାଦଶ ପାଠ

- ଯ ଜ୍ଞ -

ବେଦରେ ଯଜ୍ଞକୁ ଶ୍ରେଷ୍ଠତମ କର୍ମ ବୋଲି କୁହାଯାଇଛି । ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ ଯଜ୍ଞକୁ ବିଷ୍ଣୁ ବୋଲି କୁହାଯାଇଛି । ଗୀତାରେ କୁହାଯାଇଛି ଯେ ସମସ୍ତ କର୍ମ ବନ୍ଧନରେ ପର୍ଯ୍ୟବସିତ ହୁଏ କିନ୍ତୁ ଯଜ୍ଞ ପାଇଁ ଯେଉଁ କର୍ମ କରାଯାଏ ସେଥିରେ ବନ୍ଧନ ନ ଥାଏ । ଏଥିରୁ ସ୍ପଷ୍ଟ ହେଉଛି ଯେ, ବୈଦିକ ପରଂପରାରେ ଯଜ୍ଞ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟ ଅଟେ ।

ଯଜ୍ଞ ଶବ୍ଦ ଯଜ୍ ଧାତୁରୁ ନିଷ୍ପନ୍ନ ହୋଇଛି । ଯଜ୍ ଧାତୁର ତିନୋଟି ଅର୍ଥ ରହିଛି - ଦେବପୂଜା, ସଙ୍ଗତୀକରଣ ଏବଂ ଦାନ । ଯଜ୍ଞରେ ଯେଉଁ ମନ୍ତ୍ରୋଚ୍ଚାରଣ କରାଯାଏ ସେଥିରେ ଦେବତାମାନଙ୍କୁ ସ୍ତୁତି କରାଯାଏ । ଏଣୁ ଯଜ୍ଞରେ ଦେବପୂଜା ସ୍ୱତଃ ଅନୁଷ୍ଠିତ ହୋଇଥାଏ । ଯଜ୍ଞରେ ଅଗ୍ନିରେ ଘୃତାହୁତି କରାଯାଏ । ଏହାକୁ ସଙ୍ଗତୀକରଣ ଅର୍ଥାତ୍ ପଦାର୍ଥମାନଙ୍କର ପରସ୍ପର ମିଳନ କୁହାଯାଏ । ଯଜ୍ଞରେ ଦକ୍ଷିଣା ଆଦି ଦିଆଯାଏ । ତାକୁ ଦାନ କହନ୍ତି । ଏକଥା ଏଠାରେ ସ୍ପଷ୍ଟ କରିଦିଆଯାଇପାରେ କି, ଦେବପୂଜା ଅଥବା ଦାନ ନ କରି ମଧ୍ୟ ଯଜ୍ଞ ଅନୁଷ୍ଠାନ କରାଯାଇ ପାରିବ । କିନ୍ତୁ ଦୁଇଟି (ଅଥବା ଅଧିକ) ପଦାର୍ଥର ପରସ୍ପର ମିଶ୍ରଣ ବିନା ଯଜ୍ଞ ଅନୁଷ୍ଠାନ କରାଯାଇ ପାରିବ ନାହିଁ ।

ଏହି ଦୁଇ ପଦାର୍ଥର ମିଶ୍ରଣ ପ୍ରକୃତିରେ ନିରନ୍ତର ଚାଲୁଛି । ଯେତେବେଳେ ଦୁଇଟି ପଦାର୍ଥର ପରସ୍ପର ରାସାୟନିକ ସମ୍ବନ୍ଧ ସ୍ଥାପିତ ହୁଏ ସେତେବେଳେ ଗୋଟିଏ ନୂଆ ଅର୍ଥାତ୍ ତୃତୀୟ ପଦାର୍ଥ ନିର୍ମିତ ହୁଏ । ଆମେ ଯଦି ଏତିକି ଜାଣିପାରିବୁ ଯେ, କେଉଁ ପଦାର୍ଥରେ କେଉଁ ପଦାର୍ଥ କେତେ ମାତ୍ରାରେ କେଉଁ ରାସାୟନିକ ପ୍ରକ୍ରିୟାରେ ମିଶେଇବା ଦ୍ୱାରା କେଉଁ ନୂଆ ପଦାର୍ଥ ଉତ୍ପନ୍ନ ହେବ ତେବେ ଯଜ୍ଞ ଦ୍ୱାରା ଆମେ ଯେ କୌଣସି ନୂଆ ପଦାର୍ଥ ଉତ୍ପନ୍ନ କରି ପାରିବୁ । ଯେତେବେଳେ ଗୋଟିଏ ପଦାର୍ଥ ଅନ୍ୟ ପଦାର୍ଥରେ ସମ୍ମିଶ୍ରଣ କରୁଁ ସେତେବେଳେ

ଗୋଟିଏ ପଦାର୍ଥ ଅନ୍ୟପଦାର୍ଥକୁ ଆତ୍ମସାତ୍ କରିନିଏ । ଉଦାହରଣତଃ ଅଗ୍ନିରେ ଘିଅ ଢାଳିଲେ ଅଗ୍ନି ଘିଅକୁ ଆତ୍ମସାତ୍ କରିନିଏ । ସେ ପ୍ରକ୍ରିୟାରେ ଘିଅ ସଂକୁଚିତ ହୋଇଯିବ ଏବଂ ଅଗ୍ନି ବିଜସିତ ହୋଇଯିବ । ପାରିଭାଷିକ ରୂପରେ ଆମେ ଏଠାରେ ଅଗ୍ନିକୁ ଅଗ୍ନି ବୋଲି କହିବୁ ଏବଂ ଘିଅକୁ ସୋମ ବୋଲି କହିବୁ ।

ଏପରି ମଧ୍ୟ ବୁଝିବା ଉଚିତ ନୁହେଁ ଯେ, ଅଗ୍ନି କୁଣ୍ଡରେ ଅନୁଷ୍ଠାନ ହେଉଥିବା ଯଜ୍ଞକୁ ହିଁ ଯଜ୍ଞ ବୋଲି କୁହାଯାଏ । ଆମଦ୍ୱାରା ଅନୁଷ୍ଠିତ ନ ହୋଇ ମଧ୍ୟ ପ୍ରକୃତିରେ ଯଜ୍ଞ ସ୍ୱତଃ ଅନୁଷ୍ଠିତ ହେଉଛି । ଉଦାହରଣତଃ ପୃଥିବୀରେ ଯେତେବେଳେ ବୀଜ ବପନ କରାଯାଏ ସେତେବେଳେ ପୃଥିବୀରେ ବିଦ୍ୟମାନ ତେଜରୂପକ ଅଗ୍ନିରେ ବୀଜର ଆହୁତି ଦିଆଯାଏ । ଅଗ୍ନି ଉକ୍ତ ବୀଜକୁ ଆତ୍ମସାତ୍ କରିନିଏ । କାରଣ ଅଗ୍ନି ସଂସ୍ପର୍ଶରେ ଯାହାବି ଆସେ ଅଗ୍ନି ତାକୁ ଆତ୍ମସାତ୍ କରିନିଏ । କୃଷକମାନେ ଜମିରେ ଏଇଥିପାଇଁ ହଳ କରନ୍ତି ଯେ, ପୃଥିବୀର ଉପରି ଭାଗରେ ଅଗ୍ନି ବିଦ୍ୟମାନ ନ ଥାଏ । ପୃଥିବୀର ଖନନ ଦ୍ୱାରା ଅଗ୍ନି ପ୍ରକଟିତ ହୁଏ । ପୃଥିବୀର ଅଗ୍ନିରେ ବୀଜ ବପନ କଲେ କେବଳ ଅଗ୍ନି ବୀଜରୁ ଅଙ୍କୁର ଉତ୍ପନ୍ନ କରି ପାରିବ ନାହିଁ । ଯେତେବେଳେ ଆମେ ସେଥିରେ ଜଳ ସେଚନ କରୁ ସେତେବେଳେ ପୃଥିବୀର ଅଗ୍ନିରେ ସୋମର ଆହୁତି ହୁଏ । ସେହି ଅଗ୍ନି ଓ ସୋମର ସମ୍ମିଶ୍ରଣରେ ବୀଜରୁ ଅଙ୍କୁର ଉଦ୍‌ଗମ ହୁଏ । ବୀଜ ଯଦି କେବଳ ପୃଥିବୀର ଅଗ୍ନିରେ ସନ୍ନିବିଷ୍ଟ ରହିବ, ତେବେ ତାହା ଅଗ୍ନିରେ ଜଳି ଯିବ (ନଷ୍ଟ ହୋଇଯିବ) । ଏହାର ବିପରୀତ ଭାବରେ ଦେଖିଲେ ଯଦି ବୀଜ କେବଳ ଜଳରେ ହିଁ ରହିବ ତେବେ ତାହା ପଚି ନଷ୍ଟ ହୋଇଯିବ । ଅତଏବ ବୀଜରୁ ଅଙ୍କୁରୋଦ୍‌ଗମ ପାଇଁ ପୃଥିବୀଗତ ଅଗ୍ନି ଏବଂ ଜଳଗତ ସୋମ ଉଭୟ ଦରକାର । ତଥାଚ ସିଞ୍ଚିତ କରାଯାଉଥିବା ଜଳର ଅନୁପାତ ମଧ୍ୟ ଠିକ୍ ହେବା ଦରକାର । ଅନ୍ୟଥା ବୀଜ ନଷ୍ଟ ହୋଇଯିବାର ସମ୍ଭାବନା ଥାଏ । ଏ ଉଦାହରଣରୁ ଏହା ସ୍ପଷ୍ଟ ହୋଇଯାଉଛି ଯେ, ଯଜ୍ଞ ଗୋଟିଏ ବିଜ୍ଞାନ । ସେ ବିଜ୍ଞାନକୁ ନ ଜାଣିଲେ ଯଜ୍ଞ ସଫଳ ହେବ ନାହିଁ ।

ବୀଜଠାରୁ ବୃକ୍ଷ ଉତ୍ପନ୍ନ ହେବାରୂପକ ଯଜ୍ଞର ଫଳସ୍ୱରୂପ ବନସ୍ପତିରେ ଅନ୍ନ ଉତ୍ପନ୍ନ ହୁଏ । ଏହି ଅନ୍ନ ଆମ ଜଠରାଗ୍ନିରେ ଆହୁତି ଦିଆଯାଏ । ଏଠାରେ ଅନ୍ନ ସୋମସ୍ଥାନୀୟ ଅଟେ ଯାହାକୁ ଜଠରାଗ୍ନିରୂପକ ଅଗ୍ନିରେ ଆହୁତି ଦିଆଯାଏ । ତେଣୁ ଏହାକୁ ମଧ୍ୟ ଗୋଟିଏ ଯଜ୍ଞ କୁହାଯାଏ । ଏହି ଯଜ୍ଞରୁ ଆମ ଶରୀର କେମିତି ନିର୍ମାଣ ହୁଏ ତାହାର ବର୍ଣ୍ଣନା ଆମେ ପ୍ରଥମ